୫୬

ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଡିସେମ୍ବର ୮/୨୦୧୯ (୨୦ ପୃଷ୍ଠା+ ଛୁଟିଦିନ) Sambalpur, Sunday, December 8 / 2019 | ★★

୧୫ଶ ଭାଗ ୩୫୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



# ଓଡ଼ିଶାର ଅଦମ୍ୟ ସାହସର
## ପ୍ରଦର୍ଶନୀ



"ପାଇକ ବୀରଙ୍କଠାରୁ ଭାରତ ଛାଡ଼ ଆନ୍ଦୋଳନ,
ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କର
ରହିଛି ଗରିମାମୟ ଐତିହ୍ୟ, ଯେଉଁମାନେ
ଉପନିବେଶବାଦର ଦୃଢ଼ ବିରୋଧ କରିଥିଲେ।"

### ପାଇକ ବିଦ୍ରୋହକୁ ଭାରତ ସରକାରଙ୍କ ପ୍ରଣାମ

- ୧୮୧୭ରେ ଓଡ଼ିଶାରେ ସଂଗଠିତ ପାଇକ ବିଦ୍ରୋହ ସ୍ମୃତିରେ ଏକ ଡାକ ଟିକଟ ଏବଂ ମୁଦ୍ରା ପ୍ରଚଳିତ
- ପାଇକ ବିଦ୍ରୋହର ସଂଗ୍ରାମୀଙ୍କ ବଂଶଧର ସମ୍ମାନିତ
- ଉତ୍କଳ ବିଶ୍ୱବିଦ୍ୟାଳୟରେ ପାଇକ ବିଦ୍ରୋହ ଚେୟାର ସ୍ଥାପିତ



ବକ୍ସି ଜଗବନ୍ଧୁ

୧୮୫୭ର ସିପାହୀ ବିଦ୍ରୋହର ଅନେକ ପୂର୍ବରୁ ୧୮୧୭ରେ ଓଡ଼ିଶାରେ ବ୍ରିଟିଶ୍ ଶାସନ ବିରୋଧରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ବିଦିତ ସଂଗଠିତ ପାଇକମାନଙ୍କର ସାହସିକ ଆନ୍ଦୋଳନ

# ପାଇକ ବିଦ୍ରୋହ ସ୍ମାରକର
ଭିତ୍ତିପ୍ରସ୍ତର ସ୍ଥାପନ

## ଶ୍ରୀ ରାମ ନାଥ କୋବିନ୍ଦ
ଭାରତର ମାନନୀୟ ରାଷ୍ଟ୍ରପତିଙ୍କ
**କରକମଳରେ**

**୮ ଡିସେମ୍ବର ୨୦୧୯, ଦିବା ୧୦:୩୫ ଘଟିକା | ବରୁଣେଇ ପାହାଡ଼, ଖୋର୍ଦ୍ଧା**

ଗରିମାମୟ ଉପସ୍ଥିତି

**ପ୍ରଫେସର ଗଣେଶୀ ଲାଲ୍**
ରାଜ୍ୟପାଳ, ଓଡ଼ିଶା

**ବିଶ୍ୱଭୂଷଣ ହରିଚନ୍ଦନ**
ରାଜ୍ୟପାଳ, ଆନ୍ଧ୍ର ପ୍ରଦେଶ

**ନବୀନ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ଏବଂ ଇସ୍ପାତ୍ ମନ୍ତ୍ରୀ, ଭାରତ ସରକାର

**ପ୍ରହ୍ଲାଦ ସିଂହ ପଟେଲ୍**
ପର୍ଯ୍ୟଟନ ଏବଂ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ଭାରତ ସରକାର

**ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ**
ପଶୁପାଳନ, ଦୁଗ୍ଧ ଓ ମତ୍ସ୍ୟପାଳନ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ, ଭାରତ ସରକାର

**ଜ୍ୟୋତି ପ୍ରକାଶ ପାଣିଗ୍ରାହୀ**
ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ ଓଡ଼ିଶା ସରକାର

सत्यमेव जयते
**ସଂସ୍କୃତି ମନ୍ତ୍ରଣାଳୟ**
**ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ**
ଭାରତ ସରକାର

**ସଂସ୍କୃତି ବିଭାଗ**
ଓଡ଼ିଶା ସରକାର

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ଡିସେମ୍ବର ୮/୨୦୧୯ Sambalpur, Sunday, December 8 / 2019 

■ହାଇଦ୍ରାବାଦ ଏନ୍‌କାଉଣ୍ଟରକୁ ନେଇ ସିଜେଆଇଙ୍କ ଉଦ୍‌ବେଗ

# ପ୍ରତିଶୋଧ ନ୍ୟାୟ ନୁହେଁ


ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ

■ନ୍ୟାୟ ତତ୍କାଳ ମିଳିପାରିବ ନାହିଁ

■ତ୍ୱରିତ ବିଚାର ପାଇଁ ବ୍ୟବସ୍ଥା ଗ୍ରହଣ କରିବାକୁ ଆଇନମନ୍ତ୍ରୀଙ୍କ ଆହ୍ୱାନ

ଯୋଧପୁର,୭।୧୨(ପି.ଟି.)

ତେଲଙ୍ଗାନାର ମହିଳା ପ୍ରାଣୀ ଚିକିତ୍ସକ ଗଣବଳାତ୍କାର ଓ ହତ୍ୟା ମାମଲାରେ ୪ ଅଭିଯୁକ୍ତଙ୍କୁ ପୋଲିସ ଏନ୍‌କାଉଣ୍ଟରରେ ମାରିଦେବା ଘଟଣାକୁ ନେଇ ସାରା ଦେଶରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ନ୍ୟାୟ କଦାପି ତତ୍କାଳ ମିଳିପାରିବ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏସ୍.ଏ. ବୋବ୍‌ଡେ ଶନିବାର କହିଛନ୍ତି। ପ୍ରତିଶୋଧ ନ୍ୟାୟ ନୁହେଁ। ନ୍ୟାୟ ଯେତେବେଳେ ପ୍ରତିଶୋଧ ହୋଇଯାଏ ସେତେବେଳେ ତାହା ନିଜର ବିଶେଷତ୍ୱ ହରାଏ । ନ୍ୟାୟିକ ବ୍ୟବସ୍ଥା ଏହାର ମନୋଭାବରେ ପରିବର୍ତ୍ତନ ଆଣିବାକୁ ହେବ। ଫୌଜଦାରି ମାମଲାଗୁଡ଼ିକ ଦୀର୍ଘଦିନ ବିଚାର ଅପେକ୍ଷାରେ ପଡିରହୁଥିବାରୁ ଏହାର ପରିଣତି ସମ୍ପର୍କରେ ନ୍ୟାୟପାଳିକାକୁ ସଚେତନ ହେବାକୁ ପଡିବ ବୋଲି ସିଜେଆଇ ପରାମର୍ଶ ଦେଇଛନ୍ତି।

ରାଜସ୍ଥାନ ହାଇକୋର୍ଟର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସିଜେଆଇ ବୋବ୍‌ଡେ କହିଥିଲେ, ☞ପୃଷ୍ଠା-୨

# ରାଜଧାନୀରେ ରାଷ୍ଟ୍ରପତି


ରାଷ୍ଟ୍ରପତି ରାମନାଥ କୋବିନ୍ଦ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଶନିବାର ପହଞ୍ଚିବା ପରେ ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରୁଛନ୍ତି।

■ସ୍ୱାଗତ କଲେ ଦୁଇ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

■ଖୋର୍ଦ୍ଧା ବରୁଣେଇରେ ପାଇକ ବିଦ୍ରୋହ ସ୍ମାରକୀର ଶିଳାନ୍ୟାସ କରିବେ

■ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ଲାଟିନମ୍ ଜୁବିଲି କାର୍ଯ୍ୟକ୍ରମରେ ଯୋଗଦେବେ

ଭୁବନେଶ୍ୱର,୭।୧୨(ବ୍ୟୁରୋ)

ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨ଦିନିଆ ଓଡ଼ିଶା ଗସ୍ତରେ ଆସି ଶନିବାର ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ତାଙ୍କ ସହ ଧର୍ମପତ୍ନୀ ସବିତା କୋବିନ୍ଦ ମଧ୍ୟ ଆସିଛନ୍ତି। ନିର୍ଦ୍ଧାରିତ ସମୟଠାରୁ ୧୧ ମିନିଟ୍ ପୂର୍ବରୁ ଅର୍ଥାତ୍ ରାତି ୭ଟା ୧୯ରେ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ବିମାନ କେ-୫୦୧୨ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ଏନ୍‌କାଉଣ୍ଟର ନା ହତ୍ୟା

**ଆଜିର ମନ୍ତବ୍ୟ**

"ଦେଶ ଚଳାଉଥିବା ବ୍ୟକ୍ତି ହିଂସାରେ ବିଶ୍ୱାସ କରନ୍ତି।

-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

**କିଛି ତଥ୍ୟ**

ଚଳିତ ବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ସାରା ଦେଶରେ ଗହମ ଚାଷ ୪.୨୮% ବୃଦ୍ଧି ଘଟି ୨୦୨.୫୪ ଲକ୍ଷ ହେକ୍ଟର ଛୁଇଁଛି।

– କୃଷି ମନ୍ତ୍ରଣାଳୟ

Taste the difference! Vencobb FRESH CHICKEN

07.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 78 | 129 | 139 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 78 | 129 | 139 |
| BHM | 74 | 124 | 134 |

*Conditions Apply

Issued in the Interest of Consumers








ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................



ଗୁଗୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ନାରୀ ସୁରକ୍ଷା ନେଇ କ'ଣ କୁହନ୍ତି ଯୁବପିଢ଼ି

ଦେଖନ୍ତୁ ଭିଡିଓ

YouTube /dharitrilive

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



କ୍ରିତିକା ମିଶ୍ର



ପ୍ରିୟାଂଶୁ ଦାସ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ପ୍ରଥମ ପୃଷ୍ଠାରୁ...

### ପ୍ରତିଶୋଧ...

ନିକଟରେ ଦେଶରେ ଘଟିଥିବା ଅପରାଧ ପୁରୁଣା ବିତର୍କକୁ ପୁଣି ଥରେ ନୂଆ ବଳ ଦେଇଛି। ଫୌଜଦାରି ମାମଲାଗୁଡ଼ିକର ଫେସଲା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କରିବାକୁ ହେବ ବୋଲି ସେ ମତ ଦେଇଛନ୍ତି। ନ୍ୟାୟପାଳିକା ଲୋକଙ୍କୁ ନ୍ୟାୟ ଦେବା ପାଇଁ ସଂକଳ୍ପବଦ୍ଧ ରହିବା ଉଚିତ। ଏଥିପାଇଁ ବର୍ତ୍ତମାନର ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ହେବ। ମାମଲାଗୁଡ଼ିକର ତ୍ୱରିତ ଏବଂ ସନ୍ତୋଷଜନକ ସମାଧାନ ଲାଗି ନୂଆ ପଦ୍ଧତି ଆପଣାଇବାକୁ ହେବ। କୌଣସି ବିବାଦ ଉପରେ ମାମଲା ରୁଜୁ କରାଯିବା ପୂର୍ବରୁ ମଧ୍ୟସ୍ଥତାକୁ ବାଧ୍ୟତାମୂଳକ କରାଗଲେ ଅନେକ ମକଦ୍ଦମା କରିବାକୁ ପଡନ୍ତା ନାହିଁ ବୋଲି ସିଜେଆଇ ବୋବ୍‌ଡେ ମତ ଦେଇଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ କେନ୍ଦ୍ର ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ ବଳାତ୍କାର ମାମଲାଗୁଡ଼ିକର ତୁରନ୍ତ ବିଚାର ଉପରେ ନଜର ରଖିବା ପାଇଁ ବ୍ୟବସ୍ଥା ଗ୍ରହଣ କରିବାକୁ ସିଜେଆଇ ଓ ଅନ୍ୟ ବରିଷ୍ଠ ବିଚାରପତିମାନଙ୍କୁ ଅନୁରୋଧ କରିଥିଲେ। ଦେଶର ମହିଳାମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ସେମାନେ ନ୍ୟାୟ ଚାହାନ୍ତି ବୋଲି ଆଇନମନ୍ତ୍ରୀ କହିଥିଲେ। ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇପାରିଲେ ଆଇନର ଶାସନ ପାଇଁ ଗର୍ବ ଅନୁଭବ କରୁଥିବା ଭାରତର ପୂର୍ବ ସ୍ଥିତି ଶୀଘ୍ର ଫେରିପାରିବ ବୋଲି ପ୍ରସାଦ କହିବା ସହ ଏଥିପାଇଁ ସରକାର ପାଣ୍ଠି ଯୋଗାଇଦେବାର ପ୍ରତିଶ୍ରୁତି ଦେଇଥିଲେ।

ହାଇଦ୍ରାବାଦ ଘଟଣା ପରେ ବଳାତ୍କାରୀଙ୍କୁ ତତ୍କାଳ ଦଣ୍ଡ ଦେବା ପାଇଁ ଦାବି ବଢ଼ିବାରେ ଲାଗିଛି। ଅଭିଯୁକ୍ତମାନଙ୍କୁ ଏନ୍‌କାଉଣ୍ଟରରେ ହତ୍ୟା କରାଯିବା ଘଟଣାକୁ ନେଇ କେତେକ ମହଲ ଉତ୍ସବ ମନାଉଥିବାବେଳେ ଅନ୍ୟମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ହାଇଦ୍ରାବାଦର ୨୬ ବର୍ଷୀୟା ମହିଳା ପ୍ରାଣୀ ଚିକିତ୍ସକଙ୍କ ପୋଡ଼ିଯାଇଥିବା ମୃତଦେହ ମିଳିବା ପରେ ଗତ ୨୯ ତାରିଖରେ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ଅଭିଯୁକ୍ତମାନେ ମହିଳା ଡାକ୍ତରଙ୍କୁ ଗଣବଳାତ୍କାର କରିବା ପରେ ହତ୍ୟାକରି ପ୍ରମାଣ ନଷ୍ଟ ପାଇଁ ମୃତଦେହକୁ ପୋଡିଦେଇଥିଲେ। ଏହାକୁ ନେଇ ଦେଶବ୍ୟାପୀ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ୨୦୧୨ ଡିସେମ୍ବର ୧୬ର ନିର୍ଭୟା ଘଟଣାକୁ ମନେପକାଇଦେଇଥିଲା। ଏଭଳି ଘଟଣାକୁ ନେଇ ମହିଳାମାନେ ମର୍ମାହତ ଓ ସେମାନେ ନ୍ୟାୟ ଚାହାନ୍ତି ବୋଲି ଆଇନମନ୍ତ୍ରୀ କହିଥିଲେ। ଘୃଣ୍ୟ ଅପରାଧର ବିଚାର ଲାଗି ଦେଶରେ ୭୦୪ଟି ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯାଇଛି। ପୋକ୍‌ସୋ ଓ ବଳାତ୍କାର ଅପରାଧୀଙ୍କ ବିଚାର ପାଇଁ ଆଉ ୧୧୨୩ଟି ଫାଷ୍ଟ-ଟ୍ରାକ୍ କୋର୍ଟ ସ୍ଥାପନ ପ୍ରକ୍ରିୟା ଚାଲିଥିବା ପ୍ରସାଦ କହିଥିଲେ।

### ରାଜଧାନୀରେ...

ପହଞ୍ଚିଥିଲା। ରାଷ୍ଟ୍ରପତି ବିମାନରୁ ଓହ୍ଲାଇବା ପରେ ପ୍ରୋଟୋକଲ ଅନୁଯାୟୀ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସ୍ୱାଗତ କରିଥିଲେ। ସେଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟଶାସନ ସଚିବ ଅସିତ ତ୍ରିପାଠୀ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଏମ୍‌ପି ଜୁଏଲ ଓରାମ, ପୋଲିସ ଡିଜି (ଅନ୍ତରୀଣ) ସତ୍ୟଜିତ ମହାନ୍ତି, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ରାଷ୍ଟ୍ରପତି କୋବିନ୍ଦ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କ ସହ ସ୍ୱତନ୍ତ୍ର ଗାଡ଼ିରେ ରାଜଭବନ ଅଭିମୁଖେ କାର୍‌କେଡ୍‌ରେ ଯାଇଥିଲେ। ରାଷ୍ଟ୍ରପତି ରାଜଭବନରେ ଓଡ଼ିଆ ଖାଦ୍ୟ ଖାଇ ରାତ୍ରିଯାପନ କରିଥିଲେ।

ରାଷ୍ଟ୍ରପତି ରବିବାର ସକାଳ ୯ଟା ୩୦ରେ ଖୋର୍ଦ୍ଧା ଗସ୍ତ କରିବେ। ଭୁବନେଶ୍ୱର ବିମାନ ବନ୍ଦରରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଖୋର୍ଦ୍ଧା ବରୁଣେଇ ଯିବେ। ପୂର୍ବାହ୍ନ ୧୦ଟା ୩୦ରେ ରାଷ୍ଟ୍ରପତି ପାଇକ ବିଦ୍ରୋହ ସ୍ମାରକୀ ଶିଳାନ୍ୟାସ କରିବା ସହ ସାଧାରଣ ସଭାରେ ଉଦ୍‌ବୋଧନ ଦେବେ। ମଧ୍ୟାହ୍ନ ୧୨ଟା ୪୦ରେ ଉତ୍କଳ ବିଶ୍ୱଦ୍ୟାଳୟ ପ୍ଲାଟିନମ୍ ଜୁବିଲି କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରୁ ସିଧା ରାଜଭବନ ଫେରିବେ। ମଧ୍ୟାହ୍ନଭୋଜନ ସାରି କିଛି ସମୟ ବିଶ୍ରାମ ନେବେ। ଅପରାହ୍ନ ୫ଟାରେ ରାଷ୍ଟ୍ରପତି ଦିଲ୍ଲୀ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି।

ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ ବ୍ଲୁ ବୁକ୍ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ରାଜଧାନୀ ସମେତ ବରୁଣେଇରେ ୪୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ ଓ ଖୋର୍ଦ୍ଧା ଏସ୍‌ପି ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ରାଷ୍ଟ୍ରପତି ପହଞ୍ଚିବା ପୂର୍ବରୁ ବିମାନବନ୍ଦରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିମାନବନ୍ଦରରୁ ରାଜଭବନ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ପୋଲିସ ଜଗିରହିଥିଲା। ଅନ୍ୟପକ୍ଷରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ପାଇଁ ବାଣୀବିହାର ଓ ଖୋର୍ଦ୍ଧା ବରୁଣେଇ ସଭାସ୍ଥଳରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟକୁ ରଙ୍ଗିନ ଆଲୋକ ଓ ଫୁଲରେ ସଜାଯାଇଛି।

## ଖରିଫ ଧାନ ସଂଗ୍ରହ ୨୦୧୯-୨୦
## ୫୮,୨୯୪ ଚାଷୀଙ୍କଠୁ ୩୯୬୫୪୬୫ କୁଇଣ୍ଟାଲ ଧାନ ସଂଗ୍ରହ

ଭୁବନେଶ୍ୱର,୭।୧୨(ବ୍ୟୁରୋ)

ଚଳିତ ଖରିଫ ଧାନ ସଂଗ୍ରହ କାର୍ଯ୍ୟକ୍ରମରେ ଶନିବାର ସୁଦ୍ଧା ୫୮,୨୯୪ ଜଣ ଚାଷୀଙ୍କଠାରୁ ୩୯,୬୫,୪୬୫ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି । ଗତବର୍ଷ ଏହି ସମୟ ତୁଳନାରେ ଏହା ୨୮ ପ୍ରତିଶତ ଅଧିକ । ଗତବର୍ଷ ଏହି ସମୟରେ ୩୦,୮୯,୯୦୮ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା ।ରାଜ୍ୟର ୧୮ ଜିଲାର ୧୧୧୮ ଧାନ ସଂଗ୍ରହ କେନ୍ଦ୍ର ମାଧ୍ୟମରେ ୨, ୪୩,୨୧୯ ଜଣ ଚାଷୀଙ୍କୁ ଧାନ ବିକିବା ପାଇଁ ୨ ଲକ୍ଷ ୪୯ ହଜାର ୯୩୨ଟି ଆଗୁଆ ଟୋକେନ୍ ଦିଆଯାଇଛି । କେବଳ ବରଗଡ଼ର ୨୬, ୬୦୮ ଚାଷୀ ୧୮,୩୪,୨୧୪ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ସେହିପରି ବଲାଙ୍ଗୀରର ୩୯୫୯ ଚାଷୀଙ୍କଠାରୁ ୨,୮୩,୩୫୯, ବୌଦ୍ଧର ୨୮୬ ଚାଷୀଙ୍କଠାରୁ ୧୪,୭୮୨, କଳାହାଣ୍ଡିର ୭୨୭୫ ଚାଷୀଙ୍କଠାରୁ ୪,୯୬,୭୧୮ , କୋରାପୁଟର ୧୮୩୯ ଚାଷୀଙ୍କଠାରୁ ୧, ୨୬,୫୪୧କୁଇଣ୍ଟାଲ୍ ଧାନ ସଂଗ୍ରହ କରାଯାଇଛି।

ସେହିପରି ମାଲକାନଗିରିର ୪୭୧୨ ଚାଷୀ ୧,୮୩,୨୩୩ କୁଇଣ୍ଟାଲ, ନବରଙ୍ଗପୁରର ୧୨୧୧ ଚାଷୀ ୭୮,୪୦୨, ନୂଆପଡ଼ାର ୨୯୮୧ ଜଣ ଚାଷୀ ୧,୨୮,୯୮୬, ସମ୍ବଲପୁରର ୪୭୬୬ ଜଣ ଚାଷୀ ୪୨୮୯୪୮ କୁଇଣ୍ଟାଲ ଓ ସୁବର୍ଣ୍ଣପୁରର ୪୩୧୮ ଚାଷୀ ୩,୬୭,୭୫୫ ଧାନ ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ବିକ୍ରି କରିଛନ୍ତି । ସେହିପରି ଏଯାବତ୍ ୫୨,୯୨୬ ଜଣ ଚାଷୀଙ୍କୁ ସେମାନଙ୍କର ଧାନବିକ୍ରି ଅର୍ଥ ବାବଦକୁ ମୋଟ ୫୮୩ କୋଟି ୭ ଲକ୍ଷ ୫୦ ହଜାର ୮୪୮ ଟଙ୍କା ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପ୍ରେରଣ କରାଯାଇଥିବା ଜଣାପଡ଼ିଛି।

## ମହିଳାଙ୍କ ସୁରକ୍ଷା ଦାବିରେ ଏବିଭିପିର 'ଆକ୍ରୋଶ ରାଲି'
# ପୋଲିସ ସହ ଧସ୍ତାଧସ୍ତି, ୧୪ ଛାତ୍ରୀ ଆହତ

- ୩ଶହ ଛାତ୍ରୀଛାତ୍ରଙ୍କୁ ଗିରଫ କରି ଛାଡ଼ିଲା ପୋଲିସ
- ଓଡ଼ିଶାରେ ମଧ୍ୟ ବଳାତ୍କାରୀଙ୍କୁ ଏନ୍‌କାଉଣ୍ଟର କରାଯାଉ
- ୭ଦିନ ଭିତରେ ଫାଶୀ ଦଣ୍ଡ ଦିଆଯାଉ

ଭୁବନେଶ୍ୱର,୭।୧୨(ବ୍ୟୁରୋ)

ଓଡ଼ିଶାରେ ମହିଳାଙ୍କୁ ସୁରକ୍ଷା ଓ ସମ୍ମାନ ଦିଆଯିବା ଏବଂ ବଳାତ୍କାରୀଙ୍କୁ କଠୋର ଦଣ୍ଡବିଧାନ ଦାବିରେ ଏବିଭିପି ପକ୍ଷରୁ ଶନିବାର ଲୋୟର ପିଏମ୍‌ଜିରେ ବିଶାଳ 'ଆକ୍ରୋଶ ରାଲି' ଅନୁଷ୍ଠିତ ହୋଇଥିଲା। ଏଥିରେ ୨ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ସେମାନେ ମାଷ୍ଟରକ୍ୟାଣ୍ଟିନ ଛକରୁ ରାଲିରେ ବାହାରି ଲୋକସେବା ଭବନ (ବିଧାନସଭା) ଅଭିମୁଖେ ଯାଉଥିଲେ। ପୋଲିସ ବ୍ୟାରିକେଡ୍ ନିକଟରେ ଅଟକାଇଥିଲେ ମଧ୍ୟ ଆନ୍ଦୋଳନକାରୀମାନେ କିଛି ନ ଶୁଣି ଆଗକୁ ଯିବାକୁ ଉଦ୍ୟମ କରିଥିଲେ। ଫଳରେ ସେଠାରେ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଶେଷରେ ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ବଳପ୍ରୟୋଗ କରି ଗିରଫ କରି ଛାଡ଼ିଦେଇଥିଲା। ତେବେ ଧସ୍ତାଧସ୍ତି ଓ ଗିରଫବେଳେ ୧୪ଜଣ ଛାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଏବିଭିପିର ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର କହିଛନ୍ତି, ଦେଶ ଓ ରାଜ୍ୟରେ ଦିନକୁ ଦିନ ମହିଳା ବିରୋଧୀ ହିଂସା ବଢ଼ିବାରେ ଲାଗିଛି। ନିକଟରେ ହାଇଦ୍ରାବାଦ, ଉନ୍ନାଓ ଘଟଣା ପରେ ପୁରୀରେ ଯାହା ଘଟିଲା ତାହା ସାରା ଦେଶ ପାଇଁ ଲଜ୍ଜାଜନକ। ଓଡ଼ିଶାରେ ବଳାତ୍କାର ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ହାଇଦ୍ରାବାଦ ଭଳି ପିପିଲି, ପୁରୀ ଓ କୁନ୍ଦୁଲି ବଳାତ୍କାରୀଙ୍କୁ ଏନ୍‌କାଉଣ୍ଟର କରାଯାଉ। ତୁରନ୍ତ ଫାଷ୍ଟଟ୍ରାକ୍ କୋର୍ଟରେ ମାମଲାର ବିଚାର କରାଯାଇ ବଳାତ୍କାର ଅଭିଯୁକ୍ତଙ୍କୁ ୭ଦିନ ଭିତରେ ଫାଶୀଦଣ୍ଡ ଦିଆଯାଉ ବୋଲି ମିଶ୍ର କହିଛନ୍ତି। ଏବିଭିପିର ମହାନଗର ସହସମ୍ପାଦିକା ଶୁଭସ୍ମିତା ସିଂ କହିଛନ୍ତି, ରାଜ୍ୟ ସରକାର ନାରୀଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଛନ୍ତି। ରାଜ୍ୟ ସାରା ନାରୀଙ୍କ ଉପରେ ଅତ୍ୟାଚାର ବଢ଼ିବାରେ ଲାଗିଛି। ଜଣେ ନାରୀ କାହାର ସ୍ତ୍ରୀ, ମା', ଝିଅ କିମ୍ବା ଭଉଣୀ। ତେଣୁ ଜଣେ ମହିଳା ବଳାତ୍କାରର ଶିକାର ହେଲେ ତା'ର ପରିବାର କେଉଁଭଳି ସ୍ଥିତିରେ ରହୁଛନ୍ତି ତାହା କ'ଣ ସରକାର ଜାଣିପାରୁନାହାନ୍ତି। ମହିଳା ବିରୋଧୀ ହିଂସା ରୋକିବାକୁ ସରକାର କଠୋର ପଦକ୍ଷେପ ନିଅନ୍ତୁ ବୋଲି ସେ କହିଛନ୍ତି।

# ବାବା ବେଶରେ ରହୁଥିଲେ ଗ୍ୟାଙ୍ଗଷ୍ଟର

**ଥାନା ଅଧିକାରୀଙ୍କ ଅନୁଭୂତି**

**କେବଳ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ନୁହେଁ, ଅପରାଧ ରୋକିବା ଏବଂ ଠିକ୍ ଢଙ୍ଗରେ ତଦନ୍ତ ଚଳାଇ ଅପରାଧୀଙ୍କୁ ଧରିବା ପୋଲିସର ପ୍ରମୁଖ ଦାୟିତ୍ୱ। ଏହି ଗୁରୁଦାୟିତ୍ୱ ସମ୍ପାଦନ ବେଳର ଅନୁଭୂତି ଅନେକ ପୋଲିସ ଅଧିକାରୀଙ୍କ ପାଇଁ ଅପାସୋରା। ଏଭଳି ଏକ ଅନୁଭୂତି ସମ୍ପର୍କରେ ଚାଉଳିଆଗଞ୍ଜ ଥାନା ଆଇଆଇସି ତାପସ ଚନ୍ଦ୍ର ପ୍ରଧାନ ଯାହା କୁହନ୍ତି...**



ତାପସ ଚନ୍ଦ୍ର ପ୍ରଧାନ

୨୦୧୨ରେ ମୁଁ କେନ୍ଦ୍ରାପଡ଼ା ଜିଲାରେ ସ୍ପେଶାଲ ସ୍କ୍ୱାଡରେ ଥାଏ। ପଟ୍ଟାମୁଣ୍ଡାଇରେ ଗୋରା ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା। ତଦନ୍ତରୁ ଏହି ହତ୍ୟାକାଣ୍ଡରେ ଗ୍ୟାଙ୍ଗଷ୍ଟର କାବୁଲା ସିଂ ଓ ତାଙ୍କ ଗ୍ୟାଙ୍ଗର ହାତ ଥିବା ଜଣାପଡିଥିଲା। ହତ୍ୟାକାଣ୍ଡକୁ ନେଇ କେନ୍ଦ୍ରାପଡ଼ା ସହରରେ ଉତ୍ତେଜନା ଲାଗିରହିଥିଲା। ଏସ୍‌ପି କାବୁଲାଙ୍କୁ ଧରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏକାଧିକ ହତ୍ୟା ଓ ଟେଣ୍ଡର ଫିକ୍ସିଂ ଭଳି ମାମଲାର ଅଭିଯୁକ୍ତ କାବୁଲା ୧୯୯୨ରୁ ଫେରାର ଥିଲେ। ତାଙ୍କୁ ଖୋଜା ଚାଲିଥିଲେ ମଧ୍ୟ ପୋଲିସ ତାଙ୍କର ଟେର୍ ପାଉ ନ ଥିଲା। ୨୦ ବର୍ଷରୁ ଅଧିକ ଦିନ ଧରି ଫେରାର ଥିବାରୁ ତାଙ୍କ ସମ୍ପର୍କରେ ପୋଲିସ ପାଖରେ କୌଣସି ବଳିଷ୍ଠ ତଥ୍ୟ ନ ଥିଲା। ଯେଉଁ ଗୋଟିଏ ଦୁଇଟା ଫଟୋ ଥିଲା ତାହା କାବୁଲାଙ୍କ ୨୦ବର୍ଷ ତଳର। ତାଙ୍କ ପରିବାର ଲୋକଙ୍କୁ ପଚରାଉଚରା ପରେ କାବୁଲା ନିଜ ପରିବାର ସହ ସିଧାସଳଖ ଯୋଗାଯୋଗରେ ନ ଥିବା ଜାଣିବାକୁ ପାଇଥିଲୁ। ତେଣୁ ତାଙ୍କ ସ୍ଥିତି ଜାଣିବା ଚ୍ୟାଲେଞ୍ଜ ହୋଇଥିଲା। ତେବେ ୩ମାସ ପରିଶ୍ରମ କରିବା ପରେ କାବୁଲାଙ୍କ ଫୋନ ନମ୍ବର ପାଇଥିଲି। ଏଥିରୁ ଯାଜପୁର ଜିଲା ପାଣିକୋଇଲି ନିକଟରେ ତାଙ୍କର ଅବସ୍ଥିତି ସମ୍ପର୍କରେ ଜଣାପଡ଼ିଥିଲା। ତାଙ୍କ ପୁରୁଣା ଫଟୋ ଧରି ସେହି ଅଞ୍ଚଳରେ ଆମେ ତାଙ୍କୁ ଖୋଜାଖୋଜି କରିଥିଲୁ। କିନ୍ତୁ ତାଙ୍କ ସନ୍ଧାନ ମିଳି ନ ଥିଲା। ସ୍ଥାନୀୟ ଲୋକଙ୍କୁ ଫଟୋ ଦେଖାଇ ପଚାରିବାରୁ ଫଟୋରେ ଥିବା ବ୍ୟକ୍ତିଙ୍କ ଭଳି କାହାରିଙ୍କୁ ସେ ଅଞ୍ଚଳରେ କେବେ ଦେଖିନାହାନ୍ତି ବୋଲି କହିଥିଲେ। ବହୁତ ଖୋଜାଖୋଜି ପରେ ସେ ଏକ କାଠ ମିଲ୍‌ରେ ରହୁଥିବା ସୂଚନା ପାଇଲି। ତେବେ ଉକ୍ତ କାଠ ମିଲକୁ ଯିବା ପରେ ସେଠାରେ ଜଣେ ଦାଢିଧାରୀ ବ୍ୟକ୍ତି ବାବା ବେଶରେ ରହୁଥିବା ଦେଖିଥିଲି ଓ ତାଙ୍କ ନାଁ ମଧ୍ୟ ଅଲଗା ଥିଲା। ତାଙ୍କ ହୁଲିଆ କାବୁଲାର ଫଟୋ ସହ କୌଣସି ମେଳ ଖାଉ ନ ଥିଲା। ବୟସ ଓ ଦାଢି ବଢ଼ିଯାଇଥିବାରୁ ୨୦ବର୍ଷ ତଳର ଫଟୋରୁ ତାଙ୍କୁ ଚିହ୍ନିବା କଷ୍ଟ ହୋଇଥିଲା। ସନ୍ଦେହରେ ଗ୍ରାହକ ହିସାବରେ ତାଙ୍କ ସହ ମୁଁ ବାରମ୍ବାର କଥା ହୋଇଥିଲି। ପୂର୍ବରୁ ମୋତେ କେବଳ ଏତିକି ଜଣାଥିଲା ଯେ କାବୁଲା ସାମାନ୍ୟ ଛୋଟା। ଦିନେ ଗ୍ରାହକ ହିସାବରେ ମୁଁ ଯାଇ ତାଙ୍କ ସହିତ କଥା ହେଉଥିଲି। ଏହି ସମୟରେ ତାଙ୍କ ପରିବାର ସମ୍ପର୍କରେ ପଚାରିବାରୁ ଅନ୍ୟମନସ୍କ ଭାବେ ସେ ତାଙ୍କ ପୁଅ ନାଁ ଭରତ କହିଦେଲେ। ଏହା ପରେ ମୁଁ ତାଙ୍କ ଚାଲିକୁ ଅନୁସରଣ କରିବାରୁ ସେ ସାମାନ୍ୟ ଛୋଟେଇ ଚାଲୁଥିବା ଜାଣିପାରିଲି। ତେଣୁ ମୁଁ ନିଶ୍ଚିତ ହେଲି ଯେ ଏହି ବ୍ୟକ୍ତି ହିଁ କାବୁଲା ସିଂ, ଏଠାରେ ବାବାବେଶରେ ରହୁଛନ୍ତି। ସଙ୍ଗେ ସଙ୍ଗେ ତାଙ୍କୁ କାବୁ କରିନେଇଥିଲି ଓ ପରେ ସେ ସବୁ ସତକଥା ମାନିଯାଇଥିଲେ। ଉକ୍ତ କାଠ ମିଲରେ ରହି ସେ କେନ୍ଦ୍ରାପଡ଼ାରେ ଥିବା ତାଙ୍କ ଗ୍ୟାଙ୍ଗକୁ ଅପରେଟ୍ କରୁଥିଲେ ଏବଂ ବିଭିନ୍ନ ହତ୍ୟା ଓ ଟେଣ୍ଡର ଫିକ୍ସିଂର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ ବୋଲି ମାନିଥିଲେ।

-ରିପୋର୍ଟ: ଓଁକାର ମିଶ୍ର, କଟକ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଜନ୍ମଚନ୍ଦ୍ର ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅର୍ଜନ କରିବେ କିନ୍ତୁ ଯାତ୍ରା, ବିବାଦ, ଗୃହାରମ୍ଭ ବର୍ଜନୀୟ । ପରିବାରରେ ପୁତ୍ରକନ୍ୟା ହେତୁକ ସୁଖ ମିଳିବ ଓ ଶାନ୍ତି ଫେରି ଆସିବ। ମାତ୍ର ଆତ୍ମୀୟମାନେ ଅସୁବିଧାରେ ପକାଇବାକୁ ଚେଷ୍ଟା କରିପାରନ୍ତି। ଦୂରଯାତ୍ରା ପାଇଁ ପ୍ରସ୍ତୁତିରେ ସମସ୍ୟା ଦେଖାଦେଇପାରେ।

**ବୃଷ** ଅଷ୍ଟମସ୍ଥ ଗ୍ରହ ଯୋଗୁ ଯାହା କରନ୍ତୁନା କାହିଁକି ପ୍ରତ୍ୟେକ କ୍ଷେତ୍ରରେ କିଛି ନା କିଛି ସମସ୍ୟା ଲାଗିରହିବ। ଖଳ ଲୋକମାନଙ୍କ ପ୍ରରୋଚନାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିପାରେ। ଆଜିର ଯାତ୍ରା, ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ପରୋକ୍ଷ ଭାବରେ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ନିକଟରୁ ଦୂରେଇ ରହିବା ଭଲ ।

**ମିଥୁନ** ଏକାଦଶସ୍ଥ ଚନ୍ଦ୍ର ଯୋଗୁ ଅର୍ଥନୈତିକ ପ୍ରଗତିର ଶୀର୍ଷକୁ ସ୍ପର୍ଶ କରିପାରିବେ। କିନ୍ତୁ କେତୁଜନିତ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ସହ ଟିକିଏ ଟିକିଏ କଥାରେ କଳହ ଲାଗିପାରେ ଏଣୁ ଭାବିଚିନ୍ତି କଥାବାର୍ତ୍ତା କରିବା ଭଲ। ପରିବାରରେ ସନ୍ତାନ ହେତୁକ ମାନସିକ ଆଘାତ ପାଇବେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**କର୍କଟ** କର୍ମଭାବସ୍ଥ ଚନ୍ଦ୍ର ପ୍ରଭାବରେ ବହୁଦିଗରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟସାଧ ହୋଇପାରେ। ଜମିଜମା, ଯାତ୍ରା, ବାଣିଜ୍ୟ କୌଣସି ଦିଗରୁ ପ୍ରାୟତଃ ଅସୁବିଧା ରହିବ ନାହିଁ ।

**ସିଂହ** କର୍ମକ୍ଷେତ୍ରରେ ଆପଣଙ୍କ ଯୁକ୍ତିନିଷ୍ଠ ବିଚାରଧାରା ଓ ଶୃଙ୍ଖଳିତ କାର୍ଯ୍ୟ ପଦ୍ଧତି ସମସ୍ୟା ସମାଧାନରେ ସହାୟକ ହେବ। ଆଜିର ଗ୍ରହସ୍ଥିତି ପାଖ ପଡୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡିବାରେ ସାହାଯ୍ୟ କରିବ। ଗତକାଲି ଠାରୁ ଆପଣ ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ।

**କନ୍ୟା** ଚତୁର୍ଥ କେନ୍ଦ୍ରସ୍ଥ ଗ୍ରହ ପ୍ରଭାବରେ ଦିନଟି ଏତେ ଭଲ ଯେ ଆପଣ ଅନୁଭବ କଲେ ଜାଣି ପାରିବେ କିନ୍ତୁ କରି ନ ଜାଣିଲେ ଓଲଟା ଫଳ ମିଳିବ। କର୍ମକ୍ଷେତ୍ରରେ ଉଚ୍ଚ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରିବେ। ଫଳରେ ଲୋକ ସମ୍ପର୍କ ବୃଦ୍ଧି ପାଇବ ଓ ପ୍ରଶଂସିତ ମଧ୍ୟ ହେବେ। ଆବଶ୍ୟକତା ପୂରଣ କରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ।

**ତୁଳା** ରାଶିସ୍ଥ ଚନ୍ଦ୍ର ଯୋଗୁ ପ୍ରତ୍ୟେକ କ୍ଷେତ୍ରରୁ ଯାହା ପାଉଛନ୍ତି ସେତିକିରେ ସନ୍ତୁଷ୍ଟ ରହିବା ଭଲ, ଅନ୍ୟଥା ବେଶି ଆଶାକରି କିଛି ପାଇବେନାହିଁ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଆଜିର ଯାତ୍ରା ଶୁଭପ୍ରଦ ହେବ। କଳା,ସାହିତ୍ୟ,ସାମ୍ବାଦିକତା, ନିର୍ମାଣ ଓ ଯାତ୍ରା ପାଇଁ ବହୁତ ଭଲ ରହିବ।

**ବିଛା** ମୁଖଭାବସ୍ଥ ପାପଗ୍ରହ ଯୋଗୁ ସାଧାରଣ କଥାରେ ଉତ୍ତେଜନା ବୃଦ୍ଧି ପାଇବା କାରଣରୁ କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ତଥାପି ଅନୁରାଧା ନକ୍ଷତ୍ର ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ସଫଳତା ହାସଲ କରିପାରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରି ସଫଳତା ହାସଲ କରିପାରନ୍ତି।

**ଧନୁ** ରାଶିରେ ଏକାଧିକ ଗ୍ରହ ଯୋଗୁ ବିଭିନ୍ନ ଦିଗରୁ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ତଥାପି ସଫଳତା ପାଇଲେ ମଧ୍ୟ ନୂତନ କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସଂକଟର ସମ୍ମୁଖୀନ ହେବେ। ବନ୍ଧୁମାନଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ କରି ହଇରାଣରେ ପଡିପାରନ୍ତି। ବୈବାହିକ କର୍ମ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ।

**ମକର** ରାହୁ ପ୍ରଭାବରେ ଆପଣଙ୍କ ବିରକ୍ତିପୂର୍ଣ୍ଣ ବ୍ୟବହାର କିମ୍ବା ଅର୍ଥ ସମ୍ବନ୍ଧିତ ସମସ୍ୟାରେ ମାନସିକ ସ୍ଥିତି ଭଲ ରହି ନ ପାରେ। ଦୁଷ୍ଟଲୋକଙ୍କ କଥାକୁ ସତ୍ୟ ମନେକରି ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ଓ ମନରେ ସନ୍ଦେହଜନିତ ଅଶାନ୍ତ ଭାବନା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** ସାଧାରଣ କଥାକୁ କେନ୍ଦ୍ରକରି ମିତ୍ରମାନେ ମଧ୍ୟ ଆକସ୍ମିକ ଭାବରେ ଶତ୍ରୁ ପାଲଟି ଯିବାର ଆଶଙ୍କା ରହିଛି। ଅବଶ୍ୟ ଆନୁଷ୍ଠାନିକ କ୍ଷେତ୍ରରେ, ରାଜନୈତିକ ସ୍ତରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ । ଅଧିକ ବୁଲାବୁଲି କାରଣରୁ ଶିରପୀଡାଜନିତ ଅସୁସ୍ଥତା ଦେଖାଦେଇପାରେ।

**ମୀନ** ଆଜିର କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମାନସିକ ଶାନ୍ତି ବୃଦ୍ଧିପ୍ରାପ୍ତ ହେବ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି।

ଆଜି ମାର୍ଗଶିର ଶୁକ୍ଳପକ୍ଷର ଏକାଦଶୀ ଯୁକ୍ତ ଦ୍ୱାଦଶୀ ରବିବାର, ସର୍ବସମ୍ମତ ମୋକ୍ଷଦା ଏକାଦଶୀ, ରବି ନାରାୟଣ ବ୍ରତ, ଡିସେମ୍ବର ୮ ତାରିଖ, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତବାର ଓ ଘାତଚନ୍ଦ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ୬।୫୬ମି. ଗତେ ଘ୯।୦୬ମି. ମଧ୍ୟେ ଅମୃତବେଳା। ଦିବା ଘ୯।୫୮ମି. ଗତେ ଘ୧।୨୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୩।୪୧ମି. ଗତେ ଘ୫।୦୩ମି. ମଧ୍ୟେ ରାହୁକାଳ।

ନାରୀ ଯଦି ତୁମକୁ ପ୍ରଲୁବ୍ଧ କରେ– ତେବେ ଦୋଷ ତୁମର ନା ତା'ର। ଏତେ ନିର୍ବୋଧ ଓ ଆତ୍ମ-ପ୍ରତାରକ ହୋଇ ଉଠନା। ଦୁଇଟି ବାଟରେ ନାରୀର ପାଶ-ବନ୍ଧନରୁ ନିଜକୁ ମୁକ୍ତ କରାଯାଇପାରେ। ନାରୀ ମାତ୍ରକେ ଇ ପରିହାର କର। ନତୁବା ସକଳ ଜୀବକୁ ଭଲ ପାଅ।
–ଶ୍ରୀଅରବିନ୍ଦ

# ଏନ୍‌କାଉଣ୍ଟର ନା ହତ୍ୟା



ଆକାର ପଟେଲ

ଅଧିକାଂଶ ପୋଲିସ ଏନ୍‌କାଉଣ୍ଟରରେ ଭାଗ ନେବାକୁ ଚାହାନ୍ତି ନାହିଁ। ସେଥିପାଇଁ ଭାରତରେ ଗୋଟିଏ ଗୋଷ୍ଠୀର ପୋଲିସ ତିଆରି ହୋଇଯାଇଛନ୍ତି, ଯେଉଁମାନଙ୍କୁ କୁହାଯାଏ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ବା ଶାର୍ପଶୁଟର। ଏଠାରେ ଦ୍ୱିତୀୟ ଶବ୍ଦଟି ଭୁଲ୍‌ଭାବେ ପ୍ରୟୋଗ କରାଯାଇଛି ଏବଂ କାହିଁକି ତାହା ଆମେ ଆଲୋଚନା କରିବା। ପ୍ରଥମେ ଆମେ ଦେଖିବା ଏନ୍‌କାଉଣ୍ଟର କାହାକୁ କହନ୍ତି। ଏହା ହେଉଛି ସରକାରଙ୍କର ଏକ କାର୍ଯ୍ୟ, ଯେଉଁଥିରେ କିଛି ଲୋକଙ୍କୁ ହାଜତ ଭିତରେ ପୂରାଇ ପରେ ମାରି ଦିଆଯାଏ। ସାଧାରଣତଃ ନିକାଞ୍ଚନ ସ୍ଥାନରେ ଏବଂ ପ୍ରାୟତଃ ରାତ୍ରିକାଳରେ ଏହା କରାଯାଏ। ହାଇଦ୍ରାବାଦରେ ଏହା ରାତ୍ରି ୩ଟାରେ କରାଯାଇଛି ଏବଂ ପୋଲିସ କହିଛି ଯେ, ସେତେବେଳେ ଚାରିଜଣ ଅଭିଯୁକ୍ତଙ୍କୁ ଅପରାଧ ଘଟିଥିବା ସ୍ଥାନକୁ ନିଆଯାଇ ସେମାନେ କିଭଳି ଅପରାଧ କରିଥିଲେ ତାହାର ତଦନ୍ତ କରାଯାଉଥିଲା। ଅଳ୍ପ ଦୂରରୁ ଅଭିଯୁକ୍ତମାନଙ୍କୁ ଗୁଳି କରାଯାଏ ଏବଂ ଏହା ସାଧାରଣତଃ ପୋଷ୍ଟମର୍ଟମ୍‌ରୁ ଜଣାପଡ଼ିଥାଏ। ପୋଲିସ ଅଫିସରମାନେ ବ୍ୟବହାର କରୁଥିବା ହାତବନ୍ଧୁକଗୁଡ଼ିକ ଦୂରରୁ ଗୁଳି ମାରିବା ପାଇଁ ଉପଯୁକ୍ତ ନୁହେଁ କାରଣ ସେଗୁଡ଼ିକର ବ୍ୟାରେଲ ଛୋଟ ଏବଂ ୩୦ ଫୁଟରୁ ଅଧିକ ଦୂରରୁ ଲକ୍ଷ୍ୟଭେଦ କରିବା ଏଥିରେ ସମ୍ଭବ ହୁଏ ନାହିଁ। ସେଥିପାଇଁ ଶାର୍ପଶୁଟର ଶବ୍ଦ ପ୍ରୟୋଗ କରିବା ଭୁଲ୍। ସାଧାରଣତଃ ପୋଲିସ ଅଫିସର ଅଭିଯୁକ୍ତର ଦେହରେ ବନ୍ଧୁକ ଲଗାଇ ଗୁଳି କରେ କିମ୍ବା ମାଡ଼ଖାଇ ସେ ତଳେ ପଡ଼ିଥିବା ବେଳେ ତାକୁ ଗୁଳି କରେ। ସେହି ପୋଲିସ ଅଫିସରଙ୍କୁ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ କୁହାଯାଏ, ଯିଏ ନିରସ୍ତ୍ର ମଣିଷକୁ ଅଳ୍ପ ଦୂରରୁ ହତ୍ୟା କରେ। ମୁମ୍ବାଇରେ ୧୯୯୦ ଦଶକରେ ଏନ୍‌କାଉଣ୍ଟର ସଂସ୍କୃତି ଆରମ୍ଭ ହୋଇଥିଲା। ଦୟା ନାୟକ, ଯାହାଙ୍କ ଉପରେ ଅବ ତକ୍ ଛପନ ଚଳଚ୍ଚିତ୍ର ନିର୍ମାଣ ହୋଇଥିଲା, ସେ ୮୦ ଜଣଙ୍କୁ ମାରିଥିଲେ। ୨୬/୧୧ ଆକ୍ରମଣରେ ନିହତ ହୋଇଥିବା ବିଜୟ ସଲାସ୍କର ମଧ୍ୟ ସମାନ ସଂଖ୍ୟକ ଲୋକଙ୍କୁ ମାରିଥିଲେ। ପ୍ରଦୀପ ଶର୍ମା ୧୫୦ରୁ ଅଧିକ ଲୋକଙ୍କୁ ମାରିଥିଲେ। ଆଇନବିଶାରଦମାନେ ନିନ୍ଦାକରିବା ପରେ ଉକ୍ତ ତିନିଜଣ ଭୁଲ୍ କାମ କରିଥିବା ନେଇ ଅଭିଯୋଗ ହୋଇଥିଲା।

ତେବେ ପ୍ରଶ୍ନ ହେଉଛି ଅନ୍ୟ ପୋଲିସ ଅଫିସର ଏପରି କାର୍ଯ୍ୟ କରିବାକୁ କାହିଁକି ଆଗ୍ରହ ପ୍ରକାଶ କରନ୍ତି ନାହିଁ, ଯଦି ଏଥିପାଇଁ ପୁରସ୍କାର ବ୍ୟବସ୍ଥା ଅଛି (ହାଇଦ୍ରାବାଦ ପୋଲିସକୁ କିପରି ହିରୋ ଭାବରେ ଚିତ୍ରଣ କରାଯାଉଛି, ତାହା ଆପଣମାନେ ଗଣମାଧ୍ୟମରୁ ଜାଣିପାରୁଥିବେ)। କାରଣ ସେମାନେ ପୋଲିସ ହେଲେ ବି ଆମ ପରି ମଣିଷ ଏବଂ ଅନ୍ୟ ମଣିଷର ଜୀବନ ନେବାକୁ ଚାହାନ୍ତି ନାହିଁ। ପାଠକମାନଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ଆମେରିକୀୟ ସୈନିକ ଏସ୍‌ଏଲ୍‌ଏ ମାର୍ଶାଲ ଏହା ଉପରେ ଏକ ପୁସ୍ତକ ଲେଖିଛନ୍ତି, ଯାହାର ଶୀର୍ଷକ ହେଉଛି ମେନ୍ ଏଗେଁଷ୍ଟ ଫାୟାର୍। ମାର୍ଶାଲଙ୍କ ଥେସିସ୍ ଅନୁସାରେ ସୈନିକମାନେ ସାଧାରଣତଃ ପବନକୁ ବା ମାଟିକୁ ଫାୟାର କରନ୍ତି, କାରଣ ସେମାନେ ଶତ୍ରୁକୁ ମାରିବାକୁ ଚାହାନ୍ତି ନାହିଁ, ଶତ୍ରୁ ନିଜ ଉପରକୁ ଗୁଳି ମାରିଲେ ମଧ୍ୟ। ମାର୍ଶାଲ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହା ଲେଖୁଥିଲେ କିନ୍ତୁ ଭିଏତ୍‌ନାମ ଯୁଦ୍ଧ ସମୟରେ ମଧ୍ୟ ଏହି ଅନୁଭୂତି ସମାନ ଥିଲା। ପ୍ରତି ଭିଏତ୍‌ନାମିଜ୍‌ଙ୍କ ହତ୍ୟା ପାଇଁ ଆମେରିକୀୟ ସୈନିକମାନେ ୫୦,୦୦୦ ଗୁଳିମାଡ଼ କରିଥିଲେ। ନେପୋଲିୟନଙ୍କ ଯୁଦ୍ଧ ସମୟରେ ପ୍ରୁସିଆନମାନଙ୍କ ଅଧ୍ୟୟନର ଫଳ ମଧ୍ୟ ଅନୁରୂପ ଥିଲା।

ଭାରତରେ ଗୁରୁତର ଅପରାଧ କ୍ଷେତ୍ରରେ ଦୋଷୀ ସାବ୍ୟସ୍ତ ହାର ମାତ୍ର ପ୍ରାୟ ୨୫ ପ୍ରତିଶତ। ସୁତରାଂ ୭୫ ପ୍ରତିଶତ କ୍ଷେତ୍ରରେ ପୋଲିସ ଭୁଲ୍ ସନ୍ଦିଗ୍ଧଙ୍କୁ ଧରିଥାଏ। ସେମାନଙ୍କୁ ଏନ୍‌କାଉଣ୍ଟରରେ ମାରିବା କେତେଦୂର ନୀତିସଙ୍ଗତ? ଅଧିକାଂଶ ପୋଲିସ ଏନ୍‌କାଉଣ୍ଟର କରିବାକୁ ଇଚ୍ଛା ନ କରିବାର ଅନ୍ୟ କାରଣ ହେଉଛି ଏହା ସିଧାସଳଖ ଏକ ହତ୍ୟା ଅପରାଧ ଏବଂ ଏଥିପାଇଁ ସେମାନେ ପରେ ଅସୁବିଧାରେ ପଡ଼ିପାରନ୍ତି। ସେଥିପାଇଁ ଆମର ଅଛନ୍ତି ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ। କୌଣସି ସଭ୍ୟ ରାଷ୍ଟ୍ରରେ ଏନ୍‌କାଉଣ୍ଟର ସ୍ପେଶାଲିଷ୍ଟ ନାହାନ୍ତି। ବାସ୍ତବରେ କୌଣସି ଉନ୍ନତ ଦେଶରେ ଏନ୍‌କାଉଣ୍ଟର କରି କୌଣସି ପୋଲିସ କେବେହେଲେ ବିଚାର ପ୍ରକ୍ରିୟା ଓ ଆଇନ ଜାଲରୁ ଖସିଯାଇପାରେ ନାହିଁ। ଭାରତ ହେଉଛି ଫିଲିପାଇନ୍ସ ପରି ଦେଶ ଯେଉଁଠି ପୋଲିସକୁ ଆଇନ ଭାଙ୍ଗିବାକୁ ଉତ୍ସାହିତ କରାଯାଏ ଏବଂ ହତ୍ୟା ପରି ଏକ ଅପରାଧକୁ ବୀରତା ଓ ନ୍ୟାୟପୂର୍ଣ୍ଣ କାର୍ଯ୍ୟ ଭାବେ ପ୍ରଦର୍ଶନ କରାଯାଏ। ବିନା ବିଚାରରେ କୌଣସି ଲୋକକୁ ହତ୍ୟା କରିବା କେବେହେଲେ ନ୍ୟାୟ ନୁହେଁ। ଯଦି ଆମେ ଅଭିଯୁକ୍ତଙ୍କୁ ସିଧା ଗୁଳି କରି ମାରିଦେବା, ତା'ହେଲେ ତଦନ୍ତ, ଜେରା, ଫୋରେନ୍ସିକ୍ ଟେଷ୍ଟ ଆଦିର ବ୍ୟବସ୍ଥା କାହିଁକି ରହିଛି? ଆମ ନ୍ୟାୟ ବ୍ୟବସ୍ଥାକୁ ବିଶ୍ୱ ସମୁଦାୟ କେଉଁ ଦୃଷ୍ଟିରେ ଦେଖୁଥିବ ଏଥିରୁ ସହଜରେ ଅନୁମେୟ। ସେଥିପାଇଁ ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ ଦୁର୍ନୀତିରେ ଜଡ଼ିତ ମେହୁଲ ଚୋକ୍ସି ଭାରତରେ ତାଙ୍କୁ ମାରି ଦିଆଯାଇପାରେ ବୋଲି ଆଶଙ୍କା କରି ଭାରତକୁ ପ୍ରତ୍ୟର୍ପଣ ନ ହେବାକୁ ଯୁକ୍ତି ଦର୍ଶାଇଥିଲେ। ତାଙ୍କ ଯୁକ୍ତିକୁ ଗ୍ରହଣ କରାଯାଉ ବା ନ ଯାଉ ତାହା ଭୁଲ୍ ବୋଲି କହିହେବ ନାହିଁ। ନିର୍ଭୟା ମାମଲାରେ ଜଣେ ଅଭିଯୁକ୍ତ ଜେଲରେ ଫାଶୀ ଲଗାଇଦେଲେ ଏବଂ ତାଙ୍କ ଓକିଲ କହିଲେ ଯେ ତାଙ୍କୁ ମାରିଦିଆଯାଇଛି। ତାଙ୍କ ଓକିଲଙ୍କ ଅଭିଯୋଗ ସତ ବି ହୋଇପାରେ। ବର୍ତ୍ତମାନ ସାମାଜିକ କର୍ମୀମାନେ କହୁଛନ୍ତି ଯେ ହାଇଦ୍ରାବାଦରେ ବାସ୍ତବରେ ଚାରିଜଣ ଅଭିଯୁକ୍ତଙ୍କୁ ହତ୍ୟା ହିଁ କରାଯାଇଛି। ଯାହା କିଛି ଘଟିଲା ତାହା ହେଉଛି ଆମ ସଂସ୍କୃତି, ଆମ ରାଜନେତା, ଆମ ବିଚାରପତି, ଆମ ଗଣମାଧ୍ୟମ ଓ ଆମ ଜନସାଧାରଣଙ୍କ ଉପରେ ପ୍ରତିଫଳନ।

Email: aakar.patel@gmail.com

# ପ୍ରଣାମ ଜେଜେବାପା



ପ୍ରକାଶ ତ୍ରିପାଠୀ

'ବେଟା, ଗ୍ରାଣ୍ଡ୍‌ପାଙ୍କୁ ହ୍ୟାଲୋ କହିଦିଅ।' ମମିଙ୍କଠାରୁ ସ୍ନେହବୋଳା ଆଦେଶଟିଏ ପାଇ ଚାରିବର୍ଷର ଛୁଆଟି ତା'ର ଦରୋଟି କଥାରେ 'ହ୍ୟାଲୋ ଗ୍ରାଣ୍ଡ୍‌ପା' କୁହନ୍ତେ, ମୁଁ ତା'ରି ଭାଷାରେ 'ହ୍ୟାଲୋ ମାଇଁ ଡିଅର ଗ୍ରାଣ୍ଡସନ୍' କହିବା ସହ ଈଶ୍ୱର କଲ୍ୟାଣ କରନ୍ତୁ ବୋଲି ଆଶୀର୍ବାଦ ପ୍ରଦାନ କଲି। ଘଟଣାଟି ଘଟିଥିଲା ଏଇ ନିକଟରେ ଯେତେବେଳେ ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ ଘରେ ମୁଁ ଏକ ସନ୍ଧ୍ୟାରେ ପହଞ୍ଚିଲି। ବନ୍ଧୁଙ୍କ କନ୍ୟା ପୂର୍ବରୁ ଚିହ୍ନିଥିବାରୁ ମୋତେ ପ୍ରଣାମ କରିସାରିବା ପରେ ତାଙ୍କ ଛୋଟପୁଅଟିକୁ ଉପରୋକ୍ତ ଢଙ୍ଗରେ ମୋତେ ଅଭିବାଦନ ଜଣାଇବା ପାଇଁ ପରାମର୍ଶ ଦେଇଥିଲେ। ଅଜା ବୟସର ଜଣେ ମଣିଷଙ୍କୁ ଛୋଟ ଛୁଆଟିଏ ହାତଯୋଡ଼ି ପ୍ରଣାମ ବା ପାଦସ୍ପର୍ଶପୂର୍ବକ ପ୍ରଣାମକରି ଆଶୀର୍ବାଦ ଗ୍ରହଣ କରିବା ବଦଳରେ 'ହ୍ୟାଲୋ ଗ୍ରାଣ୍ଡ୍‌ପା' ଉଚ୍ଚାରଣ କରି ଅଭିବାଦନ ଜଣାଇବା ଅନେକ ପାଠକଙ୍କୁ ଅଡୁଆ ଲାଗିପାରେ। ମୋତେ ବି ଅସ୍ୱାଭାବିକ ଲାଗିଥିଲା ଏଭଳି ପରିସ୍ଥିତିର ସାମ୍ନା କରିଲା ବେଳେ। କାରଣ ଏହା ଆମ ପରମ୍ପରାର ପରିପନ୍ଥୀ।

ସମବୟସ୍କ ହୁଅନ୍ତୁ, ଗୁରୁଜନ ବା ଲଘୁଜନ ହୁଅନ୍ତୁ ସମ୍ପ୍ରତି ସ୍ୱାଗତ ଓ ଅଭିବାଦନ ଆଦାନପ୍ରଦାନ ହେଉଛି ଦିବସର ବିଭିନ୍ନ ମୁହୂର୍ତ୍ତଗୁଡ଼ିକୁ ନେଇ। ସକାଳ ହୋଇଥିଲେ ଗୁଡ୍ ମର୍ନିଂ, ଉପରବେଳା ବା ଅପରାହ୍ଣରେ ଗୁଡ୍ ଆଫ୍‌ଟରନୁନ୍, ସନ୍ଧ୍ୟାରେ ଗୁଡ୍ ଇଭିନିଂ ଓ ରାତିର ବିଦାୟ ସମୟରେ ଗୁଡ୍‌ନାଇଟ କୁହାହେଉଛି। ବର୍ତ୍ତମାନ ସମୟର ସର୍ବୋତ୍କୃଷ୍ଟ ଅଭିବାଦନର ଭାଷା ବା ଉଚ୍ଚାରଣ ଏମିତିକି 'ଗୁଡ୍'କୁ ବାଦ୍ ଦିଆଯାଇ କେବଳ ମର୍ନିଂ, ଇଭିନିଂ ଆଦି ଉଚ୍ଚାରଣରେ ଅଭିବାଦନର ପର୍ବ ଶେଷ ହୋଇଯାଉଛି। ସମାଜର ତଥାକଥିତ ସେଲିବ୍ରିଟିମାନଙ୍କ ଅଭିବାଦନର ଦୃଶ୍ୟ ଦେଖିଲେ ମନେହୁଏ ନାହିଁ ଯେ, ଆମେ ସତରେ ଭାରତରେ ବାସ କରୁଛୁ। ଆଲିଙ୍ଗନପୂର୍ବକ ଗାଲକୁ ଗାଲ ସ୍ପର୍ଶ କରାଇ ସ୍ୱାଗତ ଓ ଅଭିବାଦନ ହୋଇଛି ଆଧୁନିକ ଅଭିବାଦନର ନୂତନ ସଂସ୍କରଣ। ହ୍ୟାଲୋ, ହାଏ ହୋଇଯାଇଛି ସମ୍ଭାଷଣ ଓ ସ୍ୱାଗତର ପ୍ରଥମ ଭାଷା। ଆଉ କିଛି ଚତୁର ମଣିଷ ଜଣ ଜଣଙ୍କୁ ଅଭିବାଦନ ବଦଳରେ ସମବେତ ସମସ୍ତ ସାଧୁଜନଙ୍କୁ 'ହ୍ୟାଲୋ ଏଭ୍ରିବଡି' ବା 'ହାଏ ଏଭ୍ରିବଡି' କହି ଏକାଥରକେ ଅଭିବାଦନର ପର୍ବ ଶେଷ କରିଦେଉଛନ୍ତି। ଶିକ୍ଷାନୁଷ୍ଠାନର ଶ୍ରେଣୀଗୃହରେ, ସଭାସମିତିରେ ଓ ପର୍ବପର୍ବାଣିରେ ସବୁଠାରେ ପ୍ରଦର୍ଶିତ ହେଉଥିବା ଏହି ଅଭିବାଦନର ସ୍ୱରୂପକୁ ଦେଖିଲେ ବୁଝିହୁଏ ନାହିଁ ଏଥିରେ ଶ୍ରଦ୍ଧା, ସମ୍ମାନ ଓ ନମ୍ରତା ରହିଛି ନା ଏହା କେବଳ ଏକ ଔପଚାରିକତା?

ଗୁରୁଜନମାନଙ୍କୁ ସମ୍ମାନ ପ୍ରଦର୍ଶନ, ଅଭିବାଦନ ଓ ସ୍ୱାଗତ କରିବା ସମୟରେ ସେମାନଙ୍କୁ ପ୍ରଣାମ କରିବା, ନମସ୍କାର କରିବା ଓ ସେମାନଙ୍କ ଚରଣ ସ୍ପର୍ଶ କରିବା ଆମ ଭାରତୀୟ ସଂସ୍କୃତି ଓ ପରମ୍ପରାର ଏକ ପ୍ରମୁଖ ଅଂଶବିଶେଷ। ପ୍ରଣାମ ଶବ୍ଦ ଏକ ସମ୍ମାନସୂଚକ ଶବ୍ଦ ଯାହାକି ଗୁରୁଜନ, ସମ୍ପର୍କୀୟ, ବିଦ୍ୱାନ୍ ଓ ଗୁରୁ ଆଦିଙ୍କ କ୍ଷେତ୍ରରେ ବ୍ୟବହାର କରାଯାଏ। ପ୍ରଣାମ (ପ୍ର+ନମ୍+ଅ) ସଂସ୍କୃତ ଶବ୍ଦ ନମ୍ ଧାତୁରୁ ଆନୀତ, ଯାହାର ଅର୍ଥ ହେଲା ବିନମ୍ର ହେବା, ଗ୍ରହଣଶୀଳ ହେବା। ପ୍ରାଚୀନ ଗୁରୁକୁଳରେ ଦଣ୍ଡବତ ପ୍ରଣାମର ପ୍ରାବଧାନ ଥିଲା ଅର୍ଥାତ୍ ଗୁରୁଜନଙ୍କ ଆଗରେ ଦଣ୍ଡ ପରି ଶୋଇ ପଞ୍ଚାଙ୍ଗ ବା ଅଷ୍ଟାଙ୍ଗ ମାଟିରେ ସ୍ପର୍ଶକରି ପ୍ରଣାମ କରିବା। ଭାରତୀୟ ପ୍ରାଚୀନ ପରମ୍ପରା ଅନୁଯାୟୀ ଛୋଟ ପିଲାମାନଙ୍କୁ ପ୍ରଥମରୁ ପ୍ରଣାମ, ପାଦସ୍ପର୍ଶ ଆଦି ଆଚରଣ ପ୍ରଦର୍ଶନ କରିବା ପାଇଁ ଶିକ୍ଷା ଦିଆଯାଇଥାଏ। ପରିବାରର ବରିଷ୍ଠ ସଦସ୍ୟମାନଙ୍କ ଏତାଦୃଶ ଆଚରଣ ଦେଖି ଦେଖି କନିଷ୍ଠମାନେ ସେଥିରେ କ୍ରମଶଃ ଅଭ୍ୟସ୍ତ ହୋଇଯାନ୍ତି। ଜଣଙ୍କ ସମ୍ମୁଖରେ ନତମସ୍ତକ ହୋଇ ପ୍ରଣାମ କରିବା ବା ମୁଣ୍ଡ ତଳେ ଲଗାଇ ପ୍ରଣାମ କରିବା ଦ୍ୱାରା ଶାରୀରିକ ଓ ମାନସିକ ସ୍ତରରେ ଅନେକ ଫାଇଦା ମିଳିଥାଏ। ପୂର୍ଣ୍ଣ ଶ୍ରଦ୍ଧା ସହିତ ନତମସ୍ତକ ହେବା ବା ଚରଣସ୍ପର୍ଶ କରିବା ଦ୍ୱାରା ନିଜର ବିନମ୍ରତାର ପରିପ୍ରକାଶ ହେବା ସହ ମନକୁ ଶାନ୍ତି ମିଳିଥାଏ ଓ ଅନ୍ୟକୁ ପ୍ରଭାବିତ ଓ ଆକର୍ଷିତ କରିବାର ସଫଳତା ମିଳିଥାଏ। ବହୁ ଗୁରୁଜନଙ୍କୁ ପ୍ରଣାମ କରିବା ପାଇଁ ଅଣ୍ଟା ବାରମ୍ବାର ନଇଁବା ଦ୍ୱାରା ମେରୁଦଣ୍ଡର ବ୍ୟାୟାମ ହୁଏ ଓ ପରମାୟୁ ବୃଦ୍ଧି ପାଏ। ପରମ୍ପରା ଅନୁଯାୟୀ ଜଣେ ବ୍ୟକ୍ତି ଯଦି ତାଙ୍କର ଗୁରୁଜନଙ୍କୁ ପାଦସ୍ପର୍ଶ ପୂର୍ବକ ପ୍ରଣାମ ଜଣାନ୍ତି, ତେବେ ସେହି ଗୁରୁଜନ ଚରଣ ସ୍ପର୍ଶ କରିଥିବା ବ୍ୟକ୍ତିଙ୍କ ମସ୍ତକକୁ ସ୍ପର୍ଶକରି ଆଶୀର୍ବାଦ ପ୍ରଦାନ କରିଥାନ୍ତି। ପାଦ ଓ ହାତର ଅଗ୍ରଭାଗ ନେଗେଟିଭ୍ ପୋଲ୍ ପରି ଓ ମୁଣ୍ଡ ପଜିଟିଭ୍ ପୋଲ୍ ପରି କାମ କରେ। ତେଣୁ ଗୁରୁଜନଙ୍କ ଏହି ଆଶୀର୍ବାଦ ଏକ ସକାରାତ୍ମକ ଶକ୍ତି ରୂପରେ ସେହି ବ୍ୟକ୍ତିଙ୍କ ଶରୀରରେ ପ୍ରବାହ ହୋଇଥାଏ। ଏହା ବ୍ୟକ୍ତିର ଆଧ୍ୟାତ୍ମିକ ତଥା ମାନସିକ ବିକାଶରେ ସହାୟକ ହୋଇଥାଏ। ଶାସ୍ତ୍ର କୁହେ, ଯଦି ଜଣେ ମଣିଷ ପ୍ରତ୍ୟେକ ଦିନ ଗୁରୁଜନଙ୍କୁ ଭକ୍ତିର ସହ ପ୍ରଣାମ କରେ, ତେବେ ସେ ଆୟୁ, ବିଦ୍ୟା, ଯଶ ଓ ବଳର ଅଧିକାରୀ ହୋଇଥାଏ। ପ୍ରଣାମ ଦ୍ୱାରା ମଣିଷଠାରେ ନମ୍ରତା, ଶିଷ୍ଟତା, ଧୈର୍ଯ୍ୟ ଆଦି ଈଶ୍ୱରୀୟ ଗୁଣ ବୃଦ୍ଧି ହେବା ସହ ଗର୍ବ, ଅହଂକାର ଆଦିର ବିଲୋପ ଘଟିଥାଏ। କିଛି ଗବେଷକ ମତ ରଖନ୍ତି ଯେ, ଦୁନିଆର ସବୁ ବସ୍ତୁ ଗୁରୁତ୍ୱାକର୍ଷଣ ଅର୍ଥାତ୍ ପୃଥିବୀର ମାଧ୍ୟାକର୍ଷଣ ଶକ୍ତିରେ ଆବଦ୍ଧ। ନିଉଟନ୍‌ଙ୍କ ଏହି ନିୟମ ମଣିଷ ଶରୀର ପାଇଁ ମଧ୍ୟ ଲାଗୁ ହୋଇଥାଏ। ମଣିଷର ମସ୍ତକକୁ ଉତ୍ତର ମେରୁ ଓ ଚରଣକୁ ଦକ୍ଷିଣ ମେରୁ ଭାବେ ଗ୍ରହଣ କରାଯାଏ। ଏହା ବୁଝିବାକୁ ପଡ଼ିଥାଏ ଯେ, ଗୁରୁତ୍ୱାକର୍ଷଣର ଶକ୍ତି ବା ଚୁମ୍ବକୀୟ ଶକ୍ତି ସର୍ବଦା ଉତ୍ତରମେରୁରେ ପ୍ରବେଶ କରି ଦକ୍ଷିଣ ମେରୁକୁ ପ୍ରବାହିତ ହୁଏ। ଅର୍ଥାତ୍ ମଣିଷ ଶରୀରର ଉତ୍ତର ମେରୁ (ମସ୍ତକ)କୁ ସକାରାତ୍ମକ ଶକ୍ତି ପ୍ରବେଶ କରି ଦକ୍ଷିଣ ମେରୁ (ପାଦ)କୁ ପ୍ରବାହିତ ହୋଇ ସେଠାରେ ଠୁଳ ହୋଇ ରହିଥାଏ। ହାତ ଦ୍ୱାରା ଚରଣ ସ୍ପର୍ଶ କରି ସେହି ଶକ୍ତିକୁ ଗ୍ରହଣ କରିବାକୁ ଚରଣ ସ୍ପର୍ଶ ପ୍ରଣାମ କୁହାଯାଇଥାଏ। ଏହା ଏକପ୍ରକାର ସୂକ୍ଷ୍ମ ବ୍ୟାୟାମ। ଏହା ରକ୍ତ ପ୍ରବାହକୁ ତ୍ୱରାନ୍ୱିତ କରିବା ସହ ମାନସିକ ସ୍ଥିରତା, ଦିବ୍ୟତା ଓ ଦୃଢ଼ତା ବୃଦ୍ଧି କରିଥାଏ।

ନମସ୍କାର ବିନୟସୂଚକ ଅଟେ। ଦୁଇହାତକୁ ଯୋଡ଼ି ବକ୍ଷସ୍ଥଳର ମଧ୍ୟଭାଗରେ ରଖି ଏକନିଷ୍ଠ ହେଲେ ତାହା ମସ୍ତିଷ୍କକୁ ପ୍ରଭାବିତ କରିଥାଏ ଓ ଏହାକୁ ନମସ୍କାର ମୁଦ୍ରା କୁହାଯାଏ। ଦୁଇ ହାତର ପାପୁଲି ଓ ଆଙ୍ଗୁଠିରେ ଥିବା ସ୍ନାୟୁ ମସ୍ତିଷ୍କ ସହ ଯୋଡ଼ିହୋଇ ରହିଥାଏ ଓ ନମସ୍କାର ମୁଦ୍ରାରେ ଏହା ସକ୍ରିୟ ହେବା ସହ ହୃଦୟଚକ୍ରକୁ ତ୍ୱରାନ୍ୱିତ କରିଥାଏ। ଏହା ମନକୁ ଶାନ୍ତି, ପ୍ରସନ୍ନତା ପ୍ରଦାନ କରିବା ସହ ହୃଦୟରେ ଦୃଢ଼ତା ଓ ନିର୍ଭୀକତା ସୃଷ୍ଟିକରେ। ଦୁଇହାତକୁ ଯୋଡ଼ି କରାଯାଉଥିବା ପ୍ରଣାମ ପରସ୍ପରକୁ ନିଜ ନିଜ ଭାବନାର ଅର୍ପଣ ଓ ପ୍ରଣତ ହେବାର ଅଭିବ୍ୟକ୍ତି ମାତ୍ର। ପ୍ରାଚୀନ ଭାରତରେ ଗୁରୁ ପରମ୍ପରା ବିଧାନ ଅନୁଯାୟୀ ଗୁରୁଙ୍କ ଚରଣ ଯୁଗଳର ଅଙ୍ଗୁଳିରୁ ପ୍ରବାହିତ ହେଉଥିବା ଶକ୍ତିକୁ ନିଜ ମସ୍ତକରେ ଧାରଣ କରିବା ଶିଷ୍ୟମାନଙ୍କର ଉଦ୍ଦେଶ୍ୟ ଥିଲା। ଏହି ଆଧ୍ୟାତ୍ମିକ ଶକ୍ତିର ପ୍ରବାହ ଦ୍ୱାରା ଶିଷ୍ୟର ଜୀବନରେ କ୍ରମଶଃ ଗୁଣାତ୍ମକ ପରିବର୍ତ୍ତନ ଆସୁଥିଲା।

ପ୍ରଣାମର ଉପକାରିତାକୁ ନେଇ ମହାଭାରତରେ ଏକ ସୁନ୍ଦର ଘଟଣାର ଅବତାରଣା କରାଯାଇଛି। ମହାଭାରତ ଯୁଦ୍ଧ ସମୟର କଥା। ରାତି ପାହିଲେ ପିତାମହ ଭୀଷ୍ମ ପଞ୍ଚୁପାଣ୍ଡବଙ୍କୁ ନାଶ କରିବେ ବୋଲି ଘୋଷଣା କରିସାରିବା ପରେ ପାଣ୍ଡବ ଶିବିରରେ ଭୟର ବାତାବରଣ ଖେଳିଯାଇଥାଏ। ଭୀଷ୍ମଙ୍କୁ କିପରି ସମ୍ମୁଖୀନ କରାଯିବ ସେଥିପାଇଁ ସମସ୍ତେ ଚିନ୍ତିତ ଥାଆନ୍ତି। ଦ୍ରୌପଦୀଙ୍କୁ ସାଥିରେ ନେଇ ସେହି ରାତିରେ କୃଷ୍ଣ ପିତାମହ ଭୀଷ୍ମଙ୍କ ଶିବିରକୁ ବାହାରିପଡ଼ିଲେ। ଭିତରକୁ ଯାଇ ପିତାମହଙ୍କୁ ପ୍ରଣାମ କରିବାକୁ ଦ୍ରୌପଦୀଙ୍କୁ ପରାମର୍ଶ ଦେଇ କୃଷ୍ଣ ବାହାରେ ଅପେକ୍ଷା କରି ରହିଲେ। ପିତାମହ ଭୀଷ୍ମଙ୍କୁ ଦ୍ରୌପଦୀ ନତମସ୍ତକ ହୋଇ ପ୍ରଣାମ କରନ୍ତେ ଭୀଷ୍ମ ଆଶୀର୍ବାଦ ପ୍ରଦାନ କରି କହିଲେ, 'ଅଖଣ୍ଡ ସୌଭାଗ୍ୟବତୀ ଭବ'। ଶିବିରରୁ ଫେରିବା ବେଳେ ଦ୍ରୌପଦୀ ପ୍ରଣାମ କରିବାର କାରଣ ପଚାରନ୍ତେ ଭଗବାନ ଶ୍ରୀକୃଷ୍ଣ ସ୍ମିତହସି କହିଲେ– ଥରୁଟିଏ ପିତାମହଙ୍କୁ ପ୍ରଣାମ କରି ତୁମେ ତୁମର ପଞ୍ଚପତିଙ୍କ ଜୀବନଦାନ ପାଇଗଲ। ଯଦି ପ୍ରତିଦିନ ଭୀଷ୍ମ, ଧୃତରାଷ୍ଟ୍ର, ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ, ବିଦୁର ପ୍ରମୁଖ ଗୁରୁଜନଙ୍କୁ ପ୍ରଣାମ କରିଥାନ୍ତ, ତେବେ ଆଜିର ଏ ମହାଭାରତ ଯୁଦ୍ଧର କୌଣସି ଆବଶ୍ୟକତା ପଡି ନ ଥାନ୍ତା।

ଉଗ୍ର ଆଧୁନିକତାର ବଶବର୍ତ୍ତୀ ହୋଇ ଆଜିର ମଣିଷ ସ୍ପନ୍ଦନହୀନ, ଭାବନାହୀନ ହ୍ୟାଲୋ, ହାଏ, ଗୁଡ୍‌ମର୍ନିଂ, ଗୁଡ୍ ଇଭିନିଂ କହି ଔପଚାରିକତା ସମ୍ପାଦନ କରୁଛି ସତ, ମାତ୍ର ଏହାଦ୍ୱାରା ସମ୍ବନ୍ଧ ମଧୁର ହେଉନାହିଁ କି ଭାବଗତ ସମ୍ପର୍କ ବୃଦ୍ଧି ହେଉନାହିଁ। ପ୍ରାଚୀନ ଭାରତୀୟ ପରମ୍ପରାର ଚରଣସ୍ପର୍ଶ ପ୍ରଣାମ, ମଥାନତ ପ୍ରଣାମ, ଦଣ୍ଡ ପ୍ରଣାମ ଓ ନମସ୍କାରର ଗୁରୁତ୍ୱକୁ ଉପଲବ୍ଧି କରି ଆଗାମୀ ପିଢ଼ିକୁ ଏଥିପାଇଁ ଆଜିଠାରୁ ପ୍ରସ୍ତୁତ କରିବାକୁ ପଡ଼ିବ। 'ହ୍ୟାଲୋ ଗ୍ରାଣ୍ଡ୍‌ପା' ବଦଳରେ 'ପ୍ରଣାମ ଜେଜେବାପା' ଶୁଣିବାକୁ ଆମକୁ ଆଶା ରଖିବାକୁ ହେବ।

ମୋ–୯୪୩୭୨୩୨୪୬୩,

## ଏଇ ଭାରତରେ

ମଧ୍ୟପ୍ରଦେଶର ନରସିଂହପୁର ଜିଲା ଅନ୍ତର୍ଗତ ଖମାରିଆ ସରକାରୀ ସ୍କୁଲ୍‌ରେ ଉପଲବ୍ଧ ସୁବିଧା କୌଣସି ଆଗୁଆ ବେସରକାରୀ ସ୍କୁଲ୍‌ଠାରୁ କମ୍ ନୁହେଁ। ଏକ ଛୋଟ ଗାଁରେ ଥିବା ଏହି ସ୍କୁଲ୍ ଏବେ ସମ୍ପୂର୍ଣ୍ଣ ଡିଜିଟାଲ ହୋଇପାରିଛି। ଏହି ସ୍କୁଲଟି ମାଟି ଖୋପଡି ଘରେ ଆରମ୍ଭ କରାଯାଇଥିଲା। ପ୍ରଥମେ ଲୋକଙ୍କଠାରୁ ମିଳିଥିବା ୧.୫ ଲକ୍ଷ ଟଙ୍କାରେ ୨୦୧୨ରୁ ସ୍କୁଲ୍‌ର ଉନ୍ନତି ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ୨୦୧୩ରେ ସ୍କୁଲ୍ କ୍ୟାମ୍ପସ୍‌ରେ ସିସିଟିଭି କ୍ୟାମେରା ଲାଗିଲା। ଏହାପରଠାରୁ ପ୍ରତିବର୍ଷ ସ୍କୁଲ୍‌ରେ ଗୋଟିଏ ଗୋଟିଏ ସୁବିଧା ଯୋଡାଯାଉଛି। ସ୍ମାର୍ଟ କ୍ଲାସ୍ ଟେକ୍‌ନୋଲୋଜି ମଧ୍ୟ ଆପଣାଯାଇଛି। ଅନିୟମିତ ବିଦ୍ୟୁତ୍‌ସେବା ପାଇଁ ପାୱାର ବ୍ୟାକ୍‌ଅପ ରଖାଯାଇଛି। କ୍ୟାରିୟର ଭିତ୍ତିକ କମ୍ପ୍ୟୁଟର, ସ୍ୱାସ୍ଥ୍ୟ ଓ ଇଞ୍ଜିନିୟରିଂ କ୍ଲାସ୍‌ର ବ୍ୟବସ୍ଥା ରହିଛି ବୋଲି କୁହନ୍ତି ପ୍ରଧାନଶିକ୍ଷକ ନାରାୟଣ ଗୁପ୍ତା। ପ୍ରଧାନଶିକ୍ଷକ ଗୁପ୍ତା ମଧ୍ୟ ଏହି ସ୍କୁଲର ଛାତ୍ର ଥିଲେ। ନବମ ଓ ଦଶମ ଶ୍ରେଣୀର ପିଲାମାନଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯିବା ସହ ପରିବେଶ ସୁରକ୍ଷା ଉପରେ ପିଲାମାନଙ୍କୁ ଶିକ୍ଷା ଦିଆଯାଉଛି । ଏଠାରେ ଏବେ ୩,୧୧୭ ଜଣ ପିଲା ପଢୁଛନ୍ତି। ଖମାରିଆ ସରକାରୀ ସ୍କୁଲ୍‌ର ଆଦର ଏତେ ବଢିଯାଇଛି ଯେ, ଆଖପାଖ ୧୫ଟି ଗାଁରେ କୌଣସି ବେସରକାରୀ ସ୍କୁଲ ଏଯାବତ୍ ଖୋଲିନାହିଁ।

# ଫ୍ଲଗିଂ ସେଲିବ୍ରିଟି

ଅଳିଆ ଓ ଅସନା ଜିନିଷ କଥା କହିଲେ ଅନେକେ ନାକ ଟେକିଥାଆନ୍ତି। ଏସବୁ ସମାଜର ତଳ ଶ୍ରେଣୀର ଲୋକଙ୍କ କାମ ବୋଲି ସାଧାରଣରେ କୁହାଯାଇଥାଏ। ମେହନ୍ତରଙ୍କୁ ନୀଚ ଦୃଷ୍ଟିରେ ଦେଖାଯାଉଥିବାର ଗଦା ଗଦା କାହାଣୀ ବିଷୟରେ ଅଧିକାଂଶ ଜାଣିଥିବେ। କିନ୍ତୁ ସମୟ ସହ ମଣିଷର ଚିନ୍ତାରେ ଅନେକ ପରିବର୍ତ୍ତନ ଆସୁଛି। ବାସ୍ତବତାକୁ ସ୍ୱୀକାର କରିବା ଯଦିଓ କଷ୍ଟକର ବ୍ୟାପାର, ତଥାପି ଏମିତି ଲୋକ ଅଛନ୍ତି ସେମାନେ ନିଜ ଧାରାରେ ଜୀବନ ଜିଇବାକୁ ଚେଷ୍ଟା କରିଥାଆନ୍ତି। ଚକାଚକ ଦୁନିଆର ସାମଗ୍ରୀ ସହ ଚଳିବାକୁ ସମସ୍ତଙ୍କ ଇଚ୍ଛା ଥିଲେ ମଧ୍ୟ କିଛି ଲୋକ ସମାଜରେ ନିଜର ଏକ ପଦଚିହ୍ନ ଛାଡ଼ିଯିବା ଲାଗି ଭିନ୍ନ ଚରିତ୍ର ପୋଷଣ କରିବାକୁ ପସନ୍ଦ କରନ୍ତି। ଅଳିଆ ଗୋଟାଇବାକୁ କ୍ୟାରିୟର କରିବା କଥା ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହେବେ। ଆଉ ପାଦେ ଆଗେଇ ଯାଇ କହିଲେ ଏଣେତେଣେ ବିକ୍ଷିପ୍ତ ପଡ଼ି ରହିଥିବା ପଦାର୍ଥକୁ ସାଉଁଟି ପରିବେଶକୁ ସ୍ୱଚ୍ଛ କରିବାକୁ ଆଗ୍ରହ ରଖୁଥିବା ବ୍ୟକ୍ତି ଯେ ଦିନେ ସେଲିବ୍ରିଟି ପାଲଟିଯାଇ ପାରନ୍ତି, ତାହାର ସଦ୍ୟ ଆଇକନ୍ ହେଉଛନ୍ତି–ରିପୁ ଦମନ ବେଭ୍‌ଲି। ନିକଟରେ କେନ୍ଦ୍ର ସରକାର ତାଙ୍କୁ ଫ୍ଲଗିଂ ଆମ୍ବାସାଡର ଅଫ୍ ଇଣ୍ଡିଆ ସମ୍ମାନ ଦେଇଛନ୍ତି। ଭାରତକୁ ସ୍ୱଚ୍ଛ ସହ ଫିଟ୍ ଇଣ୍ଡିଆ କରିବାକୁ ନିରନ୍ତର ପ୍ରୟାସ କରୁଥିବାରୁ ରିପୁଙ୍କୁ ନେଇ ଚାରିଆଡ଼େ ଚର୍ଚ୍ଚା। ଦିଲ୍ଲୀରୁ ଦେଶର ଛୋଟ ସହର ଯାଏ ତାଙ୍କ ଉଦ୍ୟମକୁ ପ୍ରଶଂସା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ରେ ରିପୁଙ୍କ ପଦକ୍ଷେପକୁ ସ୍ୱାଗତ କରିବା ପରେ ତାଙ୍କ ବ୍ୟକ୍ତିତ୍ୱ ପଲ୍ଲୀକୁ ମଧ୍ୟ ଛୁଇଁ ଯାଇଛି। ତାଙ୍କ ଚଲାପଥର ସହଯାତ୍ରୀ ପିଲାମାନେ କିଭଳି ଅଧିକରୁ ଅଧିକ ହୋଇପାରିବେ ସେଥିଲାଗି ରିପୁ ପ୍ରୟାସରତ। ସେ ବୁଝିଛନ୍ତି ଆଜିର ପିଲା ମୁଣ୍ଡରେ ସ୍ୱଚ୍ଛତାର ଭାବନା ପ୍ରବେଶ କଲେ ଭାରତ ସୁସ୍ଥ ଓ ସବଳ ହୋଇପାରିବ।

ବ୍ୟକ୍ତିତ୍ୱ



ରିପୁ ଦମନ ବେଭ୍‌ଲି

ଦିଲ୍ଲୀର ୩୧ ବର୍ଷୀୟ ରିପୁ ହେଉଛନ୍ତି ଜଣେ ମାରାଥନ୍‌ର, ଟ୍ରାଭେଲର, ଉଦ୍ୟୋଗୀ, ବ୍ଲଗର ଏବଂ ପରିବେଶପ୍ରେମୀ। କିଛି ବର୍ଷ ପୂର୍ବରୁ ସେ 'ମାଇଁ ସିଟି ମାଇଁ ରେସ୍‌ପନ୍‌ସିବିଲିଟି' ନାମରେ ଏକ ଅଭିଯାନ ଆରମ୍ଭ କରିଥିଲେ। ସାଧାରଣରେ ମାରାଥନକାରୀମାନେ ଦୌଡ଼ି ପଳାଇଯିବା ପରେ ପଛରେ ଆବର୍ଜନା ଛାଡ଼ିଦେଇଥାଆନ୍ତି। ହେଲେ ରିପୁଙ୍କ ଅଭିଯାନ କହେ ଦୌଡ଼ିବା ବେଳେ ବାଟରେ ପଡ଼ିଥିବା ଅଳିଆ ଗୋଟାଇ ପରିବେଶକୁ ସଫାସୁତରା ରଖିବା ହେଉଛି ସମସ୍ତଙ୍କ କାର୍ଯ୍ୟ। ସେଥିଲାଗି ସେ ତାଙ୍କ ସଫ୍ଟୱେର ଷ୍ଟାର୍ଟଅପ୍‌କୁ ଛାଡ଼ି ରାସ୍ତାରେ ଲୋକଙ୍କ ସହ ମିଶି ନୂଆ କିଛି କରି ଦେଖାଇବାରେ ଲାଗିଛନ୍ତି। ଭାରତକୁ ଅଳିଆ ଓ ଆବର୍ଜନା ମୁକ୍ତ କରିବା ଦିଗରେ ସେ ଯେଉଁ ଉତ୍ସାହ ଯୁବପିଢ଼ିଙ୍କ ମଧ୍ୟରେ ସୃଷ୍ଟି କରିଛନ୍ତି, ତାହାକୁ ସବୁ ବର୍ଗ ଅନୁସରଣ କରିବାରେ ଲାଗିଲେଣି। କେନ୍ଦ୍ର ସରକାର 'ସ୍ୱଚ୍ଛ ଭାରତ' ଅଭିଯାନରେ ରିପୁଙ୍କୁ ଆଦରଣୀୟ ବ୍ୟକ୍ତି ଭାବେ ମାନ୍ୟତା ଦେବା ହେଉଛି ସୁସ୍ଥ ଓ ସବଳ ଭାରତ ପ୍ରତି ଏକ ବଡ଼ ସମ୍ମାନ। ୨୦୧୭ରେ ରିପୁ ତାଙ୍କ ଟିମ୍ ସହ 'ଫ୍ଲଗିଂ' ଆରମ୍ଭ କରିଥିଲେ। ଫ୍ଲଗିଂ ହେଉଛି 'ସ୍ୱଦେଶୀ ସୁସ୍ଥତା' ହେବାର ଏକ ଅଭିନବ ଅଭିଯାନ। ଦୌଡ଼ିବା ସହ ଆବର୍ଜନା ସଂଗ୍ରହ କରି ନିଜକୁ ଫିଟ୍ ରଖିବା ସହ ପରିବେଶକୁ ନିର୍ମଳ ରଖିବାର ଏହା ବାର୍ତ୍ତା ଦେଇ ଚାଲିଛି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ 'ଫିଟ୍ ଇଣ୍ଡିଆ ପ୍ଲଗିଂ ରନ୍' ଆରମ୍ଭ ହୋଇ ଡିସେମ୍ବର ୫ରେ ଦେଶର ୫୦ ସହରର ପ୍ରାୟ ୧୦୦୦ କିଲୋମିଟର ଅତିକ୍ରମ କରିବା ପରେ ଏହା ସ୍ୱଚ୍ଛତାର ଏକ ମାଇଲଖୁଣ୍ଟ ବସାଇପାରିଛି। ରିପୁ ଓ ତାଙ୍କ ସାଥୀମାନଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇଛି।

କାହିଁକି ରିପୁ ଏଭଳି ଭିନ୍ନ ଦୁନିଆରେ ବଞ୍ଚିବାକୁ ଚାହିଁଲେ ବୋଲି ଅନେକଙ୍କ ମନରେ ପ୍ରଶ୍ନ ହେବା ସ୍ୱାଭାବିକ। ଏହାର ଉତ୍ତର ଦେବାକୁ ଯାଇ ସେ ବର୍ଣ୍ଣନା କରିଛନ୍ତି ଯେ, ତାଙ୍କ ଜୀବନର ଆଦ୍ୟ କ୍ୟାରିୟର ଭାରତରେ ଥିବା କେତେକ ଜଣାଶୁଣା ବହୁରାଷ୍ଟ୍ରୀୟ କମ୍ପାନୀ (ଏମ୍‌ଏନ୍‌ସି)ରେ କାମ କରିବାରେ କଟିଥିଲା। କର୍ମଜଞ୍ଜାଳ ଜୀବନ ତାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ସମୟ ଦେଉ ନ ଥିଲା। ସେ ମୋଟା ହୋଇଯାଇଥିଲେ। ଓଜନ କମାଇବାକୁ ଯାଇ ସେ ବହୁ ବାଟ ଦୌଡ଼ିବା ଆରମ୍ଭ କଲେ। ଫଳରେ ସେ ଫିଟ୍ ହେବାକୁ ଲାଗିଲେ। ପ୍ରାତଃ ସମୟରେ କମ୍ ଲୋକ ଯାତାୟାତ କରୁଥିବାରୁ ସେ ଦୌଡ଼ିବା ବେଳେ ରାସ୍ତାରେ ପଡ଼ିଥିବା ଅଳିଆକୁ ଉଠାଇ ନିକଟସ୍ଥ ଡଷ୍ଟବିନ୍‌ରେ ପକାଇବାକୁ ଲାଗିଲେ। ଏହା କଲା ବେଳେ ସେ ନିଜକୁ ସୁସ୍ଥ ରଖିବା ସହ ପରିବେଶକୁ ପରିଚ୍ଛନ୍ନ କରିବାରେ ସହାୟକ ହେଲେ। ପ୍ରଥମେ ଲୋକେ ତାଙ୍କୁ ଦେଖି ହସୁଥିଲେ, ଏବେ ଅନୁସରଣ କରୁଛନ୍ତି।

–**ଜିତେନ୍ଦ୍ର କୁମାର ନାୟକ**

### ଚିରନ୍ତନୀ

ଉଚ୍ଚାରିଲ ଯେଉଁ ମନ୍ତ୍ର ଉଚ୍ଚେ ତୋଳି କୋଟି ଅଭିଳାଷ
ଠୁଳ ହେଲା ତୁମ ତହିଁ ସହସ୍ର ବର୍ଷର ଇତିହାସ
ସେହି ମନ୍ତ୍ର ଜଗତରେ ଆଣିବ କଲ୍ୟାଣ ସ୍ରୋତ ବହି
ଲୋଡ଼ା ତୁମେ ଯୁଗେ ଯୁଗେ ଜାଗ ଜାଗ ଆହେ ସତ୍ୟାଗ୍ରହି!
(ଜାଗ ଜାଗ ଗାନ୍ଧି)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୮ ଡିସେମ୍ବର ୧୯୯୪

- ସୁଇଜରଲାଣ୍ଡ ପ୍ରତିରକ୍ଷା ମନ୍ତ୍ରୀ କାସପର ଭିଲିଜେର ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ଭାବେ ନିର୍ବାଚିତ।
- ୧୯୯୪ ମସିହା ଜ୍ଞାନପୀଠ ପୁରସ୍କାର ଖ୍ୟାତନାମା କନ୍ନଡ ଲେଖକ ୟୁ.ଆର. ଅନନ୍ତମୂର୍ତ୍ତିଙ୍କୁ ପ୍ରଦାନ କରାଯିବ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | A | | E | | 9 | 3 | | | | | | | | |
| | 8 | | | A | 6 | | | C | | | | | 5 | |
| | | 4 | | | D | 6 | 5 | | | | 1 | 3 | | |
| | 7 | 5 | 2 | | 8 | | A | | | D | | | | 9 |
| | 6 | D | 1 | | | | | | 2 | | | E | 4 | |
| 5 | | | 3 | 9 | | C | 0 | | | | | | 8 | 4 |
| | | B | | E | 4 | | D | 8 | | 0 | A | 5 | | |
| | | | 7 | | 5 | | | | | | | D | | C |
| | C | 9 | | | | | 3 | | | 5 | | A | | |
| | E | 7 | 6 | | | | | | | | 9 | | 3 | |
| | | | | 4 | | 5 | 6 | | | | D | 1 | | 7 |
| | 5 | C | 9 | | E | | | | | | | | | |
| A | | | | 8 | | 2 | 1 | | | | C | | | 0 |
| 4 | | 1 | A | C | | | E | | | 6 | | | | |
| 0 | | | | | 2 | | | D | 4 | | 3 | | | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | D | 8 | 9 | 4 | A | 5 | 6 | 1 | 2 | E | 3 | 7 | B | 0 |
| 4 | 3 | E | 7 | 6 | 5 | 0 | 8 | 2 | B | D | C | A | 1 | 9 |
| 7 | A | 6 | B | C | 0 | 3 | E | 9 | 4 | 5 | 1 | 2 | 8 | D |
| B | 9 | 1 | 2 | E | 3 | 7 | D | C | 0 | 8 | A | 5 | 6 | 4 |
| 0 | 5 | 2 | 8 | 1 | D | A | 4 | B | 6 | 7 | 9 | E | C | 3 |
| 5 | B | 0 | 1 | 9 | 7 | E | 3 | D | C | 4 | 6 | 8 | 2 | A |
| E | 2 | 7 | 6 | B | C | 1 | A | 4 | 9 | 0 | 8 | D | 3 | 5 |
| 9 | 8 | C | 3 | 5 | 4 | 2 | B | 0 | 7 | A | D | 1 | E | 6 |
| 3 | 4 | A | E | D | 2 | 8 | 9 | 6 | 5 | 1 | B | C | 0 | 7 |
| 6 | 1 | D | 0 | A | 8 | C | 5 | 7 | E | 3 | 2 | 9 | 4 | B |
| D | 7 | 9 | A | 0 | B | 4 | 1 | 3 | 8 | C | E | 6 | 5 | 2 |
| 8 | 6 | 3 | C | 2 | E | B | 0 | 5 | D | 9 | 7 | 4 | A | 1 |
| 2 | 0 | B | 5 | 7 | 1 | D | C | E | A | 6 | 4 | 3 | 9 | 8 |
| 1 | E | 4 | D | 8 | 9 | 6 | 2 | A | 3 | B | 5 | 0 | 7 | C |
| A | C | 5 | 4 | 3 | 6 | 9 | 7 | 8 | 1 | 2 | 0 | B | D | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନୁଦାନଭିତ୍ତିକ ପୁରସ୍କାର

ମହାଶୟ,

ଆଜିକାଲିର ଡିଜିଟାଲ ଦୁନିଆରେ ଲୋକେ ଲାଇବ୍ରେରିରୁ ବହି ଖଣ୍ଡିଏ ଆଣି ତାକୁ ମନ ଦେଇ ପଢ଼ିବାକୁ ପସନ୍ଦ କରୁନାହାନ୍ତି। ବରଂ କୌଣସି ଟପିକ୍‌ର ଦୀର୍ଘତା ଦେଖି ଛୋଟ ହୋଇଥିଲେ ତା' ଉପରେ ଆଖି ପକେଇ ଦେଉଛନ୍ତି। ଦୀର୍ଘ ବିଷୟକୁ ଅନାଉନାହାନ୍ତି। ଦ୍ୱିତୀୟତଃ କୌଣସି ପତ୍ରପତ୍ରିକା ଦେଖିଲେ ଲୋକେ ନିଜ ଲେଖାଟିକୁ ତାହା ମଧ୍ୟରୁ ଖୋଜି ବାହାର କରିବାକୁ ଚେଷ୍ଟା କରନ୍ତି। ଯଦି ନିଜ ଲେଖା ନାହିଁ ତେବେ ସେ ମାଗାଜିନଟିକୁ ଆଡେଇ ଦେଇ ଆଗକୁ ମାଡିଯାନ୍ତି। ଯଦି ନିଜର ଲେଖା ସେ ପତ୍ରିକାରେ ପ୍ରକାଶ ପାଇଛି ତେବେ ସେ ପତ୍ରିକାଟି କିଣା ହୁଏ। ନଚେତ୍ ତାହା କିଣା ହୁଏ ନାହିଁ। ଆଜିକାଲିର ଲେଖକମାନେ ତାଙ୍କ ଲେଖାକୁ କୌଣସି ପତ୍ରିକାରେ ବାହାର କରିବାକୁ ଯେମିତି ବ୍ୟସ୍ତ ହେଉଛନ୍ତି, ସେମିତି ବିଭିନ୍ନ ଅନୁଷ୍ଠାନ ଅନୁଦାନଭିତ୍ତିକ ଲେଖା ପ୍ରକାଶନକୁ ଆପଣେଇ ନେଲେଣି। ଲେଖା ସହିତ ଏକ ଶହ ବା ଦୁଇ ଶହ ଟଙ୍କା ପଠାଇବାକୁ ଅନୁରୋଧ କରୁଛନ୍ତି। କେତେବେଳେ ଲେଖାପ୍ରକାଶ ପାଉଛି ତ ଆଉ କେତେବେଳେ ପ୍ରକାଶ ପାଉ ନାହିଁ। ପୁରସ୍କାର କ୍ଷେତ୍ରରେ ମଧ୍ୟ ସେହି ଅବସ୍ଥା। ପୁରସ୍କାରଗୁଡ଼ିକ ଅନୁଦାନଭିତ୍ତିକ। ଅର୍ଥ ନେଇ ପୁରସ୍କାର ଦେଉଛନ୍ତି ବା ଉପଢୌକନ ଦେଉଛନ୍ତି। ପୁରସ୍କାର ନ ଦେଲେ ବି ଅର୍ଥ ଦେଇଥିବା ଲୋକ ବାହାରେ ପ୍ରକାଶ କରେ ନାହିଁ। କାରଣ ଏଥିରେ ଲୋକଲଜ୍ଜା ରହିଛି।

ବାସନ୍ତୀ ପଟ୍ଟନାୟକ, ନିର୍ମାଲ୍ୟ ଏନକ୍ଲେଭ, ମହୁରା, ଖୋର୍ଦ୍ଧା

### କୃଷି ଓ କୃଷକ ଯୋଜନାରେ ସମନ୍ୱୟ

ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର କାଳିଆ ଯୋଜନାରେ ରାତାରାତି କୋଟିକୋଟି ଟଙ୍କା ବାଣ୍ଟି ଦେଇଥିବାରୁ ବହୁ ଅଯୋଗ୍ୟ ହିତାଧିକାରୀ ଏଥିରୁ ଫାଇଦା ଉଠାଇଥିଲେ। ଭୋଟ ପରେ ଏପରି ଦୁର୍ନୀତି ପଦାକୁ ଆସିବାରୁ ସରକାର ସେମାନଙ୍କଠାରୁ ଅର୍ଥ ଆଦାୟ ନିମନ୍ତେ ବ୍ୟତିବ୍ୟସ୍ତ ହେଉଥିବାର ଜଣାଗଲା। କିନ୍ତୁ ଏଥିନିମନ୍ତେ କିଛି ଆଇନଗତ ବ୍ୟବସ୍ଥା ନ ଥିବାରୁ ଏହା କେବଳ ନିବେଦନରେ ସୀମିତ ରହିଲା। ଏପଟେ ରାଜ୍ୟ ସରକାର କେନ୍ଦ୍ରକୁ ଚାଷୀ ତାଲିକା ଦେବାରେ ବିଳମ୍ବ କରିବାରୁ ଯେଉଁମାନେ ନାମ ପଞ୍ଜୀକରଣ କରିନାହାନ୍ତି ସେମାନେ ବଞ୍ଚିତ ହେବାର ଆଶଙ୍କା ପ୍ରକାଶ ପାଇଛି। କୃଷକଙ୍କୁ ଅନୁଦାନ ଦେବାରେ ଜାତୀୟସ୍ତରରେ କାହିଁକି ଏକକ ନୀତି ପ୍ରଣୟନ ହେଉନାହିଁ? ତାହା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ଅଭାବକୁ ସୂଚାଉଛି।

– ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ୧୮.୫ଲକ୍ଷ ଟଙ୍କା ଠକି ନେଇ ମହିଳା ଫେରାର

**ବଲାଙ୍ଗୀର ଅଫିସ, ୭।୧୨**

ଯାଜପୁର ଜିଲାର ଜଣେ ମହିଳା ବଲାଙ୍ଗୀର ସହର ଗାନ୍ଧୀନଗରପଡାର ବହୁ ଲୋକଙ୍କ ଠାରୁ ପ୍ରାୟ ୧୮ଲକ୍ଷ ୫୦ହଜାର ଟଙ୍କା ଠକି ନେଇ ଫେରାର ହୋଇଯାଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ ଶନିବାର ଏକ ମାମଲା(ନଂ. ୬୫୯/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଚାକିରି କରାଇ ଦେବା ଓ ଶସ୍ତାରେ ଜମି ଯୋଗାଇ ଦେବାର ପ୍ରଲୋଭନ ଦେଖାଇ ମହିଳା ଜଣକ ଲୋକଙ୍କୁ ଠକିଥିବା ଅଭିଯୋଗ ହୋଇଛି । ଫେରାର ହୋଇଯାଇଥିବା ମହିଳା ଜଣକ ଯାଜପୁର ଜିଲା ବଡଚଣା ଥାନା ଅନ୍ତର୍ଗତ ପୁରୁଷୋତ୍ତମପୁର ଗ୍ରାମର କରୁଣାକର ନାୟକଙ୍କ ସ୍ତ୍ରୀ ଆରତୀ ନାଗ ବୋଲି ଅଭିଯୋଗ କରାଯାଇଛି । ପ୍ରାୟ ୩ ବର୍ଷ ତଳେ ନିଜର ଦୁଇ ପୁଅ ଝିଅଙ୍କୁ ଧରି କରୁଣାକର ଓ ଆରତୀ ବଲାଙ୍ଗୀର ଆସି ଗାନ୍ଧୀନଗରପଡାରେ ପହଞ୍ଚିଥିଲେ । ଅତ୍ୟନ୍ତ ଅସହାୟ ଅବସ୍ଥାରେ ଥିବା ଏହି ପରିବାର ବିଭିନ୍ନ ଲୋକଙ୍କ ପିଣ୍ଡାରେ ରହିବା ସହ କାକୁତିମିନତୀ ହୋଇଥିଲେ । ସେମାନଙ୍କ ଅବସ୍ଥା ଦେଖି ପଡାର କେତେଜଣ ମହିଳା ଦୟାପରବଶ ହୋଇ ପଡାରେ ରହିବାକୁ ଶସ୍ତାରେ ଏକ ଭଡାଘର ବ୍ୟବସ୍ଥା କରିଥିଲେ।

## ଥାନାରେ ଅଭିଯୋଗ କଲେ ଠକାମିର ଶିକାର ଲୋକେ

ସେମାନଙ୍କୁ ପଡାବାସୀ ଖାଇବା ପିଇବାକୁ ବି ଦେଉଥିଲେ । ଏହାପରେ ଆରତୀ ବିଭିନ୍ନ ଲୋକଙ୍କ ଘରେ ବାସନକୁସନ ମାଜିବା, ସହଯୋଗ କରିବା କାମ କରିଦେଇ ପଡାବାସୀଙ୍କ ଆତ୍ମୀୟ ହେବାକୁ ଚେଷ୍ଟା କରିଥିଲେ । ବିଭିନ୍ନ ଘରକୁ ଯାଇ ସମ୍ପର୍କ ଯୋଡି ଘନିଷ୍ଠ ହୋଇଯିବା ପରେ ଲୋକଙ୍କୁ ଠକିବା ଖେଳ ଆରମ୍ଭ କରିଥିଲେ । କଟକରେ ତାଙ୍କର ଜଣେ ପରିଚୟ ଲୋକ ବଡ ଅଫିସର ପାହ୍ୟାରେ ଅଛନ୍ତି ଓ ସେ ଚାହିଁଲେ ଅନେକ ଲୋକଙ୍କୁ ସରକାରୀ ଚାକିରୀ କରାଇ ଦେବେ ବୋଲି ପ୍ରଚାର କରିଥିଲେ । ଏହା ସହିତ ବିଭିନ୍ନ ଲୋକଙ୍କୁ ବଲାଙ୍ଗୀର ସହରରେ ଜମି ଦେଖାଇଥିଲେ । ସେହି ଜମିକୁ ଶସ୍ତାରେ କିଣାଇ ଦେବେ ବୋଲି କହିଥିଲେ । ତାଙ୍କରି ଜାଲରେ ପଡି ପଡାର ବହୁ ମହିଳା ଓ ପୁରୁଷ ଆରତୀଙ୍କୁ ଲକ୍ଷାଧିକ ଟଙ୍କା ଦେଇଥିଲେ । ସରକାରୀ ଚାକିରୀ ପ୍ରଲୋଭନରେ ପଡି ତଥା ଶସ୍ତାରେ ଜମି କିଣିବା ଚକ୍କରରେ ପଡି ବହୁ ମହିଳା ଓ ପୁରୁଷ କାହାକୁ କିଛି ନ କହି ଗୋପନରେ ଆରତୀଙ୍କୁ ଲକ୍ଷାଧିକ ଟଙ୍କା ଦେଇଥିଲେ । ପଡାର ଅନେକ ମହିଳା ଚଢ଼ା ସୁଧ ଆଶାରେ ଆରତୀଙ୍କୁ ଟଙ୍କା ଦେଇଥିଲେ । ଗୁରୁବାର ଆରତୀଙ୍କ ଭଡା ଘରେ ତାଲା ଝୁଲୁଥିବା ପଡାବାସୀ ଦେଖିବାକୁ ପାଇଥିଲେ । ଆରତୀଙ୍କ ସ୍ୱାମୀ, ପୁଅ ଝିଅଙ୍କୁ ଦେଖିବାକୁ ନ ପାଇ ପଡାର ମହିଳାମାନେ ତାଙ୍କ ଫୋନ୍ କରିଥିଲେ । ହେଲେ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ଥିଲା । ଏହାପରେ ପଡାରେ ହଇଚଇ ସୃଷ୍ଟି ହୋଇଥିଲା ଓ ଆରତୀ ପଡାର ଅନେକ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇ ଫେରାର ହୋଇଯାଇଥିବା ଜଣାପଡିଥିଲା । ଅଚିହ୍ନା ମହିଳାଙ୍କୁ ବିଶ୍ୱାସ କରି ପଡାବାସୀ ଲକ୍ଷାଧିକ ଟଙ୍କା ଠକେଇ ହେବା ଚର୍ଚ୍ଚାର ବିଷୟ ହୋଇଛି । ଏ ନେଇ ଟାଉନ୍ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଏ ପର୍ଯ୍ୟନ୍ତ ୭/୮ ଜଣ ମହିଳା ଓ ପୁରୁଷ ଅଭିଯୋଗ କରିଛନ୍ତି ଓ ସେମାନଙ୍କଠାରୁ ୧୮.୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗ ହୋଇଥିବା ପୋଲିସ ପକ୍ଷରୁ କୁହାଯାଇଛି । ତେବେ ୫୦ରୁ ଊର୍ଦ୍ଧ୍ୱ ମହିଳାଙ୍କଠାରୁ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ କରି ମହିଳା ଜଣକ ଫେରାର ଥିବା ସନ୍ଦେହ କରାଯାଉଛି । ଏହି ମହିଳା ଜଣକ ଅନ୍ୟ ସହରରେ ମଧ ଅନୁରୂପ ଭାବେ ଠକେଇ କରିଥିବା ଚର୍ଚ୍ଚାର ବିଷୟ ହୋଇଛି।



## ଜିଲା ଚିଠି
## ରାୟଗଡ଼ା

### ଶିକ୍ଷା ବ୍ୟବସ୍ଥା

ସମାଜର ତଳସ୍ତରରେ ଥିବା ଛାତ୍ରୀଛାତ୍ର ଯେଭଳି ଉପଯୁକ୍ତ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ସରକାରୀସ୍ତରରେ ପ୍ରଣୟନ ହୋଇଛି ଅନେକ ଯୋଜନା। ହେଲେ ଯୋଜନାର ବାସ୍ତବ ଉପଲବ୍ଧି ଶୂନ। ରାୟଗଡ଼ା ଜିଲାରେ ଅଛି ଏହାର ସ୍ପଷ୍ଟ ପ୍ରତିଫଳନ। ଜିଲାରେ କମିବାରେ ଲାଗିଛି ଶିକ୍ଷାର ମାନ। ଏଠାରେ ଶିକ୍ଷାର ବିକାଶ ଯେତିକି ପରିମାଣରେ ହେବା କଥା ସେତିକି ହୋଇପାରିନାହିଁ। ସାକ୍ଷରତା ମନୁଷ୍ୟକୁ ସ୍ୱତନ୍ତ୍ର ପରିଚୟ ଦେବା ସହ ସ୍ୱାଭିମାନର ସହ ବଞ୍ଚିବାକୁ ସୁଯୋଗ ଦେଇଥାଏ। ହେଲେ ରାୟଗଡ଼ା ଜିଲାରେ ଛାତ୍ରୀଛାତ୍ରଙ୍କ ପାସ ହାର ଦିନକୁ ଦିନ ନିରୁତ୍ସାହିତ ହେଉଛି। ଜିଲାର ୪ବର୍ଷର ମାଟ୍ରିକ ପରୀକ୍ଷା ଫଳ ଦେଖିଲେ ଶିକ୍ଷାର ସ୍ଥିତି ସ୍ପଷ୍ଟ ହୋଇଛି। ୨୦୧୫-୧୬ ମାଟ୍ରିକ ପରୀକ୍ଷା ଫଳର ପାସ ହାର ୮୩.୨୨ ଥିବା ବେଳେ ୨୦୧୬-୧୭ ରେ ୮୮.୮୧%, ୨୦୧୭-୧୮ରେ ୭୨.୪୧ %, ୨୦୧୮-୧୯ ରେ ୬୦.୮୯ ପ୍ରତିଶତ ରହିଥିଲା। ଜିଲାରେ ଉଚ୍ଚ ଶିକ୍ଷା ସମ୍ପର୍କରେ ନ କହିବା ଭଲ। ମହାବିଦ୍ୟାଳୟ ଅଭାବରୁ ଛାତ୍ରୀଛାତ୍ର ଅନ୍ୟ ଜିଲା ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ଆଦର୍ଶ ବିଦ୍ୟାଳୟର ଅଭାବ, ଶିକ୍ଷକ ପଦବୀ ଖାଲି ପଡ଼ିବା କାରଣରୁ ଜିଲାରେ ଉଚ୍ଚ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସର୍ବମୋଟ ୯୩୬ ପଦବୀ ଖାଲି ପଡ଼ିଛି। ୨୬ଟି ପ୍ରଧାନ ଶିକ୍ଷକ ପଦବୀ ପୂରଣ ହୋଇପାରୁନାହିଁ। ଉଚ୍ଚ ମାଧ୍ୟମିକ ସ୍କୁଲରେ ୮୮୩ ଶିକ୍ଷକଙ୍କ ଆବଶ୍ୟକତା ରହିଛି। କିନ୍ତୁ ଅଛନ୍ତି ମାତ୍ର ୫୮୪ ଶିକ୍ଷକ। ୨୯୯ ପଦବୀ ଖାଲି ପଡିଛି। ଶିକ୍ଷକ ଶିକ୍ଷୟିତ୍ରୀ ସରକାରଙ୍କ ବିଭିନ୍ନ ଯୋଜନାରେ ନିୟୋଜିତ ରହୁଛନ୍ତି। ମନ ମୁତାବକ ପାଠ ନ ପଢ଼ାଇବା, ଠିକ ସମୟରେ ପାଠ ନ ସାରିବା, ଶିକ୍ଷକମାନେ ଅନୁପସ୍ଥିତ ରହିବା, ବିଳମ୍ବରେ ସ୍କୁଲକୁ ଆସିବା, ସମୟ ପୂର୍ବରୁ ସ୍କୁଲ ଛାଡିବା, ପାଠ ପଢ଼ା ସମୟରେ ଫୋନରେ କଥା ହେବା ଆଦି ସାଧାରଣ ଘଟଣା ପାଲଟିଛି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ନିକଟରେ ରାୟଗଡ଼ା ଜିଲା ପରିଦର୍ଶନରେ ଆସିଥିଲେ। ସେ ରାୟଗଡ଼ା ବ୍ଲକ ଗୁମ୍ମା କ୍ଲଷ୍ଟରରେ ଥିବା ଉଦୟପୁର ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। ଉକ୍ତ ବିଦ୍ୟାଳୟର ଜଣେ ୫ମ ଶ୍ରେଣୀ ଛାତ୍ର ୩ କ ପଣିକିଆ କହି ପାରି ନ ଥିଲେ। ସେହିପରି ଅନ୍ୟ ସ୍କୁଲର ଜଣେ ଛାତ୍ର କମ୍ପ୍ୟୁଟର ମଧ୍ୟ ଚିହ୍ନି ପାରି ନ ଥିଲେ। ୨୦୧୯ ମାଟ୍ରିକ ପରୀକ୍ଷା ଫଳ ଅନୁଯାୟୀ, ଜିଲାର ସିଙ୍ଗାରୀ ସରକାରୀ ୟୁଜି ହାଇସ୍କୁଲ , ଗୋରଣ୍ଡା , ଖରିଗୁଡ଼ା, ଡ଼ିମିରିଗୁଡ଼ା, ସମ୍ବାରିଲାଣ୍ଡି, ମଧୁମୁଣ୍ଡା, ମିରାବାଲୀ, ସିରୁହଲି ସରକାରୀ ୟୁଜି ହାଇସ୍କୁଲ ଆଦି ୮ଟି ସ୍କୁଲର ପରୀକ୍ଷା ଫଳ ୦ ପ୍ରତିଶତ ହୋଇଥିଲା। ଏପରି ସ୍ଥିତିରେ ଜିଲାର ଶିକ୍ଷା ବ୍ୟବସ୍ଥାକୁ ସଜାଡିବା ପାଇଁ ସବୁସ୍ତରରେ ଉଦ୍ୟମ ପାଇଁ ବୁଦ୍ଧିଜୀବୀମାନେ ଗୁରୁତ୍ୱାରୋପ କରିଛନ୍ତି।

– ଭାଗ୍ୟଶ୍ରୀ ମିଶ୍ର

■ ସରକାରଙ୍କ ଫୋକସ୍‌ରେ ସ୍ୱାସ୍ଥ୍ୟସେବା

# ୬ ଜିଲା ପାଇଁ ସହାୟତା ଘୋଷଣା

**ଭୁବନେଶ୍ୱର,୭।୧୨(ବ୍ୟୁରୋ)**

ରାଜ୍ୟର ସ୍ୱାସ୍ଥ୍ୟ ଭିତ୍ତିଭୂମି ଓ ସେବାକୁ ଅଧିକ ଲୋକକୈନ୍ଦ୍ରିକ କରିବାକୁ ସରକାର ପ୍ରୟାସ ଜାରି ରଖିଛନ୍ତି। ଚଳିତ ବର୍ଷ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ କରାଯାଇଥିବା 'ମୋ ସରକାର' କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସେବାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ରାଜ୍ୟ ପ୍ରଶାସନର ଶୀର୍ଷ ଅଧିକାରୀମାନେ ବିଭିନ୍ନ ଜିଲା ଗସ୍ତ କରି ସ୍ୱାସ୍ଥ୍ୟସେବା କିପରି ଚାଲିଛି, ସେ ସମ୍ପର୍କିତ ରିପୋର୍ଟ ସଂଗ୍ରହ କରିଥିଲେ। ଏହି ରିପୋର୍ଟକୁ ଆଧାର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ପ୍ୟାକେଜ୍‌ର ମଧ ଘୋଷଣା କରିଥିଲେ। ସେହିକ୍ରମରେ ଶନିବାର ୬ ଜିଲାର ସ୍ୱାସ୍ଥ୍ୟ ଭିତ୍ତିଭୂମି ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ଏକାଧିକ ଘୋଷଣା କରିଛନ୍ତି। ଏହି ଜିଲାଗୁଡିକ ହେଉଛି-ସମ୍ବଲପୁର, ଦେବଗଡ଼, ବଲାଙ୍ଗୀର, ଅନୁଗୋଳ, ସୁବର୍ଣ୍ଣପୁର ଓ କେନ୍ଦ୍ରାପଡ଼ା।

ଉପରୋକ୍ତ ନିଷ୍ପତ୍ତି ଅନୁଯାୟୀ ସମ୍ବଲପୁର, କେନ୍ଦ୍ରାପଡ଼ା, ସୁବର୍ଣ୍ଣପୁର,ଅନୁଗୋଳ ଏବଂ ଦେବଗଡ଼ ଜିଲାର ସଦର ମହକୁମା ଚିକିତ୍ସାଳୟର ରୋଗୀ କଲ୍ୟାଣ ସମିତିଗୁଡିକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୫ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ। ଅନୁରୂପଭାବେ ବଲାଙ୍ଗୀର ଜିଲାର ସନ୍ଥ ଭୀମଭୋଇ ମେଡିକାଲ କଲେଜର ରୋଗୀ କଲ୍ୟାଣ ସମିତିକୁ ମଧ ୧୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହି ୬ ଜିଲାର ଏସ୍‌ପିମାନଙ୍କୁ ରକ୍ତଦାନ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ ୧୦ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ। ଏହି ସମସ୍ତ ହସ୍ପିଟାଲର ରୋଗୀମାନଙ୍କ ଆଟେଣ୍ଡାଣ୍ଟଙ୍କ ପାଇଁ ସ୍ୱତନ୍ତ୍ର ସେଡ୍(ବିଶ୍ରାମସ୍ଥଳୀ) ବ୍ୟବସ୍ଥା କରାଯିବ। ସମ୍ବଲପୁର ଜିଲା ହସ୍ପିଟାଲରେ ମାତୃ ଓ ଶିଶୁ ଚିକିତ୍ସା କେନ୍ଦ୍ରରେ ୫୦ ଅତିରିକ୍ତ ଶଯ୍ୟା ସହ କାଜୁଆଲିଟି ଓ ବହିଃବିଭାଗ ଚିକିତ୍ସା ବିଲ୍ଡିଂ ନିର୍ମାଣ କରାଯିବ। ସେହିପରି ଜିଲା ସଦର ମହକୁମା ହସ୍ପିଟାଲରେ ମା' ଗୃହ ପାଇଁ ନୂଆ ବିଲ୍ଡିଂ ତିଆରି କରାଯିବ। ସଦର ମହକୁମା ହସ୍ପିଟାଲରେ ରୋଗ ପରୀକ୍ଷା ପାଇଁ ସମନ୍ୱିତ ଲାବୋରେଟୋରି ଉନ୍ନତୀକରଣ ସହ ଡାଏଲିସିସ୍ ୟୁନିଟ୍ ଓ ଆଇସିୟୁ ପ୍ରତିଷ୍ଠା କରାଯିବ। ଏହି ହସ୍ପିଟାଲକୁ ସ୍ୱତନ୍ତ୍ର ଚିକିତ୍ସା ପାଇଁ ବୁର୍ଲାସ୍ଥିତ ଭିମ୍‌ସାର୍‌ର ଏକ ସାଟେଲାଇଟ ସେଣ୍ଟର ଭାବେ ବିକଶିତ କରାଯିବ। ଏଥିସହିତ ଡିପିଏମ୍‌ୟୁ ବିଲ୍ଡିଂ ପାଇଁ ଅତିରିକ୍ତ ଭିତ୍ତିଭୂମି ନିର୍ମାଣ କରାଯିବ।



■ ପ୍ରତି ରୋଗୀ କଲ୍ୟାଣ ସମିତିକୁ ୧୫ ଲକ୍ଷ

■ ରକ୍ତଦାନ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ

ଦେବଗଡ଼ ଜିଲା ସଦର ମହକୁମା ହସ୍ପିଟାଲର ଶଯ୍ୟା ସଂଖ୍ୟା ୬୦ରୁ ୨୦୦କୁ ବୃଦ୍ଧି କରାଯିବ। ଅନୁଗୋଳ ଜିଲା ସଦର ମହକୁମା ହସ୍ପିଟାଲର ଶଯ୍ୟା ସଂଖ୍ୟା ୧୯୨ରୁ ୩୦୦କୁ ବୃଦ୍ଧି କରାଯିବା ସହ ଉକ୍ତ କ୍ୟାମ୍ପସ ମଧ୍ୟରେ ଏକ ନୂଆ ବିଲ୍ଡିଂ ନିର୍ମାଣ କରାଯିବ। ଡାୟଲିସିସ୍ ୟୁନିଟ୍‌ର ସମ୍ପ୍ରସାରଣ କରାଯିବ। ଆଇସିୟୁ ୟୁନିଟ୍‌ର ସୁଦୃଢ଼ୀକରଣ ସହିତ ଆନେସ୍ଥେସିଆ ୱାର୍କ ଷ୍ଟେଶନ, ଅତିରିକ୍ତ ଇଲେକ୍ଟ୍ରିକ୍ ଅଟୋକ୍ଲେ ଏବଂ ଅତିରିକ୍ତ ଇସିଜି ମେଶିନ୍ ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି କରାଯାଇଛି। କେନ୍ଦ୍ରାପଡ଼ା ଜିଲା ସଦର ମହକୁମା ହସ୍ପିଟାଲର ଶଯ୍ୟା ସଂଖ୍ୟା ୧୭୫ରୁ ୨୦୦କୁ ବୃଦ୍ଧି କରାଯିବ। ଏଥିସହିତ ନୂଆ କ୍ୟାମ୍ପସରେ ଷ୍ଟାଫ୍ କ୍ୱାର୍ଟର୍ସ, ଆଧୁନିକ ଓପିଡି ଏବଂ ଆଇସିୟୁ ସ୍ଥାପନ କରାଯିବ। ଡାଏଲିସିସ୍ ୟୁନିଟ୍‌ର ସମ୍ପ୍ରସାରଣ ସହିତ ୨ଟି ଅତିରିକ୍ତ ଆମ୍ବୁଲାନ୍ସ ଓ ଗୋଟିଏ ଅତିରିକ୍ତ ମହାପ୍ରୟାଣ ଯାନ ଯୋଗାଇ ଦିଆଯିବ। ସୁବର୍ଣ୍ଣପୁର ଜିଲା ସଦର ମହକୁମା ସୋନପୁରରେ ଥିବା ୨୦୦ ଶଯ୍ୟା ବିଶିଷ୍ଟ ୭ ମହଲା ବିଲ୍ଡିଂ ନିର୍ମାଣର କାର୍ଯ୍ୟ ଏକ ମାସ ମଧ୍ୟରେ ଆରମ୍ଭ କରାଯିବ ବୋଲି ନିଷ୍ପତ୍ତି କରାଯାଇଛି। ଏଥିସହିତ ଜିଲା ହସ୍ପିଟାଲରେ ସେବାର ମାନ ବୃଦ୍ଧି ପାଇଁ ଅଲଟ୍ରାସାଉଣ୍ଡ ମେଶିନ୍ , ବିଲ୍‌ରୁବିନୋମିଟର, ସେମି ଅଟୋ ଆନାଲାଇଜର, ମଲ୍ଟି ପାରା ମନିଟର ଏବଂ ସିବିସି ମେଶିନ୍ ଯୋଗାଇ ଦିଆଯିବ। ବଲାଙ୍ଗୀର ଜିଲା ସନ୍ଥ ଭୀମଭୋଇ ମେଡିକାଲ କଲେଜର ଶିକ୍ଷାଦାନ ଓ ହସ୍ପିଟାଲ ବିଲ୍ଡିଂ ନିର୍ମାଣ ୨୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ। ସେହିପରି ହସ୍ପିଟାଲରେ ଏକ ଶବଗୃହ ୟୁନିଟ୍ ମଧ ପ୍ରତିଷ୍ଠା କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଗଞ୍ଜେଇ ଚୋରା ଚାଲାଣ ମାମଲା

## ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ ଜେଲ

**ଛତ୍ରପୁର,୭।୧୨(ଡି.ଏନ.ଏ)**

ଗଞ୍ଜାମ ଜିଲା ଛତ୍ରପୁର ଏଡିଜେ ସ୍ୱାଗତୀ ଦାଶ ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହାସହ ତାଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଏବଂ ୨ ଲକ୍ଷ ଟଙ୍କାର ଜରିମାନା କରାଯାଇଛି। ଜରିମାନା ଅନାଦାୟ ଆଉ ଏକ ବର୍ଷ ଜେଲ୍ ଭୋଗିବାକୁ ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଜଗବନ୍ଧୁପୁର ଗାଁର ରଘୁନାଥ ପ୍ରଧାନ । ୨୦୧୭ ସେପ୍ଟେମ୍ବର ୨୯ରେ ସେ ଗଞ୍ଜେଇ ଧରି ଛତ୍ରପୁର ଷ୍ଟେଶନ ୨ନଂ. ପ୍ଲାଟଫର୍ମରେ ଠିଆ ହୋଇଥିବାବେଳେ ଆରପିଏଫ୍ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଅବକାରୀ ବିଭାଗ ଅଧିକାରୀମାନେ ୨୫ କି.ଗ୍ରା ଗଞ୍ଜେଇ ଜବତ କରିବା ସହ ରଘୁନାଥଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ।

### ଧାନ ଗବେଷଣା ଅନୁଷ୍ଠାନରେ ଅଗ୍ନିକାଣ୍ଡ

କଟକଅଫିସ,୭।୧୨: କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆରଆରଆଇ) ରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ଫଳରେ ଅଡିଟୋରିୟମ ହଲରେ ଲାଗିଥିବା ପ୍ଲାଏବୋର୍ଡ ଓ ଅନ୍ୟାନ୍ୟ ବୈଦ୍ୟୁତିକ ସାମଗ୍ରୀ ସମ୍ପୂର୍ଣ୍ଣ ପୋଡିଯାଇଥିବାବେଳେ କେହି ଆହତ ହୋଇନାହାନ୍ତି।

## ଜଙ୍ଗଲରୁ ନବଜାତ ଶିଶୁକନ୍ୟା ଉଦ୍ଧାର

**ବାରିପଦା ଅଫିସ/ ଚିତ୍ରଡା, ୭।୧୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବେତନଟି ଥାନା ଅଧୀନ କେନ୍ଦୁଛାଟିଆ ଜଙ୍ଗଲରୁ ଶନିବାର ସନ୍ଧ୍ୟା ପ୍ରାୟ ସାଢେ ୬ ଟା ୩୦ ବେଳେ ଏକ ନବଜାତ ଶିଶୁ କନ୍ୟାକୁ ଉଦ୍ଧାର କରାଯାଇଛି। ଜଙ୍ଗଲ ରାସ୍ତା ଦେଇ କେତେକ ଲୋକ ଫେରୁଥିବା ବେଳେ ଶିଶୁର କାନ୍ଦ ଶୁଣି ନିକଟକୁ ଯାଇ ଦେଖିଥିଲେ। ପରେ ସେମାନେ ସ୍ଥାନୀୟ ଆଶାକର୍ମୀଙ୍କୁ ଖବର ଦେଇଥିଲେ। ଯୁବ ସାମଜିକ କର୍ମୀ ମହେଶ୍ୱର ମହାନ୍ତିଙ୍କ ଉଦ୍ୟମ କ୍ରମେ ଏହି ଶିଶୁକନ୍ୟାକୁ ଉଦ୍ଧାର କରି କିସାନତାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶିଶୁ କନ୍ୟା ସୁସ୍ଥ ଥିବା ଏବଂ ତାର ଓଜନ ୨ କିଗ୍ରା ଶହେ ଗ୍ରାମ ରହିଥିବା ଜଣାପଡିଛି। ପରେ ଏହି ଶିଶୁକନ୍ୟାଙ୍କ ଅଧିକ ଚିକିତ୍ସା ଲାଗି ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

■ କଫ୍ ସିରପ୍ ଚଢ଼ାଉରେ ଅଭିଯୁକ୍ତ ବଦଳ ଘଟଣା

# ଏଡିଏମ୍‌ଙ୍କୁ ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

**ବଲାଙ୍ଗୀର ଅଫିସ, ୭।୧୨**

କଫ୍ ସିରପ୍ ଜବତ ଘଟଣାରେ ପ୍ରକୃତ ଅଭିଯୁକ୍ତ ବଦଳରେ ଅନ୍ୟ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ନେଇ ଶନିବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ହଇଚଇ ସୃଷ୍ଟି ହୋଇଛି। ଖବର ପ୍ରକାଶନ ପରେ ଜିଲାପାଳ ଅରିନ୍ଦମ ଡାକୁଆ ଘଟଣାର ସବିଶେଷ ତଦନ୍ତ କରିବାକୁ ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଜିଲାପାଳ ଡାକୁଆଙ୍କୁ ପଚରାଯିବାରୁ ଘଟଣାର ତଦନ୍ତ କରିବାକୁ ସେ ଏଡିଏମ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓ ରିପୋର୍ଟ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଗତ ବୁଧବାର ଅବକାରୀ ବିଭାଗ ପକ୍ଷରୁ ଜିଲାର ବେଲପଡା ଓ ତରାଗାଁରେ ଚଢ଼ାଉ କରାଯାଇ ୨ହଜାର ବୋତଲ କଫ୍ ସିରପ୍ ଜବତ କରାଯାଇ ବେଲପଡାର ବାବୁଲି ପୃଷ୍ଟି ଓ ତରାଗାଁର ଗୋବିନ୍ଦ ନାଗଙ୍କୁ କୋର୍ଟଚାଲାଣ କରାଯାଇଥିଲା । ତେବେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ଅବକାରୀ ପୋଲିସ ତରାଗାଁର ପ୍ରକୃତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ ନ କରି ତାଙ୍କ ସ୍ଥାନରେ ତାଙ୍କର ଜଣେ ସମ୍ପର୍କୀୟ ଭାଇଙ୍କୁ କୋର୍ଟଚାଲାଣ କରିଥିବା ଜଣାପଡିଥିଲା। ଏହି ଅଭିଯୁକ୍ତ ବଦଳ ଘଟଣାକୁ ନେଇ ଜିଲା ଅବକାରୀ ଅଧୀକ୍ଷକ ଶ୍ରୀକର ମାଝି ଓ ଘଟଣାର ତଦନ୍ତକାରୀ ଅଧିକାରୀ ଥିବା ପାଟଣାଗଡ଼ ଅବକାରୀ ସବ୍‌ଇନ୍ସପେକ୍ଟର ବିଶ୍ୱନାଥ ପରିଡା ଭିନ୍ନ ତଥ୍ୟ ପ୍ରଦାନ କରିଥିଲେ । ଫଳରେ ଘଟଣାଟି ଅଧିକ ରହସ୍ୟଜନକ ହୋଇପଡିଥିଲା । ଅବକାରୀ ଅଧୀକ୍ଷକ ମାଝି ଘଟଣା ଦିନ ତରଗାଁରେ ଯେଉଁ ଲୋକଙ୍କ ଘରେ ଅବକାରୀ ଟିମ୍ ଚଢ଼ାଉ କରି ବେଆଇନ କଫ୍ ସିରପ୍ ଜବତ କରିଥିଲା ସେଠାରୁ ଅଭିଯୁକ୍ତ ଅନୁପସ୍ଥିତ ଥିବାରୁ ତାଙ୍କ ସ୍ତ୍ରୀଙ୍କୁ ଅଫିସକୁ ଆଣିଥିବା କହିଥିଲେ । ପରବର୍ତ୍ତୀ ସମୟରେ ତରାଗାଁର ଗୋବିନ୍ଦ ନାଗଙ୍କୁ କୋର୍ଟଚାଲାଣ କରାଯାଇଥିଲା। ତେବେ ତଥ୍ୟାଭିଜ୍ଞ ମହଲରୁ ମିଳିଥିବା ସୂଚନା ଅନୁସାର ଅବକାରୀ ପୋଲିସ ଟିମ୍ ଗୋବିନ୍ଦ ନାଗଙ୍କ ଘରେ ଚଢ଼ାଉ କରି ନ ଥିଲେ କି ତାଙ୍କ ସ୍ତ୍ରୀଙ୍କୁ ଅବକାରୀ ଅଫିସକୁ ଆଣି ନ ଥିଲେ। ପରେ କିନ୍ତୁ ଅବକାରୀ ପୋଲିସ ପ୍ରକୃତ ଅଭିଯୁକ୍ତଙ୍କ ବଦଳରେ ତାଙ୍କର ଜଣେ ସମ୍ପର୍କୀୟ ଭାଇ ତଥା ଟ୍ରାକ୍ଟର ଡ୍ରାଇଭର ଗୋବିନ୍ଦ ନାଗଙ୍କୁ କୋର୍ଟଚାଲାଣ କରିଥିଲା। ଏହି ଘଟଣା ଜଣାପଡିବା ପରେ ତରାଗାଁରେ ଚର୍ଚ୍ଚା ଜୋର ଧରିଥିଲା । ଏନେଇ ପାଟଣାଗଡ ଅବକାରୀ ସବ୍‌ଇନ୍ସପେକ୍ଟର ପରିଡାଙ୍କୁ ପଚରାଯିବାରୁ ଘଟଣାଦିନ ଯେଉଁ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରାଯାଇଥିଲା ତାଙ୍କୁ ହିଁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି ବୋଲି କହିଥିଲେ । ଅଭିଯୁକ୍ତ ବଦଳ ଘଟଣାକୁ ନେଇ ତରାଗାଁରେ ହଇଚଇ ସୃଷ୍ଟି ହୋଇଥିବାବେଳେ ଅବକାରୀ ଅଧୀକ୍ଷକ ମାଝି ଓ ସବ୍‌ଇନ୍ସପେକ୍ଟର ପରିଡାଙ୍କ ବକ୍ତବ୍ୟରେ ତାଳମେଳ ନ ରହିବା ଘଟଣାକୁ ଅଧିକ ରହସ୍ୟଜନକ କରିଦେଇଛି । ଏନେଇ ଖବର ପ୍ରକାଶନ ପରେ ଘଟଣାର ଗୁରୁତ୍ୱକୁ ଉପଲବ୍ଧ କରି ଜିଲାପାଳ ଡାକୁଆ ଏହାର ତଦନ୍ତ ଦାୟିତ୍ୱ ଏଡିଏମ୍‌ଙ୍କୁ ନ୍ୟସ୍ତ କରିଥିବା ଜଣାପଡିଛି। ତଦନ୍ତ ରିପୋର୍ଟ ଆସିବା ପରେ ଘଟଣା ଉପରୁ ପ୍ରକୃତ ରହସ୍ୟ ହଟିବ ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

■ଜିଲାସ୍ତରୀୟ କବାଡି ଖେଳାଳି ଚୟନ ଶିବିର, ନାରୀ ସେବା ସଦନ ପଡିଆ, ସକାଳ ୭ଟା ।
■ଦେବଝରନ ବିକାଶ ମଞ୍ଚର ସଫେଇ ଅଭିଯାନ, ଦେବଝରନ, ପୂର୍ବାହ୍ନ ୯ଟା।
■ଝୋଟି, ଅଲପିନା, ରଙ୍ଗୋଲି ଓ ଚିତ୍ରାଙ୍କନ ପ୍ରତିଯୋଗିତା, ଅଇଁଠାପାଲି ପିଏଚଡି ପଡିଆ, ପୂର୍ବାହ୍ନ ୯ଟା ।
■ବାର୍ଷିକ କ୍ରୀଡା ପ୍ରତିଯୋଗିତା, ଟାଙ୍ଗରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପଡିଆ, ପୂର୍ବାହ୍ନ ୯ଟା ।
■ରୋଟାରୀ କ୍ଲବ ପକ୍ଷରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ଭତରା ଏସ୍.ଏନ୍. ରୋଟାରୀ ଚାଇଲ୍ଡ ହସ୍ପିଟାଲ, ପୂର୍ବାହ୍ନ ସାଢ଼େ ୯ଟା ।
■ସିଆଇଟିୟୁ ପକ୍ଷରୁ ରାଲି, ସମ୍ବଲପୁର ରେଳ ଷ୍ଟେଶନ ସମ୍ମୁଖ, ପୂର୍ବାହ୍ନ ୧୦ଟା ।
■ଜ୍ୟୋତି ପକ୍ଷରୁ ଭିନ୍ନକ୍ଷମ ଦିବସ ଉତ୍ସବ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ପୂର୍ବାହ୍ନ ୧୦ଟା ।
■ବିଶ୍ୱ ବୌଦ୍ଧିକ ଭିନ୍ନକ୍ଷମ ଦିବସ, ଧନକଉଡା ଭିଏସ୍‌ଏସ୍ ମାନସିକ ଭିନ୍ନକ୍ଷମ ସ୍ୱତନ୍ତ୍ର ସ୍କୁଲ, ଅପରାହ୍ନ ୪ଟା।
■ସିଆଇଟିୟୁର ୧୪ତମ ରାଜ୍ୟ ସମ୍ମିଳନୀ, ତପସ୍ୱିନୀ ପ୍ରେକ୍ଷାଳୟ, ଅପରାହ୍ନ ୪ଟା ।
■ସମ୍ବଲପୁର ମହୋତ୍ସବ- ୨୦୧୯ର ଉଦ୍‌ଘାଟନୀ ଉତ୍ସବ, ଅଇଁଠାପାଲି ପିଏଚ୍‌ଡି ପଡିଆ ମଞ୍ଚ, ସନ୍ଧ୍ୟା ୬ଟା।
■ରଣେଶ୍ୱର ରାମଚଣ୍ଡୀ ମନ୍ଦିର ରତ୍ନମୁଦ ନୀତି, ଦାନୀପାଲି, ସକାଳ ୮ଟା ।
■ଆଇଏନ୍‌ଟିୟୁସିର ଶୋଭାଯାତ୍ରା, ଅଇଁଠାପାଲି ଛକ, ଅପରାହ୍ନ ୩ଟା ।
■'ଗାନ୍ଧୀ ଓ ପରିବେଶ' ଶୀର୍ଷକ ଆଲୋଚନା ଚକ୍ର, ଭିଏସ୍‌ଏସ୍ ମାର୍ଗସ୍ଥିତ ଶିଳା ଟାୱାର ସଭାକକ୍ଷ, ସନ୍ଧ୍ୟା ୫ଟା ।

**ଲୋଇସିଂହା**

■ବ୍ଲକସ୍ତରୀୟ ଲୋକ ଉତ୍ସବ, ବ୍ଲକ ପରିସର, ପୂର୍ବାହ୍ନ ୧୦ଟା।

**ଉଲୁଣ୍ଡା**

■ବ୍ଲକସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ, ଉଲୁଣ୍ଡା କଲେଜ ପଡିଆ, ପୂର୍ବାହ୍ନ ୧୦ଟା।

**ମୁରିବାହାଲ**

■ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ, ବ୍ଲକ ପରିସର, ବଜାରପଡା, ପୂର୍ବାହ୍ନ ୧୦ଟା।

**ଖପ୍ରାଖୋଲ**

■ବ୍ଲକସ୍ତରୀୟ ଲୋକ ମହୋତ୍ସବ, ବ୍ଲକ କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

**ସିନାପାଲି**

■ଜଗନ୍ନାଥ ମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ, ମନ୍ଦିର ପରିସର, ଅପରାହ୍ନ ୪ଟା।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ମହାନଦୀରେ ବୁଡ଼ି ହାତୀ ଶାବକ ମୃତ

**ସୋନପୁର/ଉଲୁଣ୍ଡା, ୭।୧୨(ନି.ପ୍ର./ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ମହାନଦୀର ବାଘପାଲି ଘାଟ ନିକଟ ପାଣିରେ ବୁଡ଼ି ଏକ ହାତୀ ଶାବକର ମୃତ୍ୟୁ ହୋଇଛି। ଶନିବାର ସକାଳ ୬ଟାରେ ଏହି ଘଟଣା ଘଟିଛି। ମୃତ ଅଣ୍ଡିରା ହାତୀ ଶାବକଟି ୪୫ରୁ ୬୦ ଦିନର। ତା'ର ଲମ୍ବ ୧୬୨ ସେଣ୍ଟିମିଟର ଓ ଉଚ୍ଚତା ୮୦ ସେଣ୍ଟିମିଟର ବୋଲି ବନ ବିଭାଗ କହିଛି। ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ବନ ବିଭାଗ ଗାତ ଖୋଳି ମୃତଦେହକୁ ନଦୀବନ୍ଧରେ ପୋତି ଦେଇଛି। ହାତୀ ଶାବକଟି ନଦୀ ପାର ହେବାକୁ ଚେଷ୍ଟା କରିଥିଲା । ହେଲେ ପାଣିରେ ବୁଡି ଶାବକର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି । ମୃତ୍ୟୁର ଠିକ୍ କାରଣ ଜାଣିବା ପାଇଁ ମୃତଦେହର ବିଭିନ୍ନ ଅଂଶକୁ କାଟି ସଂରକ୍ଷିତ କରି ରଖାଯାଇଛି। ଏହା ବନ୍ୟଜନ୍ତୁ ଫୋରେନସିକ୍ ଲାବୋରେଟୋରିକୁ ପରୀକ୍ଷା ପାଇଁ ପଠାଯିବ ବୋଲି ସୁବର୍ଣ୍ଣପୁର ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ କହିଛନ୍ତି ।



ହାତୀ ଶାବକର ମୃତଦେହ ନିକଟରେ ବନ ବିଭାଗ ଅଧିକାରୀମାନେ।

ପ୍ରକାଶ ଯେ, ଖାଦ୍ୟ ଅନ୍ୱେଷଣରେ ସମ୍ବଲପୁର ଜିଲା ରେଢାଖୋଲ ଜଙ୍ଗଲରୁ ଏକ ହାତୀପଲ ସୁବର୍ଣ୍ଣପୁର ବନଖଣ୍ଡକୁ ଚାଲି ଆସିଥିଲେ। ସେମାନେ ଗତ ଦେଢମାସ ହେବ ଜିଲାର ବିନିକା ଓ ଉଲୁଣ୍ଡା ଜଙ୍ଗଲ ଅଞ୍ଚଳରେ ରହି ବ୍ୟାପକ ପାଚିଲା ଧାନ ଫସଲ ଖାଇ ଓ ପାଦରେ ଦଳି ନଷ୍ଟ କରୁଥିଲେ। ବନବିଭାଗ ପକ୍ଷରୁ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା। ଶୁକ୍ରବାର ହାତୀପଲ ସୋନପୁର ବନାଞ୍ଚଳର କୀର୍ତ୍ତିପୁର ଜଙ୍ଗଲରେ ଥିଲେ । ରାତିରେ ଅଙ୍ଗନଦୀ ପାର ହୋଇ ବିନିକା ପଟକୁ ଯାଇଥିଲେ। ଶନିବାର ସକାଳେ ଏହି ପଲ ମହାନଦୀ ପାର ହୋଇ ଉଲୁଣ୍ଡା ଜଙ୍ଗଲକୁ ଯାଉଥିଲେ। ପଲରେ ମୋଟ ୨୪ଟି ହାତୀ ଥିଲେ। ସେଥିମଧ୍ୟରୁ ୨୦ଟି ମାଈ, ୨ଟି ଅଣ୍ଡିରା(ଦନ୍ତା) ଓ ୨ଟି ଶାବକ । ଗୋଟିଏ ଶାବକର ଶନିବାର ମୃତ୍ୟୁ ହୋଇଛି। ଶାବକଟି ନଦୀରେ ବୁଡି ଯିବା ପରେ ବଡ ହାତୀମାନେ ତାକୁ ଶୁଣ୍ଢରେ ଟାଣି ନଦୀ ଆଡିକୁ ଆଣିଥିଲେ। ଟାଣିବା ସମୟରେ ଶାବକର ଶୁଣ୍ଢରେ କ୍ଷତ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି। ବହୁ ସମୟ ଧରି ହାତୀପଲ ନଦୀ କୂଳରେ ଅଟକି ରହିଥିଲେ । ପରେ ସେମାନେ ସ୍ଥାନୀୟ ବଡାଲି ପାହାଡକୁ ଚାଲି ଯାଇଛନ୍ତି। ଖବର ପାଇ ବନଖଣ୍ଡ ଅଧିକାରୀ ସାମନ୍ତରାୟ, ସହକାରୀ ବନ ସଂରକ୍ଷକ ସୁଶୀଲ କୁମାର ତ୍ରିପାଠୀ, ବନପାଳ ଦୀନେଶ ମାଝି ପ୍ରମୁଖ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଡିଏଫ୍‌ଓ ଘଟଣା ସମ୍ପର୍କରେ ପ୍ରଧାନ ମୁଖ୍ୟ ବନସଂରକ୍ଷକ(ବନ୍ୟଜନ୍ତୁ)ଙ୍କୁ ରିପୋର୍ଟ କରିଛନ୍ତି। ଉଲୁଣ୍ଡା ବ୍ଲକ ପ୍ରାଣୀ ଅଧିକାରୀ(ବିଭିଓ) ଡାକ୍ତର ସତ୍ୟନାରାୟଣ ସାହୁ ହାତୀ ଶାବକର ମୃତଦେହ ବ୍ୟବଚ୍ଛେଦ କରିଛନ୍ତି।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ

## ସଂକ୍ଷେପରେ

### ଅଟୋ ଓଲଟି ଛାତ୍ରୀ ମୃତ

ପଟ୍ଟାମୁଣ୍ଡାଇ, ୭।୧୨ (ସ୍ୱ.ପ୍ର.): କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକର ବଡଗରା ଗ୍ରାମ ନିକଟରେ ଶନିବାର ପୂର୍ବାହ୍ନରେ ଏକ ସ୍କୁଲ ଅଟୋ ଓଲଟି ଜଣେ ୬ ବର୍ଷୀୟା ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ଜଣେ ଶିକ୍ଷୟିତ୍ରୀଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଅଟୋଟିକୁ ଜାଳି ଦେଇଛନ୍ତି। ଅଟୋ ଚାଳକ ଫେରାର ହୋଇ ଯାଇଛନ୍ତି। ମୃତା ଛାତ୍ରୀ ଜଣକ ହେଲେ ବଡଗରା ଗ୍ରାମର ସ୍ୱରୂପାନନ୍ଦ ସ୍ୱାଇଁଙ୍କ ଝିଅ ଲକ୍ଷ୍ମୀପ୍ରିୟା। ସେ ଓଉପଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏଲ.କେଜିରେ ପାଠ ପଢୁଥିଲେ। ସ୍କୁଲ ଛୁଟି ହେବା ପରେ ପୂର୍ବାହ୍ନ ସାଢେ ୧୧ଟାରେ ଲକ୍ଷ୍ମୀପ୍ରିୟା ଅନ୍ୟ ସ୍କୁଲ ପିଲାଙ୍କ ସହ ଓଡି-୨୯ଏଫ୍-୪୮୦୨ ନଂ ଅଟୋରେ ଘରକୁ ଫେରୁଥିଲେ। ମାତ୍ର ଫେରିବାବେଳେ ବଡଗରା ଭେଡା ମଧ୍ୟରେ ଯାଇଥିବା ରାସ୍ତା ବାଙ୍କ ବୁଲିବା ପରେ ଅଟୋଟି ଭାରସାମ୍ୟ ହରାଇ ବିଲ ଭିତରକୁ ଓଲଟି ପଡିଥିଲା। ଫଳରେ ଲକ୍ଷ୍ମୀପ୍ରିୟା ଓ ଅନ୍ୟମାନେ ଆହତ ହୋଇଥିଲେ। ଲକ୍ଷ୍ମୀପ୍ରିୟାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣାରେ ଛାତ୍ର ଓମ୍‌ପ୍ରକାଶ ସ୍ୱାଇଁ, ସୌମ୍ୟଜିତ୍ ସ୍ୱାଇଁ ଓ ସହକାରୀ ଶିକ୍ଷୟିତ୍ରୀ ଶୁଭଶ୍ରୀ ପାଣି ମଧ୍ୟ ଆହତ ହୋଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଲୋକେ ଅଟୋରେ ନିଆଁ ଲଗାଇଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛି।

■ ଦୁର୍ଦ୍ଦିନ୍‌ରେ ବୁଢ଼ୁଧ୍ ଦମ୍ପତି

# ରାଧାଗୋବିନ୍ଦଙ୍କର ଚିକିତ୍ସା ଲାଗି ଟଙ୍କା ଅଭାବ୍

■ ଭତାରୁ ବଂଚିତ୍ ମାଏକିନା ଭଗବତୀ
■ ବଛରେ ଭିତରେ ୨ ପୁଓଙ୍କୁ ହରେଇଛନ୍
■ ୬ ମାସ୍ ହେଲା ଦାଦନ୍ ଯାଇଛନ୍ ସାନପୁଓ

ଲୋଇସିଂହା, ୭।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର କୁମ୍ଭାରପଡ଼ାର ରାଧାଗୋବିନ୍ଦ ପୁଟେଲ(୭୦)। ମାଏକିନା ଭଗବତୀ ଆର ପାଁଚ୍ ପୁଓଙ୍କୁ ନେଇ ତାକର ପରିବାର ହସଖୁସିରେ ଚାଲିଥିଲା। ରାଧାଗୋବିନ୍ଦ ଆର ଭଗବତୀ ଦୁଖ୍‌ସୁଖ କରି କୁଟୁମ ପୁଷୁଥିଲେ। ହେଲେ ଏହେଦେ ବଏସ୍ ଅଧିକା ହେବାର ଲାଗି ରାଧାଗୋବିନ୍ଦ ଅଁଟା ସଲ୍‌ଖେଇ ଚାଲି ନାଇଁପାରବାର, ଭୁଜ୍‌ନି ହାତ୍ କାମ୍ ନାଇଁ କରବାର। ଗଲା ଦୁଇ ବଛର ହେଲା ସେ ଖଟେ ପଡ଼ିଛନ୍। ଇଆଡ଼େ ଟଁକା ପଏସା ଅଭାବୁ ଚିକିତ୍ସା କରେଇ ନାଇଁପାରବାର। ନିଜର ଭାଏଗ୍‌କେ ଆଦ୍‌ରି ଭଂଗା ଦଦ୍‌ରା ମାଏଟ୍ କୁରିଆରେ ପଡ଼ିରହିଛନ୍। ଗଲା ୩ ବଛର ଭିତରେ ସେ ଦୁଇ ବଡ଼ ପୁଓଙ୍କୁ ହରେଇଛନ୍। ଏନ୍‌ତାଥି ସେ ଆହୁରି ଭାଂଗି ପଡ଼ିଛନ୍। ଇଆଡ଼େ ସାନପୁଓ ତାମିଲନାଡୁକେ ଗଲା ୬ ମାସ ହେଲା ଦାଦନ ଖଟି ଯାଇଛନ୍।

ସୂଚନା ଅନ୍‌ସାରେ ରାଧାଗୋବିନ୍ଦଙ୍କର ଜମିବାଡ଼ି ବଲି କିଛି ନାଇଁ, ଖାଲି ଘରଡିହ ଖଁଡ଼େ ରହିଛେ। ସେ ମାଲି ସମାଜର ହେଇଥିଲାବେଲେ ଘର ପାସର ଝନକର ଚାଷ୍ ଜମିକେ ବଁଧକ୍ ରଖି ପନିପରିବା ଚାଷ୍ କରୁଥିଲେ। ସେଥିରୁ ସେ ନିଜର ପିଲାଛୁଆକୁ ପାଲପୋଷ କରବାର ସଂଗେ ୪ ପୁଓକୁ ବିହାଚୁରା କରିଥିଲେ। କୁଟୁମ ବଢ଼ଲା ଉତାରୁ ପୁଓମାନେ ଅଲଗେ ରହୁଥିଲେ। ହେଲେ ଗଲା ୩ ବଛର ତଲେ ବଡ଼ ପୁଓ ଘନର ମୁର୍‌ତୁ ହେଇଥିଲା। ଇତାର ବଛ୍‌ରେ ଉତାରୁ ଦୁଇ ନମର ପୁଓ ଦଶରଥଙ୍କର ମୁର୍‌ତୁ ହେଇଥିଲା। ଇ ସବୁ କଥା ଭାଲି ଭାଲି ରାଧାଗୋବିନ୍ଦ ଦିନୁଦିନ୍‌କେ ବଢ଼େ ରୁଗୀଆ ହେଇଯାଉଛନ୍। ଧାର ଉଧାର କରି ରାଧାଗୋବିନ୍ଦ ବୁର୍ଡ଼ା, ଦିଗଶିରା, ନରିଆବାହାଲି ଲେଖେଁ ଜାଗାକେ ଯାଇ ଚିକିତ୍ସା କରଉଛନ୍। ହେଲେ କିଛି ଲାଭ୍ ନାଇଁ ହେବାର। ତାହାକୁ ଭତା ମିଳୁଛେ, ପଁଚେତ୍‌ରୁ ମାସିକ ମିଳୁଥିବାର ୧୫ କେ.ଜି. ଚାଉଲରେ ବୁଢ଼ୁଧ୍ ଦମ୍ପତି ଦିନ୍ ବିତଉଛନ୍। ୬୦ ଟପି ଯାଇଥିଲେ ବି ଆଏଜ୍‌ତକ ମୋତେ ଭତା ନୁହେମିଲେ। ସାନପୁଓର ନାଁରେ ମିଳୁଥିବାର ଚାଉଲ କୁଟାକେ କାଟି ଦିଆଯାଇଛେ। ଇ ବାବ୍‌ଦେ ପଁଚେତ୍ କର୍ତ୍ତୁରପକ୍ଷଙ୍କୁ କହେଲେ ବି ନାଇଁ ଶୁନବାର। ମୋର ଆପ୍‌ନେର ଉଷୋକଷା ଖରଚ୍ ଆର ଘର ଚଲାବାର ଲାଗି ଇ ବୁଢ଼ି ବଏସେ ବି ମୋତେ ପରହର ଘରେ କାମ୍ କରବାକେ ପଡୁଛେ। ଘରର ଅବସ୍ତା ନାଇଁ କହେବାର ଭଲ୍। ଘରର କବାଟ ନାଁଇନ ଯେ ସିମେଟ ପାଲ ଢାପି ରହୁଛୁଁ। ଆମର ଦୁଖ୍ ଶୁନବାକେ କେହି ନାଇଁ ବଲି ଭଗବତୀ ଅଭିଯୋଗ କରିଛନ୍। ରାଧାଗୋବିନ୍ଦଙ୍କର ଚିକିତ୍ସା ଆର ତାହାକୁ ଗୁଟେ ହ୍ୱିଲ ଚେୟାର ଯୁଗେଇ ଦେବାକେ ଦାବି ହେଉଛେ। ଇ ବାବ୍‌ଦେ ଏବିଡିଓ ବିଜୟ କୁମାର ହୋତାଙ୍କୁ ପଚ୍‌ରାଲାରୁ ଆବେଦନ କଲେ ସୋମବାର ତାହାକୁ ହ୍ୱିଲ ଚେୟାର ଯୁଗେଇ ଦିଆଯିବା। ଭଗବତୀଙ୍କର ଭତାର ଲାଗି ବେବସ୍ତା କରାଯିବା ଆର ତାଲିକାରେ ଥିଲେ ନିହାତି ଭାବେ ଆବାସ ଯୋଜନାରେ ଘର ପାଏବେ ବଲି ସେ କହିଥିଲେ।

**ସୁଶାନ୍ତ ବାରିକ**



ମାଏକିନା ଭଗବତୀଙ୍କର ସଂଗେ ରାଧାଗୋବିନ୍ଦ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନ ଥାଏ ଲେମ୍ବୁଲୁଣ**
**ବାହାରେ ଦେଖାଏ ଚାତରପଣ।**

ଘରେ ପଛେ ଖାଇବାକୁ ମୁଠେ ଦାନା ନ ଥାଉ ବାହାରେ କିନ୍ତୁ ଚାତୁରି କାହିଁରେ କେତେ। ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେକ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖାଇଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅନ୍ୟ ଆଗରେ ତୁଚ୍ଛା ବାହୁସ୍ଫୋଟ ମାରିଥାନ୍ତି। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ବାହ୍ୟ ଆଡମ୍ବର ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଘରଣୀ ରୁଷା ଘୋର ବରଷା**
**ଚାକର ଅନ୍ଧାରକଣା**
**ସଞ୍ଜବୁଡ଼ୁ ବେଳେ କୁଣିଆ ଆସିଲେ**
**ବୁଦ୍ଧି ହୋଇଯାଏ ବଣା।**

ଘରଣୀର ରାଗ ରୋଷ ବେଳେ ଘରକୁ କୁଣିଆ ଆସିଲେ ତାଙ୍କ ଚର୍ଚ୍ଚା କରିବାରେ ଅସୁବିଧା ଦେଖାଦିଏ। ସେହିପରି ଜୋରରେ ବର୍ଷା ହେବା ତଥା ଚାକରକୁ ଅନ୍ଧାରରେ ଭଲ ନ ଦିଶିବା ସମସ୍ୟାକୁ ଆହୁରି ଜଟିଳ କରିଦିଏ। ଏପରିସ୍ଥଳେ କୁଣିଆର ଚର୍ଚ୍ଚା କରିବା ନେଇ ଗୃହସ୍ୱାମୀର ଚିନ୍ତା ବଢ଼ିଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ନିଶାସକ୍ତ ଶିକ୍ଷକଙ୍କ ଉନ୍ମତ୍ତ କାଣ୍ଡ ଘଟଣା

# ଅଭିଯୁକ୍ତ ଶିକ୍ଷକ କୋର୍ଟ ଚାଲାଣ

**ଯାଜପୁର ଅଫିସ,୭।୧୨:** ନିଶାସକ୍ତ ଅବସ୍ଥାରେ ଛାତ୍ରୀଛାତ୍ରଙ୍କୁ ରାସ୍ତା ମଝିରେ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ଆଣ୍ଠେଇବା ଅଭିଯୋଗରେ ଯାଜପୁର ଜିଲା ସୁକିନ୍ଦା ବ୍ଲକ ଲେମ୍ବୋ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଲିଆ ପ୍ରାଥମିକ ସ୍କୁଲରେ କାର୍ଯ୍ୟରତ ଗଣଶିକ୍ଷକ ମକରନ୍ଦ ମହାନ୍ତଙ୍କୁ ଜେଲ୍ ଯିବାକୁ ପଡ଼ିଛି। ସୁକିନ୍ଦା ବ୍ଲକ ଶିକ୍ଷାଧିକାରୀ (ବିଇଓ) ସୁବଳ ସାହୁଙ୍କ ଅଭିଯୋଗକ୍ରମେ ସୁକିନ୍ଦା ପୋଲିସ ଶିକ୍ଷକ ମହାନ୍ତଙ୍କୁ ଶୁକ୍ରବାର ଗିରଫ କରି ଆଇପିସି ଦଫା ୩୨୩, ୫୦୬, ୨୯୪, ୩୪ରେ ଏକ ମାମଲା(କେସ୍ ନମ୍ବର-୨୯୯/୨୦୧୯) ରୁଜୁ କରି କୋର୍ଟଚାଲାଣ କରିଛି।

## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଶୁଭମ



ମନୋଜ



ତୁଷାର



କ୍ରିସ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ smselfie@gmail.com (ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
ଆଧାରକାର୍ଡ, ବ୍ୟବସାୟ
ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ
ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

MAHESHWARI FINANCE
ବିନା ଗ୍ୟାରେଣ୍ଟିରେ ମହିଳା/ପୁରୁଷ (ଦୋକାନୀ) ୫ ଲକ୍ଷରୁ ୨୫ ଲକ୍ଷ ଲୋନ ୨% ସୁଧ ୫୦% ରିହାତି ମାର୍କଶିଟ୍ ଓ ପ୍ରପର୍ଟି ଲୋନ।
E-mail - maheshwarifinance111@gmail.com
Ph - 9716825082
9716001694

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ସରକାରୀ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9473568261

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସବୁ ଯୋଜନା ଅଧୀନରେ ସବୁ ବ୍ୟାଙ୍କରୁ କମ୍ କିମ୍ବା ଖରାପ CIBIL ସ୍କୋର୍‌ଧାରୀଙ୍କୁ ମଧ୍ୟ ଋଣ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ବ୍ୟବସାୟ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ ୨% ସୁଧ - ୪୦% ରିହାତିରେ
୨୪ ଘଣ୍ଟା ମଧ୍ୟରେ ଘରେ ବସି ପାଆନ୍ତୁ
ସତ୍ୟମ୍ ଫାଇନାନ୍ସ
9953125459
9667227985
Sec-102, Sukh Complex, Noida (Delhi)

ASTROLOGY ASTROLOGY

ASTRO / VASTU
ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
କ'ଣ ଆପଣ ଚିନ୍ତିତ କି ?
2 ଘଣ୍ଟାରେ ୧୦୦% ସମାଧାନ। ତନ୍ତ୍ର ମନ୍ତ୍ର ସମ୍ରାଟ
ଇଚ୍ଛାନୁସାରେ ବଶୀକରଣ, ପ୍ରେମ ବିବାହ ପାଇଁ ଘରଲୋକଙ୍କୁ ମନାଇବା, ପତିପତ୍ନୀ ମନାନ୍ତର, ସନ୍ତାନ ପ୍ରାପ୍ତି, ବେପାର ବୃଦ୍ଧି, ଶତ୍ରୁ ଦମନ, ବାରମ୍ବାର ବିବାହ ପ୍ରସ୍ତାବ ଭାଙ୍ଗୁଥିଲେ, ପୁରୁଣା ରୋଗର ଔଷଧ କାମ ନ କରିବା ଆଦି ସମସ୍ୟାର ତୁରନ୍ତ ସମାଧାନ କରନ୍ତୁ।
ଯଦି କାହାର ପତି ଓ ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ।
9938991467
BHUBANESWAR-09

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday

COLOR DISPLAY CLASSIFIED — on every Tuesday & Friday

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

GTL Telecom Co.
ଦ୍ୱାରା ଖାଲି ଜମି, ଛାତ, କ୍ଷେତରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ - 60,00000/-
ଭଡ଼ା - 25,000/-
ଅନ୍ୟାନ୍ୟ ସୁବିଧା (ମାସିକ 15000/-)
ମେଡିକାଲ + ବୀମା ଫ୍ରି
9450647834
7027273944
Network Vision, ITC Industrial Area, Navi Mumbai, Maharashtra.


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ



### ଦେବଝରନରେ ମୌଳିକ ସୁବିଧା କରାଯିବ

**ସମ୍ବଲପୁର,୭।୧୨ (ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରାରେ ଥିବା ଦେବଝରନ ଜଳପ୍ରପାତ ଓ ଇକୋ ଟୁରିଜିମ ଉନ୍ନୟନ କାମ ଖୁବ୍ ଶିଘ୍ର କାମ ଆରମ୍ଭ ହେବ। ଏଥିପାଇଁ ଶନିବାର ସମ୍ବଲପୁର ଡିଏଫଓ ଡ. ସଞ୍ଜୀତ କୁମାରଙ୍କ ସମେତ ଏକ ବିଶେଷଜ୍ଞ ଦଳ ପରିଦର୍ଶନ କରିଛନ୍ତି । ଦେବଝରନକୁ ଇକୋ ଟୁରିଜିମ ଘୋଷଣା କରି ଭିତ୍ତିଭୂମିର ବିକାଶ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ପ୍ରାୟ ୯୭ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ଏଠାରେ ଖୁବ୍ ଶିଘ୍ର ପାନୀୟ ଜଳ ସୁବିଧା, ଶୌଚାଳୟ, ବୋଟିଂ, ଜଳପ୍ରପାତକୁ ରାସ୍ତା ନିର୍ମାଣ କାମ ଆରମ୍ଭ କରାଯିବ ବୋଲି ଡିଏଫଓ କହିଛନ୍ତି।

### ଗଞ୍ଜେଇ ଚାଷ, କାରବାରରୁ ଦୂରେଇ ରୁହ

**କୁଚିଣ୍ଡା, ୭।୧୨ (ଡି.ଏନ.ଏ.):** ସମ୍ବଲପୁର ଜିଲା କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅବକାରୀ ବିଭାଗ ପକ୍ଷରୁ ବେଆଇନ ଗଞ୍ଜେଇ ଚାଷ ପାଇଁ ରହିଥିବା ଆଇନ ବ୍ୟବସ୍ଥା ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜେଇ ଚାଷ ଓ ଗଞ୍ଜେଇ ଚାଲାଣ ଆଦି କାରବାରରୁ ଦୂରେଇ ରହିବାକୁ ପରାମର୍ଶ ସହ ଚେତାବନୀ ଦିଆଯାଇଛି। ଏଥିରେ ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ, ଆଇଟିଡିଏ ପିଏ ପବିତ୍ର ବେହେରା, ଏସ୍‌ଡିପିଓ ରାଜକିଶୋର ମିଶ୍ର, ବିଡିଓ ନିଶିପୁନମ୍ ମିଞ୍ଜ, ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ନାୟକ, ସମ୍ବଲପୁର ଅବକାରୀ ଅଧୀକ୍ଷକ ହରିଶଚନ୍ଦ୍ର ସେଠୀ, ଅବକାରୀ ଅଧିକାରୀ ଅନ୍ନପୂର୍ଣ୍ଣା ରଥ, ଗୋକୁଳ ଧର, ଅବକାରୀ ଏସ୍‌ଆଇ ଜୟଦେବ ପ୍ରଧାନ, ସୁଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗଞ୍ଜେଇ ଚାଷ କଲେ କିମ୍ବା ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ରହିଲେ ଆଇନରେ କ'ଣ ଦଣ୍ଡ ବ୍ୟବସ୍ଥା ରହିଛି ସେ ନେଇ ଆଲୋଚନା ଓ ସଚେନ କରାଯାଇଥିଲା।

# ଚାଷୀଙ୍କୁ ଅଣଦେଖା, ମିଲର୍ସଙ୍କୁ ଅନୁକମ୍ପା

**ସମ୍ବଲପୁର, ୭।୧୨ (ବ୍ୟୁରୋ)**

ଧାନ ସଂଗ୍ରହ ବ୍ୟବସ୍ଥାରେ ମିଲର୍ସଙ୍କ ଭୂମିକା ରହୁଛି। ତେଣୁ ଏହାର ସୁଯୋଗ ନେଇ ଚାଷୀ ଉପରେ ସେମାନେ ଅତ୍ୟାଚାର କରୁଛନ୍ତି । ଶୁଖିଲା ଧାନରେ ମଧ୍ୟ ମନ ଇଚ୍ଛା କଟନୀ ଛଟନୀ କରୁଛନ୍ତି । କୁଇଣ୍ଟାଲ ପିଛା ୪ କେଜିରୁ ୧୦ କେଜି ପର୍ଯ୍ୟନ୍ତ ଧାନ କାଟୁଛନ୍ତି। ଅବଶ୍ୟ ଏବେ ପ୍ରାୟ ଚାଷୀ ସଚେତନ ହେଲେଣି। ମାର୍କେଟକୁ ଧାନ ବିକ୍ରି କରିନେବା ପୂର୍ବରୁ ଭଲ ଭାବେ ଶୁଖାଇ ସଫା କରୁଛନ୍ତି। ଧାନ ଅମଳରେ ମଧ୍ୟ ଅତ୍ୟାଧୁନିକ ମେଶିନ ବ୍ୟବହାର କରାଯାଉଛି । ଫଳରେ ଧାନରେ ପୋଲା କି ଗୁଣ୍ଡ ରହୁନାହିଁ । ହେଲେ ଧାନ ଗାଡି ଗଲା ମାତ୍ରେ କାଟିବାକୁ ମିଲର୍ସ ଥୟ କରିଛନ୍ତି । ପ୍ରତିବାଦ କଲେ ଧାନ ଫେରାଇ ନେବାକୁ ଧମକ ଦେଉଛନ୍ତି । ଏଣୁ ଚାଷୀ ବାଧ୍ୟରେ ଧାନ ବିକୁଛି। ଅନ୍ୟପକ୍ଷେ ମାର୍କେଟ ଓ କ୍ରୟ କେନ୍ଦ୍ରରୁ ମିଲ୍‌କୁ ଚାଷୀଙ୍କ ଗାଡିରେ ଧାନ ଯାଉଛି । ମିଲର୍ସର ଟଙ୍କାଟିଏ ମଧ୍ୟ ଖର୍ଚ୍ଚ ହେଉ ନାହିଁ। ହେଲେ ସରକାରଙ୍କ ପାଖରୁ ମିଲର୍ସମାନେ ଗାଡି ଭଡା ବାବଦକୁ ଟଙ୍କା ପାଇବେ। ମାନେଶ୍ୱର ମାର୍କେଟୟାର୍ଡରେ ଚାଷୀମାନେ ଏହି ଅଭିଯୋଗ କରିଛନ୍ତି। ଏଥିରେ ଏକ ବଡ ଧରଣର ର୍‍ୟାକେଟ କାମ କରୁଛି। ଜିଲା ପ୍ରଶାସନ ମିଲର୍ସମାନଙ୍କୁ ସହଯୋଗ କରୁଛି। ମିଲର୍ସମାନଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଇ ଥିବାରୁ କଟନୀ ଛଟନୀ ଉପରେ ଯାହା ଅଭିଯୋଗ କଲେ ମଧ୍ୟ ଶୁଣୁ ନାହିଁ। ଲିଖିତ ଅଭିଯୋଗ ଦେବାକୁ କହି ଯୋଗାଣ ବିଭାଗ ଅଭିଯୋଗକୁ ହାଲୁକା ଭାବେ ନେଉଛି । ଧାନର କଟନୀ ଛଟନୀ ହିସାବ ମିଲର୍ସମାନେ ଚାଷୀଙ୍କୁ ଦେଉ ନାହାନ୍ତି। ଏଣୁ ଚାଷୀ କେଉଁ ଆଧାରରେ ଲିଖିତ ଅଭିଯୋଗ କରାଯିବ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ ସମସ୍ତେ ମିଳିମିଶି ଚାଷୀଙ୍କୁ ଶୋଷଣ କରୁଛନ୍ତି। ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ, ନ ହେଲେ ପରିସ୍ଥିତି ଭୟଙ୍କର ହେବ ବୋଲି ଚାଷୀ ଚେତାବନୀ ଦେଉଛନ୍ତି। ତେବେ ଏ ସମ୍ପର୍କରେ ଯୋଗାଣ ଅଧିକାରୀ ରଞ୍ଜନ ସେଠ କହିଛନ୍ତି ଯେ, ଅଭିଯୋଗ ଆସିଲେ ତଦନ୍ତ କରାଯିବ।



ସମ୍ବଲପୁର ଜିଲା ମାନେଶ୍ୱର ମାର୍କେଟୟାର୍ଡରେ ଶୋଷଣର ବିରୋଧ କରି ଚାଷୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

- ମିଲର୍ସଙ୍କ ସହ ହାତ ମିଳାଇଛି ପ୍ରଶାସନ
- ଗାଡି ଭଡା କରି ମଣ୍ଡିକୁ ଧାନ ଆଣୁଛନ୍ତି ଚାଷୀ
- ସରକାରଙ୍କଠାରୁ କିନ୍ତୁ ଭଡା ଟଙ୍କା ପାଇବେ ମିଲର୍ସ
- ଚାଷୀଙ୍କୁ ହିସାବ ଦେଉ ନାହାନ୍ତି ମିଲର୍ସ

## ଡେବ୍ରିଗଡରେ ବୋଟିଂ ବ୍ୟବସ୍ଥା ଆରମ୍ଭ

**ସମ୍ବଲପୁର, ୭।୧୨ (ବ୍ୟୁରୋ)**

ସମ୍ବଲପୁର ଜିଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳ ଡେବ୍ରିଗଡରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବୋଟିଂ ବ୍ୟବସ୍ଥା ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨ଟି ବୋଟ୍‌ରେ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଛି। ତେବେ ଗୋଟିଏ ବୋଟ୍‌ରେ ୮ଜଣ ଯାତ୍ରୀ ବସିବାର କ୍ଷମତା ରହିଛି। ଏଥିରେ ଜଣେ ଗାଇଡ୍ ରହିବେ। ୩୦ରୁ ୪୦ ମିନିଟ ସମୟ ମଧ୍ୟରେ ହୀରାକୁଦ ଜଳଭଣ୍ଡାର ସଂଲଗ୍ନ ଡେବ୍ରିଗଡ଼ ଅଭୟାରଣ୍ୟର ଏହି ଅଂଶରେ ବୋଟିଂ ପାଇଁ ପର୍ଯ୍ୟଟକ ପିଛା ୧୦୦ ଟଙ୍କା ଶୁଳ୍କ ରଖା ଯାଇଛି। ହୀରାକୁଦ ବନ୍ୟପ୍ରାଣୀ ଡିଏଫଓ ଟି. ସନତ କୁମାର ଏହି ସୂଚନା ଦେଇଛନ୍ତି। ପ୍ରକାଶଯୋଗ୍ୟ, ସମ୍ବଲପୁର ସହରରୁ ପ୍ରାୟ ୪୦ କିଲୋମିଟର ଦୂରରେ ଡେବ୍ରିଗଡ ଅଭୟାରଣ୍ୟ ରହିଛି। ୩୫୩.୮୧ ବର୍ଗ କିଲୋମିଟର ବିଶିଷ୍ଟ ଏହି ଅଭୟାରଣ୍ୟ ସମ୍ବଲପୁର ଏବଂ ବରଗଡ ଜିଲା ସୀମାରେ ଅବସ୍ଥିତ। ଏଠାରେ ବାଘ, ହାତୀ ଭଳି ବନ୍ୟପ୍ରାଣୀ ରହିଛନ୍ତି । ଡେବ୍ରିଗଡ ଅଭୟାରଣ୍ୟକୁ ହୀରାକୁଦ ଜଳ ଭଣ୍ଡାର ଲାଗି ରହିଛି। ୭୪୬ ବର୍ଗ କିଲୋମିଟର ଜଳଭଣ୍ଡାରର ୬୪୦ କିଲୋମିଟର ଅଭୟାରଣ୍ୟକୁ ଲାଗି ରହିଛି। ବୋଟିଂ ବ୍ୟବସ୍ଥା ହେବା ଫଳରେ ପର୍ଯ୍ୟଟକମାନେ ନିଶ୍ଚିତ ଭାବେ ଅଧିକ ଆକୃଷ୍ଟ ହେବେ ବୋଲି ବନ ବିଭାଗ ଆଶା କରିଛି। ପୂର୍ବରୁ ଡେବ୍ରିଗଡରେ ସଫାରି ବ୍ୟବସ୍ଥା ସହ ପ୍ରାକୃତିକ ଶୋଭାରାଜିକୁ ଉପଭୋଗ କରିବାକୁ ସ୍ୱତନ୍ତ୍ର କ୍ୟାମ୍ପ, ଲେକ୍ ସାଇଡ୍ ୱାକ୍ ପ୍ରଭୃତି ବ୍ୟବସ୍ଥା କରାଯାଇଥିଲା।



ଡେବ୍ରିଗଡରେ ପର୍ଯ୍ୟଟକ ବୋଟିଂର ମଜା ନେଉଛନ୍ତି।

## ଥାନାରେ ନିଶା ବଟିକା ଖାଇଦେଲେ ଯୁବତୀ

**ସମ୍ବଲପୁର, ୭।୧୨ (ବ୍ୟୁରୋ)**

ସମ୍ବଲପୁର ଜିଲା କୁଚିଣ୍ଡା ଥାନାରେ ଏକ ଅଭାବନୀୟ ଘଟଣା ଶନିବାର ଘଟିଛି । ଜଣେ ଯୁବତୀ ନିଶା ବଟିକା ଖାଇଛନ୍ତି। ଜଣେ ଯୁବକ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ପରେ ପ୍ରତାରଣାର ଶିକାର କଲେ। ଏଣୁ ମାନସିକ ଭାରସାମ୍ୟ ହରାଇ ସମ୍ପୃକ୍ତ ଯୁବତୀ ଜଣକ ଏଭଳି କରିଛନ୍ତି। ପୋଲିସ ଯୁବତୀଙ୍କୁ କୁଚିଣ୍ଡା ଡାକ୍ତରଖାନାରେ ଭର୍ତ୍ତି କରିଛି। ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖିଛି । ସଇଡା ଗ୍ରାମର ଏହି ଯୁବତୀ ଜଣକ ନିଜ ଗାଁର ଜଣେ ଯୁବକଙ୍କ ସହ ୪ବର୍ଷ ହେଲା ପ୍ରେମ ସମ୍ପର୍କରେ ଥିଲେ। ବିବାହର ପ୍ରଲୋଭନ ଦେଖାଇ ଯୁବକ ଜଣକ ଶାରୀରିକ ସମ୍ପର୍କ ରଖିଥିଲେ । ହେଲେ କିଛି ଦିନ ହେବ ଯୁବକଙ୍କ ବିବାହ ଅନ୍ୟ ସ୍ଥାନରେ ସ୍ଥିର ହୋଇଥିବା ନେଇ ଯୁବତୀ ଜଣକ ଜାଣିବାକୁ ପାଇଥିଲେ । ଏହାକୁ ନେଇ କୁଚିଣ୍ଡା ଥାନାରେ ଯୁବତୀ ଜଣକ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ଉଭୟ ପକ୍ଷଙ୍କୁ ଥାନାକୁ ଡକାଇଥିଲା । ଉଭୟ ବିବାହ ପାଇଁ ରାଜି ହୋଇଥିଲେ । ତେଣୁ ଯୁବତୀ ଜଣକ ଅଭିଯୋଗକୁ ପ୍ରତ୍ୟାହାର କରି ନେଇଥିଲେ । ସେ ସମୟରେ ଯୁବକ ଜଣକ ତାଙ୍କ ମା'ଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ଥିବା କହି କିଛି ଦିନ ପରେ ବିବାହ କରିବେ ବୋଲି କହିଥିଲେ । ହେଲେ ବିବାହ ନ କରି ଯୁବତୀଙ୍କୁ ନିର୍ଯାତନା ଦେଉଥିଲେ। ତେଣୁ ଯୁବତୀ ଜଣକ ପୁଣି ଶନିବାର କୁଚିଣ୍ଡା ଥାନାକୁ ଅଭିଯୋଗ କରିବାକୁ ଆସିଥିଲେ। ପୋଲିସ ଅଭିଯୋଗ ରଖି ତଦନ୍ତ ଆରମ୍ଭ କରିଥିଲା। ଏକ ମାମଲା (ନଂ.୨୮୫/୧୯)ମଧ୍ୟ ରୁଜୁ କରିଛି। ହେଲେ ଯୁବତୀ ଜଣକ ମାନସିକ ଭାରସାମ୍ୟ ହରାଇ ପାଖରେ ରଖିଥିବା ନିଶା ବଟିକା ଖାଇ ଦେଇଥିଲେ। ପୋଲିସ ସଙ୍ଗେ ସଙ୍ଗେ ତାଙ୍କୁ କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲା। ଡାକ୍ତରଖାନାରେ ପୋଲିସ ଯୁବତୀଙ୍କ ବୟାନ ରେକର୍ଡ କରିଛି।

## ସମ୍ବଲପୁରରେ ଖୋଲିବ ଏନ୍‌ଆଇଏଫ୍‌ଟି

**ସମ୍ବଲପୁର, ୭।୧୨ (ବ୍ୟୁରୋ)**

ସମ୍ବଲପୁରରେ ଖୁବ ଶୀଘ୍ର ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ ଫେସନ ଡିଜାଇନ (ଏନ୍‌ଆଇଏଫଡି)ର ଏକ ଶାଖା ଖୋଲିବ। ଏ ନେଇ ଜିଲାପାଳ ଶୁଭମ୍ ସକ୍‌ସେନା ସୂଚନା ଦେଇ କହିଛନ୍ତି ଯେ, ଭୁବନେଶ୍ୱରରେ ଏହି ଅନୁଷ୍ଠାନ ରହିଛି। ଏହାର ଏକ ଶାଖା ସମ୍ବଲପୁରରେ ଖୋଲିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଏବେ ଏହାକୁ ଅନୁମୋଦନ ମିଳିଛି। ଏଥିପାଇଁ ଧନକଉଡା ବ୍ଲକରେ ଅସ୍ଥାୟୀ ଭାବେ ସ୍ଥାନ ଚିହ୍ନଟ ହୋଇଛି। ପରେ ସ୍ଥାୟୀ କ୍ୟାମ୍ପସ ନିର୍ମାଣ କରାଯିବ। ତେବେ ୭ଟି ବିଷୟରେ ତାଲିମ ଦେବା ପାଇଁ ଅନୁରୋଧ କରାଯାଇଥିଲା। ହେଲେ ୩ଟି ବିଷୟକୁ ମଞ୍ଜୁର ମିଳିଛି। ଏହି ଅନୁଷ୍ଠାନ ଖୋଲିବା ଦ୍ୱାରା ସମ୍ବଲପୁରୀ ବସ୍ତ୍ରର ଅଧିକ ଚାହିଦା ବଢିବ।

## ରେଞ୍ଜର, ଫରେଷ୍ଟରଙ୍କୁ ଡିଏଫ୍‌ଓଙ୍କ ତାଗିଦ

**ସମ୍ବଲପୁର, ୭।୧୨ (ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ଅଧୀନ ସଦର ରେଞ୍ଜର ଯୁଯୁମୁରାରେ ଗଛ କାଟି ଦେବଝରନକୁ ରାସ୍ତା ନିର୍ମାଣ କରାଯିବା ନେଇ ସମ୍ବଲପୁର ଡିଏଫଓ ସଞ୍ଜିତ କୁମାରଙ୍କ କାନରେ ପଡିଛି। ସେ ଘଟଣା ସ୍ଥଳ ପରିଦର୍ଶନ କରି ଅନୁଧ୍ୟାନ କରିଛନ୍ତି। ସେ କହିଛନ୍ତି ଯେ, ଗୋଚର ଜମିରେ ରାସ୍ତା କାମ ଆରମ୍ଭ କରାଯାଇଥିଲା। ସଂରକ୍ଷିତ ଜଙ୍ଗଲ ପଡିବା ପୂର୍ବରୁ ବନ ବିଭାଗ ପକ୍ଷରୁ କାମ ବନ୍ଦ କରାଯାଇଥିଲା। ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଏ ନେଇ କଡା ତାଗିତ କରାଯାଇଛି । ଏହି ବେନିୟମ କାମ ପାଇଁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି । ଯଦି ପୁଣି ଏଭଳି କାମ କରାଯିବ ତାହା ହେଲେ ବନ ବିଭାଗ ଆଇନଗତ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଚେତାବନୀ ଦେଇଛନ୍ତି। ଗୋଚର ଜମିରେ ଗଛ କଟା ଯାଇଥିବାରୁ ରାଜସ୍ୱ ବିଭାଗ ରିପୋର୍ଟ ପ୍ରସ୍ତୁତ କରୁଛି। ପୂର୍ତ୍ତ ବିଭାଗ ପକ୍ଷରୁ ଯେଉଁ ରାସ୍ତା ନିର୍ମାଣ କରାଯାଇଛି ତାହା ଏବେ ସଂପୂର୍ଣ୍ଣ ଭାବେ ବନ୍ଦ କରାଯାଇଛି । ନିୟମ ଅନୁସାରେ ପୂର୍ତ୍ତ ବିଭାଗ ଗଛ କାଟିବା ପାଇଁ ପ୍ରଥମେ ଅନୁମତି ନେବ। ବନ ବିଭାଗ ତଦନ୍ତ କରି ଗଛର ପରିମାଣ ଓ ଅନ୍ୟାନ୍ୟ ଦିଗକୁ ତଦାରଖ କରି ଗଛ କାଟିବା ପାଇଁ ଅନୁମତି ଦେବ। ନ ହେଲେ ବିକଳ୍ପ ରାସ୍ତା ରହିଛି। ଦେବଝରନ ଏକ ପର୍ଯ୍ୟଟନସ୍ଥଳ। ଏଣୁ ରାସ୍ତା ନିର୍ମାଣ ହେବା ଜରୁରୀ। ରାସ୍ତାର ନିର୍ମାଣ କଲେ ଅଧିକ ଗଛ କଟିବ। ତେଣୁ ବିକାଶ ନାମରେ ଗଛ କାଟି ବିନାଶ କରିବାକୁ ପ୍ରଶୟ ଦିଆଯିବ ନାହିଁ ବୋଲି ସେ ରୋକଠୋକ ପୂର୍ତ୍ତ ବିଭାଗକୁ ଚେତାବନୀ ଦେଇଛନ୍ତି। ଏସିଏଫ ମଦନଲାଲ ଶର୍ମା, ରେଞ୍ଜର ଗୌରି ଦାଶ ଓ ପୂର୍ତ୍ତ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଏଭଳି କାମ ପାଇଁ ସଜାଗ ରହିବାକୁ ସେ ସ୍ଥାନୀୟ ରେଞ୍ଜର ଓ ଫରେଷ୍ଟରଙ୍କୁ ମଧ୍ୟ ତାଗିତ କରିଛନ୍ତି। ସୂଚନାଯୋଗ୍ୟ, ୭କୋଟି ଟଙ୍କା ବ୍ୟୟ ଅଟକଳରେ ନଭେମ୍ବର ପ୍ରଥମ ସପ୍ତାହରୁ କାମ ଆରମ୍ଭ ହୋଇଥିଲା । ହେଲେ ପୂର୍ବରୁ ଥିବା ରାସ୍ତାର ପୁନରୁଦ୍ଧାର ନ କରି ନୂତନ ଭାବେ ରାସ୍ତା ନିର୍ମାଣ ଆରମ୍ଭ କରାଯାଇଥିଲା । ଏଥିରେ ଗ୍ରାମ୍ୟ ଜଙ୍ଗଲ ଓ ସଂରକ୍ଷିତ ଜଙ୍ଗଲ ଜମି କିସମ ରହିଛି । ଗଛ କାଟି ରାସ୍ତା ନିର୍ମାଣ କରିବାକୁ ସବିତା ଦେହୁରୀ ନାମ୍ନୀ ଜଣେ ମହିଳା ଅଭିଯୋଗ ଆଣିବା ପରେ ଏ ସବୁ ସାମ୍ନାକୁ ଆସିଛି। ତାଙ୍କ ଅଭିଯୋଗ ପରେ କଟା ଯାଇଥିବା ଗଛକୁ ପୋତି ଦିଆଯାଇଛି। ୨୦ ବର୍ଷ ତଳେ ଜଙ୍ଗଲ ସୃଷ୍ଟି କରାଯାଇଥିଲା । ଗୋଟିଏପଟେ ବନ ବିଭାଗ ପକ୍ଷରୁ ଗଛ ଲଗାଇବା ପାଇଁ ବିଭିନ୍ନ ଯୋଜନାରେ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଅନ୍ୟପଟେ ବିକାଶ ଆଳରେ ଗଛ କଟାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ତେବେ ଠିକାଦାର, ଜେଇ ଓ ସରକାରୀ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଦାବି ହୋଇଛି।



ଶନିବାର ସମ୍ବଲପୁର ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ସଭା କକ୍ଷରେ ସିଆଇଟିୟୁ କର୍ମକର୍ତ୍ତା ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

## ଆଜିଠୁ ସିଆଇଟିୟୁରେ ରାଜ୍ୟ ସମ୍ମିଳନୀ

**ସମ୍ବଲପୁର, ୭।୧୨ (ବ୍ୟୁରୋ)**

ସିଆଇଟିୟୁର ୧୪ତମ ରାଜ୍ୟସ୍ତରୀୟ ସମ୍ମିଳନୀ ଡିସେମ୍ବର ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ସମ୍ବଲପୁରରେ ଅନୁଷ୍ଠିତ ହେବ । ଏଥିରେ ୫ଶହ ପ୍ରତିନିଧି ଯୋଗଦେବେ। କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି, ଶ୍ରମ ଆଇନ ସଂଶୋଧନ, ଦରବୃଦ୍ଧି, ବେକାରି ସମସ୍ୟା ସହ ରେଳବାଇ, ତୈଳ ନିଗମ, ଇସ୍ପାତ ଭଳି ଲାଭଦାୟକ ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇ କରଣ ବିରୋଧରେ ଆଲୋଚନା କରାଯିବ। ଶନିବାର ସମ୍ବଲପୁର ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ସଭା କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଆଇଟିୟୁ କର୍ମକର୍ତ୍ତା ଏହା କହିଛନ୍ତି। ସିଆଇଟିୟୁ ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ସମ୍ପାଦକ ଉଲ୍ଲାଷ ସ୍ୱାଇଁ, ରମେଶ ଜେନା, ସତ୍ୟାନନ୍ଦ ବେହେରା, ଅଭ୍ୟର୍ଥନା କମିଟି ସାଧାରଣ ସମ୍ପାଦକ ମହେଶ୍ୱର ଷଣ୍ଢ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ ।

# ଡକାୟତି ଅଭିଯୋଗରେ ୬ ଗିରଫ

**ରେଢାଖୋଲ, ୭।୧୨ (ଡି.ଏନ.ଏ)**

ସମ୍ବଲପୁର ଜିଲା ନାକ୍ଟିଦେଉଳ ଥାନା ଅଧୀନ କରଡାଖମନ ଗାଁ ନିକଟରେ ଗତ ୫ ତାରିଖ ସନ୍ଧ୍ୟାରେ ଜଣେ ବ୍ୟକ୍ତି ଲୁଟର ଶିକାର ହୋଇଛନ୍ତି। ଏହି ବ୍ୟକ୍ତି ଜଣକ ହେଲେ କିସିଣ୍ଡା ଥାନା ଅନ୍ତର୍ଗତ ଜରାସିଙ୍ଗା ଗ୍ରାମର ପ୍ରଶାନ୍ତ ଘିବିଲା। ୬ ଜଣ ଲୁଟେରା ତାଙ୍କଠାରୁ, ମୋବାଇଲ ଓ ୧୫ ହଜାର ଟଙ୍କା ଲୁଟି ନେଇ ପଳାଇଥିଲେ। ଶନିବାର ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନେ ହେଲେ ନାକ୍ଟିଦେଉଳ ଥାନା କେଉଟିବେର୍ଣ୍ଣିର ଡମ୍ବରୁ ବେହେରା (୨୯), ବୁଲୁ ପ୍ରଧାନ (୨୯), କମଳ ବେହେରା (୪୫), ସୁରଥ ବେହେରା (୨୩), ସାଲେଭଟାର ପ୍ରଦୀପ କୁମାର ଦାସ (୨୮) ଓ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର କନ୍ଦର୍ପ ନାଏକ(୨୯)। ଲୁଟର ଶିକାର ହୋଇଥିବା ପ୍ରଶାନ୍ତଙ୍କ ଅଭିଯୋଗ କ୍ରମେ ନାକ୍ଟିଦେଉଳ ଥାନାରେ ଦଫା ୩୯୫ରେ ପୋଲିସ ଏକ ମାମଲା (ନଂ.୧୫୭/୧୯) ରୁଜୁ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଶନିବାର ରେଢାଖୋଲ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ ଏହି ସୂଚନା ଦେଇଛନ୍ତି।

ପ୍ରଶାନ୍ତ ତାଙ୍କ ମାଉସୀ ଗୁନ ବେହେରାଙ୍କୁ ବାଇକ୍‌ରେ ଧରି ବରପାଳ ଗ୍ରାମକୁ ଭିଣୋଇଙ୍କ ଘରକୁ ଯାଉଥିଲେ। କରଡାଖମନ ନିକଟରେ ବାଇକ୍ ଅଟକାଇବାରୁ ମାଉସୀ ଓହ୍ଲାଇ ପଡିଥିଲେ। ପ୍ରଶାନ୍ତ କିନ୍ତୁ ଏହା ଜାଣିପାରି ନ ଥିଲେ। କିଛି ବାଟ ଗଲା ପରେ ମାଉସୀ ବାଇକ୍‌ରେ ବସି ନ ଥିବା ଜାଣିପାରି ପଛକୁ ଫେରିଥିଲେ। କରଡାଖମନ ଗାଁ ମୁଣ୍ଡରେ କିନ୍ତୁ ଅଭିଯୁକ୍ତଙ୍କ ଭିତରୁ ୩ ଜଣ ପ୍ରଶାନ୍ତଙ୍କୁ ଅଟକାଇଥିଲେ। ସେମାନେ ପ୍ରଶାନ୍ତଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭିତ କରିବା ସହ ମାଡ ମାରିଥିଲେ। ପ୍ରଶାନ୍ତ ଧରିଥିବା ମୋବାଇଲ ଫୋନ୍ ନେଇଯାଇଥିଲେ। ଏହାପରେ ବାଇକ୍ ସହ ପ୍ରଶାନ୍ତଙ୍କୁ ଜଙ୍ଗଲ ଭିତରକୁ ନେଇଯାଇଥିଲେ। ଜଙ୍ଗଲରୁ ଫୋନ୍ କରି ଅନ୍ୟମାନଙ୍କୁ ଡାକିଥିଲେ। ଅନ୍ୟ ୩ ଜଣ ପହଞ୍ଚିବା ପରେ ସମସ୍ତେ ମିଶି ପ୍ରଶାନ୍ତଙ୍କୁ ନିସ୍ତୁକ ମାଡ ମାରିଥିଲେ। ଏହାପରେ ପ୍ରଶାନ୍ତଙ୍କ ପାଖରୁ ୧୫ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ସେମାନେ ଚାଲିଯିବା ପରେ ପ୍ରଶାନ୍ତ ଭୟଭିତ ଅବସ୍ଥାରେ ତାଙ୍କ ମାଉସୀଙ୍କୁ ଧରି ଭିଣୋଇ ଘରକୁ ଯାଇଥିଲେ। ରାତି ହୋଇଯିବାରୁ ଆଉ ଥାନାକୁ ଯାଇ ନ ଥିଲେ। ୬ ତାରିଖ ସକାଳେ ନାକ୍ଟିଦେଉଳ ଥାନାରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଶନିବାର ଘଟଣାରେ ସମ୍ପୃକ୍ତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହା ସହ ଅଭିଯୁକ୍ତମାନଙ୍କଠାରୁ ଏକ ନମ୍ବର ବିହିନ ବାଇକ୍, ଲୁଟ୍ ହୋଇଥିବା ମୋବାଇଲ ଫୋନ୍, ଛୁରି, କଟୁରୀ ଓ ନଗଦ ୪ଜହାର ୩ଶହ ଟଙ୍କା ଜବତ କରିଛି ବୋଲି ଏସ୍‌ଡିପିଓ ସ୍ୱାଇଁ ସୂଚନା ଦେଇଛନ୍ତି। ତେବେ ଏହି ଖବରଦାତା ସମ୍ମିଳନୀରେ ନାକ୍ଟିଦେଉଳ ଥାନା ଅଧିକାରୀ ଇସମାଇଲ ଏକ୍କା ମଧ୍ୟ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ ଓ ନାକ୍ଟିଦେଉଳ ଥାନା ଅଧିକାରୀ ଇସ୍‌ମାଇଲ ଏକ୍କା। ପୋଲିସ ପଛରେ ୬ ଅଭିଯୁକ୍ତ ଛିଡା ହୋଇଛନ୍ତି।

## ଫଟୋରେ ଖବର







ସମ୍ବଲପୁରର ଐତିହାସିକ ଭିକ୍ଟୋରିଆ ହଲ୍ ପୁନରୁଦ୍ଧାର କାର୍ଯ୍ୟ ଦୀର୍ଘଦିନ ହେବ ବନ୍ଦ ରହିଛି(ବାମ) । ଶନିବାର ସନ୍ଧ୍ୟାରେ ଖ୍ରୀଷ୍ଟମାସ କ୍ୟାରୋଲ ଶୋଭାଯାତ୍ରା ସମ୍ବଲପୁର ସହର ପରିକ୍ରମା କରୁଛି (ମଝି) । ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡିଆସ୍ଥିତ ଶୌଚାଳୟ ଅବ୍ୟବହୃତ ହୋଇ ପଡିରହିଛି ।

### ଜାମିନରେ ଆସିଥିବା ଅଭିଯୁକ୍ତଙ୍କ ଆକ୍ରମଣରେ ମହିଳା ଗୁରୁତର

ଜେଲ୍‌ରୁ ଜାମିନରେ ଆସିଥିବା ଜଣେ ଅଭିଯୁକ୍ତଙ୍କ ଆକ୍ରମଣରେ ୩୫ ବର୍ଷୀୟା ମହିଳା ଗୁରୁତର ହୋଇଛନ୍ତି। ଛତିଶଗଡ଼ର କୋର୍‌ବା ଜିଲାରେ ଅଭିଯୁକ୍ତ ଇନ୍ଦ୍ରପାଲ ଟୋଣ୍ଡେ ଏକ ଦାଆରେ ମହିଳାଙ୍କୁ ଆକ୍ରମଣ କରିଥିଲା। ଅଭିଯୁକ୍ତ ଜଣକ ମହିଳାଙ୍କୁ ଏକତରଫା ପ୍ରେମ କରୁଥିଲା। ମହିଳା ଏହାକୁ ପ୍ରତ୍ୟାଖ୍ୟାନ କରିବା ପରେ ସେ ଗାଧୋଇବା ସମୟରେ ଅଭିଯୁକ୍ତ ଗୋପନରେ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଛାଡିଥିଲେ। ମହିଳାଙ୍କ ଏତଲା କ୍ରମେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ବସ୍ ଉପରେ ଆକ୍ରମଣ: ୧୦ ନିହତ

**ନାଇରୋବି,୭।୧୨(ଏଏଫ୍‌ପି):** କେନିଆର ଉତ୍ତରପୂର୍ବାଞ୍ଚଳରେ ଏକ ବସ୍ ଉପରେ ଆକ୍ରମଣ ହେବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୭ ଜଣ ପୋଲିସ ଅଧିକାରୀ ଓ ଜଣେ ଡାକ୍ତର ଅଛନ୍ତି। ଆକ୍ରମଣରେ ସୋମାଲି ଇସ୍‌ଲାମିଷ୍ଟ ଶେବାବ୍ ସଂଗଠନ ସମ୍ପୃକ୍ତ ଥିବା ବିଶ୍ୱାସ କରାଯାଉଛି। ଏଭଳି ଜେହାଦୀ ଆକ୍ରମଣକୁ କେନିଆ ରାଷ୍ଟ୍ରପତି ଉହୁରୁ କେନ୍ୟାଟ୍ଟା ନିନ୍ଦା କରିଛନ୍ତି। ଆମେ ୭ ଅଫିସରଙ୍କୁ ହରାଇଲୁ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

### ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ହାଫିଜ ଆଶ୍ୱସ୍ତ



**ଲାହୋର,୭।୧୨(ପି.ଟି.):** ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଜେୟୁଡି ମୁଖ୍ୟ ହାଫିଜ ସୟିଦଙ୍କୁ ଲାହୋରସ୍ଥିତ ଆତଙ୍କବାଦ ନିରୋଧୀ ଅଦାଲତରୁ ଆଶ୍ୱସ୍ତି ମିଳିଛି। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଅନ୍ୟ ଅଭିଯୁକ୍ତମାନଙ୍କୁ ହାଜର କରାଇବାରେ କର୍ତ୍ତୃପକ୍ଷ ବିଫଳ ହେବାରୁ ହାଫିଜଙ୍କୁ ଦୋଷୀସାବ୍ୟସ୍ତ କରାଯାଇପାରିନାହିଁ। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୧କୁ ଧାର୍ଯ୍ୟ ହୋଇଛି। ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ପାକିସ୍ତାନରେ ଅବାଧ ବିଚରଣ କରିବା ସହ ସରକାରଙ୍କ ଆତିଥେୟତା ଉପଭୋଗ କରୁଥିବା ନୂଆଦିଲ୍ଲୀ ଅଭିଯୋଗ କରିବା ପରେ ଶନିବାର ତାଙ୍କ ବିରୋଧରେ ଶୁଣାଣି କରିବାକୁ ଅଦାଲତ ନିଷ୍ପତ୍ତି ନେଇଥିଲେ। ଆକ୍ରମଣକାରୀଙ୍କୁ ଦଣ୍ଡ ଦେବା ଇସ୍‌ଲାମାବାଦର ଦାୟିତ୍ୱ ବୋଲି ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଥିଲେ।



ଉନ୍ନାଓ ପୀଡିତାଙ୍କ ମରଶରୀର ତାଙ୍କ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ।



କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉନ୍ନାଓ ଯାଇ ପୀଡିତାଙ୍କ ପରିବାରକୁ ଭେଟୁଛନ୍ତି।

### ଉନ୍ନାଓ ପୀଡ଼ିତା ପରିବାରର ଦାବି

# ଅଭିଯୁକ୍ତଙ୍କୁ ମିଳୁ ହାଇଦ୍ରାବାଦ ଭଳି ଦଣ୍ଡ

**ନୂଆଦିଲ୍ଲୀ,୭।୧୨(ପି.ଟି.)**

- ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ଇସ୍ତଫା ଦାବିରେ ଅଖିଳେଶଙ୍କ ଧାରଣା
- ପୀଡ଼ିତାଙ୍କ ପରିବାରକୁ ଭେଟିଲେ ପ୍ରିୟଙ୍କା
- ଫାଷ୍ଟଟ୍ରାକ୍ କୋର୍ଟରେ ହେବ ଶୁଣାଣି
- ୨୫ ଲକ୍ଷ ଟଙ୍କା ସହାୟତା ଘୋଷଣା

ଅର୍ଦ୍ଧଦଗ୍ଧ ଉନ୍ନାଓ ପୀଡିତା ଶୁକ୍ରବାର ରାତିରେ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ଆଖି ବୁଜିବା ପରେ ଏହାକୁ ନେଇ ରାଜନୀତି ଜୋର ଧରିଛି। ଅଭିଯୁକ୍ତମାନଙ୍କୁ ହାଇଦ୍ରାବାଦ ଭଳି ଏନ୍‌କାଉଣ୍ଟର କରାଯିବାକୁ କିମ୍ବା ଫାଶୀ ଦେବାକୁ ପୀଡିତାଙ୍କ ପରିବାର ସଦସ୍ୟମାନେ ଦାବି କରିଛନ୍ତି। ଯୌନ ହିଂସାର ଶିକାର ହୋଇଥିବା ଯୁବତୀଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବାରେ ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ବିଫଳ ହୋଇଥିବାରୁ ତାଙ୍କର ଇସ୍ତଫା ଦାବି କରିଛନ୍ତି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ। ପୀଡିତାଙ୍କ ପରିବାରକୁ ନ୍ୟାୟ ଦାବିରେ ସେ ରାଜ୍ୟ ବିଧାନସଭା ଆଗରେ ଧାରଣାରେ ବସିଛନ୍ତି। ଶନିବାରକୁ ସେ କଳାଦିବସ ବୋଲି କହିବା ସହ ଗଣବଳାତ୍କାର ପୀଡ଼ିତାଙ୍କ ମୃତ୍ୟୁ ପାଇଁ ସରକାରଙ୍କୁ ଦାୟୀ କରିଛନ୍ତି। ଫାଷ୍ଟଟ୍ରାକ୍ କୋର୍ଟରେ ମାମଲାର ବିଚାର କରାଯାଇ ପୀଡ଼ିତାଙ୍କ ପରିବାରକୁ ତୁରନ୍ତ ନ୍ୟାୟ ପ୍ରଦାନ କରାଯାଉ ବୋଲି ବିରୋଧୀମାନେ ଦାବି କରିଛନ୍ତି।

ଶରୀର ଅତ୍ୟଧିକ ପୋଡ଼ିଯାଇଥିବାରୁ ପୀଡିତାଙ୍କ ମୃତ୍ୟୁ ଘଟିଲା ବୋଲି ଶବ ବ୍ୟବଚ୍ଛେଦ ରିପୋର୍ଟରେ କୁହାଯାଇଛି। ବ୍ୟବଚ୍ଛେଦ କରାଯାଇ ପୀଡ଼ିତାଙ୍କ ଗାଁରେ ମୃତଦେହ ପହଞ୍ଚିବା ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ତାଙ୍କ ଝିଅଙ୍କ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ ସେମାନଙ୍କର ବଞ୍ଚିରହିବାର ଅଧିକାର ନାହିଁ। ତେଣୁ ସେମାନଙ୍କୁ ପୋଲିସ ଏନ୍‌କାଉଣ୍ଟରରେ କିମ୍ବା ଫାଶୀ ଦେଇ ମାରିଦିଆଯାଉ ବୋଲି ପୀଡିତାଙ୍କ ବାପା କହିଥିଲେ। ପୀଡ଼ିତାଙ୍କ ଭାଇ ମଧ୍ୟ ସମାନ ଦାବି କରିଥିଲେ। ଗୁରୁବାର ଉନ୍ନାଓ ପୀଡିତା କୋର୍ଟ ଯାଉଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ। ସେମାନେ ପୀଡିତାଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇଦେବାରୁ ଶରୀରର ୯୦ ଭାଗ ପୋଡିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଲକ୍ଷ୍ନୌର ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଏୟାର ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଦିଲ୍ଲୀ ନିଆଯାଇ ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ରାତିରେ ତାଙ୍କର ହୃଦ୍‌ଘାତରେ ପରଲୋକ ହୋଇଥିଲା।

ଉନ୍ନାଓ ପୀଡିତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାର ସଦସ୍ୟମାନଙ୍କୁ ସମବେଦନା ଜଣାଇଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଫାଷ୍ଟଟ୍ରାକ୍ କୋର୍ଟରେ ମାମଲାର ବିଚାର କରାଯାଇ ତୁରନ୍ତ ନ୍ୟାୟ ପ୍ରଦାନ କରାଯିବ ବୋଲି ଯୋଗୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ସେ ପୀଡିତାଙ୍କ ପରିବାର ପାଇଁ ୨୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉନ୍ନାଓ ଯାଇ ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପାଇଁ ସେ ଯୋଗୀ ସରକାରଙ୍କୁ ଦାୟୀ କରିଛନ୍ତି। ପୀଡିତାଙ୍କୁ ନ୍ୟାୟ ଦେବାରେ ସରକାର ବିଫଳ ହୋଇଥିବା ପ୍ରିୟଙ୍କା ଟୁଇଟ୍ କରିଛନ୍ତି। ଦେଶରେ ମହିଳାଙ୍କ ପ୍ରତି ହିଂସା ବଢୁଥିବାରୁ ଏଥିପାଇଁ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଦେଶ ଚଳାଉଥିବା ବ୍ୟକ୍ତି ହିଂସାରେ ବିଶ୍ୱାସ କରୁଥିବା ରାହୁଲ କହିଛନ୍ତି। ରାଜ୍ୟରେ ଭାଜପା ନେତୃତ୍ୱାଧୀନ ସରକାରରେ ଆଇନ ଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଉତ୍ତରପ୍ରଦେଶ ବଳାତ୍କାରର ରାଜଧାନୀରେ ପରିଣତ ହୋଇଥିବା କଂଗ୍ରେସ ସମାଲୋଚନା କରିଛି। ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି କଂଗ୍ରେସ ମୁଖପାତ୍ର ସୁପ୍ରିୟା ଶ୍ରୀନାଟେ ଦାବି କରିଛନ୍ତି। ପୀଡ଼ିତାଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରାଇବାକୁ ବିଏସ୍‌ପି ସୁପ୍ରିମୋ ମାୟାବତୀ ୟୁପି ସରକାରଙ୍କୁ କହିଛନ୍ତି। ଉନ୍ନାଓ ପୀଡ଼ିତାଙ୍କ ମୃତ୍ୟୁ ଘଟିବା ଲଜ୍ଜାଜନକ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିବା ସହ ଅପରାଧୀଙ୍କୁ ରାଜ୍ୟ ସରକାର ଫାଶୀ ଦେବାର ବ୍ୟବସ୍ଥା କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି।

## ଇତିହାସର ଆଇନାରେ

### ଡିସେମ୍ବର ୮ର ପ୍ରମୁଖ ଘଟଣା

୧୯୯୮ ଡିସେମ୍ବର ୮ରେ ଆଲଜେରିଆର ତଡ଼ଜେନାରେ ସଶସ୍ତ୍ର ଗୋଷ୍ଠୀ ୮୧ ଗ୍ରାମବାସୀଙ୍କୁ ଅତି ବିଭିତ୍ସ ଭାବେ ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡ ଲାଗି କୌଣସି ଗୋଷ୍ଠୀ ନିଜକୁ ଦାୟୀ କରି ନ ଥିଲେ ହେଁ କଡ଼ା ନିନ୍ଦା କରାଯାଇଥିଲା। ଶିଶୁ ଓ ମହିଳାଙ୍କୁ ଅପହରଣ କରାଯାଇ ବେକ, ଗୋଡ଼, ହାତ କାଟି ହତ୍ୟା କରାଯାଇଥିଲା।

୨୦୦୯ ଡିସେମ୍ବର ୮ରେ ଇରାକରେ ବୋମା ବିସ୍ଫୋରଣ ହେବା ଫଳରେ ୧୨୭ ଜଣଙ୍କ ପ୍ରାଣହାନି ଘଟିଥିଲା। ପ୍ରାୟ ୪୫୦ ଜଣ ଏଥିରେ ଆହତ ହୋଇଥିଲେ। ଆଇଏସ୍ ଏଥିଲାଗି ନିଜକୁ ଦାୟୀ କରିଥିଲା। ଅନ୍ତର୍ଜାତୀୟ ସ୍ତରରେ ଏଭଳି ଆତଙ୍କବାଦୀ ଆକ୍ରମଣକୁ ତୀବ୍ର ନିନ୍ଦା କରାଯାଇଛଥିଲା।

## ଗରିବଙ୍କ ହାତପାଆନ୍ତାରେ ନାହିଁ ନ୍ୟାୟ: ରାଷ୍ଟ୍ରପତି

**ଯୋଧପୁର,୭।୧୨(ପି.ଟି.)**

ନ୍ୟାୟିକ ପ୍ରକ୍ରିୟା ସାଧାରଣ ଲୋକଙ୍କ ହାତପାହାନ୍ତାର ବାହାରେ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିବା ସହ ଏଥିପାଇଁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନ୍ୟାୟିକ ପ୍ରକ୍ରିୟା ବ୍ୟୟବହୁଳ ହୋଇଯାଇଛି ଏବଂ ବିଭିନ୍ନ କାରଣରୁ ଏହା ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରୁନାହିଁ। ସାଧାରଣ ପକ୍ଷ ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟ ଯିବା ସମ୍ଭବ ହୋଇପାରୁ ନ ଥିବା ରାଷ୍ଟ୍ରପତି ରାଜସ୍ଥାନ ହାଇକୋର୍ଟ ନୂଆ ବିଲ୍ଡିଂର ଉଦ୍‌ଘାଟନ ସମାରୋହରେ ଉଦ୍‌ବୋଧନ ଦେଇ କହିଛନ୍ତି। ଏହା ଅତି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। କାରଣ ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବା ଲାଗି ଆମେ ସମସ୍ତେ ଉତ୍ତରଦାୟୀ ରହିବା ସମ୍ବିଧାନର ପ୍ରସ୍ତାବନାରେ ଉଲ୍ଲେଖ ରହିଛି। ବ୍ୟୟବହୁଳ ନ୍ୟାୟିକ ପ୍ରକ୍ରିୟାକୁ ନେଇ ମହାତ୍ମା ଗାନ୍ଧୀ ମଧ୍ୟ ଚିନ୍ତାବ୍ୟକ୍ତ କରିଥିଲେ ବୋଲି ରାଷ୍ଟ୍ରପତି କହିଛନ୍ତି। ଯଦି ଆମେ ଗାନ୍ଧିଜୀଙ୍କ ନୀତିକୁ ମନେପକାଇବା ଓ ସମାଜର ସବୁଠୁ ଗରିବ ଓ ଦୁର୍ବଳଙ୍କ କଥା ଭାବିବା ତେବେ ଆମେ ଠିକ୍ ମାର୍ଗ ବାହାର କରିପାରିବା ବୋଲି କୋବିନ୍ଦ କହିଛନ୍ତି।



ଅମୃତସର ଉପକଣ୍ଠ ଏକ ସୋରିଷ କ୍ଷେତରେ ଜଣେ ମହିଳା କାମ କରୁଛନ୍ତି।

## ତାଲିବାନ ସହ ଆମେରିକାର ଆଲୋଚନା ଆରମ୍ଭ

**ଦୋହା,୭।୧୨(ପି.ଟି.)**

ତାଲିବାନ ସହ ଆମେରିକା ଶନିବାର ପୁଣିଥରେ ଆଲୋଚନା ଆରମ୍ଭ କରିଛି। ଏଥର କାତାରର ଦୋହାଠାରେ ଏହି ଆଲୋଚନା ହେଉଛି। ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାର ପାଇଁ ସେପ୍ଟେମ୍ବରରେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ତେବେ କଥାବାର୍ତ୍ତାରେ ବିଶେଷ ଅଗ୍ରଗତି ନ ହେବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ସ୍ଥଗିତ ରଖିଥିଲେ। ଏହା ପରେ କାବୁଲରେ ତାଲିବାନ ସହ ସରକାରଙ୍କ ସିଧାସଳଖ ଆଲୋଚନା ପାଇଁ ପଥ ପରିଷ୍କାର ହୋଇପାରିବ ଏବଂ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆଫଗାନିସ୍ତାନରେ ନିୟୋଜିତ ଥିବା ଆମେରିକା ସେନା ପ୍ରତ୍ୟାହାର ନିମନ୍ତେ ସମ୍ଭାବ୍ୟ ଶାନ୍ତି ଚୁକ୍ତିନାମା ହୋଇପାରିବ ବୋଲି ଆଶା କରାଯାଉଛି।

## ଝାଡ଼ଖଣ୍ଡ ଭୋଟବେଳେ ହିଂସା

**ରାଞ୍ଚି, ୭।୧୨(ପି.ଟି.)**

ଝାଡ଼ଖଣ୍ଡରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୬୪% ମତଦାନ ହୋଇଛି। ଭୋଟବେଳେ ହିଂସାକାଣ୍ଡ ଘଟି ପୋଲିସ ଗୁଳିରେ ଜଣେ ପ୍ରାଣ ହରାଇବା ସହ ୨ ଜଣ ଆହତ ହୋଇଛନ୍ତି। ସିସାଇ ଆସନ ଅନ୍ତର୍ଗତ ବଧନି ଗ୍ରାମର ୩୬ ନଂ. ବୁଥରେ କୌଣସି କାରଣକୁ ନେଇ ଦୁଇ ରାଜନୈତିକ ଦଳ ମଧ୍ୟରେ ବିବାଦ ଦେଖାଦେବାରୁ ପୋଲିସ

**ପୋଲିସ ଗୁଳିରେ ଜଣେ ମୃତ, ୨ ଗୁରୁତର**

**ଦ୍ୱିତୀୟ ପର୍ଯ୍ୟାୟରେ ୬୪% ମତଦାନ**

ଏଥିରେ ହସ୍ତକ୍ଷେପ କରିଥିଲା। ଉତ୍ତ୍ୟକ୍ତ ଲୋକମାନେ ପୋଲିସ ଉପରକୁ ଟେକାପଥର ମାଡ଼କରିବାରୁ ଜଣେ ପୋଲିସ ଇନ୍ସପେକ୍ଟରଙ୍କ ସମେତ ୮ ପୋଲିସ, ଜଣେ ଖବରଦାତା ଆହତ ହୋଇଥିଲେ। ପରେ ବୁଥରେ ନିୟୋଜିତ ସୁରକ୍ଷାକର୍ମୀଙ୍କଠାରୁ ଗ୍ରାମବାସୀ ବନ୍ଧୁକ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ଶେଷରେ ପୋଲିସ ପରିସ୍ଥିତି ନିୟନ୍ତ୍ରଣ କରିବା ଲାଗି ପ୍ରଥମେ ଲାଠିଚାର୍ଜ ଓ ପରେ ଗୁଳିମାଡ଼ କରିଥିଲା। ଗୁଳିମାଡ଼ରେ ମୃତକଙ୍କ ନାମ ଗିଲାନି ଅନ୍‌ସାରି ବୋଲି ଦର୍ଶାଯାଇଛି। ଆହତ ଅସ୍‌ଫାକ ଅନ୍‌ସାରି ଓ ଖୁଫା ଅନ୍‌ସାରିଙ୍କୁ ରାଞ୍ଚି ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ଏହି ବୁଥରେ ଭୋଟଗ୍ରହଣ ବନ୍ଦ ରଖାଯାଇଥିବାବେଳେ ଅନ୍ୟକୌଣସି ଦିନ ପୁଣି ଭୋଟଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ଶନିବାର ରାଜ୍ୟର ୨୦ ଆସନ ଲାଗି ସକାଳ ୭ରୁ ଭୋଟଗ୍ରହଣ କରାଯାଇଥିବାବେଳେ ମତଦାନ ହାର ୬୪% ହୋଇଥିବା ଜଣାପଡ଼ିଛି।



ମୁଖ୍ୟମନ୍ତ୍ରୀ ରଘୁବର ଦାସ ଭୋଟ ଦେଇସାରିବାପରେ କାଳିଲଗା ଅଙ୍ଗୁଳି ଦେଖାଉଛନ୍ତି।

## ଏନ୍‌ଏଚ୍‌ଆର୍‌ସି ଟିମ୍‌ର ତନାଘନା

**ହାଇଦ୍ରାବାଦ, ୭।୧୨(ପି.ଟି.)**

ହାଇଦ୍ରାବାଦର ମହିଳା ପଶୁ ଚିକିତ୍ସକଙ୍କୁ ଗଣବଳାତ୍କାର ଓ ହତ୍ୟା କରିବା ଅଭିଯୋଗରେ ଗିରଫ ୪ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଏନ୍‌କାଉଣ୍ଟର କରି ହତ୍ୟା କରିବା ପରେ ଶନିବାର ଏନେଇ ଜାତୀୟ ମାନବାଧିକାର ଆୟୋଗ(ଏନ୍‌ଏଚ୍‌ଆର୍‌ସି) କର୍ମକର୍ତ୍ତା ଘଟଣାସ୍ଥଳ(ଚଟ୍ଟନପଲ୍ଲୀ ଗ୍ରାମ)କୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ସରକାରୀ ହସ୍ପିଟାଲରେ ଥିବା ମୃତଦେହଗୁଡ଼ିକୁ

**ହାଇଦ୍ରାବାଦ ଏନ୍‌କାଉଣ୍ଟର**

ପରୀକ୍ଷା ସହ ଭିଡିଓଗ୍ରାଫ କରାଯାଇଛି। ସ୍ୱଟ ଇନ୍‌କ୍ୱାରୀ ସହ ବିଭିନ୍ନ ଘଟଣାର ଟିକିନିଖି ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ଏନ୍‌ଏଚ୍‌ଆର୍‌ସି ଟିମ୍ କହିଛି। ୪ ଅଭିଯୁକ୍ତ ପୋଲିସ ବନ୍ଧୁକ ଛଡ଼ାଇ ସେମାନଙ୍କ ଉପରକୁ ଆକ୍ରମଣ ଉଦ୍ୟମକରିବା ପରେ ଏନ୍‌କାଉଣ୍ଟର କରାଯାଇଥିଲା ବୋଲି ହାଇଦ୍ରାବାଦ ପୋଲିସ କହିଥିଲା। ସେପଟେ ପ୍ରାଣ ହରାଇଥିବା ଅଭିଯୁକ୍ତ ଚେନ୍ନାକେଶଭୁଲୁଙ୍କ ବିଧବା ଗର୍ଭବତୀ ସ୍ତ୍ରୀ ରେଣୁକା ପୋଲିସର କାର୍ଯ୍ୟକଳାପ ଉପରେ ସନ୍ଦେହ ପ୍ରକଟ କରି ନ୍ୟାୟ ଦାବି କରିଛନ୍ତି। କେତେକ ପୋଲିସ ଏନ୍‌କାଉଣ୍ଟରକୁ ଠିକ୍ ବୋଲି କହି ଉତ୍ସବ ମନାଉଥିବାବେଳେ ପୁଣି କେତେକ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ସନ୍ଦେହ ପ୍ରକଟ କରିଛନ୍ତି।

### ଏସ୍‌ଆଇଟି ତଦନ୍ତ ଲାଗି ପିଆଇଏଲ୍

**ନୂଆଦିଲ୍ଲୀ,୭।୧୨(ପି.ଟି.):** ତେଲଙ୍ଗାନା ଗଣବଳାତ୍କାର ଓ ହତ୍ୟା ଘଟଣାରେ ୪ ଅଭିଯୁକ୍ତଙ୍କୁ ପୋଲିସ ଏନ୍‌କାଉଣ୍ଟର ଘଟଣାର ଏସ୍‌ଆଇଟି ତଦନ୍ତ ଲାଗି ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଛି। ସର୍ବୋଚ୍ଚ ଅଦାଲତର ପୂର୍ବତନ ବିଚାରପତିଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ପୋଲିସ ଏନ୍‌କାଉଣ୍ଟରର ତଦନ୍ତ କରିବା ପାଇଁ ଦାବି ହୋଇଛି। ଏଥିସହିତ ମୃତ ଅଭିଯୁକ୍ତମାନଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଯୋଗାଇଦେବା ନିମନ୍ତେ ସର୍ବୋଚ୍ଚ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ପିଟିଶନ୍‌ରେ ଅନୁରୋଧ କରାଯାଇଛି। ଆଇନଜୀବୀ ଏମ୍.ଏଲ୍. ଶର୍ମା ଏହି ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ଏନ୍‌କାଉଣ୍ଟରରେ ସମ୍ପୃକ୍ତ ପୋଲିସଙ୍କ ବିରୋଧରେ ମକଦ୍ଦମା ଚଳାଇବା ପାଇଁ ନିର୍ଦ୍ଦେଶ ଦେବାକୁ ସେ ପିଟିଶନରେ ଅନୁରୋଧ କରିଛନ୍ତି। ବିଚାର ପୂର୍ବରୁ ଅଭିଯୁକ୍ତଙ୍କୁ ହତ୍ୟାକରିବା ପାଇଁ ସମାଜବାଦୀ ପାର୍ଟି ଏମ୍‌ପି ଜୟା ବଚ୍ଚନ ଏବଂ ଦିଲ୍ଲୀ ମହିଳା କମିଶନ ଅଧ୍ୟକ୍ଷା ସ୍ୱାତୀ ମାଲିୱାଲ ଉତ୍ତେଜକ ମନ୍ତବ୍ୟ ଦେଇ ପୋଲିସ ଉପରେ



ଚାପ ପକାଇଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶର୍ମା ଅଦାଲତଙ୍କୁ ଅନୁରୋଧ କରିଛନ୍ତି।

ପୋଲିସ ଶୁକ୍ରବାର ଭୋର ସମୟରେ ଅଭିଯୁକ୍ତମାନଙ୍କୁ ନେଇ ଅପରାଧ ସ୍ଥଳକୁ ଯାଇଥିଲା। ସେଠାରେ ସେମାନେ ପୋଲିସଠାରୁ ବନ୍ଧୁକ ଛଡ଼ାଇ ଗୁଳି ଚଳାଇ ଖସିପଳାଇବାକୁ ଉଦ୍ୟମ କରିବାରୁ ଏନ୍‌କାଉଣ୍ଟର କରିବାକୁ ପୋଲିସ ବାଧ୍ୟ ହେଲା ବୋଲି କହୁଛି। ମହିଳା ପ୍ରାଣୀ ଚିକିତ୍ସକଙ୍କ ପୋଡିଯାଇଥିବା ମୃତଦେହ ଯେଉଁଠୁ ମିଳିଥିଲା ସେହିଠାରେ ହିଁ ୪ ଅଭିଯୁକ୍ତଙ୍କୁ ପୋଲିସ ଏନ୍‌କାଉଣ୍ଟରରେ ମାରିଦେଇଥିଲା।



"ଭାରତୀୟ ପାସ୍‌ପୋର୍ଟ ଲାଗି ମୁଁ ଆବେଦନ କରିଥିବାବେଳେ ଜାତୀୟତାର ପ୍ରମାଣ ମଗାଯିବା ମୋତେ ବହୁତ ବାଧୁଛି।
-ଅକ୍ଷୟ କୁମାର, ବଲିଉଡ୍ ଅଭିନେତା

# '#ନୋ ମ୍ୟାରେଜ ୱୁମେନ' ମୁଭ୍‌ମେଣ୍ଟ

**ଟୋକିଓ/ସିଓଲ:** ସାମାଜିକ ବ୍ୟବସ୍ଥାରେ ବିବାହ ଏକ ପ୍ରମୁଖ ଅଙ୍ଗ ଭାବେ ଯୋଡ଼ିହୋଇଛି। ସମସ୍ତେ ଚାହାଁନ୍ତି ସେମାନଙ୍କ ଜୀବନକୁ ମନଲାଖି ଜୀବନସାଥୀଟିଏ ଆସୁ। ଭାରତ ଭଳି ଦେଶରେ ବିବାହକୁ ନେଇ ଲୋକମାନଙ୍କ ମଧ୍ୟରେ ରହିଆସିଛି ଖାସ୍ ଆଗ୍ରହ। ହେଲେ ପାଶ୍ଚାତ୍ୟ ଦେଶର ଯୁବପିଢ଼ି ଏବେ ମ୍ୟାରେଜରୁ ମୁହଁ ଫେରାଉଛନ୍ତି। ବିଶେଷ କରି ଦକ୍ଷିଣ କୋରିଆ ଏବଂ ଜାପାନ ଭଳି ଦେଶର ମହିଳାମାନେ ବିବାହ ବିମୁଖ ହେଉଥିବା ଲକ୍ଷ୍ୟ କରାଯାଉଛି। ଏହାର ପ୍ରତିକୂଳ ପ୍ରଭାବ ସମ୍ପୃକ୍ତ ଦେଶର ଆର୍ଥିକ ବ୍ୟବସ୍ଥା ଉପରେ ପଡ଼ିଲାଣି। କେବଳ ଏତିକି ନୁହେଁ, ଜନ୍ମହାର ଆଶାତୀତ ଭାବେ କମିବାରେ ଲାଗିଛି। ପ୍ରସବ ସଂଖ୍ୟା ହ୍ରାସ ଦୃଷ୍ଟିରୁ ଜାପାନ ପ୍ରଥମ ଏବଂ ଦକ୍ଷିଣ କୋରିଆ ଅଷ୍ଟମ ସ୍ଥାନରେ ଅଛନ୍ତି।



ଦକ୍ଷିଣ କୋରିଆରେ ବିବାହ ବିମୁଖ ମହିଳାମାନେ '#ନୋ ମ୍ୟାରେଜ ୱୁମେନ' ଅଭିଯାନ ଆରମ୍ଭ କରିଛନ୍ତି। ଅଭିଯାନରେ ନୋ ଡେଟିଂ, ନୋ ସେକ୍ସ, ନୋ ମ୍ୟାରେଜ, ନୋ ଚାଇଲ୍ଡ ଭଳି ୪ଟି ବିଷୟ ଉପରେ ଫୋକସ କରାଯାଉଛି।

ହେଲେ ଏପରି ଅଭିଯାନ ପାଇଁ ଏବେ ଅଡୁଆରେ ପଡ଼ିଛନ୍ତି ସରକାର। ମହିଳାମାନେ ବିବାହ ଲାଗି ଅରାଜି ହେଉଥିବାରୁ ଅନେକ ମ୍ୟାରେଜ ହଲ୍ ବନ୍ଦ ହୋଇଗଲାଣି। କେବଳ ସିଓଲରେ ଏହି ସଂଖ୍ୟା ୨୦%। ଜନସଂଖ୍ୟା ହ୍ରାସ କାରଣରୁ ଦେଶର ଶିଳ୍ପ ଉଦ୍ୟୋଗ ସର୍ବାଧିକ ପ୍ରଭାବିତ ହୋଇଛି। ପ୍ରାଥମିକ ଶିକ୍ଷା ବି ଏଥିରୁ ବାଦ୍ ପଡ଼ିନି। ପ୍ରାଥମିକ ଶିକ୍ଷା ପାଇଁ ଆବଶ୍ୟକ ପିଲା ହେଉ ନ ଥିବାରୁ ଅନେକ ସ୍କୁଲ ବନ୍ଦ ପଡ଼ିଛି। ଏକ ତଥ୍ୟ ଅନୁଯାୟୀ, ଦଶନ୍ଧି ପୂର୍ବରୁ ଏଠାରେ ୪୭% ମହିଳା ବିବାହକୁ ନେଇ ଆଗ୍ରହ ଦେଖାଉଥିଲେ। ହେଲେ ୨୦୧୮ ପରିସଂଖ୍ୟାନରେ ଏହି ହାର ୨୨.୪%କୁ ଖସିଆସିଛି। ଏବେ ପରିସ୍ଥିତି ଏପରି ହେଲାଣି ଯେ, ବିବାହ ଭଳି ମାଙ୍ଗଳିକ କାର୍ଯ୍ୟ ଏବଂ ଛୁଆ ଜନ୍ମ ଲାଗି ଆଗ୍ରହୀ ହେବାକୁ ସରକାର ମଧ୍ୟ ପ୍ରୋତ୍ସାହନ ଦେବା ଆରମ୍ଭ କଲେଣି। ସିଓଲ ନିବାସୀ ବୋନି ଲୀ କୁହନ୍ତି, ସେ ପୁରୁଷଙ୍କ ସହ ସମ୍ପର୍କ ବଢ଼ାଇବାକୁ ଆଗ୍ରହୀ ନୁହନ୍ତି। ସେ ଜଣେ ସାଧାରଣ ମହିଳା ଏବଂ ଖୁସିରେ ବଞ୍ଚିବାକୁ ଚାହୁଁଛନ୍ତି। କେବଳ ଲୀ ନୁହନ୍ତି, ତାଙ୍କ ପରି ଅନେକ ମହିଳା ସମାନ ମନୋଭାବ ପୋଷଣ କରିଛନ୍ତି।ଦକ୍ଷିଣ କୋରିଆ ପରି ଜାପାନରେ ମଧ୍ୟ ସମାନ ସମସ୍ୟା ଦେଖାଦେଇଛି। ଏଠାରେ ମଧ୍ୟ ଯୁବତୀଯୁବକ ବିବାହ ଲାଗି ଇଚ୍ଛା କରୁନାହାନ୍ତି। ଜନ୍ମହାର ହ୍ରାସ ଯୋଗୁ ଯୁବପିଢ଼ିଙ୍କ ସଂଖ୍ୟା ବଢୁନାହିଁ। ଏଠାରେ ବୟସ୍କଙ୍କ ସଂଖ୍ୟା ବୃଦ୍ଧିର ପ୍ରଭାବ ସାମାଜିକ ଏବଂ ଅର୍ଥନୈତିକ ବ୍ୟବସ୍ଥା ଉପରେ ପଡୁଛି। ଜନସଂଖ୍ୟା ବଢ଼ାଇବା ପାଇଁ ଦୁଇଟି ସନ୍ତାନ ଜନ୍ମ କରିବାକୁ ସରକାର ପ୍ରବର୍ତ୍ତାଇବାଆରମ୍ଭକଲେଣି।




**ମୁମ୍ବାଇ:** ଆଜିକାଲି ବଲିଉଡ୍ ଫିଲ୍ମ ମେକର୍ସଙ୍କ ଡିମାଣ୍ଡ ଲିଷ୍ଟରେ ରହିଛି ସୁନ୍ଦରୀ କିଆରା ଆଡ୍‌ଭାନୀଙ୍କ ନାଁ। ଫିଲ୍ମ 'କବୀର ସିଂ'ରେ ଦମ୍‌ଦାର ଅଭିନୟ ପରେ କିଆରାଙ୍କ ନିକଟକୁ ଗୋଟିଏ ପରେ ଗୋଟିଏ ଅଫର୍ ଆସୁଛି। ତେବେ ବି-ଟାଉନ୍ ଏଣ୍ଟ୍ରି କରିବା ପୂର୍ବରୁ କିଆରା କ'ଣ କରୁଥିଲେ ଆପଣ ଜାଣନ୍ତି କି ?

ଏକ ଜାତୀୟ ଗଣମାଧ୍ୟମ ଅନୁଯାୟୀ ଏକ ସାକ୍ଷାତ୍‌କାର ସମୟରେ କିଆରା ଏନେଇ ନିଜ ଖୁଲାସା କରିଛନ୍ତି। ଅଭିନେତ୍ରୀ ହେବା ପୂର୍ବରୁ ସେ ନିଜ ମାଆଙ୍କ ପ୍ରି-ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଉଥିଲେ। ଅନ୍ୟ ଶିକ୍ଷୟିତ୍ରୀଙ୍କ ଭଳି କିଆରା ମଧ୍ୟ ପିଲାଙ୍କ ସହ ଖେଳ, କବିତା ମାଧ୍ୟମରେ ପାଠ ପଢ଼ାଉଥିଲେ। ପିଲାମାନଙ୍କୁ

## 'ଛୋଟ ପିଲା ମୋତେ ଭାରି ପସନ୍ଦ'

ବିଭିନ୍ନ ଶବ୍ଦ ଏବଂ ବାକ୍ୟ ଗଢ଼ିବା ଆଦି ଶିଖାଉଥିଲେ। ଏପରି କି, ଆବଶ୍ୟକ ପଡ଼ିଲେ ପିଲାଙ୍କ ଡାଏପର୍ସ ମଧ୍ୟ ବଦଳାଉଥିଲେ ବୋଲି କିଆରା କହିଛନ୍ତି। ତେବେ ଛୋଟପିଲା ତାଙ୍କୁ ବହୁତ ପସନ୍ଦ ଆଉ ସେ ଯେବେ ମାଆ ହେବେ ଖୁବ୍ ଉତ୍ସାହର ସହ ଦାୟିତ୍ୱ ଗ୍ରହଣ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ, ଅପ୍‌କମିଂ ଫିଲ୍ମ 'ଗୁଡ୍ ନ୍ୟୁଜ୍'ରେ ଦିଲ୍‌ଜିତ୍ ଦୋସାଞ୍ଜଙ୍କ ସହ ନଜରକୁ ଆସିବେ କିଆରା। ଫିଲ୍ମରେ ଅକ୍ଷୟ କୁମାରଏବଂ କରୀନା କପୁର ମଧ୍ୟ ଲିଡ୍ କରୁଛନ୍ତି। ଏହାଛଡ଼ା ଫିଲ୍ମ 'ଲକ୍ଷ୍ମୀ ବମ୍ବ', 'ଇନ୍ଦୁ କୀ ଜୱାନି', 'ଭୁଲ୍ ଭୁଲୈୟା-୨'ରେ ମଧ୍ୟ କିଆରାଙ୍କୁ ଦେଖିବାକୁ ମିଳିବ।

# ଜୀବନକୁ ବାଜି ଲଗାଇଲେ କନ୍‌ଷ୍ଟେବଲ

**ଠାଣେ(ମହାରାଷ୍ଟ୍ର):** ରେଳବାଇ ସମ୍ପତ୍ତିର ସୁରକ୍ଷା କରିବା ରେଳ ସୁରକ୍ଷା ବଳ(ଆର୍‌ପିଏଫ୍)ର ଦାୟିତ୍ୱ ଏବଂ କର୍ତ୍ତବ୍ୟ। ହେଲେ ଜଣେ ଆର୍‌ପିଏଫ୍ କନ୍‌ଷ୍ଟେବଲ ନିଜ ଜୀବନକୁ ବାଜି ଲଗାଇ ଜଣେ ଯାତ୍ରୀଙ୍କୁ ବଞ୍ଚାଇବା ଘଟଣା କମ୍ ଦେଖିବାକୁ ମିଳେ। ମହାରାଷ୍ଟ୍ରର ଠାଣେ ରେଳ ଷ୍ଟେଶନରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଥାନେ ରେଳ ଷ୍ଟେଶନରେ କର୍ତ୍ତବ୍ୟରତ ଆର୍‌ପିଏଫ୍ କନଷ୍ଟେବଳ ଅନିଲ୍ କୁମାର ନିଜ ଜୀବନକୁ ପଛରେ ପକାଇ ଜଣେ ଯାତ୍ରୀଙ୍କୁ ନିଶ୍ଚିତ ଦୁର୍ଘଟଣାରୁ ବଞ୍ଚାଇଛନ୍ତି। ଟ୍ରେନ୍ ଛାଡ଼ିବା ସମୟ ହୋଇଯାଇଥିବାରୁ ଜଣେ ୫୫ ବର୍ଷୀୟ ଯାତ୍ରୀ ୬ ନଂ. ପ୍ଲାଟ୍‌ଫର୍ମରୁ ୭ ନଂ. ପ୍ଲାଟ୍‌ଫର୍ମକୁ ରେଳଧାରଣା ପାରିହୋଇ ନିଜ ପରିବାର ଲୋକଙ୍କ ନିକଟକୁ ଯାଉଥିଲେ। ଏହି ସମୟରେ ଟ୍ରେନ୍ ଆସୁଥିବା ଦେଖି ଯାତ୍ରୀ ଜଣକ ଭୟଭୀତ ହୋଇ ଧାରଣା ମଝିରେ ଅଟକି ଯାଇଥିଲେ। ଫଳରେ ଲୋକୋପାଇଲଟ୍ ଜରୁରିକାଳୀନ ବ୍ରେକ୍ ଦବାଇଥିଲେ। ଏହା ଦେଖି କନ୍‌ଷ୍ଟେବଳ ଅନିଲ୍ କୁମାର ଅବିଳମ୍ବେ ରେଳ ଧାରଣାକୁ ଡେଇଁ ତାଙ୍କୁ ଟାଣିଆଣି ଦୁର୍ଘଟଣାରୁ ବଞ୍ଚାଇଥିଲେ। ତେବେ ଯାତ୍ରୀଙ୍କ ଘର ଜାଲ୍‌ନାର ଘାଂସାଭାଙ୍ଗି ଅଞ୍ଚଳରେ ବୋଲି ଜଣାପଡ଼ିଥିବାବେଳେ ତାଙ୍କୁ ଆର୍‌ପିଏଫ୍ ପୋଷ୍ଟରେ ହାଜର କରାଯାଇ ପଚରାଉଚରା କରାଯାଇଥିଲା। ସମସ୍ତ ଘଟଣା ଷ୍ଟେଶନ ସିସିଟିଭିରେ କଏଦ ହୋଇଥିଲା। ହେଲେ ନିଜ କର୍ତ୍ତବ୍ୟରୁ ଊର୍ଦ୍ଧ୍ୱକୁ ଯାଇ ମାନବିକତା ନିଷ୍ଠାର ପରିଚୟ ଦେଇଥିବା ଆର୍‌ପିଏଫ୍‌କନ୍‌ଷ୍ଟେବଲଙ୍କୁତାଙ୍କର କାର୍ଯ୍ୟ ପାଇଁସବୁମହଲରୁପ୍ରଶଂସା କରାଯାଇଥିବାବେଳେ ତାଙ୍କୁ ପୁରସ୍କାର ପ୍ରଦାନ ପାଇଁ ସୁପାରିସ କରାଯାଇଥିବା ରେଳପଥ ପକ୍ଷରୁ କୁହାଯାଇଛି।

# ଚେନ୍ନାଇର ବାର୍ଡମ୍ୟାନ୍



**ଚେନ୍ନାଇ:** ପକ୍ଷୀ ଓ ମଣିଷଙ୍କ ମଧ୍ୟରେ ବନ୍ଧୁତ୍ୱ ସମ୍ଭବ ଯାହା ପ୍ରମାଣ କରିଛନ୍ତି ଜୋସେଫ ଶେଖର । ପେସାରେ ସେ ଜଣେ ଇଲେକ୍ଟ୍ରିସିଆନ୍। କ୍ୟାମେରା ବି ମରାମତି କରନ୍ତି। ଦୀର୍ଘ ୧୫ ବର୍ଷ ହେବ ତାଙ୍କ ବୃତ୍ତିଗତ ତଥା ବ୍ୟକ୍ତିଗତ ଜୀବନର ଉତ୍ଥାନପତନ ମଧ୍ୟରେ ସେ ପାଇଛନ୍ତି ହଜାର ହଜାର 'ଗ୍ରୀନ୍ ଫ୍ରେଣ୍ଡ' ବା ସବୁଜ ବନ୍ଧୁ । ଏହି ବନ୍ଧୁମାନେ ହେଉଛନ୍ତି ଶୁଆ। ଏଥିପାଇଁ ଶେକର ଚେନ୍ନାଇର ବାର୍ଡମ୍ୟାନ ଭାବେ ପରିଚିତ। ସେ ପ୍ରତିଦିନ ହଜାର ହଜାର ଶୁଆଙ୍କୁ ପାଖାପାଖି ୭୫ କିଲୋ ଚାଉଳ ଖାଇବାକୁ ଦେବା ସହ ସେମାନଙ୍କ ପସନ୍ଦର ଆଉ କିଛି ଖାଦ୍ୟ ମଧ୍ୟ ଦେଉଛନ୍ତି। ଏଥିପାଇଁ ଶେଖର ତାଙ୍କ ମାସିକ ଆୟର ୪୦ ପ୍ରତିଶତ ଖର୍ଚ୍ଚ କରୁଛନ୍ତି। ୨୦୦୪ ଡିସେମ୍ବରରେ ଶେଖର ତାଙ୍କ ଛାତ ଉପରେ ୫ଟି ଶୁଆ ବସିଥିବାର ଦେଖି ପ୍ରଥମେ ସେମାନଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ। ଶେଖରଙ୍କ ପରିବାରରେ ଭିଜା ଚାଉଳ ଓ ପାଣି ଘରଚଟିଆଙ୍କୁ ପ୍ରତିଦିନ ଦିଆଯାଏ। ଏହି ଅଭ୍ୟାସ ତାଙ୍କର ପିଲାବେଳୁ ରହିଥିଲା। ଏଣୁ ସେ ଚେନ୍ନାଇକୁ ଆସିବା ପରେ ଏହି ଅଭ୍ୟାସ ଚାଲୁରଖିଥିଲେ। ପରେ ସେ ତାଙ୍କ ଛାତ ଉପରକୁ ଶୁଆ ଆସି ଘରଚଟିଆଙ୍କ ସହ ସେହି ଚାଉଳକୁ ଖାଇବାର ଲକ୍ଷ୍ୟ କରିଥିଲେ। ସେହିଦିନଠାରୁ ଏହି ସୁନ୍ଦର ପକ୍ଷୀଙ୍କ ସହ ସମ୍ପର୍କ ଯୋଡି ହୋଇଯାଇଥିଲା। ଶୁଆ ସଂଖ୍ୟା ହଜାରକୁ ଛୁଇଁବ ବୋଲି ମୁଁ କେବେ ବି ଆଶା କରି ନ ଥିଲ ବୋଲି କୁହନ୍ତି ଶେଖର। ଏବେ ୮,୦୦୦ରୁ ଊର୍ଦ୍ଧ୍ୱ ଶୁଆଙ୍କୁ ଖାଇବାକୁ ଦେଉଛନ୍ତି। ଘରଚଟିଆଙ୍କର ଖାଇବାରେ ଯେମିତି କୌଣସି ଅସୁବିଧା ନହୁଏ ସେଥିପାଇଁ ଶୁଆଙ୍କୁ ଅଲଗା ବ୍ୟବସ୍ଥା କରିଛନ୍ତି। ବେଳେବେଳେ ପାରାମାନେ ବି ଆସି ଖାଉଛନ୍ତି। ଦିନକର କାମ ଶେଷ ହେବା ପରେ ସନ୍ଧ୍ୟାବେଳେ ସେ ଏହି ପକ୍ଷୀମାନଙ୍କୁ ଖୁଆଉଛନ୍ତି। ଶେଖର ଯେଉଁ ଘରେ ରହୁଛନ୍ତି ସେହି ଘରର ଉପରମହଲାର ଛାତ ଉପରେ ଶୁଆମାନଙ୍କୁ ଖାଇବାକୁ ଦେଉଛନ୍ତି ଓ ତଳ ଘରେ ଦୋକାନ ଖୋଲିଛନ୍ତି। ଶୁଆଙ୍କୁ ଖାଇବାକୁ ଦେଇ ସାରି ମଝିରେ ମଝିରେ ଦୋକାନରୁ ଆସି ଦେଖିଯାନ୍ତି। ଏତେ ସଂଖ୍ୟାରେ ଶୁଆ ଶେଖରଙ୍କ ଘରକୁ ଖାଇବାକୁ ଆସୁଥିବାରୁ ତାହା ଦେଖିବାକୁ ସାରା ବିଶ୍ୱରୁ ପର୍ଯ୍ୟଟକମାନେ ଚେନ୍ନାଇ ଆସୁଛନ୍ତି।




# ଗୋଟେ ପାରା ଧରିଲେ ହଜାରେ ଟଙ୍କା ପୁରସ୍କାର



**ବଡ଼ୋଦରା:** ଗୁଜରାଟ ବଡ଼ୋଦରା ବିମାନ ବନ୍ଦର କର୍ତ୍ତୃପକ୍ଷ ଏକ ନିଆରା ପୁରସ୍କାର ଘୋଷଣା କରିଛନ୍ତି। ବିମାନ ବନ୍ଦର କାର୍ଯ୍ୟାଳୟର ୨୫ ମିଟର ଉଚ୍ଚରେ ପାରା ବସା କରିଛନ୍ତି। ସେଠାରେ ୧୬ ପାରା ରହିଛନ୍ତି। ପାରାଙ୍କୁ ଘଉଡ଼େଇବା ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷ ନାନା ଉପାୟ କରିବା ପରେ ବି ଅସଫଳ ରହିଛନ୍ତି। ତେଣୁ ଗୋଟେ ପାରା ଧରିବା ଲାଗି ହଜାରେ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ବନ୍ଦର ନିର୍ଦ୍ଦେଶକ ଚରନ ସିଂ ପାରା ଧରିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏହି ପୁରସ୍କାର ଦିଆଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଏହି ବିମାନ ବନ୍ଦର ନିର୍ମାଣରେ ୧୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

ବଡ଼ୋଦରା: ଗୁଜରାଟର ବଡ଼ୋଦରା ବିମାନ ବନ୍ଦର କର୍ତ୍ତୃପକ୍ଷ ଏକ ନିଆରା ପୁରସ୍କାର ଘୋଷଣା କରିଛନ୍ତି। ବିମାନବନ୍ଦର କାର୍ଯ୍ୟାଳୟର ୨୫ ମିଟର ଉଚ୍ଚରେ ପାରା ବସା କରିଛନ୍ତି। ସେଠାରେ ୧୬ ପାରା ରହିଛନ୍ତି। ପାରାଙ୍କୁ ଘଉଡ଼େଇବା ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷ ନାନା ଉପାୟ କରିବା ପରେ ବି ଅସଫଳ ରହିଛନ୍ତି। ତେଣୁ ଗୋଟେ ପାରା ଧରିବା ଲାଗି ହଜାରେ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ବନ୍ଦର ନିର୍ଦ୍ଦେଶକ ଚରନ ସିଂ ପାରା ଧରିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏହି ପୁରସ୍କାର ଦିଆଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଏହି ବିମାନ ବନ୍ଦର ନିର୍ମାଣରେ ୧୬୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

## ମିଳିଲା ଗୁପ୍ତଧନ

# ଶହେ ବର୍ଷ ତଳର ମାଟିପାତ୍ରରେ ୨,୫୯୫ ମୁଦ୍ରା



**ଥିରୁଭାନନ୍ଥପୁରମ୍:** କେରଳର ଥିରୁଭାନନ୍ତପୁରମ୍‌ରେ ମାଟି ତଳୁ ମିଳିଛି ଗୁପ୍ତଧନର ସନ୍ଧାନ। ଶହେ ବର୍ଷ ପୁରୁଣା ମାଟି ପାତ୍ରରେ ୨,୫୯୫ ତମ୍ବା ମୁଦ୍ରା ବନ୍ଦ ଅବସ୍ଥାରେ ମିଳିଛି। ଏସବୁର ଓଜନ ୨୦ କିଲୋ ୪ଶହ ଗ୍ରାମ୍। ଏଥିରେ କଳଙ୍କି ଲାଗି ଯାଇଥିବାରୁ ଏସବୁକୁ ସଫା ପାଇଁ ଲ୍ୟାବ୍‌କୁ ପଠାଯାଇଛି। ସ୍ଥାନୀୟ ନିଲିମିନୁର୍ ଅଞ୍ଚଳରେ ବାସ କରୁଥିବା ବି. ରତ୍ନାକର ପିଲାଇ ଏକ ଲଟେରୀ କିଣିଥିଲେ। ଏଥିରେ ସେ ୬ କୋଟି ଟଙ୍କାର ପୁରସ୍କାର ଜିଣି ଥିଲେ। ଏହି ଟଙ୍କାରେ ସେ ଏକ ଜମି କିଣି କିଛିଦିନ ପରେ ଏହାର ଖନନ କରିଥିଲେ। ସେଠାରୁ ଏହି ଗୁପ୍ତଧନ ମିଳିଥିଲା। ଏସବୁ ମୁଦ୍ରା ତ୍ରାଭାଙ୍କୋରର ଦୁଇ ରାଜାଙ୍କ ଶାସନ ସମୟରେ ୧୮୮୫ରୁ ୧୯୪୯ ମଧ୍ୟରେ ପ୍ରଚଳିତ ହେଉଥିବା କୁହାଯାଉଛି। ୧୮୮୫ରୁ ୧୯୨୪ ପର୍ଯ୍ୟନ୍ତ ଏଠାରେ ରାଜା ମୁଲମ୍ ଥିରୁନଲ୍ ରାମ ବର୍ମା ଶାସନ କରୁଥିଲେ। ସେହିପରି ୧୯୨୪ରୁ ୧୯୪୯ ପର୍ଯ୍ୟନ୍ତ ଏଠାରେ ଶେଷ ରାଜା ଭାବେ ଚିଥୁରା ଥିରୁନଲ୍ ବାଲା ରାମ ବର୍ମା ଶାସନ ଭାର ସମ୍ଭାଳିଥିଲେ।

# 'ଜରୁରୀ ନୁହେଁ ସବୁଦିନ ଗାଧୋଇବା'

**ନୂଆଦିଲ୍ଲୀ:** ପ୍ରତ୍ୟହ ବିଶେଷ କରି ଶୀତ ଋତୁରେ ଗାଧୋଇବା ପାଇଁ ଅନେକେ ଅନିଚ୍ଛା ପ୍ରକାଶ କରିଥାନ୍ତି। ଏପରିକି ସ୍କିନ ଏକ୍ସପର୍ଟଙ୍କ କହିବା ମୁତାବକ, ଅଧିକାଂଶ ବ୍ୟକ୍ତି ସେମାନଙ୍କ ଇଚ୍ଛା ନ ଥାଇ ବାଧ୍ୟବାଧକତାରେ ଗାଧୋଇଥାନ୍ତି। ନିକଟରେ ହୋଇଥିବା ଏକ ଗବେଷଣା ସେମାନଙ୍କ ପାଇଁ ଖୁସି ଖବର ଆଣିଦେଇଛି। ବୋଷ୍ଟନର ସ୍କିନ ଏକ୍ସପର୍ଟ ତଥା ଡର୍ମାଟୋଲୋଜିଷ୍ଟଙ୍କ ଅଧ୍ୟୟନ ମୁତାବକ, ସବୁଦିନ ଗାଧୋଇବା ଶରୀର ପାଇଁ କ୍ଷତିକାରକ ହୋଇପାରେ। ଚର୍ମରୋଗ ବିଶେଷଜ୍ଞ ଡ. ରନେଲାଙ୍କ କହିବା ଅନୁଯାୟୀ, ପ୍ରତ୍ୟହ ଶାରୀରିକ ପରିଶ୍ରମ କରୁଥିବା, ଜିମ୍ ଯାଉଥିବା ତଥା ଅଧିକ ସମୟ ବାହାରେ କିମ୍ବା ଧୂଳି, ଧୂଆଁ, ପ୍ରଦୂଷଣ ମଧ୍ୟରେ ରହୁଥିବା ବ୍ୟକ୍ତି ସବୁଦିନ ଗାଧୋଇବା ଆବଶ୍ୟକ। ଯଦି କୌଣସି ବ୍ୟକ୍ତି ଏ ସବୁରୁ ଦୂରେଇ ଅଧିକାଂଶ ସମୟ ଘରେ ରହିଥାନ୍ତି ତେବେ ସେମାନଙ୍କ ଶରୀର ପ୍ରତିଦିନ ଗାଧୋଇବା ଆବଶ୍ୟକ କରେନାହିଁ। କାରଣ ଆମ ଶରୀରର ଚର୍ମ ନିଜକୁ ନିଜେ ସଫା କରିବାରେ ସକ୍ଷମ। ସେହିପରି ଶୀତଦିନେ ଥଣ୍ଡା ଲାଗିବା କାରଣରୁ ଅନେକ ଲୋକ ଗରମ ପାଣିର ବ୍ୟବହାର କରିଥାନ୍ତି। ଏହା ଶରୀର ପାଇଁ ଉପାଦେୟ ହୋଇ ନ ଥାଏ। ଏହାଦ୍ୱାରା ଚର୍ମ ଶୁଷ୍କ ହେବା ସହ ଏଥିରୁ ନିର୍ଗତ ହେଉଥିବା ପ୍ରାକୃତିକ ତୈଳ ନଷ୍ଟ ହୋଇଯାଇଥାଏ। ଏଥିସହ ନଖ ଦୁର୍ବଳ ହୋଇ ଭାଙ୍ଗିଯିବାର ଆଶଙ୍କା ରହିଥାଏ। ସେହିପରି ଚର୍ମକୁ ସୁସ୍ଥ ରଖିବା ପାଇଁ କିଛି ଭଲ ବ୍ୟାକ୍ଟେରିଆ ଜନ୍ମ ନେଇଥାନ୍ତି। ବିଶେଷ କରି ଗରମ ପାଣିରେ ଗାଧୋଇବା ଦ୍ୱାରା ଏହି ବ୍ୟାକ୍ଟେରିଆ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାନ୍ତି। ସବୁଦିନେ ଗାଧୋଇବା ପାଇଁ ଇଚ୍ଛା ରଖୁଥିବା ବ୍ୟକ୍ତି ଅତିବେଶୀରେ ୧୦ ମିନିଟ୍ ଗାଧୋଇ ପାରିବେ। ତେବେ ସପ୍ତାହରେ ୨/୩ ଦିନ ଗାଧୋଇବା ଲାଭଦାୟକ ବୋଲି ଅଧ୍ୟୟନରୁ ଜାଣିବାକୁ ମିଳିଛି।



# ପିଆଜ ଦରବୃଦ୍ଧିକୁ ନେଇ ଟ୍ୱିଙ୍କିଲଙ୍କ ଟାର୍ଗେଟ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଟ୍ୱିଙ୍କିଲ ଖାନ୍ନା ଯଦିଓ ଏବେ ବଡ ପରଦାଠାରୁ ବହୁ ଦୂରରେ ରହିଛନ୍ତି, ହେଲେ ସେ ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ। ଏମିତିକି ସୋସିଆଲ ଇସ୍ୟୁକୁ ନେଇ ସେ ଅନେକ ସମୟରେ ବ୍ଲଗ ମଧ୍ୟ ଲେଖି ଥାଆନ୍ତି। ଏବେ ପ୍ରାୟ ସାରାଦେଶରେ ପିଆଜର ଦରବୃଦ୍ଧିକୁ ନେଇ ସେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣଙ୍କୁ ଟାର୍ଗେଟ କରିଛନ୍ତି। ନିକଟରେ ସେ ଏକ ୱେବସାଇଟ୍ ପାଇଁ ଲେଖିଥିବା ବ୍ଲଗରେ ଉଲ୍ଲେଖ କରିଛନ୍ତି ଅର୍ଥମନ୍ତ୍ରୀ ପିଆଜ ବଦଳରେ କାନ୍ଦା ଭାଜିଆ(ପିଆଜ ପକୁଡି) ଖାଇବାକୁ କହି ନାହାନ୍ତି। ଟ୍ୱିଙ୍କିଲ ପିଆଜକୁ ଦାମୀ ଫଳ ଆଭାକାଡୋ ସହ ତୁଳନା କରିଛନ୍ତି। ଏହାସହ ସେ ବିନା ପିଆଜରେ ପ୍ରସ୍ତୁତ ୫ଟି ରେସିପି ମଧ୍ୟ ଶେୟାର କରିଛନ୍ତି। ଏଥିରେ ରହିଛି ପାଓ ଭାଜି, ଚିକେନ କରି, ରାଜମା, ବାଇଗଣ ଭର୍ତ୍ତା ଓ ମଟନ କରି। ସୂଚନାଯୋଗ୍ୟ ଏବେ ପିଆଜର ଦାମ୍ ଅଧିକାଂଶ ସ୍ଥାନରେ କିଲୋ ପିଛା ଦର ୧୫୦ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଲାଣି। ମହାରାଷ୍ଟ୍ରର ସୋଲାପୁରରେ ଏହାର ମୂଲ୍ୟ ଶନିବାର ୨୦୦ ଟଙ୍କା ରହିଥିଲା। ଯାହା ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ଖାଉଟିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଚିନ୍ତାରେ ପକାଇଛି। ଅନ୍ୟପଟେ ଏହାକୁ ନେଇ ନିକଟରେ ଅର୍ଥମନ୍ତ୍ରୀ କହିଥିଲେ ଯେହେତୁ ସେ କମ୍ ପିଆଜ ଖାଆନ୍ତି ତେଣୁ ଏହି ଦରବୃଦ୍ଧି ତାଙ୍କ ଉପରେ ବା ତାଙ୍କ ପରିବାର ଉପରେ କୌଣସି ପ୍ରଭାବ ପକାଇବ ନାହିଁ।

# ଗୁଟ୍‌ଖା ଛେପରୁ ସହରକୁ ରକ୍ଷା କରିବା ପାଇଁ ଭିନ୍ନ ଉପାୟ

**ଗୁଆହାଟୀ:** ବଦଭ୍ୟାସ ସହଜରେ ଯାଏନାହିଁ। ଗୁଟ୍‌ଖା ଓ ପାନମସଲା ଏପରି ଏକ ବଦଭ୍ୟାସ। ଏହା ଖାଇବା ଦ୍ୱାରା ଆନନ୍ଦ ମିଳିଥାଏ ବୋଲି ଲୋକେ ଭାବନ୍ତି। ହେଲେ ଏହାଦ୍ୱାରା ଲୋକେ ନିଜ ସ୍ୱାସ୍ଥ୍ୟର ହାନି ଘଟାଇବା ସହ ଏଣେତେଣେ ମନଇଚ୍ଛା ଛେପପକାଇବା ଦ୍ୱାରା ସହରର ସୌନ୍ଦର୍ଯ୍ୟହାନି ଘଟୁଛି। ଆସାମରେ ଗୁଟ୍‌ଖା, ପାନମସଲାକୁ ନିଷେଧ ଘୋଷଣା କରାଯିବା ସହ ଲୋକେ ଯେପରି ଏଥିରୁ ନିବୃତ୍ତ ରହିବେ ସେଥିପାଇଁ ଏକ ଭିନ୍ନ ପଦକ୍ଷେପ ନିଆଯାଇଛି। ଡିସେମ୍ବର ୧୫ରୁ ୧୭ ପର୍ଯ୍ୟନ୍ତ ଆସାମ୍‌ର ରାଜଧାନୀ ଗୁଆହାଟୀଠାରେ ଭାରତ-ଜାପାନ୍ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବାବେଳେ ସହରର ସମସ୍ତ ରୋଡ୍ ଡିଭାଇଡର୍‌ଗୁଡ଼ିକୁ ରଙ୍ଗନ କରାଯାଇ ସୁନ୍ଦର କରାଯାଉଛି। ଏହାସହ ଗୁଟ୍‌ଖା ଓ ପାନମସଲା ଖାଉଥିବା ଲୋକେ ଯେପରି ଏଣେତେଣେ ଛେପ ପକାଇବାପାଇଁ ଲଜ୍ଜା ଅନୁଭବ କରିବେ ଏବଂ ଏଥିରୁ ନିବୃତ୍ତ ରହିବେ, ସେଥିପାଇଁ ସମସ୍ତ ଡିଭାଇଡର୍ ଗୁଡ଼ିକୁ ପ୍ଲାଷ୍ଟିକ୍ ଦ୍ୱାରା ଆଚ୍ଛାଦିତ କରାଯାଉଛି। ଡିଭାଇଡର୍ ଗୁଡ଼ିକରେ ପେଣ୍ଟିଂ ଚାଲିଥିବା ସମୟରେ ମଧ୍ୟ ଲୋକେ ଡିଭାଇଡର୍‌ଗୁଡ଼ିକ ଉପରେ ଛେପ ପକାଇବାକୁ ପଛଘୁଞ୍ଚା ଦେଉନାହାନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ ବୋଲି ଡିଭାଇଡର୍‌ଗୁଡ଼ିକୁ ରଙ୍ଗକରିବା ପାଇଁ ନିୟୋଜିତ ବ୍ୟକ୍ତିମାନେ ମଧ୍ୟ କହୁଛନ୍ତି। ଅନ୍ୟପକ୍ଷରେ ପ୍ଲାଷ୍ଟିକ୍‌ମୁକ୍ତ ଭାରତ ପାଇଁ ପ୍ରୟାସ ଜାରି ରହିଥିବାବେଳେ ଗୁଟ୍‌ଖା ଛେପରୁ ସହରକୁ ରକ୍ଷା କରିବାପାଇଁ ପ୍ଲାଷ୍ଟିକ୍ ଚାଦର ଢାଙ୍କିବାକୁ କେତେକ ଜନସାଧାରଣ ବିରୋଧ ମଧ୍ୟ କରୁଛନ୍ତି।





ନିର୍ବୋଧମାନଙ୍କର ଯୁକ୍ତି ହେଉଛି ପକ୍ଷପାତିତା।
- ଭଲ୍‌ଟାୟାର

## ସଂକ୍ଷେପରେ

### ପ୍ରଧାନପାଟରେ ବଣଭୋଜି ନ କରିବା ନିର୍ଦ୍ଦେଶକୁ ବିରୋଧ

**ଦେବଗଡ଼, ୭।୧୨(ଡ଼ି.ଏନ୍.ଏ.)-** ଦେବଗଡ଼ ଜିଲା ପର୍ଯ୍ୟଟନ କ୍ଷେତ୍ରରେ ପ୍ରଧାନପାଟ ଜଳପ୍ରପାତ ପାଇଁ ଖ୍ୟାତି ଅର୍ଜନ କରିଥିବାବେଳେ ଏଠାକୁ ପ୍ରତିବର୍ଷ ନଭେମ୍ବରରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ଜଳପ୍ରପାତର ପାଦ ଦେଶରେ ବଣଭୋଜି କରି ଖୁସିମନରେ ଜଳପ୍ରପାତର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ନିକଟସ୍ଥ ଜଳବିଦ୍ୟୁତ ପ୍ରକଳ୍ପର ମୂକସାକ୍ଷୀ ଭାବରେ ଦଣ୍ଡାୟମାନ କୋରକୋଟ ଜଳପ୍ରପାତ,ଝାଡ଼େଶ୍ୱର ଶିବ ମନ୍ଦିର, କଟାସର ଘାଟ ଶିବ ମନ୍ଦିର, ଗୋହୀରା ଡ୍ୟାମ୍ ଇତ୍ୟାଦି ଦର୍ଶନୀୟ ସ୍ଥାନ ଭ୍ରମଣ କରି ଆନନ୍ଦ ପାଇଥାନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ସମ୍ପ୍ରତି ଜଳପ୍ରପାତ ପାଦ ଦେଶରେ ଥିବା ବିସ୍ତୃତ ଅଞ୍ଚଳରେ ବଣଭୋଜି ନ କରିବା ପାଇଁ ଦେବଗଡ଼ ପୌରପରିଷଦ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ଏ ନେଇ ଜନସାଧାରଣଙ୍କ ମନରେ ବିରୋଧ ଦେଖାଦେଇଛି । ଏନେଇ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କ ଜରିଆରେ ଜିଲାପାଳ ଓ ବନଖଣ୍ଡ ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। କିନ୍ତୁ ଏପଟେ ପ୍ରଶାସନ ପକ୍ଷରୁ ବଣଭୋଜି ପାଇଁ ନିକଟସ୍ଥ ପୁରୁଣା ରେଞ୍ଜ ନର୍ସରୀ ଅଞ୍ଚଳ, ପୁରୁଣା କିଚେନ୍ ସେଡ଼ର ପଛ ପାଖ ଅଞ୍ଚଳ ବଣଭୋଜୀ ପାଇଁ ଖୁବ୍‌ଶୀଘ୍ର ବ୍ୟବସ୍ଥା କରାଯାଉଛି ସୂଚନା ମିଳିଛି ।

■ ବରଗଡ଼ ଜିଲାରେ ଧାନ ଉଠାଣ

# ଉପାନ୍ତ ଅଞ୍ଚଳକୁ ଅଣଦେଖା

**ବରଗଡ଼ ଅଫିସ୍,୭।୧୨**

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଅବ୍ୟବସ୍ଥା ଲାଗି ରହିଛି। ଜିଲାର ଜଳସେଚିତ ବରଗଡ଼ ଉପଖଣ୍ଡ ଅଧୀନ ମଣ୍ଡି ଗୁଡ଼ିକରେ ଏହି ପ୍ରକ୍ରିୟା ଆପାତତଃ ସ୍ୱାଭାବିକ ହେବାରେ ଲାଗିଛି । ହେଲେ ଜିଲାର ପଦ୍ମପୁର ଉପଖଣ୍ଡ ଅଧୀନ ଉପାନ୍ତ ଅଞ୍ଚଳରେ ଧାନ ବିକ୍ରିବଟାରେ ଅଚଳାବସ୍ଥା ଲାଗି ରହିଛି । ମଣ୍ଡିରେ ସଂଗୃହୀତ ଧାନ ଅନୁପାତରେ ତାହା ବିକ୍ରି ହେଉ ନ ଥିବା ଜଣାପଡ଼ିଛି । ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଚାଷୀ ଅସନ୍ତୋଷ ଦେଖାଦେଇଛି ।

ସୂଚନା ଅନୁଯାୟୀ, ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧୀନରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ୬୬ଟି ମଣ୍ଡି ନିର୍ଦ୍ଧାରିତ ହୋଇଛି। ସେଥିମଧ୍ୟରେ ରାଜବୋଡ଼ାସମ୍ବର ବ୍ଲକରେ ୧୩, ଝାରବନ୍ଧ ୯, ପାଇକମାଳ ୧୩, ଗାଇସିଲେଟ ୧୦, ବିଜେପୁର ୧୧, ସୋହେଲା ବ୍ଲକରେ ୧୦ଟି ମଣ୍ଡି ରହିଛି । ସେଥିମଧ୍ୟରୁ ୪ଟି ମଣ୍ଡିରେ ଧାନ କିଣାବିକା ଆରମ୍ଭ ହୋଇ ନ ଥିବାବେଳେ ଅନ୍ୟ ସମସ୍ତ ମଣ୍ଡିକୁ ଶନିବାର ସୁଦ୍ଧା ସମୁଦାୟ ୧୧ଏକ୍ଷ ୨୭ହଜାର ୬୯୦ ପ୍ୟାକେଟ୍ ଧାନ ଆସିଛି। ସେଥିରୁ ୭ଲକ୍ଷ ୬୬ହଜାର ୫୯୫ ପ୍ୟାକେଟ୍ ଧାନ ଉଠିଥିବାବେଳେ ଆହୁରି ୩ଲକ୍ଷ ୬୧ହଜାର ୯୫ପ୍ୟାକେଟ୍ ଧାନ ବିକ୍ରି ନ ହୋଇ ପଡ଼ି ରହିଥିବା ଆରଏମସି ସୂତ୍ରରୁ ସୂଚନା ମିଳିଛି ।



ମଣ୍ଡିରେ ବିକ୍ରି ନ ହୋଇ ପଡ଼ି ରହିଥିବା ଧାନ ।

■ ଯେଉଁଠି ଆନ୍ଦୋଳନ, ସେଇଠି ଉଠୁଛି ଧାନ
■ ଧାନ ଉଠାଣରେ ବିଳମ୍ବରୁ ଚାଷୀ ଶୋଷିତ
■ ଚାଷୀ ଅସନ୍ତୋଷରୁ ଆନ୍ଦୋଳନ ସମ୍ଭାବନା

ଅନ୍ୟପଟେ ବରଗଡ଼ ଓ ଅତାବିରା ଆରଏମସି ଅଧୀନ ମଣ୍ଡିରେ ଧାନ କିଣାବିକା ପୂର୍ବାପେକ୍ଷା ସ୍ୱାଭାବିକ ହେବାରେ ଲାଗିଛି । ଆରଏମସି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବରଗଡ଼ ଆରଏମସି ଅଧୀନ ମଣ୍ଡି ଗୁଡ଼ିକୁ ୧୫ଲକ୍ଷ ୯୦ହଜାର ପ୍ୟାକେଟ୍ ଧାନ ଆସିଛି ଏବଂ ସେଥିରୁ ୧୫ଲକ୍ଷ ୫ହଜାର ପ୍ୟାକେଟ୍ ଧାନ ବିକ୍ରି ହୋଇଥିବାବେଳେ ଆହୁରି ୮୫ହଜାର ବିକ୍ରି ଅପେକ୍ଷାରେ ମଣ୍ଡିରେ ପଡ଼ିଛି । ଅନୁରୂପ ଭାବେ ଅତାବିରା ଆରଏମସି ଅଧୀନ ମଣ୍ଡି ଗୁଡ଼ିକୁ ୨୪ଲକ୍ଷ ୯ହଜାର ୮୬ ପ୍ୟାକେଟ୍ ଧାନ ଆସିଛି ଏବଂ ୨୨ଲକ୍ଷ ୮୪ହଜାର ୮୨୬ ପ୍ୟାକେଟ୍ ଧାନ ଉଠିଛି । ଏହି ଆରଏମସି ଅଧୀନ ମଣ୍ଡି ଗୁଡ଼ିକରେ ୧ଲକ୍ଷ ୨୪ହଜାର ୨୬୨ ପ୍ୟାକେଟ୍ ଧାନ ଶନିବାର ସୁଦ୍ଧା ବିକ୍ରି ଅପେକ୍ଷାରେ ରହିଛି । ଉପରୋକ୍ତ ତଥ୍ୟକୁ ଅନୁଧ୍ୟାନ କଲେ ପଦ୍ମପୁର ଉପଖଣ୍ଡ ଅପେକ୍ଷା ବରଗଡ଼ ଉପଖଣ୍ଡ ଅଧୀନ ମଣ୍ଡି ଗୁଡ଼ିକରେ ଅଧିକ ଧାନ ଉଠିଛି । ବରଗଡ଼ ଉପଖଣ୍ଡରେ ଚାଷୀ ଆନ୍ଦୋଳନ ତେଜି ଉଠୁଥିବାବେଳେ ପ୍ରଶାସନ ସମ୍ପୃକ୍ତ ଅଞ୍ଚଳର ମଣ୍ଡି ଗୁଡ଼ିକରୁ ଧାନ ଉଠାଣ ପାଇଁ ଅଧିକ ତତ୍ପର ରହୁଥିବା ସାଧାରଣରେ ଆଲୋଚନା ହେଉଛି । ଅପରପକ୍ଷେ ପଦ୍ମପୁର ଉପଖଣ୍ଡରେ ଧାନ ଉଠାଣ ଦିଗରେ ଆଶାନୁରୂପ ତତ୍ପରତା ପରିଲକ୍ଷିତ ହେଉନାହିଁ । ଏଭଳି ପ୍ରଶାସନିକ ଉଦାସୀନତା ପ୍ରତିବାଦରେ ପଦ୍ମପୁର ଅଞ୍ଚଳର ଚାଷୀମାନେ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଜବାଜ ହେଉଥିବା ଚର୍ଚ୍ଚା ଚାଲିଛି ।

## ଗୀତରେ ପିଲାଙ୍କୁ ଉତ୍ସାହିତ କଲେ ପଦ୍ମଶ୍ରୀ

**ବରଗଡ଼ ଅଫିସ୍,୭।୧୨**

ବରଗଡ଼ ସହର ଉପକଣ୍ଠ ସିମେଣ୍ଟନଗର ହାଇସ୍କୁଲ ପଡ଼ିଆରେ ଶନିବାର ଗଳ୍ପ କଥନ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ବରଗଡ଼ର ଏସିସି ଟ୍ରଷ୍ଟ, ପତଙ୍ଗ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖଲିଆପାଲି, ବରଡ଼ୋଲ, କଟାପାଲି, ବରଗାଁ ପଞ୍ଚାୟତର ବିଭିନ୍ନ ଗୋଷ୍ଠୀ ସମୂହ ଓ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦଯାପନୀ ସମାରୋହରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି ଭାବେ ଯୋଗଦାନ କରିବା ସହିତ ଗପ, ଗୀତ ମାଧ୍ୟମରେ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ପତଙ୍ଗର ପ୍ରୋଗ୍ରାମ ମ୍ୟାନେଜର ରୂପେଶ ବେହେରା, ହାସ୍ୟକବି ଦେବେନ୍ଦ୍ର ସାହୁ, ଚୈତନ୍ୟ ପାଇକ, ଏସିସିର ଜାମିଲ ଅଖତର ଖାନ୍, ସିମେଣ୍ଟନଗର ହାଇସ୍କୁଲର ପ୍ରଧାନଶିକ୍ଷକ ରମାକାନ୍ତ ମେହେର, ସିଆରସିସି ଦୀପ୍ତିମାନ ପାଣିଗ୍ରାହୀ, ଅଗସ୍ତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।




ପଦ୍ମଶ୍ରୀ ହଳଧର ନାଗ ପିଲାମାନଙ୍କୁ ପୁରସ୍କୃତ କରୁଛନ୍ତି ।

## କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

**ଦେବଗଡ, ୭।୧୨ (ଡି.ଏନ.ଏ)**

ବାରକୋଟ ବ୍ଲକ ଅଧିନ କଲା ପଞ୍ଚାୟତ କଲେଜରେ ବିଶ୍ୱବ୍ୟାଙ୍କ ସାହାଯ୍ୟ ପ୍ରାପ୍ତ ଓଏଚ୍‌ଇପିଇଇ ଯୋଜନା ଅଧିନରେ ଶନିବାର ଏକ କ୍ୟାରିଅର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲା ପଞ୍ଚାୟତ କଲେଜ ଅଧକ୍ଷ ଶାନ୍ତନୁ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାଉନସେଲ୍‌ର ଭାବେ ଜିଲା ମତ୍ସ୍ୟ ବିଭାଗ ଦେବଗଡ ଜିଲା କୃଷି ଅଧିକାରୀ ବାବାଜୀ ଚରଣ ବେହେରା, ଭାରତୀୟ ଷ୍ଟେଟବ୍ୟାଙ୍କର ଚିଫ୍ ମ୍ୟାନେଜର ଭରତ ଚରଣ ସାହୁ, ଲିଡବ୍ୟାଙ୍କ ଅଧିକାରୀ ଭୀମସେନ ମାଝୀ ଓ ଜିଲା ଶିଳ୍ପକେନ୍ଦ୍ରର ଜେନେରାଲ ମ୍ୟାନେଜର ପରମାନନ୍ଦ ନାୟକ ଛାତ୍ରୀଛାତ୍ରଙ୍କୁ ଆଗାମୀ ଦିନରେ ଚାକିରି ଓ ଆତ୍ମନିଯୁକ୍ତି ନିମନ୍ତେ କିଭଳି ପ୍ରସ୍ତୁତ ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରିବା ସହ ଏଥି ନିମନ୍ତେ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ ।




କ୍ୟାରିୟର କାଉନଡ୍‌ସେଲିଂରେ ମଞ୍ଚାସୀନ ଅଧିକାରୀ।

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ପାଇକମାଳ, ୭।୧୨ (ଡି.ଏନ.ଏ)**

ପାଇକମାଳ ବ୍ଲକ ମାଣ୍ଡିଆଡ଼ିପା ଗ୍ରାମରେ ଆଜାଦ କ୍ଲବ ଆନୁକୂଲ୍ୟରେ ୨୧ତମ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂହ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ବ୍ଲକ ଅଧକ୍ଷ ଅଲତାଫ ମହମ୍ମଦ, ସରପଞ୍ଚ ବାବୁଲାଲ ଧରୁଆ, ବିଜୟ କୁମାର ସ୍ୱାଇଁ, କଂସ ମହାରାଜ ଗୋପବନ୍ଧୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ମ୍ୟାଚ ମାଣ୍ଡିଆଡ଼ିପା ଓ ନକଟାସ ମଧ୍ୟରେ ହୋଇ ନକଟାସ ୦–୧ ଗୋଲରେ ବିଜୟୀ ହୋଇଥିଲା। ଅନ୍ୟ ଏକ ମ୍ୟାଚ ବଲାଙ୍ଗୀର ଓ ପଦ୍ମପୁର ମଧ୍ୟରେ ଅନୁଷ୍ଠିତ ହୋଇ ପଦ୍ମପୁର ୦–୫ ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ କୁଚିଣ୍ଡା ଓ ଅଇଁଠାପାଲି ମଧ୍ୟରେ ହୋଇ ଅଇଁଠାପାଲି ଦଳ ୦–୧ ଗୋଲରେ ବିଜୟୀ ହୋଇଥିଲା । ଶେଷ ମ୍ୟାଚ ସମ୍ବଲପୁର ଓ ବରପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ ସମ୍ବଲପୁର ବିଜୟୀ ହୋଇଥିଲା। ରବିବାର ସେମିଫାଇନାଲ ଓ ଫାଇନାଲ ମ୍ୟାଚ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

ଅଙ୍ଗନୱାଡି କର୍ମୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

## ସିଡିପିଓ ଅଫିସ ଘେରାଉ

**ଭଟଲି, ୭।୧୨ (ଡି.ଏନ.ଏ.)**

ବରଗଡ଼ ଜିଲା ଭଟଲି ସିଡିପିଓ ଅଫିସର ଜନୈକ ସୁପରଭାଇଜରଙ୍କ ଦୁର୍ବ୍ୟବହାର ଯୋଗୁ ଶନିବାର ଅଙ୍ଗନୱାଡି କର୍ମୀମାନେ ଆଇସିଡିଏସ ଅଫିସରେ ତାଲା ପକାଇ ଦେଇଥିଲେ। ଅପରାହ୍ନ ପ୍ରାୟ ୫ଟାରେ ଭଟଲି ତହସିଲଦାର ରାମକୃଷ୍ଣ ମିଶ୍ର ଅଙ୍ଗନୱାଡି କର୍ମୀଙ୍କୁ ବୁଝାସୁଝା କରିଥିଲେ। ଏହି ମର୍ମରେ ବରଗଡ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇ କର୍ମୀମାନେ ଆନ୍ଦୋଳନରୁ ଓହରିଥିଲେ ।

ଅଙ୍ଗନୱାଡି କର୍ମୀଙ୍କ ଅଭିଯୋଗ ଅନୁଯାୟୀ, ସିଡିପିଓ ନିୟତି ଯୋଷୀ ଅଙ୍ଗନୱାଡି କର୍ମୀମାନଙ୍କୁ ଏଭଳି ପୂର୍ବରୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ଅପମାନିତ କରୁଥିଲେ। ତେବେ ଏଭଳି ଗାଳି ଅସହ୍ୟ ହେବାରୁ ଘଟଣା ଆନ୍ଦୋଳନ ରୂପ ନେଇଥିଲା। ଗର୍ଭବତୀ, ପ୍ରସୂତି ମହିଳା ତଥା ୭ ମାସରୁ ୩ ବର୍ଷର ଶିଶୁମାନଙ୍କୁ ଦିଆଯାଇଥିବା ଅଣ୍ଡାର ପ୍ରାପ୍ୟ ମିଳୁ ନ ଥିବା କର୍ମୀମାନେ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ଏ ନେଇ ସିଡିପିଓ ଯୋଷୀଙ୍କୁ ଯୋଗାଯୋଗ କରାଯିବାରୁ ସେ ଅଭିଯୋଗକୁ ଖଣ୍ଡନ କରିବା ସହ ଗତ ନଭେମ୍ବର ମାସର ପ୍ରାପ୍ୟ କେବଳ ବାକି ରହିଛି ଏବଂ ଆଗାମୀ ୯ ତାରିଖରେ ଉକ୍ତ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏଭଳି ଦୁର୍ବ୍ୟବହାରକୁ ବରଦାସ୍ତ କରାଯାଇପାରିବ ନାହିଁ। ଶୀଘ୍ର ଦାବିଗୁଡିକ ବିଚାର ପୂର୍ବକ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କର୍ମୀମାନେ କହିଥିଲେ। ଭଟଲି ଲକ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନର ସଭାନେତ୍ରୀ ରେବତୀ ସାହି, ସମ୍ପାଦିକା ପ୍ରମିତା ଭୋଇଙ୍କ ସମେତ ଶତାଧିକ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ ।



ଅଙ୍ଗନୱାଡି କର୍ମୀମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଷଷ୍ଠ ବୋଡ଼ାସମ୍ବର ପୁସ୍ତକ ମେଳା ଉଦ୍‌ଯାପିତ

## ବୌଦ୍ଧିକତାର ମୂଲ୍ୟାୟନ ପାଇଁ ପୁସ୍ତକମେଳା ଏକ ମାପକାଠି

**ପଦ୍ମପୁର, ୭।୧୨ (ଡି.ଏନ.ଏ)**

ଗତ ନଭେମ୍ବର ୩୦ରୁ ସ୍ଥାନୀୟ ରିକ୍ରେଶନ ସେଣ୍ଟରଠାରେ ଚାଲିଥିବା ଷଷ୍ଠ ବୋଡାସମ୍ବର ପୁସ୍ତକ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ଶିକ୍ଷକ ଏକାଦଶ ତରଫରୁ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କିଶୋର ପାତ୍ର ତଥା ସହଯୋଗୀମାନେ ପରିଚାଳନା କରିଥିଲେ । ଏହାପରେ ଦ୍ୱାଦଶ ପ୍ରଧାନଙ୍କ ସଂଯୋଜନାରେ ପ୍ରୀତିଶ ଦାଶ, ଅଞ୍ଜଳି ପରିଡା ଓ ତାଙ୍କ ଦଳ ନୃତ୍ୟ ପରିବେଷଣ କରିଥିବା ବେଳେ ସୁଶ୍ରୀ ଶ୍ରାବଣୀ ଦାଶ ସଙ୍ଗୀତ ପରିବେଷଣ କରିଥିଲେ । ନାଟ୍ୟକାର ଅଶୋକ କୁମାର ବହିଦାରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଆୟୋଜକ ଗୁରୁ ପ୍ରକାଶନୀର ସଭାପତି ମହେନ୍ଦ୍ର କୁମାର ଭୋଇ ଅଧକ୍ଷତା କରିଥିଲେ । ସମ୍ପାଦକ ଡ. ମାନଭଞ୍ଜନ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ ଓ ଡ. ଜୟକେତନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଗାନ୍ଧୀ ପାଠାଗାରର ସଭାପତି ଅରୁଣ କୁମାର ମହାନ୍ତି ମୁଖ୍ୟଅତିଥି, ବ୍ୟଙ୍ଗକବି ମନୋରଞ୍ଜନ ସାହୁ ସମ୍ମାନିତ ଅତିଥି ଏବଂ ଅଧ୍ୟାପିକା ବୁନି ସାହୁ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ବୌଦ୍ଧିକତାର ମୂଲ୍ୟାୟନ ପାଇଁ ପୁସ୍ତକ ମେଳା ଏକ ମାପକାଠି ବୋଲି ଉଦଯାପନୀ ସଭାର ଅତିଥିମାନେ ମତବ୍ୟକ୍ତ କରିଥିଲେ । ପରେ କୁଞ୍ଜବିହାରୀ ପ୍ରଧାନଙ୍କୁ ପାର୍ବତୀ ଗିରି ସେବା ସମ୍ମାନ, ତେଜରାଜ ସାହୁଙ୍କୁ ସଂଗ୍ରାମୀ ମାୟାଧର ପୁରୋହିତ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାସହିତ ୨୦୧୮ର ଯୁକ୍ତ ୨ ପରୀକ୍ଷାରେ ମାତୃ ଭାଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବୋଡାସମ୍ବର ଅଞ୍ଚଳର ଜ୍ୟୋତିର୍ମୟୀ ଉନସନା, ସବିତା ବାରିକ ଓ ପ୍ରେମାନନ୍ଦ ସାହୁଙ୍କୁ ବିଷ୍ଣୁପ୍ରିୟା ପଣ୍ଡା ସ୍ମୃତି ପୁରସ୍କାର ଓ ଯୁକ୍ତ ୩ ପରୀକ୍ଷାରେ ଓଡିଆ ସମ୍ମାନରେ ସର୍ବୋଚ୍ଚ ନମ୍ବର ରଖିଥିବା ମିଲି ମେହେର ଓ ଜାହ୍ନବୀ ବୁଡେକଙ୍କୁ ଚତୁର୍ଭୁଜ ପଣ୍ଡା ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ଡ. ଗଙ୍ଗାଧର ଗୁରୁଙ୍କ ସ୍ମୃତିରେ ଅଧ୍ୟାପିକା ରୀତାଞ୍ଜଳି ଗୁରୁଙ୍କ ତରଫରୁ ନବ ପ୍ରଭାତ ଆଶ୍ରମ ନୂଆପାଲିର ବେଦପାଠୀ ଗୌରବ ପାଳ ଓ ମଧୁସୂଦନ ସାହୁଙ୍କୁ ଗୁରୁ ପୁରସ୍କାର ଦିଆଯାଇଥିଲା । ଶେଷରେ ଦୁର୍ଗାଶୀଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

■ ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ

## ରାଉରକେଲା, ବରଗଡ଼, ସୁନ୍ଦରଗଡ଼ ବିଜୟୀ

**ସୋହେଲା,୭।୧୨(ଡି.ଏନ.ଏ)**

ଓଡିଶା ଫୁଟବଲ ଆସୋସିଏଶନ ଦ୍ୱାରା ଆୟୋଜିତ ୬୦ତମ ଆନ୍ତଃ ଜିଲା ସାହାଣୀ କପ ଫୁଟବଲ ପ୍ରତିଯୋଗିତାରେ ଶନିବାର ରାଉରକେଲା ଓ ବଲାଙ୍ଗୀର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଦଳ ବଲାଙ୍ଗୀରକୁ ୨–୦ ଗୋଲରେ ହରାଇ ବିଜୟୀ ହୋଇଛି। ଆଜିର ମ୍ୟାଚରେ ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ଭାବେ ସମାପ୍ତ ହେବା ପରେ ଦ୍ୱିତୀୟାର୍ଦ୍ଧ ଖେଳର ୭୨ତମ ମିନିଟରେ ରାଉରକେଲା ଦଳର ଅରବିନ୍ଦ ଲାକ୍ରା ଦଳ ପାଇଁ ପ୍ରଥମ ଗୋଲ ଦେଇଥିଲେ । ଏହାର ୧୫ମିନିଟ ପରେ ଏଡୱିନ ତିର୍କେ ଦଳ ପକ୍ଷରୁ ଆଉ ଏକ ଗୋଲ କରି ଦଳକୁ ୨–୦ଗୋଲରେ ବିଜୟୀ କରିଥିଲେ। ବଲାଙ୍ଗୀର ଦଳର ଖେଳାଳିମାନେ ଗୋଲ ଦେବାର ଅନେକ ସୁଯୋଗ ହାତଛଡା କରି ମ୍ୟାଚ୍‌ରୁ ବିଦାୟ ନେଇଥିଲେ। ଆଜିର ମ୍ୟାଚରେ ସୋହେଲା ତହସିଲଦାର ଅଶୋକ କୁମାର ଗଡତିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମ୍ୟାଚ୍ ରେଫରୀ ଆଶୀର୍ବାଦ କାନୁନ୍‌ଗୋ ଖେଳ ପରିଚାଳନା କରିଥିବା ବେଳେ ବିପୁଳ ବିଦ୍ୟାଧର ଓ ରମଣୀ ମାଝୀ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଶୁଭମ ପାତ୍ର ଏବଂ ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାଏକ ରହିଥିଲେ ।

**ବରପାଲି, (ଡି.ଏନ.ଏ):** ବରପାଲି ବ୍ଲକ କଦଳୀପାଲି ଫୁଟବଲ ପଡିଆରେ ଚାଲିଥିବା ୬୦ତମ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଶନିବାର ପଞ୍ଚମ ଦିବସର ଖେଳ ପୁରୀ ଏକାଦଶ ଓ ବରଗଡ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବରଗଡ ଦଳ ୪–୦ ଗୋଲରେ ବିଜୟୀ ହୋଇଥିଲା। ଖେଳକୁ କିଶନ ଦାଶ, ବିଭୁତି ଭୂଷଣ ବେହେରା ଓ ଦେବାଶିଷ ବାଗ ପ୍ରମୁଖ ପରିଚାଳନା କରିଥିବା ବେଳେ ନିରଞ୍ଜନ ମହାକୁର ଓ ପ୍ରଶାନ୍ତ ବେହେରା ସହଯୋଗ କରିଥିଲେ। ସେହିପରି ରବି ମହାପାତ୍ର ପର୍ଯ୍ୟବେକ୍ଷକ ଥିଲେ। ଏହି ଅବସରରେ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଓ ଲେଣ୍ଡା ପଞ୍ଚାୟତ ସମିତି ସଭ୍ୟା ସ୍ୱର୍ଣ୍ଣମୟୀ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

**ଭେଡ଼େନ, ୭।୧୨(ଡ଼ି.ଏନ.ଏ):** ଭେଡ଼େନ ସ୍ଥିତ ରଣଜିତା ଷ୍ଟାଡ଼ିୟମରେ ଚାଲିଥିବା ସାହାଣୀ କପ ଫୁଟବଲ ପ୍ରତିଯୋଗିତାର ଶନିବାର ମ୍ୟାଚ୍‌ରେ ସୁନ୍ଦରଗଡ଼ ଦଳ ବିଜୟୀ ହୋଇ ଭେଡ଼େନ ଜୋନ ଫାଇନାଲକୁ ପ୍ରବେଶ କରିଛି । ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ମଧ୍ୟରେ ହୋଇଥିବା ଏହି ମ୍ୟାଚରେ ସୁନ୍ଦରଗଡ଼ ଦଳ ୨–୧ ଗୋଲ ବ୍ୟବଧାନରେ ବିଜୟୀ ହୋଇ ଏହି ସଫଳତା ହାସଲ କରିଛି। ରେଫରୀ ଶ୍ରୀକାନ୍ତ ବହିଦାର, ଦିଲୀପ କୁମାର ମିଶ୍ର, ସଫିକୁଲ ଖାଁ ଖେଳ ପରିଚାଳନା କରିଥିବା ବେଳେ ଦେବରାଜ ନାହାକ ଚତୁର୍ଥ ରେଫରି ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟଅତିଥି, କଂଗ୍ରେସ ନେତା ପ୍ରଦୀପ ଦେବତା, ଜିଲା କ୍ରିଡ଼ା ସଂସଦ ଉପସଭାପତି ଯୁଗଳ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସନ୍ତୋଷ କୁମାର ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ । ଆସନ୍ତା ୯ ତାରିଖରେ ସୁନ୍ଦରଗଡ଼ ଦଳ ଦେବଗଡ଼ ଦଳକୁ ଜୋନ ଫାଇନାଲରେ ଭେଟିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।



ଶନିବାର ମ୍ୟାଚର ଅତିଥି ଏବଂ ଖେଳାଳିମାନେ।



ଉଭୟ ଦଳର ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ ।

## ସଂକ୍ଷେପରେ

### ଭିନ୍ନ ରେକର୍ଡରେ ସମକକ୍ଷ କୋହଲି

**ନୂଆଦିଲ୍ଲୀ,୭।୧୨:** ଭାରତୀୟ ଅଧିନାୟକ ବିରାଟ କୋହଲି ୱେଷ୍ଟଇଣ୍ଡିଜ ବିପକ୍ଷ ଟି୨୦ ମ୍ୟାଚ୍‌ରେ ୯୦ ରନ୍‌ର ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏଥି ପାଇଁ ତାଙ୍କୁ ମିଳିଥିଲା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର। ଏଥିଯୋଗୁ ତାଙ୍କ ଟି୨୦ କ୍ୟାରିୟରରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ସଂଖ୍ୟା ୧୨ରେ ପହଞ୍ଚିଛି। ଟି୨୦ ଇତିହାସରେ ସର୍ବାଧିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇବାରେ କୋହଲି ଯୁଗ୍ମ ପ୍ରଥମ ସ୍ଥାନରେ ରହିଛନ୍ତି। ସମାନ ଥର ଆଫଗାନିସ୍ତାନର ମହମ୍ମଦ ନବି ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ସାବ୍ୟସ୍ତ ହୋଇ ସାରିଛନ୍ତି। ଏହି ତାଲିକାରେ ୩ୟ ସ୍ଥାନରେ ରହିଛନ୍ତି ପାକିସ୍ତାନର ପୂର୍ବତନ ଅଧିନାୟକ ଶାହିଦ ଆଫ୍ରିଦୀ। ସେ ୧୧ ଥର ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ହାତେଇଛନ୍ତି।

### ୧୦ ବର୍ଷ ପରେ ଆଲାମଙ୍କ ପ୍ରତ୍ୟାବର୍ତ୍ତନ



**କରାଚୀ, ୭।୧୨:** ୧୦ ବର୍ଷ ପରେ ପାକିସ୍ତାନରେ କୌଣସି ଅନ୍ତର୍ଜାତୀୟ ଟେଷ୍ଟ ସିରିଜ୍ ଖେଳାଯିବାକୁ ଯାଉଛି। ଆସନ୍ତା ୧୧ ତାରିଖରେ ରାୱଲପିଣ୍ଡିଠାରେ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏଥିଲାଗି ଶନିବାର ପାକିସ୍ତାନ ଦଳ ଘୋଷିତ ହୋଇଯାଇଛି। ଦଳରେ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଫାୱାଦ ଆଲାମଙ୍କୁ ସାମିଲ କରାଯାଇଛି। ପ୍ରଥମ ଶ୍ରେଣୀ କ୍ରିକେଟରେ ୧୨ହଜାରରୁ ଅଧିକ ରନ୍ କରିଥିବା ଆଲାମ ଅନ୍ତିମ ଥର ୨୦୦୯ରେ ଅନ୍ତର୍ଜାତୀୟ ଟେଷ୍ଟ ଖେଳିଥିଲେ। ତାଙ୍କ ନାମରେ ଏକ ଅନ୍ତର୍ଜାତୀୟ ଟେଷ୍ଟ ଶତକ ମଧ୍ୟ ରହିଛି। ଚଳିତ ସିଜନରେ ଘରୋଇ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବା ଯୋଗୁ ତାଙ୍କୁ ଜାତୀୟ ଦଳରୁ ଡାକରା ଦିଆଯାଇଛି। ତାଙ୍କ ବ୍ୟତୀତ ଉସ୍‌ମାନ ଶିନୱାରି, ମୁସା ଖାଁ, ଇଫ୍‌ତିକର ଅହମ୍ମଦଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି। ଉଲ୍ଲେଖଥାଉ କି, ଅନ୍ତିମ ଥର ୨୦୦୯ରେ ଶ୍ରୀଲଙ୍କା ଅନ୍ତର୍ଜାତୀୟ ଟେଷ୍ଟ ସିରିଜ୍ ପାକିସ୍ତାନ ଗସ୍ତ କରିଥିଲା। ଆତଙ୍କବାଦୀ ଆକ୍ରମଣ ଯୋଗୁ ଏହି ସିରିଜକୁ ବାତିଲ କରି ଦିଆଯାଇଥିଲା।

### ଖରାପ ପିଚ୍ ଯୋଗୁ ପ୍ରଥମ ଦିନର ଖେଳ ବାତିଲ

**ମେଲବୋର୍ନ,୭।୧୨:** ସ୍ଥାନୀୟ ଏମ୍‌ସିଜି ଗ୍ରାଉଣ୍ଡରେ ଭିକ୍ଟୋରିଆ ଓ ୱେଷ୍ଟର୍ନ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ଚଳିତ ଶେଫିଲ୍ଡ ଶିଲ୍ଡ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ର ପ୍ରଥମ ଦିନ ବାତିଲ କରାଯାଇଛି। ପିଚ୍ ଖେଳିବା ପାଇଁ ଉପଯୋଗୀ ନ ଥିବାରୁ ଫିଲ୍ଡ ଅମ୍ପାୟର ଏଭଳି ନିଷ୍ପତ୍ତି ନେଇଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟର୍ନ ଅଷ୍ଟ୍ରେଲିଆ ୪୦ ଓଭର ଖେଳି ୩ ଉଇକେଟ ହରାଇ ୮୯ ରନ୍ କରିଥିଲା। ଦୀର୍ଘ ସମୟ ଧରି ଆଲୋଚନା ପରେ ଅମ୍ପାୟର ଫିଲିପ ଗିଲେସ୍ପି ଓ ଜିଓଫ ଜୋସୁଆ ଦୁଇ ଦଳର ଅଧିନାୟକ ପିଟର ହାଣ୍ଡସ୍କମ୍ବ ଓ ଶନ ମାର୍ଶ ଦିନର ଅବଶିଷ୍ଟ ଖେଳ ବାତିଲ କରିଥିଲେ। ଏଥିଯୋଗୁ ରବିବାର ଅଧଘଣ୍ଟା ଆଗୁଆ ଖେଳାଯିବ। ଅମ୍ପାୟରଙ୍କ ଏଭଳି ନିଷ୍ପତ୍ତି କାରଣ ଥିଲା ବଲର ଅସମତଳ ବାଉନ୍ସ। ଏହା ବ୍ୟାଟ୍ସମ୍ୟାନଙ୍କ ପ୍ରତି ବିପଦ ସାଜିଥିଲା। ଏଥିନେଇ ଅମ୍ପାୟର ଆବଶ୍ୟକୀୟ ପଦକ୍ଷେପ ନେବାକୁ ଗ୍ରାଉଣ୍ଡ ଅଫିସିଆଲଙ୍କୁ କହିଛନ୍ତି।



ଟି୨୦ ବିଶ୍ୱକପ୍ ଲାଗି ଜାତୀୟ ଦଳରେ ସ୍ଥାନ ପାଇବା ପାଇଁ ମୁଁ ଚିନ୍ତିତ ନୁହେଁ, ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ ମୋର ଲକ୍ଷ୍ୟ।

–କେ.ଏଲ୍. ରାହୁଲ, ଭାରତୀୟ କ୍ରିକେଟର



ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟି୨୦ରେ ଭାରତ ଚମତ୍କାର ବିଜୟ ହାସଲ କରିଥିଲେ ହେଁ ଦଳର ଫିଲ୍ଡିଂ ଆଦୌ ସନ୍ତୋଷଜନକ ନ ଥିଲା।

–ଯୁବରାଜ ସିଂ, ପୂର୍ବତନ ଅଲରାଉଣ୍ଡର

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**ଥିରୁଭାନନ୍ତପୁରମ,୭।୧୨(ପି.ଟି)**

ସ୍ଥାନୀୟ ଗ୍ରୀନଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ରବିବାର ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ ଟି୨୦ ମ୍ୟାଚ୍ ଆୟୋଜନ ହେବ। ଶୁକ୍ରବାର ପ୍ରଥମ ମ୍ୟାଚ୍‌ରେ ଭାରତ ୬ ଉଇକେଟରେ ବିଜୟୀ ହେବା ସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହୋଇଛି। ଦ୍ୱିତୀୟ ମ୍ୟାଚ୍‌ରେ ବିଜୟୀ ହୋଇ ଭାରତ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ପ୍ରଥମ ମ୍ୟାଚ୍‌ରେ ଭାରତ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ ମଧ୍ୟ ବୋଲିଂ ଓ ଫିଲ୍ଡିଂରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା। ତେଣୁ ଏହି ଦୁଇଟି ବିଭାଗରେ ଭାରତ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରୟାସ କରିବ। ଗତ ୧୩ ମାସ ମଧ୍ୟରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ୬ଟି ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍‌ରେ ପରସ୍ପରକୁ ଭେଟିଛନ୍ତି। ତେବେ ସବୁଥିରେ ଭାରତ ବିଜୟୀ ହୋଇଛି। ଶୁକ୍ରବାର ଭାରତ ୱେଷ୍ଟଇଣ୍ଡିଜ ବିପକ୍ଷରେ କ୍ରମାଗତ ସପ୍ତମ ଟି୨୦ ବିଜୟ ହାସଲ କରିଛି। ଏହା ପୂର୍ବରୁ ଭାରତ ବାଂଲାଦେଶକୁ ୨-୧ରେ ପରାସ୍ତ କରି ସିଜନର ପ୍ରଥମ ସିରିଜ ବିଜୟ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ବିଜୟୀ ହେଲେ ଭାରତ ସିରିଜ ଜିତିବା ସହିତ ତୃତୀୟ ମ୍ୟାଚ୍‌ରେ ଅନ୍ୟ ଖେଳାଳିଙ୍କୁ ନେଇ ପରୀକ୍ଷା ନିରୀକ୍ଷା କରିବ। ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ଏକ ଦୃଢ଼ ଦଳ ଗଠନ ପାଇଁ ଏପରି କରିବାର ଆବଶ୍ୟକତା ରହିଛି।

ପ୍ରଥମ ମ୍ୟାଚ୍‌ରେ ଭାରତ ସର୍ବାଧିକ ରନ୍ ଚେଜ୍ କରିବାରେ ସଫଳ ହୋଇଥିଲା। ୱେଷ୍ଟଇଣ୍ଡିଜ ଦ୍ୱାରା ଧାର୍ଯ୍ୟ ହୋଇଥିବା ୨୦୭ ରନର ସ୍କୋରକୁ ଭାରତ ୪ ଉଇକେଟ ହରାଇ ୧୮.୪ ଓଭରରେ ହାସଲ କରି ନେଇଥିଲା। ଲୋକେଶ ରାହୁଲ ୪୦ ବଲରୁ ୬୨ ଓ ଅଧିନାୟକ ବିରାଟ କୋହଲି ୫୦ ବଲରୁ ଅପରାଜିତ ୯୪ ରନ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ନିୟମିତ ଓପନର ଶିଖର ଧାୱନଙ୍କ ଅନୁପସ୍ଥିତିରେ ଓପନିଂ କରି ରାହୁଲ ପୁଣି ଥରେ ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ଏଥିସହିତ ରାହୁଲ ତୃତୀୟ ଦ୍ରୁତତମ ବ୍ୟାଟ୍ସମ୍ୟାନ ଭାବେ ଟି୨୦ ଫର୍ମାଟରେ ୧,୦୦୦ ରନ ପୂରଣ କରିଛନ୍ତି।



ସଞ୍ଜୁ ସାମସନ୍

ସେହିପରି ଖରାପ କିପିଂ, ଅସ୍ଥିର ପ୍ରଦର୍ଶନ ଓ ବେପରୁଆ ଶଟ୍ ଖେଳି ବେଶ୍ ସମାଲୋଚିତ ହୋଇଥିବା ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଆଉଟ ହେବାପୂର୍ବରୁ ଦୁଇଟି ଲମ୍ବା ଛକା ମାରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ। ସେ ଆଗାମୀ ଦିନରେ ମିଳିବାକୁ ଥିବା ସୁଯୋଗର ସଦ୍ ବ୍ୟବହାର କରିବେ ବୋଲି ଆଶା କରାଯାଉଛି। କୋହଲିଙ୍କ ବ୍ୟାଟିଂ ଦୃଷ୍ଟାନ୍ତମୂଳକ ଥିଲେ ମଧ୍ୟ ଭାରତୀୟ ବୋଲର ଓ ଫିଲ୍ଡରମାନେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ଏଭିନ୍ ଲୁଇସ୍, ଶିମରନ ହେଟମେର ଓ ଅଧିନାୟକ କିରନ ପୋଲାର୍ଡ ବଡ଼ ବଡ଼ ଶଟ୍ ଖେଳି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ବାଂଲାଦେଶ ବିପକ୍ଷ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଦ୍ରୁତ ବୋଲର ଦୀପକ ଚହର କିନ୍ତୁ ପ୍ରଥମ ମ୍ୟାଚ୍‌ରେ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ ମଧ୍ୟ ସେ ୫୪ ରନ ବ୍ୟୟ କରିଥିଲେ। ଏହି ମ୍ୟାଚ୍‌ରେ ସେ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ଚେଷ୍ଟା କରିବେ।

ଦୀର୍ଘଦିନ ପରେ ଦଳକୁ ଫେରିଥିବା ଅଭିଜ୍ଞ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ୪ ଓଭର ବୋଲିଂ କରି ୩୬ ରନ ବ୍ୟୟ କରିବା ସହ କୌଣସି ଉଇକେଟ ହାସଲ କରି ନ ଥିଲେ। ୱାଶିଂଟନ ସୁନ୍ଦର ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି ଓ ବ୍ରେକ୍ ଥ୍ରୁ ଦେବାରେ ବିଫଳ ହୋଇଛନ୍ତି। ଗତ ୬ଟି ଟି୨୦ରେ ସେ ମାତ୍ର ୨ଟି ଉଇକେଟ ଅକ୍ତିଆର କରିଛନ୍ତି। ବୋଲିଂରେ ଉନ୍ନତି ଆଣିବା ପାଇଁ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କୁ ଖେଳାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଫିଲ୍ଡିଂରେ ସୁନ୍ଦର ଓ ରୋହିତ ଶର୍ମା କେତୋଟି କ୍ୟାଚ୍ ହାତଛଡ଼ା କରିଥିଲେ। ଏଥି ସହିତ ଏକାଧିକ ମିସ୍‌ଫିଲ୍ଡ ମଧ୍ୟ ହୋଇଥିଲା। ଏହା ଟିମ୍ ମ୍ୟାନେଜମେଣ୍ଟର ଚିନ୍ତା ବଢ଼ାଇଛି।

ଅପରପକ୍ଷରେ ସିରିଜ ବଞ୍ଚାଇବା ପାଇଁ ୱେଷ୍ଟଇଣ୍ଡିଜ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ମ୍ୟାଚ୍‌କୁ ହାତେଇବାକୁ ଚେଷ୍ଟା କରିବ। ତେଣୁ ଏଥିପାଇଁ ୱେଷ୍ଟଇଣ୍ଡିଜ ବୋଲରମାନେ ଘରୋଇ ବ୍ୟାଟ୍ସମ୍ୟାନଙ୍କୁ ନିୟନ୍ତ୍ରଣରେ ରଖିବା ଜରୁରୀ ହୋଇ ପଡ଼ିଛି। ବ୍ୟାଟ୍ସମ୍ୟାନଙ୍କୁ ରୋକିବା ପାଇଁ ଭ୍ରମଣକାରୀ ବୋଲରମାନେ କୌଣସି ରାସ୍ତା ପାଇ ନ ଥିଲେ। ଦ୍ରୁତ ବୋଲର କେସରିକ ୱିଲିୟମ୍ସ ୩.୪ ଓଭରରେ ୬୦ ରନ ବ୍ୟୟ କରିଥିଲେ। ଉଇକେଟ ହାସଲ ପାଇଁ ଅଧିନାୟକ କିରନ ପୋଲାର୍ଡ ଅଭିଜ୍ଞ ଜାସନ ହୋଲ୍ଡର ଓ ଶେଲଡନ କଟ୍ରେଲଙ୍କୁ ଆରମ୍ଭରୁ ବୋଲିଂ କରାଇବେ। ପୁଣି ଭ୍ରମଣକାରୀ ଦଳ ୨୩ ଅତିରିକ୍ତ ରନ ବ୍ୟୟ କରିଛି। ଏହାକୁ ନ ରୋକିଲେ ଭାରତକୁ ହରାଇବା ସହଜ ହେବ ନାହିଁ ବୋଲି ଟମ୍ ମ୍ୟାନେଜମେଣ୍ଟ ହୃଦୟଙ୍ଗମ କରିଛି। ଯୋଜନାକୁ କାର୍ଯ୍ୟରେ ପରିଣତ କରିବାରେ ଆମେ ବିଫଳ ହୋଇଛୁ ବୋଲି ପୋଲାର୍ଡ ସ୍ୱୀକାର କରିଛନ୍ତି। ତେବେ ଦ୍ୱିତୀୟ ମ୍ୟାଚରେ ଆମେ ପ୍ରଦର୍ଶନର ଉନ୍ନତି ଆଣିବାକୁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି। ଗତ ଅଗଷ୍ଟରେ ଭାରତଠାରୁ ୩-୦ରେ ୱେଷ୍ଟଇଣ୍ଡିଜ ହାରିଥିଲା। ଏହାର ପୁନରାବୃତ୍ତି ଯେପରି ନ ହୁଏ ସେ ନେଇ ୱେଷ୍ଟଇଣ୍ଡିଜ ଏହି ମ୍ୟାଚ୍‌କୁ ଜିତିବା ପାଇଁ ସବୁମତେ ଚେଷ୍ଟା କରିବ।

## ଆଜି ଦ୍ୱିତୀୟ ଟି୨୦

- ଭାରତୀୟ ଦଳ: ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ରିଷଭ ପନ୍ତ, ମନୀଷ ପାଣ୍ଡେ, ଶ୍ରେୟାସ ଆୟାର, ଶିବମ୍ ଦୁବେ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଦୀପକ ଚହର, ଭୁବନେଶ୍ୱର କୁମାର, ମହମ୍ମଦ ସାମି ଓ ସଞ୍ଜୁ ସାମସନ।
- ୱେଷ୍ଟଇଣ୍ଡିଜ ଦଳ: କିରନ ପୋଲାର୍ଡ (ଅଧିନାୟକ), ଫାବିଆନ ଆଲେନ, ବ୍ରାଣ୍ଡନ କିଙ୍ଗ୍, ଦୀନେଶ ରାମଦୀନ, ଶେଲଡନ କଟ୍ରେଲ, ଏଭିନ ଲୁଇସ୍, ଶେରଫାନ୍ ରଦରଫୋର୍ଡ, ଶିମରନ ହେଟମେର, ଖାରି ପିଏର, ଲିଣ୍ଡଲ ସିମନ୍ସ, ଜାସନ ହୋଲ୍ଡର, ହେଡେନ ୱାଲ୍ସ ଜୁନିୟର, କିମୋ ପଲ ଓ କେସରିକ ୱିଲିୟମ୍ସ।

ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭ଟା | ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ

### ଅଶ୍ୱିନଙ୍କ ସହ ସମକକ୍ଷ ହେଲେ ଚହଲ



**ହାଇଦ୍ରାବାଦ, ୭।୧୨:** ଏଠାରେ ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଟି୨୦ ମ୍ୟାଚ୍‌ର ୧୮ତମ ଓଭରରେ ଚହଲ ପ୍ରତିପକ୍ଷ ଦଳର ବ୍ୟାଟ୍ସମ୍ୟାନ ଶିମରନ ହେଟମାୟର ଓ ଅଧିନାୟକ କିରନ ପୋଲାର୍ଡଙ୍କ ଉଇକେଟ ନେଇଥିଲେ। ଏଥିସହ ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ ପେସର ଯଶପ୍ରୀତ ବୁମରାଙ୍କୁ ପଛରେ ପକାଇ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ସମକକ୍ଷ ହୋଇଛନ୍ତି। ଉଭୟ ସ୍ପିନର ଏପର୍ଯ୍ୟନ୍ତ ଟି୨୦ ଫର୍ମାଟରେ ୫୨ ଉଇକେଟ ନେଇସାରିଛନ୍ତି, ଯାହା କି ଭାରତୀୟ ବୋଲରଙ୍କ ମଧ୍ୟରେ ସର୍ବାଧିକ। ୪୬ ମ୍ୟାଚ୍ ଖେଳିଥିବା ଅଶ୍ୱିନଙ୍କ ନାମରେ ୫୨ ଉଇକେଟ ରହିଛି। ସମାନ ସଂଖ୍ୟକ ଉଇକେଟ ଚହଲ ମାତ୍ର ୩୫ମ୍ୟାଚ୍‌ରେ ହାସଲ କରିଛନ୍ତି। ଟି୨୦ ଫର୍ମାଟରେ ୫୦ ଉଇକେଟ ନେବାରେ ସେ ଦେଶର ଦ୍ରୁତତମ ବୋଲର। ଦେଶର ୩ୟ ବୋଲର ଭାବେ ଏହି ମାଇଲଷ୍ଟୋନ ସ୍ପର୍ଶ କରିଥିଲେ। ଅଶ୍ୱିନଙ୍କ ବ୍ୟତୀତ ବୁମରା (୫୧) ଏହି ତାଲିକାରେ ରହିଛନ୍ତି।

## ସତ୍‌ନାମ୍ ସାମୟିକ ବାସନ୍ଦ

**ନୂଆଦିଲ୍ଲୀ,୭।୧୨(ପି.ଟି.):** ପ୍ରଥମ ଭାରତୀୟ ଭାବେ ଏନ୍‌ବିଏ ଡ୍ରାଫ୍ଟରେ ସାମିଲ ହୋଇଥିବା ସତ୍‌ନାମ୍ ସିଂ ଭାମରା ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି। ଜାତୀୟ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ତାଙ୍କୁ ସାମୟିକ ଭାବେ ବାସନ୍ଦ କରିଛି। ୨୩ ବର୍ଷୀୟ ବାସ୍କେଟବଲ ଖେଳାଳି ସାଉଥ୍ ଏସିଆନ୍ ଗେମ୍ସ ଲାଗି ପ୍ରସ୍ତୁତ ହେଉଥିବାବେଳେ ନାଡା ପକ୍ଷରୁ ତାଙ୍କର ଡୋପ୍ ଟେଷ୍ଟ କରାଯାଇଥିଲା। ତାଙ୍କୁ ନଭେମ୍ବର ୧୯ ତାରିଖରେ ସାମୟିକ ଭାବେ ବାସନ୍ଦ କରାଯାଇଥିବା ନାଡା ପକ୍ଷରୁ କୁହାଯାଇଛି। ସତ୍‌ନାମ୍ ଚଳିତ ମାସ ୧ ତାରିଖରୁ ଆରମ୍ଭ ହୋଇଥିବା ୧୩ତମ ଦକ୍ଷିଣ ଏସିଆନ୍ ଗେମ୍ସରୁ ଓହରି ଯାଇଥିଲେ। ତାଙ୍କ ଏ' ନମୁନାରୁ ଠାବ କରାଯାଇଥିବା ନିଷିଦ୍ଧ ଦ୍ରବ୍ୟର ନାମ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ନାଡା ନିୟମ ଅନୁଯାୟୀ, ଜଣେ ଖେଳାଳିଙ୍କ ଏ' ନମୁନାରେ ନିଷିଦ୍ଧ ଦ୍ରବ୍ୟ ମିଳିଲେ ୭ ଦିନ ମଧ୍ୟରେ ସେ ବି' ନମୁନାର ଯାଞ୍ଚ କରାଇବା ଲାଗି ଅନୁରୋଧ କରିପାରିବେ। ଯଦି ବି' ନମୁନା ମଧ୍ୟ ପଜିଟିଭ ଆସେ, ତେବେ ନାଡାର ଆଣ୍ଟି ଡୋପିଂ ଡିସିପ୍ଲିନ ପ୍ୟାନେଲ ତାଙ୍କ ଦଣ୍ଡାଦେଶ ସମ୍ପର୍କରେ ନିଷ୍ପତ୍ତି ନିଏ। ସତନାମଙ୍କ ବି' ନମୁନା ପଜିଟିଭ ଆସିଲେ, ଅଧିକରୁ ଅଧିକ ୪ ବର୍ଷ ପାଇଁ ବାସନ୍ଦ କରାଯିବ। ତେବେ ସତନାମ ବି' ନମୁନା ଯାଞ୍ଚ କରାଇବାକୁ ଅନୁରୋଧ କରିଥିବା ଜଣାପଡ଼ିଛି। ଉଲ୍ଲେଖଥାଉ କି, ୨୦୧୫ରେ ଏନ୍‌ବିଏ ଦଳ ଡାଲାସ ମାଭେରିକ୍ସ ଦଳରେ ସତ୍‌ନାମ୍ ସାମିଲ ହୋଇ ରେକର୍ଡ କରିଥିଲେ। ପରବର୍ତ୍ତୀ ଦୁଇ ବର୍ଷ ସେ ଟେକ୍ସାସ ଲିଜେଣ୍ଡସ ପାଇଁ ଡେଭଲପମେଣ୍ଟ ଲିଗ୍‌ରେ ଖେଳିଥିଲେ। ଭାରତ ଫେରିବା ପରେ ସତ୍‌ନାମ୍ ୨୦୧୮ ସେପ୍ଟେମ୍ବରରେ କାନାଡାର ଜାତୀୟ ବାସ୍କେଟବଲ ଲିଗ୍‌ରେ ଖେଳି ଇତିହାସ ରଚିଥିଲେ।



## ବିସିସିଆଇ ରାଡାରରେ ତାମିଲନାଡୁ ଟି୨୦ ଲିଗ୍

**ମୁମ୍ବାଇ,୭।୧୨:** ଦେଶରେ ଚାଲିଥିବା ରାଜ୍ୟସ୍ତରୀୟ ଘରୋଇ କ୍ରିକେଟ ଲିଗ୍‌ରେ ଫିକ୍ସିଂ ଓ ବେଟିଂର କଳାବାଦଲ ଛାଇ ହୋଇ ରହିଛି। ଏବେ କର୍ନାଟକ ପ୍ରିମିୟର ଲିଗ୍ (କେପିଏଲ୍)ରେ ଫିକ୍ସିଂ ସ୍କାଣ୍ଡାଲର ତଦନ୍ତ ଚାଲୁଥିବାବେଳେ ବିସିସିଆଇର ଆଣ୍ଟି କରପଶନ ୟୁନିଟ୍ (ଏସିୟୁ) ଘରୋଇ କ୍ରିକେଟ ଲିଗ୍ ଆୟୋଜନ ବନ୍ଦ କରିବାକୁ କହିଛି। ମିଳିଥିବା ସୂଚନା ମୁତାବକ ବିସିସିଆଇରେ ଏସିୟୁ ଏକ ରିପୋର୍ଟ ଦାଖଲ କରିଛି। ଚଳିତବର୍ଷ ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନପିଏଲ)ରେ ଟୁଟି ପାଟ୍ରିଅଟ୍ସ ଓ ମଦୁରାଇ ପାନ୍ଥର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ୨୪ ନିୟୁତ ପାଉଣ୍ଡର ବେଟିଂ କାରବାର ହୋଇଥିଲା। ଏହାର ମୂଲ୍ୟ ଭରତୀୟ ମୁଦ୍ରାରେ ପ୍ରାୟ ୨୨୪ କୋଟି ଟଙ୍କା। ଅନ୍ତର୍ଜାତୀୟ ସାଇଟ ବେଟଫାୟାରରେ ଏହି କାରବାର ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଏ ସମ୍ପର୍କରେ ଏସିୟୁ ମୁଖ୍ୟ ଅଜିତ ସିଂ କିଛି ମତ ଦେଇ ନାହାନ୍ତି। ଗତ ସପ୍ତାହରେ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଦୁଇ ଟିଏନ୍‌ପିଏଲ ଫ୍ରାଞ୍ଚାଇଜ ନିଲମ୍ବିତ ହୋଇଥିବା ଘୋଷଣା କରିଥିଲେ। କିନ୍ତୁ ତାମିଲନାଡୁ କ୍ରିକେଟ ଆସୋସିଶନ ଏହାକୁ ଅସ୍ୱୀକାର କରିଥିଲା।



ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲର ଉଦ୍‌ଘାଟନୀ ଅବସରରେ ଖେଳାଳିଙ୍କ ଗହଣରେ ଅତିଥି।

## ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ ଆରମ୍ଭ

**ଭୁବନେଶ୍ୱର, ୭।୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

କିଟ୍ ଓ ଭାରତୀୟ ବିଶ୍ୱବିଦ୍ୟାଳୟ ଆସୋସିଏଶନ (ଏଆଇୟୁ)ର ମିଳିତ ଆନୁକୂଲ୍ୟରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ଭଲିବଲ୍ ପ୍ରତିଯୋଗିତା (ମହିଳା) ଶନିବାରଠାରୁ ଆରମ୍ଭ ହୋଇଛି। ପ୍ରତିଯୋଗିତାର ପ୍ରଥମ ଦିବସରେ ଅନୁଷ୍ଠିତ ୩ଟି ମ୍ୟାଚ୍‌ରେ ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ (ଦୁର୍ଗ), ପାଟନା ବିଶ୍ୱବିଦ୍ୟାଳୟ ଓ କଲ୍ୟାଣୀ ବିଶ୍ୱବିଦ୍ୟାଳୟ ସେମାନଙ୍କ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ହେମଚାନ୍ଦ ୩-୦ ସେଟ୍‌ରେ ଅଟଳ ବିହାରୀ ବାଜପେୟୀ ବିଶ୍ୱବିଦ୍ୟାଳୟ (ବିଳାଶପୁର)କୁ, ପାଟନା ୩-୦ ସେଟ୍‌ରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ଏବଂ କଲ୍ୟାଣୀ ୩-୦ରେ ଏମ୍.ଜି. କାଶୀ ବିଦ୍ୟାପୀଠକୁ ହରାଇଛି।

କିଟ୍ କ୍ୟାମ୍ପସ୍-୮ରେ ଥିବା ଭଲିବଲ୍ ଗ୍ରାଉଣ୍ଡରେ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାକୁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ପ୍ରୋ-ଭାଇସ ଚାନସେଲର ସସ୍ମିତା ସାମନ୍ତ, ସି. ନୀଲପ ଓ ନୀଲକମଲ ରୟ ପ୍ରମୁଖ ଏହି ଅବସରରେ ଉପସ୍ଥିତ ରହିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଖେଳାଳିମାନଙ୍କୁ ସ୍ୱାଗତ କରିଥିଲେ।

## ପ୍ରସ୍ତୁତି ଅନୁଧ୍ୟାନ କଲେ ମନ୍ତ୍ରୀ

**କଟକ ଅଫିସ,୭।୧୨**

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯିବାକୁ ଥିବା ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍ ନେଇ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ପ୍ରସ୍ତୁତିକୁ ଶନିବାର ଅନୁଧ୍ୟାନ କରିଛନ୍ତି ଗୃହ, ଶକ୍ତି, ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର। ମ୍ୟାଚ୍ ସମୟରେ ଷ୍ଟାଡିୟମରେ ଶୃଙ୍ଖଳା ବ୍ୟବସ୍ଥା କିପରି ରହିବ ସେ ଦିଗରେ ମନ୍ତ୍ରୀ ମିଶ୍ର ଆଲୋଚନା ମଧ୍ୟ କରିଥିଲେ। ଗ୍ୟାଲେରୀଗୁଡ଼ିକରେ ଦର୍ଶକଙ୍କ ସୁବିଧା ସୁଯୋଗ ନେଇ ଏହି ଅବସରରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପଦାଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ଆସନ୍ତା ୧୯ ଓ ୨୦ରେ ଉକ୍ତ ମ୍ୟାଚ୍ ପାଇଁ ଷ୍ଟାଡିୟମର ବିଭିନ୍ନ କାଉଣ୍ଟରରେ ଟିକେଟ ବିକ୍ରି ହେବ। ଏହି ଦୁଇ ଦିନ ସମେତ ମ୍ୟାଚ ଦିନ ହେବାକୁ ଥିବା ବ୍ୟାରିକେଡ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ମନ୍ତ୍ରୀ ପଚାରି ବୁଝିଥିଲେ। ପରିଦର୍ଶନ ସମୟରେ ଅନ୍ତରୀଣ ପୋଲିସ ଡିଜି ସତ୍ୟଜିତ ମହାନ୍ତି, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ପ୍ରମୁଖ ଉପସ୍ଥିତ ଥିଲେ।

ବାରବାଟୀ ଦିନିକିଆ
ଆଉ ୧୪ ଦିନ





ଓସିଏ କର୍ମକର୍ତ୍ତାଙ୍କ ସହ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ଅନ୍ତରୀଣ ପୋଲିସ ଡିଜି ସତ୍ୟଜିତ୍ ମହାନ୍ତି ବାରବାଟୀ ଷ୍ଟାଡ଼ିୟମ୍ ନିରୀକ୍ଷଣ କରୁଛନ୍ତି। ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ଗ୍ୟାଲେରିର ମରାମତି ଚାଲିଛି।

ୟୁଥ୍ ଆଲର୍ଟ

# ଇ ପେମେଣ୍ଟ କରୁଥିଲେ...

ବର୍ତ୍ତମାନ ଚୋରି, ଡକାୟତି ବଢ଼ି ଚାଲିଥିବାରୁ ଅଧିକାଂଶ ଟଙ୍କା ବଦଳରେ ଇପେମେଣ୍ଟର ସୁବିଧା ନେଉଛନ୍ତି। ହେଲେ ଏହାକୁ ସମ୍ପୂର୍ଣ୍ଣ ନିରାପଦ ଭାବିବା ବି ଠିକ୍ ନୁହେଁ। ତେଣୁ ଇପେମେଣ୍ଟକୁ ସୁରକ୍ଷିତ କରିବା ଲାଗି କେତେକ ଦିଗ ପ୍ରତି ବିଶେଷ ସଜାଗ ରହିବା ଆବଶ୍ୟକ...

– ଅନ୍‌ଲାଇନ୍‌ରେ ପେମେଣ୍ଟ କରିବା ଲାଗି ସର୍ବପ୍ରଥମେ ରେଜିଷ୍ଟର୍ଡ ସାଇଟ୍ ବ୍ୟବହାର କରନ୍ତୁ । କାରଣ ବର୍ତ୍ତମାନ ବିଭିନ୍ନ ଫେକ୍ ସାଇଟ୍‌ଗୁଡିକରେ ବ୍ୟାଙ୍କ୍ ଡାଟା ହ୍ୟାକ୍ ଲିଙ୍କ୍ ସେଫ୍ କି ନୁହେଁ ସୁନିଶ୍ଚିତ କରନ୍ତୁ। ଏହାର ପ୍ରାଇଭେସି ପଲିସି ଚେକ୍ କରନ୍ତୁ। ୱେବ୍‌ପେଜ୍ httpରୁ ଆରମ୍ଭ ହୋଇଥିବା ଦରକାର।

– ମନେରଖନ୍ତୁ ନେଟ୍ ବ୍ୟାଙ୍କିଙ୍ଗ୍ ଲାଗି ପବ୍ଲିକ୍ କମ୍ପ୍ୟୁଟର୍ କିମ୍ବା ସାଇବର୍ କାଫେ ଅସୁରକ୍ଷିତ। ବେଳେ ବେଳେ ଇଣ୍ଟରନେଟ୍ ନ ଥିଲେ କିମ୍ବା କୌଣସି ଅସୁବିଧା ଲାଗି ଅନେକେ ଦୋକାନୀ କିମ୍ବା ଅନ୍ୟଙ୍କ ଫୋନ୍ ବ୍ୟବହାର କରନ୍ତି। ହେଲେ ଏସବୁ ଦ୍ୱାରା ପର୍ସନାଲ୍ ଡାଟା ଚୋରି ହେବାର ଆଶଙ୍କା ବେଶି।



ହେବା ସହ ଆକାଉଣ୍ଟରୁ ଟଙ୍କା ଚୋରି ହେଉଥିବାର ଘଟଣା ନଜିରକୁ ଆସୁଛି।

– ବର୍ତ୍ତମାନ ଫେସ୍‌ବୁକ୍ ହେଉ କିମ୍ବା ଗୁଗଲ୍‌ର ସାଇଟ୍‌ଗୁଡିକ ଖୋଲିବା ମାତ୍ରେ ବିଭିନ୍ନ ଶପିଂ ସାଇଟ୍‌ରେ ଆକର୍ଷଣୀୟ ଅଫର ସହିତ ଭଳି ଭଳି ସାମଗ୍ରୀ ମିଳୁଥିବାର ଆଡ୍ ଆସୁଛି। ଏଭଳି କୌଣସି ନୂଆ ଅନ୍‌ଲାଇନ୍ ଶପିଂ ସାଇଟ୍‌ରୁ କିଛି କିଣୁଥିଲେ କ୍ୟାଶ୍ ଅନ୍ ଡେଲିଭରି ଅପ୍ସନ ବାଛନ୍ତୁ। ଏହି ବ୍ୟବସ୍ଥା ନ ଥିଲେ ଇପେମେଣ୍ଟ କରିବା ସମୟରେ ତତ୍‌କ୍ଷଣାତ୍ ସାଇଟ୍‌ର ଡିମାଣ୍ଡ ଅନୁଯାୟୀ ସମସ୍ତ ବ୍ୟାଙ୍କ୍ ଡିଟେଲ୍ ନ ଦେଇ ପ୍ରଥମେ ଭଲ ଭାବେ ଉକ୍ତ ସାଇଟ୍‌ର ତେଣୁ ସର୍ବଦା ପର୍ସନାଲ କମ୍ପ୍ୟୁଟର୍, ଲ୍ୟାପ୍‌ଟପ୍ କିମ୍ବା ମୋବାଇଲ୍‌ରେ ହିଁ ନେଟ୍ ବ୍ୟାଙ୍କିଙ୍ଗ୍ କରିବା ଆବଶ୍ୟକ ଏବଂ ଏହାକୁ ପାସୱାର୍ଡ ପ୍ରୋଟେକ୍ଟେଡ୍ ରଖିବା ଦରକାର।

– ମୋବାଇଲରେ ଇପେମେଣ୍ଟ କରୁଥିଲେ ଅନ୍ୟ କୌଣସି ଆପ୍ଲିକେଶନ୍ ଡାଉନ୍‌ଲୋଡ୍ କରିବା ପୂର୍ବରୁ ସେଥିରେ କେଉଁସବୁ ଡାଟା ଏବଂ ଡିଟେଲ୍ସ ଆବଶ୍ୟକ ହେଉଛି ତାହାକୁ ଭଲ ଭାବେ ପଢ଼ିବା ପରେ ଇନ୍‌ଷ୍ଟଲ କରନ୍ତୁ। ନଚେତ୍ ବ୍ୟାଙ୍କ୍ ଡିଟେଲ୍ ଆଦି ପର୍ସନାଲ ଡାଟା ଚୋରି ହୋଇପାରେ।



# ଏୟାର ପାସେଞ୍ଜର ଓ ପାରାଚ୍ୟୁଟ୍

**ସଡ଼କ ଦୁର୍ଘଟଣା ଭଳି ଦିନକୁ ଦିନ ଆକାଶ ପଥରେ ବି ଦୁର୍ଘଟଣା ବଢୁଥିବାର ଦେଖିବାକୁ ମିଳୁଛି। ତଥାପି ମଧ୍ୟ ଯାତ୍ରୀଙ୍କ ସୁରକ୍ଷା ଲାଗି ଏରୋପ୍ଲେନଗୁଡିକରେ ଏଯାଏ ପାରାଚ୍ୟୁଟ୍ ବ୍ୟବସ୍ଥା କରାଯାଇ ନାହିଁ। ତେବେ ଆସନ୍ତୁ ଜାଣିବା ଏହା ପଛରେ ଥିବା କେତୋଟି ସମ୍ଭାବ୍ୟ କାରଣ ସମ୍ପର୍କରେ...**

- ଆବଶ୍ୟକରୁ ଅଧିକ ଓଜନ ହେଲେ ଏରୋପ୍ଲେନ୍ ଉଡାଣରେ ଅସୁବିଧା ହେବା ସହ ଭାରସାମ୍ୟ ହରାଇବାର ଆଶଙ୍କା ଥିବାରୁ ଯାତ୍ରୀମାନଙ୍କୁ ଓଜନିଆ ସାମଗ୍ରୀ ନେବା ମନା। ତେବେ ଏମିତିରେ ପାରାଚ୍ୟୁଟ୍‌ଗୁଡିକ ଅଧିକ ଓଜନିଆ ସହ ଅଧିକ ଜାଗା ନେଉଥିବାରୁ ଏରୋପ୍ଲେନ୍‌ରେ ଯାତ୍ରୀଙ୍କ ଲାଗି ଏହି ସୁବିଧା ନାହିଁ। ତା'ଛଡା ଏହାର ଅଧିକ ଦାମ୍ ମଧ୍ୟ ଅନ୍ୟ ଏକ କାରଣ।
- ପାରାଚ୍ୟୁଟ୍‌ରେ ଆକାଶମାର୍ଗରୁ ଓହ୍ଲାଇବା କାର୍ଯ୍ୟ କେବଳ ଦକ୍ଷ ଏବଂ ତାଲିମପ୍ରାପ୍ତ ବ୍ୟକ୍ତି କରିପାରିବେ। ତେଣୁ ଏୟାର ପାସେଞ୍ଜର ଅଣତାଲିମପ୍ରାପ୍ତ ହୋଇଥିବାରୁ ଆବଶ୍ୟକ ପଡିଲେ ସୁଦ୍ଧା ସେମାନେ ଏହାର ସଦୁପଯୋଗ କରିପାରିବେ ନାହିଁ। ବୋଧହୁଏ ଏହି କାରଣରୁ ପାସେଞ୍ଜରଙ୍କ ଲାଗି ଏହି ସୁବିଧା ଉପଲବ୍ଧ ନାହିଁ।
- କମର୍ସିଆଲ୍ ଏରୋପ୍ଲେନ୍‌ରେ ମୁଖ୍ୟତଃ ଦୁର୍ଘଟଣା ଟେକ୍‌ଅପ୍ କିମ୍ବା ଲ୍ୟାଣ୍ଡିଙ୍ଗ୍ ସମୟରେ ହିଁ ହୋଇଥାଏ। ଯେଉଁଠାରେ ପାରାଚ୍ୟୁଟ୍ କୌଣସି କାମରେ ଆସି ନ ଥାଏ।
- ପାରାଚ୍ୟୁଟ୍ ଖୁବ୍ ଭାରି ଏବଂ ବଡ ହୋଇଥିବାରୁ ଯାତ୍ରୀମାନେ ଏହାକୁ ପିନ୍ଧି ପ୍ଲେନ୍‌ରେ ବସି ଯାତ୍ରା କରିବା ଆଦୌ ଆରାମଦାୟକ ନୁହେଁ । ତା'ଛଡା ପାଖରେ ଥିଲେ ମଧ୍ୟ ହଠାତ୍ ମଧ୍ୟ ଆକାଶରେ କୌଣସି ଦୁର୍ଘଟଣା ଘଟିଲେ ତତ୍‌କ୍ଷଣାତ୍ ଏହାକୁ ପିନ୍ଧି ଏକାସଙ୍ଗେ ୧୦୦– ୨୦୦ ଯାତ୍ରୀ ତଳକୁ ଡେଇଁବା ବି ଏକ ପ୍ରକାର ଅସମ୍ଭବ।
- ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏରୋପ୍ଲେନ୍ ଖୁବ୍ ଉଚ୍ଚାରେ ଉଡୁଥିବାରୁ କେବଳ ପାରାଚ୍ୟୁଟ୍ ନୁହେଁ ଏହାସହ ଡେଇଁବା ସମୟରେ ଜୀବନ ରକ୍ଷା ଲାଗି ହାଇ ଅଲ୍‌ଟିଚ୍ୟୁଡ୍ ଇକ୍ୟୁପ୍‌ମେଣ୍ଟ ଯଥା– ଅକ୍ସିଜେନ୍ ଟ୍ୟାଙ୍କ୍, ମାସ୍କ ଏବଂ ରେଗୁଲେଟର, ଫ୍ଲାଇଟ୍ ସୁଟ୍, ବାଲିଷ୍ଟିକ୍ ହେଲ୍‌ମେଟ୍ ଆଦି ମଧ୍ୟ ଜରୁରୀ। ତେବେ ଦୁର୍ଘଟଣା ସମୟରେ ପାସେଞ୍ଜରଙ୍କୁ ଏସବୁ ପିନ୍ଧିବା ଲାଗି ସମୟ ମିଳିବା ଅସମ୍ଭବ ହୋଇଥିବାରୁ କମର୍ସିଆଲ୍ ପ୍ଲେନ୍‌ରେ ଏସବୁକୁ ବାଦ୍ ଦିଆଯାଇଛି।



## ଏ ସପ୍ତାହର ପ୍ରଶ୍ନ

୧– ............ଙ୍କ ଜନ୍ମ ଦିବସକୁ ଗୁଡ୍ ଗଭର୍ନାନ୍ସ ଡେ' ଭାବେ ପାଳନ କରାଯାଉଛି ?
୨– ସବୁଠୁ ଛୋଟ ହାତୀ ପ୍ରଜାତି ............ ?
୩– ହକ୍ ଜେଟ୍ ଉଡାଇଥିବା ପ୍ରଥମ ମହିଳା ଫାଇଟର ପାଇଲଟ୍ ............ ?
୪– ପୃଥିବୀର ସବୁଠୁ ଶକ୍ତିଶାଳୀ ଇଣ୍ଟେଲିଜେନ୍ସ ଏଜେନ୍ସି ............ ?
୫– ଖାଦ୍ୟରେ ............ ର ମାତ୍ରା ହ୍ରାସ ହେଲେ ମାରାସ୍‌ମସ୍ ରୋଗ ଦେଖା ଦେଇଥାଏ ?

## ଗତ ଥରର ଉତ୍ତର

୧ ଲକ୍‌ଜେନବର୍ଗ
୨ ଡଃ ହୋମି ଜାହାଙ୍ଗୀର ଭାବା
୩ ଟୁ
୪ ଗୋତାବାୟ ରାଜାପକାଶା
୫ କଲିକତା

## ଉତ୍ତର ଦାତା


ଅନନ୍ୟା ମହାରଣା, ବୌଦ୍ଧ


ପ୍ରଶାନ୍ତ କର, ପୁରୀ


ବିନୋଦ ବିହାରୀ ବେହେରା, କଟକ


ଦୀପ୍ତିରଞ୍ଜନ ମହାନ୍ତି, ବାଲେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

ବିଲିକଣା ଗ୍ରାମପଞ୍ଚାୟତ, ପଟ୍ଟାମୁଣ୍ଡାଇ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ପଞ୍ଚାୟତବାସୀଙ୍କୁ ଅଭିନନ୍ଦନ। ସମସ୍ତଙ୍କ ସହଯୋଗରେ ସରକାରୀ ଯୋଜନାଗୁଡିକୁ ସଦ୍‌ବିନିଯୋଗ କରି ପଞ୍ଚାୟତର ବିକାଶ ପାଇଁ ସହଯୋଗ କାମନା କରୁଛି ।
ବିଜୟ ରାଉତ
ସରପଞ୍ଚ, ବିଲିକଣା ଗ୍ରାମପଞ୍ଚାୟତ

ଅଳପୁଆ ଗ୍ରାମପଞ୍ଚାୟତ, ପଟ୍ଟାମୁଣ୍ଡାଇ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ପଞ୍ଚାୟତବାସୀଙ୍କୁ ଅଭିନନ୍ଦନ ଜଣାଉଛି। ସମସ୍ତଙ୍କ ସହଯୋଗରେ ଆମ ପଞ୍ଚାୟତର ବିକାଶଧାରାର ଅଗ୍ରଗତି କାମନା କରୁଅଛି ।
ରମେଶ ଦାସ
ସରପଞ୍ଚ, ଅଳପୁଆ ଗ୍ରାମପଞ୍ଚାୟତ

ତରଡ଼ିପାଳ ଗ୍ରାମପଞ୍ଚାୟତ, ପଟ୍ଟାମୁଣ୍ଡାଇ

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ପାଳନ ଅବସରରେ ପଞ୍ଚାୟତବାସୀଙ୍କୁ ଅଭିନନ୍ଦନ ଜଣାଉଛି । ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନାର ସଦ୍‌ବିନିଯୋଗ କରି ପଞ୍ଚାୟତର ଉନ୍ନତି ପାଇଁ ସମସ୍ତଙ୍କର ସହଯୋଗ କାମନା କରୁଛି ।
ପ୍ରିୟଦର୍ଶିନୀ ତରାଇ
ସରପଞ୍ଚ, ତରଡ଼ିପାଳ ଗ୍ରାମପଞ୍ଚାୟତ

ଦୋଷିଆ ଗ୍ରାମପଞ୍ଚାୟତ, ପଟ୍ଟାମୁଣ୍ଡାଇ

ଧରିତ୍ରୀର ୪୬ତମ ଜନ୍ମ ଉତ୍ସବ ପାଳନ ଅବସରରେ ମୋ ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା। ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସଠିକ୍ ବିନିଯୋଗ କରି ପଞ୍ଚାୟତର ଉନ୍ନତି ପାଇଁ ପଞ୍ଚାୟତବାସୀଙ୍କ ସହଯୋଗ କାମନା କରୁଛି ।
ପ୍ରଭାତ ରଞ୍ଜନ ପ୍ରଧାନ
ସରପଞ୍ଚ, ଦୋଷିଆ ଗ୍ରାମପଞ୍ଚାୟତ

ସଂସାରଫଳ ଗ୍ରାମପଞ୍ଚାୟତ, ପଟ୍ଟାମୁଣ୍ଡାଇ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ପଞ୍ଚାୟତବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ସରକାରଙ୍କ ସମସ୍ତ ଯୋଜନାକୁ ସଠିକ ବିନିଯୋଗ କରି ଆମ ପଞ୍ଚାୟତର ବିକାଶଧାରା ଆଗେଇନେବାରେ ସମସ୍ତଙ୍କର ସହଯୋଗ କାମନା କରୁଛି ।
ମିନତୀ ପାତ୍ର
ସରପଞ୍ଚ, ସଂସାରଫଳ ଗ୍ରାମପଞ୍ଚାୟତ

































## ■ ବଳାତ୍କାରକୁ ନେଇ ଉଦ୍‌ବେଗ: ରାଜ୍ୟକୁ କେନ୍ଦ୍ରର ଚିଠି

# ଅପରାଧ ପ୍ରତି କଠୋର ହୁଅ

■ ତଦନ୍ତରେ ଢିଲା କଲେ ପୋଲିସ ଅଧିକାରୀଙ୍କ ବିରୋଧରେ ହେବ ଆପରାଧିକ ମାମଲା

■ ଫୋରେନ୍ସିକ୍ ଲାବୋରେଟୋରିର ଆଧୁନିକୀକରଣ କରିବାକୁ ପରାମର୍ଶ

ଭୁବନେଶ୍ୱର,୭।୧୨(ବ୍ୟୁରୋ)

ଦେଶରେ ମହିଳା ଓ ନାବାଳିକାଙ୍କ ବିରୋଧରେ ବଳାତ୍କାର ଘଟଣା ବଢ଼ିଚାଲିଛି। ଏହାକୁ ନେଇ ସମଗ୍ର ଦେଶରେ ଜନ ଆକ୍ରୋଶ ଦେଖାଦେଇଛି। ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି। ବିଭିନ୍ନ ସମୟରେ ହେଉଥିବା ବଳାତ୍କାର ଘଟଣାକୁ କେନ୍ଦ୍ର ସରକାର ଗୁରୁତର ସହ ନେଇଛନ୍ତି। ମହିଳାମାନଙ୍କ ସୁରକ୍ଷାକୁ କଡ଼ାକଡ଼ି କରିବା ପାଇଁ ଯଥାସମ୍ଭବ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅପରାଧକୁ ରୋକିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗାଇଡଲାଇନ ଜାରି କରାଯାଇଛି। ଏ ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବ ଅଜୟ କୁମାର ଭାଲା ସମସ୍ତ ରାଜ୍ୟକୁ ଚିଠି ଲେଖିଛନ୍ତି। ଚିଠିରେ ଉଲ୍ଲେଖ କରାଯାଇଛି ଯେ, ମହିଳା ଓ ନାବାଳିକାମାନଙ୍କ ବିରୋଧରେ ବଳାତ୍କାର ଭଳି ଜଘନ୍ୟ ଅପରାଧ ଘଟଣା ବାରମ୍ବାର ଘଟୁଥିବା ନଜରକୁ ଆସୁଛି। ମହିଳା ଓ ନାବାଳିକାମାନଙ୍କର ସୁରକ୍ଷାକୁ କେନ୍ଦ୍ର ସରକାର ଉଚ୍ଚ ପ୍ରାଥମିକତା ଦେଇ ଆସିଛନ୍ତି। ଏଭଳି ଅପରାଧକୁ ଦୃଢ଼ହସ୍ତରେ ଦମନ କରିବା ପାଇଁ ସରକାର ଆଇନରେ ବ୍ୟବସ୍ଥା କରିଛନ୍ତି। ତେବେ ଏଭଳି ଘଟଣା ସମ୍ପର୍କରେ ଅଭିଯୋଗ ପାଇବା ମାତ୍ରେ ପୋଲିସ ତତ୍‌କ୍ଷଣାତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ମହିଳାଙ୍କ ବିରୋଧରେ ହେଉଥିବା ଯୌନ ନିର୍ଯାତନା କ୍ଷେତ୍ରରେ କଡ଼ା ପଦକ୍ଷେପ ନେବାକୁ ୨୦୧୯ ମେ' ୧୬ ତାରିଖରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ଜଣାଇ ଦିଆଯାଇଥିଲା। ଚିଠିରେ ଆହୁରି କୁହାଯାଇଛି ଯେ ଯଦି କୌଣସି ପୋଲିସ ଅଧିକାରୀଙ୍କ ଏ କ୍ଷେତ୍ରରେ ଅବହେଳା କରିବେ ସେମାନଙ୍କ ବିରୋଧରେ ଆପରାଧିକ ଦଣ୍ଡବିଧାନ କରାଯିବା ଦରକାର। ଏଭଳି ଅପରାଧକୁ କିପରି ପରିଚାଳନା କରିବେ ସେ ନେଇ ପୋଲିସ ଅଧିକାରୀମାନଙ୍କୁ ଏକ ରିଫ୍ରେସର କୋର୍ସ କରିବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ଅପରାଧିକୁ କିପରି ଡିଲ୍ କରାଯିବ ସେନେଇ ଏକ ଇନ୍‌ଭେଷ୍ଟିଗେଶନ ଟ୍ରାକିଂ ସିଷ୍ଟମ ଫର ସେକ୍ସୁଆଲ ଅଫେନ୍ସ (ଆଇଟିଏସଏସଓ) ପୋର୍ଟାଲ ରହିଛି। ରାଜ୍ୟ ପୋଲିସ ଏହାର ସୁଯୋଗ ନେବା ସହ ୨ ମାସ ମଧ୍ୟରେ ତଦନ୍ତ ଶେଷ କରିବାକୁ କୁହାଯାଇଛି। ଏହି ପୋର୍ଟାଲ ଜରିଆରେ ପୋଲିସ ଅଧିକାରୀଙ୍କ ତଦନ୍ତ ଉପରେ ମଧ୍ୟ ନଜର ରଖାଯିବ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଯୌନ ନିର୍ଯାତନା ମାମଲାରେ ନ୍ୟାୟ ଦେବା ପାଇଁ ଫୋରେନ୍ସିକ ପ୍ରମାଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରାଜ୍ୟର ଫରେନ୍ସିକ୍ ଲାବୋରେଟୋରିଗୁଡ଼ିକୁ ଅତ୍ୟାଧୁନିକ ଯନ୍ତ୍ରାଂଶ ଓ ଉଚ୍ଚ କୁଶଳୀ ମାନବ ସମ୍ବଳ, ଇ-ଫୋରେନ୍ସିକଙ୍କୁ ନିଯୁକ୍ତି ଦେବା ସହ ଦକ୍ଷତା ବୃଦ୍ଧି ପାଇଁ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦିଆଯାଇଛି।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ଖଲ୍ଲିକୋଟ,୭।୧୨(ଡି.ଏନ.ଏ.)-ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅଞ୍ଚଳରେ ଜଣେ ୬ ବର୍ଷୀୟ ବାଳିକାଙ୍କୁ ଶନିବାର ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୩୬୦/୧୯ରେ ମାମଲା ରୁଜୁ କରିଛି। ପ୍ରକାଶ ଯେ, ମଧ୍ୟାହ୍ନରେ ନାବାଳିକା ଜଣକ ଘର ନିକଟରେ ଖେଳୁଥିବା ସମୟରେ ଉକ୍ତ ଥାନା ଅଞ୍ଚଳର ଜଣେ ନାବାଳକ (୧୬) ତାଙ୍କୁ ଚକଲେଟ ଦେଇ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ନେଇ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ନାବାଳିକା ନିଜ ଘରେ କହିବା ପରେ ତାଙ୍କ ମା' ଥାନାରେ ଏତଲା ଦେଇଥିଲେ। ଖଲ୍ଲିକୋଟ ଆଇଆଇସି ସତ୍ୟରଞ୍ଜନ ପ୍ରଧାନ ନାବାଳକଙ୍କୁ ପଚରାଉଚରା କରି ଡାକ୍ତରୀ ମଇନା କରିବାକୁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛନ୍ତି।


**OFFICE OF THE SUPERINTENDENT**
**SARDARVALLAVBHAIPATELPOSTGRADUATEINSTITUTEOFPEDIATRICS**
**HEALTH & F.W. DEPARTMENT, GOVT. OF ODISHA**
**Cuttack-753002, Tel/Fax: 0671-2508978**
**E-Mail ID- svppgip_cuttack@rediffmail.com, www.svppgip.org**
Letter No: 5365/SVPPGIP, Cuttack Date: 04.12.2019

**TENDER CALL NOTICE**

No. E-560: Sealed tenders are invited from registered firms for outsourcing of operation and maintenance of Effluent treatment plant of this institution for three years. The tender will be two bid systems as technical bid and price bid. The details of last date of sale, receipt of tender, opening of bid &. term and condition can be find in tender paper can be down loaded from the institution website www.svppgip.org. The bid cost Rs. 2000/- (Two thousand only) in the form of DD should be enclosed with the tender paper. The tender should send by speed post/registered post only.

**Sd./- Superintendent**
**SVPPGIP, Cuttack**
10017/11/0019/1920




ଦେଶରେ ମହିଳା ବିରୋଧୀ ଅପରାଧ ବଢ଼ି ଚାଲିଥିବାବେଳେ ଶନିବାର ବଳାତ୍କାର ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ନୂଆଦିଲ୍ଲୀର ଆଇଟିଓରେ ଶୋଭାଯାତ୍ରା କରାଯାଉଛି।

## ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ

■ ନାବାଳକଙ୍କୁ ମାଡ଼ ମାରି ପୋଲିସ ଜିମା

■ କମଳା ଦେବାକୁ କହି ଡାକି ଆଣିଥିଲେ ଅଭିଯୁକ୍ତ

କଟକ ଅଫିସ,୭।୧୨

ଦେଶରେ ବଳାତ୍କାର ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ବିଭିନ୍ନ ସ୍ଥାନରେ ଜନଆକ୍ରୋଶ ଓ ବିକ୍ଷୋଭ ଜାରି ରହିଥିବାବେଳେ ଶନିବାର କଟକ ବାଦାମବାଡି ଥାନା ଅଞ୍ଚଳରେ ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ନାବାଳକଙ୍କୁ ସ୍ଥାନୀୟ ଲୋକେ ନିର୍ଘୃମ ମାଡ଼ ମାରି ପୋଲିସ ଜିମା ଦେଇଛନ୍ତି। ପରେ ପୋଲିସ ଅଭିଯୁକ୍ତ ଓ ଶିଶୁକନ୍ୟାଙ୍କୁ ଡାକ୍ତରୀମାଇନା ପାଇଁ ଏସ୍‌ସିବି ମେଡିକାଲ ପଠାଇ ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଖାନ୍‌ନଗର ବିଶ୍ୱନାଥ ପଣ୍ଡିତ ସେଣ୍ଟ୍ରାଲ୍ ଲାଇବ୍ରେରି ପଛପଟ ଏକ ସ୍ଥାନରେ ଶନିବାର ଅପରାହ୍ନ ପ୍ରାୟ ସାଢେ ୩ଟାରେ ଶିଶୁକନ୍ୟା ଜଣକ କାନ୍ଦୁଥିଲେ। ଏହି ସମୟରେ ଉକ୍ତ ଲାଇବ୍ରେରିରେ ପଢୁଥିବା କେତେଜଣ ଛାତ୍ର ତଳକୁ ଅନାଇବାବେଳକୁ ନାବାଳକ ଜଣକ ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ କରୁଥିବା ଦେଖିବାକୁ ପାଇଥିଲେ। ପରେ ଛାତ୍ରମାନେ ସେଠାରେ ପହଞ୍ଚିଥିଲେ। ଏହା ଦେଖି ଝିଅଟି ନାବାଳକଙ୍କ କବଳରୁ ଖସିଆସି ଛାତ୍ରମାନଙ୍କ ନିକଟରେ ପହଞ୍ଚିଥିଲେ। ତେବେ ସାଇକେଲ ନେଇ ଆସିଥିବା ନାବାଳକ ପଳାଇବାକୁ ଉଦ୍ୟମ କରୁଥିବାବେଳେ ଛାତ୍ରମାନଙ୍କ ସହ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ମାଡ ମାରିଥିଲେ। ଖବରପାଇ ପୋଲିସ ପହଞ୍ଚି ନାବାଳକଙ୍କୁ ଥାନାକୁ ନେଇଥିଲା। ତେବେ ସାଇକେଲରେ ବୁଲାଇବା ଓ କମଳା ଖାଇବାକୁ ଦେବା ପାଇଁ କହି ଉକ୍ତ ନାବାଳକ ତାଙ୍କୁ ସେଠାକୁ ନେଇଆସିଥିଲେ ବୋଲି ଶିଶୁକନ୍ୟା କହିଛନ୍ତି। ସମ୍ପୃକ୍ତ ନାବାଳକଙ୍କ ଘର ପୁରୀ ଅଞ୍ଚଳରେ ହୋଇଥିବାବେଳେ ଖାନ୍‌ନଗର କାଳୀ ମନ୍ଦିରରେ ସେ ଓ ତାଙ୍କ ମା' ଭିକ୍ଷାବୃତ୍ତି କରି ପେଟ ପୋଷନ୍ତି ବୋଲି ନାବାଳକ କହିଥିବା ଛାତ୍ରମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବାଦାମବାଡ଼ି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି, ଉଭୟଙ୍କୁ ଡାକ୍ତରୀମାଇନା ପାଇଁ ପୋଲିସ ପଠାଇଛି। ଘଟଣାସ୍ଥଳରୁ ନାବାଳକଙ୍କ ଚପଲ ଓ ସାଇକେଲ ଜବତ କରାଯାଇଛି। ତେବେ ତଦନ୍ତ ପରେ ଯାହା କିଛି କହି ହେବ ବୋଲି ସ୍ୱାଇଁ କହିଛନ୍ତି।

## ହୋଟେଲରେ ନାବାଳିକାଙ୍କୁ ବଳାତ୍କାର

■ ପୀଡ଼ିତା ଓ ଅଭିଯୁକ୍ତଙ୍କୁ ନେଲା ସତ୍ୟବାଦୀ ପୋଲିସ

■ ଦୁଇଦିନ ତଳେ ନିଖୋଜ ଥିଲେ ନାବାଳିକା

ଭୁବନେଶ୍ୱର,୭।୧୨(ବ୍ୟୁରୋ)

ହାଇଦ୍ରାବାଦ, ଉନ୍ନାଓ ବଳାତ୍କାର ଓ ହତ୍ୟା ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ନିକଟରେ ପୁରୀର ରିଜର୍ଭ ପୋଲିସ କ୍ୱାର୍ଟର୍ସରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରି ବହୁ ଘଟଣାକୁ ନେଇ ରାଜ୍ୟରେ ଆନ୍ଦୋଳନ ଓ ବିକ୍ଷୋଭ ତେଜିବାରେ ଲାଗିଛି। ଏପରିସ୍ଥଳେ ଭୁବନେଶ୍ୱର ମଞ୍ଚେଶ୍ୱର ଥାନାଞ୍ଚଳରେ ଥିବା ଏକ ହୋଟେଲରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଶନିବାର ସନ୍ଧ୍ୟାରେ ପୁରୀ ସତ୍ୟବାଦୀ ଥାନା ପୋଲିସ ଉକ୍ତ ହୋଟେଲ ଉପରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଉଠାଇ ନେଇଛି। ଅଭିଯୁକ୍ତଙ୍କୁ ପଚରାଉଚର କରିବା ସହ ରୁଜୁ ହୋଇଥିବା ମାମଲା ଆଧାରରେ ତଦନ୍ତ ଚଳାଇଛି ସତ୍ୟବାଦୀ ପୋଲିସ। ସୂଚନା ଅନୁଯାୟୀ, ନାବାଳିକାଙ୍କ ଘର ସତ୍ୟବାଦୀ ଥାନାଞ୍ଚଳରେ। ସେ ଗତ ଦୁଇଦିନ ତଳେ ନିଖୋଜ ହୋଇଯାଇଥିବା ନେଇ ପରିବାର ଲୋକେ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିଲେ। ପୋଲିସ ଅଭିଯୁକ୍ତଙ୍କ ମୋବାଇଲ ଫୋନ୍‌କୁ ଟ୍ରାକ୍ କରିବା ପରେ ଭୁବନେଶ୍ୱରରେ ଥିବା ଜଣାପଡିଥିଲା। ଏହାପରେ ମଞ୍ଚେଶ୍ୱର ଥାନା ପୋଲିସ ସହ ଯୋଗାଯୋଗ କରାଯାଇ ଚଢ଼ାଉ କରାଯାଇଥିଲା। ମଞ୍ଚେଶ୍ୱର ଥାନା ଅଧିକାରୀ ଜିତେନ୍ଦ୍ରନାଥ ସେଠୀ କହିଛନ୍ତି, ଅଭିଯୁକ୍ତ ଜଣକ ନାବାଳିକାଙ୍କୁ ବଳପୂର୍ବକ ହୋଟେଲରେ ରଖିଥିଲେ କି ସେ ତାଙ୍କ ଇଚ୍ଛାରେ ରହିଥିଲେ ସେନେଇ ସତ୍ୟବାଦୀ ପୋଲିସ ତଦନ୍ତ କରୁଛି। ସତ୍ୟବାଦୀ ଥାନା ଅଧିକାରୀ ଶକୁନ୍ତଳା ପତି କହିଛନ୍ତି, ଅଭିଯୋଗ ଆଧାରରେ ଆମେ ତଦନ୍ତ କରି ଭୁବନେଶ୍ୱରରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ କାବୁ କରି ପଚରାଉଚରା କରାଯାଉଛି। ନାବାଳିକାଙ୍କୁ ବଳାତ୍କାର କରାଯାଇଛି କି ନାହିଁ ଡାକ୍ତରୀ ପରୀକ୍ଷା ପରେ ଜଣାପଡିବ।

## ନାବାଳିକାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

ରାଇରଙ୍ଗପୁର, ୭।୧୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳରେ ଜଣେ ଅଧ୍ୟାପିକା ବଳାତ୍କାରର ଶିକାର ହୋଇ ଆତ୍ମହତ୍ୟା କରିଥିବାବେଳେ ଜଣେ କଲେଜ ଛାତ୍ରୀଙ୍କ ପ୍ରତି ଜନୈକ ଶିକ୍ଷକଙ୍କ ଅସଦାଚରଣ ଘଟଣା ଅଞ୍ଚଳରେ ଚର୍ଚ୍ଚାକୁ ଆସିଥିଲା। ଏବେ ବାଦାମପାହାଡ଼ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର କରାଯିବା ଘଟଣା ପଦାକୁ ଆସିଛି। ପୀଡ଼ିତାଙ୍କ ପରିବାର ଗୁରୁବାର ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.ନଂ ୬୧/୨୦୧୯) ରୁଜୁକରି ତଦନ୍ତ ଚଳାଇଥିଲା। ଶନିବାର ତିରିଂ ଥାନା ଅଧୀନ ତାରଣା ଅଞ୍ଚଳରୁ ଅଭିଯୁକ୍ତ ଯୁବକ ସୁଜନ ନାରାୟଣ ମଣ୍ଡଳଙ୍କୁ ପୋଲିସ ଗିରଫ କରିଛି। ସମ୍ପୃକ୍ତ ଯୁବକଙ୍କୁ ପରେ ବାରିପଦାସ୍ଥିତ ସ୍ୱତନ୍ତ୍ର ପୋକ୍ସୋ କୋର୍ଟକୁ ପଠାଯାଇଛି। ଅନ୍ୟପକ୍ଷେ ପୀଡ଼ିତା ନାବାଳିକାଙ୍କ ବୟାନ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ରେକର୍ଡ କରାଯାଇଥିବା ପୋଲିସ ସୂଚନା ଦେଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ନାବାଳିକାଙ୍କୁ ଅଭିଯୁକ୍ତ ଯୁବକ ଏକ ବାଇକ୍‌ରେ ଅପହରଣ କରି ନେଇ ନିର୍ଜନ ସ୍ଥାନରେ ବଳାତ୍କାର କରି ପରେ ତାଙ୍କୁ ଆଣି ଘର ନିକଟରେ ଛାଡ଼ି ପଳାଇଥିଲେ। ପୀଡିତାଙ୍କ ପରିବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତନାଘନା ଚଳାଇ ତିରିଂ ଥାନା ଅଞ୍ଚଳରୁ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ରାଜଧାନୀରେ ପୁଣି ଲଜ୍ଜ୍ୟା

# ୭ ବର୍ଷୀୟାଙ୍କ ସହ ବର୍ବରତା

■ ଟ୍ୟୁଶନରୁ ଫେରୁଥିବାବେଳେ ଚକଲେଟ ଦେବାକୁ ଡାକିନେଇଥିଲେ

■ ଅଭିଯୁକ୍ତଙ୍କୁ ଅଟକ ରଖି ପୋଲିସର ପଚରାଉଚରା

ଭୁବନେଶ୍ୱର,୭।୧୨(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ଘଟିଛି ଆଉ ଏକ ଲଜ୍ଜାଜନକ ଘଟଣା। ଦୁଇଦିନ ତଳେ ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବାବେଳେ ଶନିବାର ଚନ୍ଦ୍ରଶେଖରପୁର ଥାନାଞ୍ଚଳରେ ୭ବର୍ଷର ଶିଶୁକନ୍ୟାଙ୍କୁ ଜଣେ ୪୮ ବର୍ଷୀୟ ବଳାତ୍କାର କରିଛନ୍ତି। ପୋଲିସ ପୋକ୍‌ସୋ ଆକ୍ଟରେ ବଳାତ୍କାର ମାମଲା ରୁଜୁ କରି ଏକ ବସ୍ତିରୁ ଅଭିଯୁକ୍ତଙ୍କୁ ଧରିଛି। ମହିଳା ପୋଲିସ ପୀଡ଼ିତାଙ୍କୁ ପରାଉଚରା କରିବା ପରେ ତାଙ୍କର ଚିକିତ୍ସା କରାଯାଇଛି। ଅଭିଯୋଗ ଅନୁଯାୟୀ, ପୀଡିତା ଅପରାହ୍ନ ପ୍ରାୟ ୪ଟାରେ ଟ୍ୟୁଶନରୁ ଘରକୁ ଫେରୁଥିଲେ। ତାଙ୍କ ବସ୍ତିରେ ରହୁଥିବା ଅଭିଯୁକ୍ତ ଜଣକ ତାଙ୍କୁ ଚକୋଲେଟ ପାଇଁ ଟଙ୍କା ଦେବାକୁ କହି ଘରକୁ ଡାକିଥିଲେ। ପରେ ତାଙ୍କୁ ଘରପଛ ବାରିକୁ ନେଇ ଏକ ନିଛାଟିଆ ସ୍ଥାନରେ ବଳାତ୍କାର କରିଥିଲେ। ପୀଡିତା ଚିତ୍କାର କରିବାରୁ ସେ ତାଙ୍କୁ ଛାଡ଼ି ପଳାଇଥିଲେ। ସେଠାରୁ ପୀଡିତା କାନ୍ଦିକାନ୍ଦି ଘରକୁ ଆସି ପରିବାର ଲୋକଙ୍କୁ ସବୁକଥା ଜଣାଇଥିଲେ। ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୁକ୍ତ ଜଣକ ବିବାହିତ, ତାଙ୍କ ସ୍ତ୍ରୀ ଓ ପିଲା ଉକ୍ତ ବସ୍ତିରେ ରହୁଛନ୍ତି। ଏନେଇ ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି, ପୀଡିତାଙ୍କୁ ପଚରାଉଚରାବେଳେ ସେ ବଳାତ୍କାରର ଶିକାର ହୋଇଥିବା କହିଛନ୍ତି। ରବିବାର ଉଭୟଙ୍କ ଡାକ୍ତରୀ ମାଇନା କରାଯିବ। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ ବୋଲି ସେ କହିଛନ୍ତି।


**DIRECTORATE OF MINES**
**STEEL & MINES DEPARTMENT**
**Government of Odisha**
**Email: directormines1@orissaminerals.gov.in**
**Date: December 06, 2019**

**NOTICE INVITING TENDER**

**"Invitation of Bids for Grant of Mining Lease for Iron Ore and Manganese Minerals"**

No.: G-22: In exercise of the powers conferred by Section 10(B) of the Mines and Minerals (Development and Regulation) Act, 1957 and in accordance with the Mineral (Auction) Rules, 2015 as amended from time to time thereunder, the Government of Odisha has identified 20 (twenty) Minerals Blocks as under for electronic auction and hereby invites tenders for the purposes of grant of Mining Lease:
a) 12 (Twelve) Mineral Blocks of Iron Ore.
b) 2 (Two) Mineral Blocks of Manganese.
c) 6 (Six) Mineral Blocks of Iron Ore and Manganese
Accordingly, financial bids are invited in digital format only and technical bids are invited both in digital and physical format from eligible bidders.
Eligibility conditions, date and time for participating in the electronic auction are provided in the tender document. Detailed Tender Documents along with timelines, notifications, updates and other details for the e-auction process for the mineral blocks are available in electronic form only and can be downloaded from the website of MSTC Limited: **(https://www.mstcecommerce.com/auctionhome/mlcl/index.jsp).**
Interested and eligible bidders can register themselves on the above website. On successful registration, eligible bidders will obtain login ID and Password necessary for participation in the e-auction process. Model tender document and Mineral Block Summary are available free of cost on the website of MSTC Limited: **(https://www.mstcecommerce.com/auctionhome/mlcl/index.jsp).**
Last date for purchase of tender document after payment of a tender fee on website of e-auction platform provider is Monday, December 30 2019 and the last date for submission of the bid is Friday, January 03, 2020 on or before 12.00 Noon (Indian Standard Time).
The Price of Tender Document for each Mineral Block is Rs.5,00,000/- (Rupees Five Lakh).
In the event a prospective Bidder/Bidder has purchased the tender document for a particular mineral block in response to the Notice Inviting Tenders dated October 04, 2019 and/or October 14, 2019 such bidders can avail the afore-mentioned tender document of such mineral block without paying the above mentioned tender fee.

**List of Mineral Block for Auction**

| Sl. No. | Block Name | Mineral | Concession Type |
|---|---|---|---|
| 1 | Gorumahisani Iron Ore Block | Iron Ore | Mining Lease |
| 2 | Badampahar Iron Ore Block | Iron Ore | Mining Lease |
| 3 | Jajang Iron Ore Block | Iron Ore | Mining Lease |
| 4 | Nadidih Iron Ore Block (BICO) | Iron Ore | Mining Lease |
| 5 | Balda Iron Ore Block | Iron Ore | Mining Lease |
| 6 | Nuagaon Iron Ore Block | Iron Ore | Mining Lease |
| 7 | Thakurani Iron Ore Block | Iron Ore | Mining Lease |
| 8 | Jiling - Langalota Iron Ore Block | Iron Ore | Mining Lease |
| 9 | Jaribahal Iron Ore Block | Iron Ore | Mining Lease |
| 10 | Roida II Iron Ore Block | Iron Ore | Mining Lease |
| 11 | Jururi Iron Ore Block | Iron Ore | Mining Lease |
| 12 | Ganua Iron Ore Block | Iron Ore | Mining Lease |
| 13 | Katasahi Manganese Block | Managanese | Mining Lease |
| 14 | Kanther-Koira Manganese Block | Managanese | Mining Lease |
| 15 | Nadidih Iron and Manganese Block (FEEGRADE) | Iron Ore & Manganese | Mining Lease |
| 16 | Teherai Iron Ore and Manganese Block | Iron Ore & Manganese | Mining Lease |
| 17 | Kolmong Iron Ore and Manganese Block | Iron Ore & Manganese | Mining Lease |
| 18 | Siljora - Kalimati Iron Ore & Manganese Block | Iron Ore & Manganese | Mining Lease |
| 19 | Narayanposhi Iron Ore & Manganese Block | Iron Ore & Manganese | Mining Lease |
| 20 | Mahulsukha Iron Ore & Manganese Block | Iron Ore & Manganese | Mining Lease |

The Government of Odisha reserves the following mineral blocks for Specified End Use for the production/manufacture of sponge iron and/or pig iron and/or steel and/or pellets.
1. Thakurani Iron Ore Block
2. Jaribahal Iron Ore Block
3. Roida II Iron Ore Block
4. Ganua Iron Ore Block
5. Narayanposhi Iron Ore & Manganese Block

30004/11/0010/1920 **Sd./- Director of Mines, Odisha**



**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**SUNDARGARH (R&B) DIVISION, SUNDARGARH**
**"e"-Procurement Notice** No.B-402
**E-mail ID:pwd_sng@yahoo.co.in, Tel/Fax-(06622)272230**
**Bid Identification No.EE-R&B-SNG-14 OF 2019-20**
**Letter No.4130 /WE** **Date: 08.12.2019**

| | | | |
|---|---|---|---|
| 1. | The Executive Engineer, Sundargarh (R&B) Division on behalf of Governor of Odisha inviting percentage rate bid in double cover system on ON-LINE mode from eligible contractors registered with the State Governments having validity of Civil License Contractors of equivalent Grades / Class Registered with Central Government / MES / Railways and other state Government having validity of Civil License for execution of Building Work (Including EI & PH) and Road works as detailed in DTCN. | | |
| 2. | Nature of Works | : | Building work (Including EI & PH) and Road works |
| 3. | No. of work. | : | 04 (Four) Nos. |
| 4. | Tender Cost | : | Rs.10,000/- |
| 5. | Class of Contractor | : | "B" & "A" Class Contractor |
| 6. | Availability of bid document in the website | : | From 10.00 A.M. of date.13.12.2019 to 05.00 P.M. of date.26.12.2019. |
| 7. | Date of opening of Bid | : | 11.00 A.M. on Dt.27.12.2019. |
| 8. | The bidders have to participate in ON-LINE bidding only. Further details can be seen from the website **(https://tendersodisha.gov.in)**. Any addendum/corrigendum/cancellation of tender can also be seen in the website said only. | | |

**Sd./- Executive Engineer**
**Sundargarh (R&B) Division**
**34043/11/0003/1920**



**OFFICE OF THE COLLECTOR & DISTRICT MAGISTRATE, ANGUL**
**(District Child Protection Unit)**

**Tender No. 1061/ DCPU Dt. 07.12.2019**
**(TENDER CALL NOTICE FOR HIRING OF VEHICLE FOR OFFICE OF DCPU, ANGUL)**

Sealed tenders are invited from the intending Travel Agencies/ Individuals for providing one vehicle i.e., TUV300/Bolero/Sumo Gold/Ertiga or better model for the Office of District Child Protection Unit, Angul which shall confirm to the Terms and Conditions.

The Tender Papers along with Terms and Conditions are available at the District Website i.e. **www.angul.nic.in** which can be downloaded for use and submit the tender accordingly. Interested parties may submit their Tender superscribing as "Tender for Hiring of Vehicle for the office of DCPU, Angul" to the District Child Protection Officer, Office of District Child Protection Unit, Collectorate, Angul-759122. The tender will be received through Tender Box only namely "Tender Box-1" duly placed in the office of the DCPU, Angul till 1.00 PM of dt. 20.12.2019. The tenders will be opened on 20.12.2019 at 3.00 Pm in the office chamber of Additional District Magistrate, Angul in presence of Committee Members and tenderers or their authorized representatives. The tender received beyond the scheduled date and time shall not be taken into consideration.

The Authority reserves the right to reject any or all the tenders without assigning any reason there of and shall bear no liability what so ever consequent upon such decision.

**Sd./- District Child Protection Officer, Angul**



**NOTIFICATION**

No. MM-103: This is for information of all concerned that the following Forest Roads of Dhenkanal Forest Division in Dhenkanal District shall remain closed to traffic on dt.30.12.2019 from Zero hour to 24 hours in accordance with rule 284 of Odisha Forest Department Code 1979. The movement of traffic on the date and time specified above will be treated as violation of Section 26 of Odisha Forest Act and hence will be liable for prosecution.

**LIST OF FOREST ROADS OF DHENKANAL DIVISION**

| Sl. No. | Name of forest Road | Forest Range | Length in km |
|---|---|---|---|
| 01 | Jharan-Chhanabolua | Dhenkanal | 11.30 |
| 02 | Bhapur-Abhimanyupur | Dhenkanal | 2.00 |
| 03 | Hitinda-Mahulpunji | Dhenkanal | 11.50 |
| 04 | Khankira-Dhanianali | Sadangi | 12.00 |
| 05 | Chhotatentuli-Mahisakada | Sadangi | 5.00 |
| 06 | Hindoi-Fasigaon | Hindol | 42.00 |
| 07 | Bampa-Patalu | Hindol | 12.50 |
| 08 | Gurujang-Fasigaon | Hindol | 19.20 |
| 09 | Batagaon-Keonjhar Border | K Nagar East | 20.90 |
| 10 | Umendra-Ekul | K.Nagar East | 11.20 |
| 11 | Baiganpal-Ekul | K. Nagar East | 14.20 |
| 12 | Childa-Khidikidwar | K.Nagar East | 12.00 |
| 13 | Sendhaswar-Khidikidwar | K.Nagar East | 15.00 |
| 14 | Siarimalia-Jhili | K.Nagar West & Mahabirod | 25.30 |
| 15 | Aluajharan-Muktaposi (Banei Border Forest Road) | K.Nagar West | 10.30 |
| 16 | Patharqarh-Gundichanali | K Nagar West | 20.00 |
| 17 | Basoi-Kankili | K Nagar West | 5.00 |
| 18 | Sundhikateni -Bileisun | Mahabirod | 6.02 |
| 19 | Vejia-Gengutia | Mahabirod | 8.00 |
| 20 | Dadaraghati-Bulajhar | Mahabirod | 8.86 |
| | **TOTAL** | | **272.28** |

**Sd./- Sri B.P. Acharya, OFS-A(SB)**
**Divisional Forest Officer**
**Dhenkanal Division**
08037/11/0005/1920

# SUNDAY classifieds




## BRIDE WANTED

Bhubaneswar based Khatriya boy 1989, 5'9", M.Tech, serving Branch Manager, Nationalised Bank requires suitable bride (Govt./Bank). Contact: 9437056287. D-15547

**Wanted bride for Karan groom July 83, 5'10" Software Professional in Bangalore, Tula, 14/7 for early marriage. Contact: 9937284888, 9777523051.** D-67514

56 ବର୍ଷରୁ ଊର୍ଦ୍ଧ୍ୱ ପେନ୍‌ସନର୍/ ନନ୍‌-ପେନ୍‌ସନର୍, ବିଧବା/ Divorcee ନୀରୋଗ ସୁସ୍ୱାସ୍ଥ୍ୟ ଗୋରା, ପଛେ କେହି ନାହାନ୍ତି, ଅସହାୟ ସ୍ତ୍ରୀଲୋକ ଜଣେ ପେନ୍‌ସନର୍ ପାଇଁ ଜୀବନସାଥୀ ଆବଶ୍ୟକ। 6372228707. D-15549

Khandayat groom Clerk 41, Engineer 36, PO 39 (caste-no-bar), 7873374269. D-68625

Son age 29 B.Tech, M.Tech IIT Delhi working in Scientist researcher Hyderabad salary 25 lakhs 7008986005. D-15554

ସବୁଜାତିର Suitable ବରପାତ୍ର ପାଇଁ କନ୍ୟାପାତ୍ରୀ ଆବଶ୍ୟକ। Bio-data ସହ ଯୋଗାଯୋଗ। "Ringceremony", 7978736177. D-68220

Son age 30 B.Tech NIT Rourkela working in Engineer ONGC 7008986003. D-15555

Eligible Hindu bride required for prospective groom. Caste-no-bar. Mob: 9438649952. D-15552

## GROOM WANTED

Beautiful Khandayat girl MBBS Doctor/ 32/ SBI PO Bhubaneswar 9938199964, 9090486408. D-67261

Beautiful SC (pana) girl 1992/ 5'7", Software Hyderabad "VAISNABI" 9238578590. D-68523

Wanted Software Engineer groom for beautiful Brahmin girl 1989, 5'7" B.Tech (IT) serving Software Engineer TCS, annually 12Lakhs father Retd. Engineer settled Bhubaneswar, "Sunasansar". 8249969649. D-15601

ଓଡିଆ ତେଲି ଜାତିର ଝିଅ MBA, ୧୯୮୩ ପାଇଁ ସରକାରୀ ଚାକିରିଆ State Govt. କିମ୍ବା Central Govt.ରେ ଚାକିରି କରୁଥିବା ପାତ୍ର ଆବଶ୍ୟକ। Mob No.- 9437530681 and 8144075237. Early marriage. Caste-no-bar (except SC & ST). D-15608

ଓଡ଼ିଆ ଘରର 48 ବର୍ଷର ବିଧବା ଝିଅ ପାଇଁ ବରପାତ୍ର ଆବଶ୍ୟକ। Central Schoolରେ PGT Teacher ଭାବରେ କାର୍ଯ୍ୟରତ, ଘର ସୁନାବେଢ଼ା। Ph: 8763284487. D-68805

Girl age 27 B.Tech CET working in Bank of Baroda (Caste-no-bar) 8144589551. D-15553

ଜାତିବନ୍ଧନ ନୁହେଁ। 35,5.3,B. Sc Nursing, Staff Nurse. ମାସିକଆୟ 32,000/-, ପାଇଁ ବର ଆବଶ୍ୟକ। ଅବିବାହିତ, ଛାଡ଼ପତ୍ରପ୍ରାପ୍ତ, ସନ୍ତାନଥିବା ବ୍ୟକ୍ତି ଗ୍ରହଣୀୟ। 8462050474. D-15606

**Now Matrimonial ads. only on Wednesday & Sunday Book 1 Get 1 FREE**




## SALE

Toyota Fortuner, Passat, Verna, Breeza, Mitsubishi Lancer, Hyundai Elantra. 7381091234, 9861194627. D-68439

Swift VXI 2017, IGNIS 2018, Swift VDI 2016, Dezire VDI 2016, KUV 100 2016, Hondacity 2014, Pajero 2010, Maruti SX4 2008: 9937153557. D-67258

Pulsar OR-02AF1929, Owner going England immediate sale. Phone/ What'sApp, 8763839132. D-15574

## HIRE

JCB Machine Excavators 38T, 21T, 10T, 8T, Excavator & Loader- 2DX, 3DX, JCB Compactor, JCB Load all available for hire/sale. Contact immediately: 9556240228, 9937292015. Email- enquiry@kttorissa.com D-15185

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## SALE

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68429

Simplex, duplex near Rasulgarh, GGP, Jagannathnagar for resale. 9853437048, 9439541870. D-15603

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148.** D-68420

ଭୁବନେଶ୍ୱର ଓ ପୁରୀରେ individual building, Duplex, Simplex, Flat, plot sale/ purchase ପାଇଁ ଯୋଗାଯୋଗ କରନ୍ତୁ। 9438109040, 8144658008. D-15580

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ **Possession** ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। **Project** ଭିତରେ **30ft road** ଦିଆଯାଇଛି। **8018474890.** D-68431

To sell running bakery at Pahala (Bhubaneswar) with good turnover. Contact: 9178778888. D-63223

Booking open 3BR Luxurious Apartment SahidNagar, Bhubaneswar, Contact: 9777017120. D-68196

**Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M-280/-, ଜଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68433

Plotted land 2000sqft. Sipasarubali near Puri sea beach, What'sApp, 8763839132. D-15573

ନଖରା ତ୍ରିନାଥବଜାରଠାରେ **SC Plot 1200sqft. 4,44,000/-,** ଘରବାରୀ ପାଚେରୀ ଥାଇ **outright**ରେ ମିଳୁଅଛି– **9348817649, 6371569855.** D-68443

Infocity-2 200ft ପିଚୁରୋଡ୍ ପାଖରେ ଘରବାରି ପାଚେରି ଥାଇ plot ନିଅନ୍ତୁ । 9438859527. D-68446

ଭୁବନେଶ୍ୱର **Tamando**ରେ **yellozone plot 30ft** ରାସ୍ତାଥାଇ କିଣନ୍ତୁ, ବାଲିଅନ୍ତାରେ **ready to move Duplex, 9348767829.** D-68441

Sale gharabari plot near ITER College, Jagamara Bhubaneswar, Contact: 7978751719. D-67516

**Fully developed 30'road, electricity, Gharabari residential corner plot at canalroad, Hanspal@7,80,000/- 9437033320.** D-68444

5200sqft. commercial land sale near Hanspal, Bhubaneswar 1.30 crore. 9861234908. D-68910

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-68911

**Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି– 9078736851.** D-68445

3BHK fully furnished flat with modular kitchen & car parking sale at prime location of Puri. Please call for details: 9438109040, 8144658008. D-15581

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68913

କଟକ ସିଡ଼ିଏ ୨୦୦୦ବର୍ଗଫୁଟ, ଭୁବନେଶ୍ୱର ଆଇଗିଣିଆ ୭୦୦୦ବର୍ଗଫୁଟ ଘର ବିକ୍ରିହେବ। ବ୍ରୋକର ମନା– ୭୬୦୫୦୦୯୦୨୬ ଧ–୬୩୯୬୭

**2800 sqft. gharabari plot immediately sale at Bomikhal, Bhubaneswar, only buyer directly contact Deepak- 9937329999.** D-68035

4/5 BHK Duplex with Gated Community at Balianta (Land-1400 & Construction-2200 @ 600000 / 2600 @ 700000) and Residential Land at Jaanla- 750/-, Balianta- 900/-, Nakhara- 1100/-, Andilo- 1200/-, Pahala- 1500/-, Rudrapur- 1750/-. Mplanets: 9938219397, 9861022055. D-15596

**Develope SC plot near NH-5 Pahala 1150/-, General plot near Hanspal Balianta 900/-. Loan facility available- 7008351926.** D-68624

Block 7 flat No-8 Kalyani Plaza, Hi-Tech Builders, Sundarpada, 1BHK sale for 7.5 Lakhs. Contact: 9437444870, 9348437898. D-15600

**Single storey residential building 30'x60' sqft. Gundicha Bihar, near Gundicha Temple for sale 70 lakhs. 9776644044, 9337118484.** D-15597

Shop cum residence 'B' type sale at Ruchika Market, Baramunda, Bhubaneswar. Contact: 7008297488. D-67517

**HIG Duplex row house on 26.7ft x 58.2ft land with 594sqft. ground floor & 594sqft. first floor for sale at Niladri Vihar, Bhubaneswar. Contact: 8356933601.** D-68034

**Gharabari plot of 11,400sqft. along with 6Nos. of shop room size (12'/10') near Hi-Tech Plaza, Sunderpada for sale. Contact: 7709297827.** D-68920

**New Duplex, 3BHK sale at Gudia Pokhari, Bhubaneswar with all amenities plan approved bank finance available 7077598070.** D-68919

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

## PURCHASE

Land required on Sharing Basis in Bhubaneswar, Cuttack. Contact: 9124721060. D-67515




Do you want to construct buildings on your own plot ? Contact: Sachi Pattanaik, B.Tech (Civil)- 9338401309, 9439143273. D-67510

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68404




160000sqft. vacant land with boundary wall and outhouse to-let or lease for commercial purpose at Totapada adjacent to NH-16 near Khorda. Contact: 7854918287. D-60955

**6500 Square feet hall type 3 storied building on 100 feet Bhimtangi Main Road for office and commercial. Contact: 9958003695.** D-15405

5000sqft. vacant land with boundarywall for godown or commercial use for rent. 800meter from NH16 at Telengapentha, back side of Panda Cancer Hospital, Cuttack. Contact number: 8249607789. D-67401

2800 sft. with three bedroom for residence or office at Gangotri Nagar, Samantarapur. 9437929890. D-15575




India's No.1 Packers, Leo Packers & Movers Car, Household & Office movement countrywide, 9438133699. D-15605

Shivam logistic packers movers. Household/ car relocation countrywide. 9777044177, 9338461133. D-15348

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Rejuvenate and ayurvedic full body massage by smart therapist. 9114402304. D-68904

Experience full body massage with us (expert). Call: 7377048581, 06742597822. D-68901

Herbal full body massage by smart / expert therapist. Contact: 8338067247. D-68902

Summer special mesmerizing offer expert therapeutic refreshing massage appointment. 9668374480. D-68903

Sai herbal spa refresh your body with smart, expert therapist. 7608062524. D-68905

Full body herbal massage with refreshment expert therapist. 7381239385, 06742540855. D-68200

Newly open full body massage by ladies, gents therapist. 8018656899 D-60855

Ayurvedic full body massage by ladies, gents therapist. 7008773793 D-60856

Refresh your mind and soul with best therapy at Orchid Salon/Spa. 9937287222. D-68716

Ayurvedic full body massage ladies and gents. Contact: 9861064981. D-68715

Ayurvedic full body massage ladies & gents smart therapist, 9668814589. D-68719




Medical courses ପାଇଁ Registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (Only for practioners) Whatsapp/ Call- 9893869473 (Agent excuse). D-68912

## AFFIDAVIT

By the virtue of affidavit before the Executive Magistrate my name has changed from Subharanjan Sahoo to Ritesh Kumar Sahoo and also my D.O.B changed from dt.25.01.1999 to dt. 25.01.2000. D-15598

ମୁଁ ଝୁନି ସାହୁ, ବୟସ ୩୪, ଓଲ୍ଡଟାଉନ୍ ଆଜ ତା ୨।୧୨।୨୦୧୯ ରିଖରେ ଏକ୍‌ଜିକ୍ୟୁଟିଭ୍ ମ୍ୟାଜିଷ୍ଟ୍ରେଟ୍ ଭୁବନେଶ୍ୱରଙ୍କ ନିକଟରେ କରିଥିବା ସତ୍ୟପାଠ ଅନୁସାରେ ମୋ ନାମ ଝୁନି ସାହୁ ଏବଂ ଭବାନୀ ସାହୁ ଭାବରେ ନାମିତ ଅଟେ। ଏଣୁ ମୁଁ ଝୁନି ସାହୁ ନାମରେ ପରିଚିତ ହେବି। D-68720

By virtue of an affidavit sworn Public, Purushottampur, Gm declare that one Bijay Chandra Sahu, S/o- late Jagannath Sahu and Bipra Charan Sahu, S/o- late Jagannath Sahu is permanent resident of village/ post Gangadahani PS- Purushottampur, Ganjam, Odisha and present resident of H No. 122C road No-2, Post/ PS Birshanagar, Jamshedpur, Jharkhand is one and same person for all purpose. D-15604

## CLASSIFIED BOOKING STATIONS

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**ANNAPURNA COMMUNICATION**
Qtr-VII, H-185, C.S.Pur, BBSR
Prabina Kumar Mohanty
Ph: 9337336614, 7008967858

**CUTTACK DHARITRI OFFICE**
Link Road, P. K. Ratha, Mob: 9437196416

**MAHAVEER COMMUNICATION**
Kantapada, Nakhara, Cuttack, Sura Narayan Sahu, Phone: 9438282244

**OMM SARALA SERVICES**
At- Othaka, Po/PS- Nischintakoili, Dist- Cuttack, Contact : Ashok Ku. Mohapatra Ph : 9438283428

**APIC COMPUTERS**
Balagandi Chhak, Puri, Madhusudan Mishra, Mob: 9861235622

**J. N. MOHANTY & SONS**
Infront of Annapurna Theatre, Grand Road, Puri, Deepak Mohanty, Mob: 9437285941, 9861451995

**BERHAMPUR DHARITRI OFFICE**
Contact: Siba prasad Das, Mob: 9040449673

**MANIKA COLD CABIN**
Dhenkanal Bus-Stand, Dhenkanal, Manabhanjan Pattnaik, Mob : 9937233228

**VIDYA PURI BOOK STORE**
Puri Badasankha, Sibaram Pradhan, Mob : 9861446582

**AMBICA COMPUTERS**
Sanjeeb Ku. Patra, Rajanahar Chowk, Singhlal Complex 1st Floor, Jeypore, Mob : 9439773311

**MOHAPATRA JOB CENTRE**
C/o. Judhistir Mohapatra Saranda, Dist : Bargarh, Ph : 7894062647, 9338154701, E-mail : aeiodissabgh@gmail.com

**SAINEE COMMUNICATION**
At- Beheramal, PS/ Dist- Jharsuguda, Contact : Chinmaya Kumar Dwibedy, Mobile: 9861434126

**PANI COMMUNICATION**
Suphan Ku. Pani, Dharmasal, Jarka, Jajpur. Mobile: 8280196228

**SABARI COMMUNICATION**
Bhejaput, Damanjodi, Koraput, Contact: Mr. Ashoka Khara, Mob: 9437182158, 9668847771.

**SHREE GOPAL STORE**
Sakhigopal, Puri, Manjulata Mahapatra, Mob: 7787087031, 9777203839

**JOGESWAR DAS**
Rayagada Mob: 06856222611, 9437234611

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878.

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**Marriage Wish**



**MRUTYUNJAY WEDS DAMAYANTEE**
Balidia, Paradip, Jagatsinghpur
Wishing you happy, peace & healthy married life.
**With compliments from: Family & Friends**
D-15607

**ଶୁଭବିବାହ ଉପଲକ୍ଷେ ଅଭିନନ୍ଦନ**



**ତାପସ ଓ ଦିପିକା**
ମହାକାଳପଡ଼ା, କେନ୍ଦ୍ରାପଡ଼ା
ତୁମର ଦାମ୍ପତ୍ୟ ଜୀବନ ସୁଖମୟ ହେଉ ଓ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବାପା-ମାଗୁଣୀ ଚରଣ ଜେନା, ମା-ବିନୋଦିନୀ ଜେନା, ବନ୍ଧୁ ଓ ପରିବାରବର୍ଗ
D-15602

**ଜନ୍ମଦିନ ଶୁଭେଚ୍ଛା**



**Aryan Kumar Nayak (Gugul)**
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ:** ଜେଜେବାପା, ଜେଜେମା', ବାପା, ମା', ବଡ଼ବାପା, ବଡ଼ମା', ଅଜା, ଆଈ, ମାମୁ, ମାଇଁ, ମାଉସୀ, ମଉସା ।
ଧ–୧୫୫୯୯

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

> ଭାରତକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଭାବେ ରୂପାନ୍ତରିତ କରିବା ଦିଗରେ ଷ୍ଟାର୍ଟଅପ୍‌ଗୁଡ଼ିକ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବେ।
> – ସୁରେଶ ପ୍ରଭୁ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ



> ନିୟମ ସରଳୀକରଣ ସହ ଷ୍ଟାର୍ଟ ଅପ୍‌ଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଣ ଦିଗରେ ସରକାର ଏବେ ବିଚାର କରୁଛନ୍ତି।
> – ପୀୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ



## ଜିଏସ୍‌ଟିରେ ଆସିପାରେ ବ୍ୟାପକ ପରିବର୍ତ୍ତନ

**ନୂଆଦିଲ୍ଲୀ,୭-୧୨:** ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) କ୍ଷେତ୍ରରେ ଆଗାମୀ ଦିନରେ ବ୍ୟାପକ ପରିବର୍ତ୍ତନ ଆସିବା ନେଇ ସମ୍ଭାବନା ରହିଛି। ଗତ ଅଢେଇ ବର୍ଷ ତଳେ ଏହି ପରୋକ୍ଷ ଟିକସ ଲାଗୁ କରାଯାଇଥିବା ବେଳେ ଏହାର ଟିକସ ସ୍ଲାବ ଢାଞ୍ଚାରେ ପରିବର୍ତ୍ତନ କରାଯିବା ନେଇ ଜିଏସ୍‌ଟି ପରିଷଦ ଆଗାମୀ ଦିନରେ ବିଚାର କରିବ ବୋଲି କୁହାଯାଉଛି। ପ୍ରାରମ୍ଭିକ ସ୍ଲାବ ୫%କୁ ବଢାଇ ୯ରୁ ୧୦% ଏବଂ ୧୨% ସ୍ଲାବକୁ ବାଦ ଦେଇ ଏହା ମଧ୍ୟରେ ଥିବା ୨୪୩ ସାମଗ୍ରୀକୁ ୧୮% ଟିକସ ସ୍ଲାବକୁ ନେବାକୁ ବିଚାର ହୋଇପାରେ। ଯଦି ଏହା ହୁଏ ତେବେ ଖାଉଟିଙ୍କ ଉପରେ ଟିକସ ବୋଝ ପଡିବ। ଏହା ଦ୍ୱାରା ସରକାର ପ୍ରାୟ ଅତିରିକ୍ତ ୧ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିପାରିବେ। ସେହିଭଳି ଟିକସ ପରିସରରୁ ବାଦ ପଡିଥିବା ବା ଜିରୋ ସ୍ଲାବରେ ଥିବା ସାମଗ୍ରୀ ମଧ୍ୟ ଟିକସ ପରିସରକୁ ଆସିବାର ସମ୍ଭାବନା ରହିଛି ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ରାଜ୍ୟଗୁଡିକୁ ଜିଏସ୍‌ଟି କ୍ଷତିପୂରଣରେ ଏବେ ବିଳମ୍ବ ହେଉଥିବାରୁ କେତେକ ରାଜ୍ୟ ଏହାକୁ ନେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କୁ ଭେଟିଥିଲେ। ଏଭଳି ସ୍ଥିତିରେ ରାଜସ୍ୱ ବଢିଲେ କେନ୍ଦ୍ର ସରକାର ରାଜ୍ୟଗୁଡିକୁ କ୍ଷତିପୂରଣ ପ୍ରଦାନ ଦିଗରେ ସକ୍ଷମ ହୋଇ ପାରିବେ ବୋଲି ଅଧିକାରୀ କହିଛନ୍ତି।

## ଅର୍ଥ ବ୍ୟବସ୍ଥା ଲାଗି ଅଧିକ ପଦକ୍ଷେପ ନିଆଯାଉଛି: ନିର୍ମଳା ସୀତାରାମନ

**ନୂଆଦିଲ୍ଲୀ,୭-୧୨:** ଅର୍ଥନୈତିକ ମାନ୍ଦାବସ୍ଥା ବିରୋଧରେ ଲଢିବା ଜାରି ରଖିବା ସହ ଅର୍ଥ ବ୍ୟବସ୍ଥାରେ ସ୍ଥିତାବସ୍ଥା ଆଣିବା ଲାଗି ସରକାର ଅଧିକ ପଦକ୍ଷେପ ନେଉଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର କହିଛନ୍ତି। ଏଥି ଅନ୍ତର୍ଗତ ବ୍ୟକ୍ତିଗତ ଆୟକର ହ୍ରାସ ଉପରେ ସରକାର ବିଚାର କରୁଛନ୍ତି। ଦେଶର ଜିଡ଼ିପି ୬ ବର୍ଷର ସର୍ବନିମ୍ନ ସ୍ତର ୪.୫%କୁ ହ୍ରାସ ଘଟିଛି। ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଏହା ୫% ରହିଥିଲା। ଦେଶର ଆର୍ଥିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ଲାଗି ସରକାର ସେପ୍ଟେମ୍ବର ଏବଂ ଅକ୍ଟୋବରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା ଏଠାରେ ଏକ କାର୍ଯ୍ୟକ୍ରମରେ ନିର୍ମଳା ସୂଚନା ଦେଇଛନ୍ତି।

## ୧୦ରୁ ୟୋନୋ ଶପିଂ ଉତ୍ସବ

**ଭୁବନେଶ୍ୱର,୭-୧୨:** ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ ଚଳିତ ମାସ ୧୦ରୁ ୧୪ ତାରିଖ ଯାଏ ୟୋନୋ ଶପିଂ ଉତ୍ସବ ଶୁଭାରମ୍ଭ ହେବାକୁ ଯାଉଛି। ଏସ୍‌ବିଆଇ ନିଜର ପୂର୍ଣ୍ଣାଙ୍ଗ ଡିଜିଟାଲ ପ୍ଲାଟଫର୍ମ ୟୋନୋ ଶପିଂ ଉତ୍ସବ ଗତବର୍ଷ ସଫଳତାର ସହ ଆୟୋଜନ କରିବା ପରେ ଚଳିତବର୍ଷ ଏହାକୁ ଆୟୋଜନ କରିବା ନେଇ ଯୋଜନା ରଖିଛି। ଏଥିରେ ୟୋନୋ ଗ୍ରାହକଙ୍କ ଲାଗି କ୍ୟାଶବ୍ୟାକ, ରିହାତି ଏବଂ ଅନ୍ୟ ଅଫର ସୁବିଧା ରହିଛି। ବିଭିନ୍ନ ବର୍ଗରେ ୧୭ ମର୍ଚ୍ଚାଣ୍ଟ ପାର୍ଟନରଙ୍କଠାରୁ ୟୋନୋ ଗ୍ରାହକମାନେ ଆକର୍ଷଣୀୟ ୫୦% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ଏସ୍‌ବିଆଇ କ୍ରେଡିଟ ଏବଂ ଡେବିଟ କାର୍ଡ ହୋଲ୍ଡରଙ୍କ ଲାଗି ଅତିରିକ୍ତ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ବର୍ତ୍ତମାନ ସୁଦ୍ଧା ୧୦୦ରୁ ଊର୍ଦ୍ଧ୍ୱ ଇ-ମର୍ଚ୍ଚାଣ୍ଟ ୟୋନୋ ସହ ଯୋଡି ହୋଇଛନ୍ତି। ଏଭଳି ଫେଷ୍ଟିଭାଲ ଗତବର୍ଷ ଆୟୋଜନ କରି ଭଲ ରେସ୍‌ପନ୍ସ ପାଇଥିବା ଏସ୍‌ବିଆଇର ରିଟେଲ ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଏମ୍‌ଡି ପି.କେ. ଗୁପ୍ତା କହିଛନ୍ତି। ଚଳିତବର୍ଷ ମଧ୍ୟ ଭଲ ରେସ୍‌ପନ୍ସ ଲାଭ କରିବାକୁ ଆଶା ରହିଥିବା ଗୁପ୍ତା ମତ ରଖିଛନ୍ତି।

# ସର୍ବନିମ୍ନ ସ୍ତରରେ ଖାଉଟି ଆତ୍ମବିଶ୍ୱାସ ସୂଚୀ

- ୫ ବର୍ଷ ମଧ୍ୟରେ ନିମ୍ନ ସ୍ତର
- ନଭେମ୍ବରରେ ସିସିଆଇ ୮୫.୭%
- ମାନ୍ଦାବସ୍ଥା ଯୋଗୁ ଖାଉଟିଙ୍କ ଆତ୍ମବିଶ୍ୱାସ ପ୍ରଭାବିତ



**ନୂଆଦିଲ୍ଲୀ,୭-୧୨**

ଚଳିତବର୍ଷ ନଭେମ୍ବରରେ ଖାଉଟିଙ୍କ ଆତ୍ମବିଶ୍ୱାସ ବା କଞ୍ଜ୍ୟୁମର କନଫିଡେନ୍ସ ୫ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଥିବା ଜଣାପଡିଛି। ରିଜର୍ଭ ବ୍ୟାଙ୍କର କଞ୍ଜ୍ୟୁମର କନଫିଡେନ୍ସ ଇଣ୍ଡେକ୍ସ(ସିସିଆଇ) ରିପୋର୍ଟ ମୁତାବକ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ଦେଶର ମୋଟ ଘରୋଇ ଉତ୍ପାଦ ଚଳିତ ବର୍ଷ ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିବା ପରେ ଖାଉଟିଙ୍କ ଆତ୍ମବିଶ୍ୱାସ ଖସିବା ଏକ ଚିନ୍ତାର କାରଣ ପାଲଟିଥିବା ଅର୍ଥନୀତିଜ୍ଞମାନେ କହିଛନ୍ତି। ନଭେମ୍ବରରେ ସିସିଆଇ ୮୫.୭%କୁ ଖସିଛି। ଏହା ସେପ୍ଟେମ୍ବରରେ ୮୯.୪% ରହିଥିଲା। ୨୦୧୪ ତୁଳନାରେ ଏହା ସର୍ବନିମ୍ନ ସ୍ତରକୁ ଖସିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସିସିଆଇ ଯେତେ ମଜଭୁତ ହେବ ଏହା ଦେଶର ଅର୍ଥ ବ୍ୟବସ୍ଥା ଉପରେ ସକରାତ୍ମକ ପ୍ରଭାବ ପକାଇବ। ଏହା ଅର୍ଥ ବ୍ୟବସ୍ଥା ଲାଗି ଅନୁକୂଳ ସ୍ଥିତି ଆଣିଥାଏ ବୋଲି ବିଶ୍ୱାସ ରହିଛି। ଖାଉଟି ବଜାର ଏବଂ ଅର୍ଥ ବ୍ୟବସ୍ଥାକୁ ନେଇ ଆଶାବାଦୀ ହେଲେ ସେବା ଏବଂ ସାମଗ୍ରୀର କ୍ରୟରେ ବିଶେଷ ଉନ୍ନତି ହୋଇଥାଏ। ଫଳରେ ଅର୍ଥ ବ୍ୟବସ୍ଥାରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଥାଏ।

ଅପରପକ୍ଷରେ ବଜାର ଏବଂ ଅର୍ଥ ବ୍ୟବସ୍ଥାକୁ ନେଇ ଖାଉଟିଙ୍କ ଆତ୍ମବିଶ୍ୱାସ କମିଲେ କିମ୍ବା ନିରାଶା ଆସିଲେ ସିସିଆଇ ହ୍ରାସ ହୋଇଥାଏ। ଏଭଳି ସ୍ଥିତିରେ ସାମଗ୍ରୀ ଓ ସେବା ବିକ୍ରିରେ ହ୍ରାସ ଘଟିଥାଏ। ଅର୍ଥ ବ୍ୟବସ୍ଥାରେ ବର୍ତ୍ତମାନ ଲାଗି ରହିଥିବା ମାନ୍ଦାବସ୍ଥା ଯୋଗୁ ଖାଉଟିଙ୍କ ଆତ୍ମବିଶ୍ୱାସ ପ୍ରଭାବିତ ହୋଇଥିବା ଜଣାପଡିଛି। ଏହା ଯୋଗୁ ଚାହିଦା ମଧ୍ୟ ହ୍ରାସ ହୋଇଛି। ଏସିଆର ତୃତୀୟ ବୃହତ୍ ଅର୍ଥନୀତି ଏବେ ମାନ୍ଦାବସ୍ଥା ସହ ଯୁଝୁଥିବା ବେଳେ ନିଯୁକ୍ତି ହ୍ରାସ ଚିନ୍ତା ବଢାଉଛି। ଦେଶର ଅଣବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନ ଏବେ ପ୍ରଭାବିତ ଥିବାରୁ ଋଣ ଯୋଗାଣ ସ୍ଥିତି ମଧ୍ୟ ଉନ୍ନତ ନଥିବା କୁହାଯାଉଛି। ଏହା ଫଳରେ ଘରୋଇ ଚାହିଦା ଉପରେ ଏହାର ପ୍ରଭାବ ପକାଇଛି।

କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଦେଶର ୧୩ ବଡ ସହରର ୫୩୩୪ ପରିବାରକୁ ନେଇ ଏହି ସର୍ଭେ କରାଯାଇଥିଲା। ଦେଶର ଅର୍ଥନୈତିକ ସ୍ଥିତି ନିଯୁକ୍ତି ଧାରା, ଆୟ, ଖର୍ଚ୍ଚ ଏବଂ ସାମଗ୍ରିକ ଦରଦାମ ଭଳି ପ୍ରମୁଖ ପ୍ରସଙ୍ଗକୁ ନେଇ ଲୋକମାନେ କ'ଣ ଚିନ୍ତାକରୁଛନ୍ତି ତାକୁ ସର୍ଭେରେ ସାମିଲ କରାଯାଇଛି। ଗତବର୍ଷ ଦରଦାମ ବଢିଥିବା ବେଳେ ଚଳିତ ବର୍ଷ ମଧ୍ୟ ଏଥିରେ ବୃଦ୍ଧି ଘଟିବା ନେଇ ସମ୍ଭାବନା ରହିଛି। ନିକଟ ଭବିଷ୍ୟତରେ ମୁଦ୍ରାସ୍ଫୀତି କମିବ ନାହିଁ ବୋଲି କୁହାଯାଉଛି। ମୁଦ୍ରାସ୍ଫୀତି ବୃଦ୍ଧି ଏବଂ ମାନ୍ଦାବସ୍ଥା ଭଳି ପ୍ରସଙ୍ଗକୁ ବିଚାର କରି ଆର୍‌ବିଆଇ ଗୁରୁବାର ଏହାର ସୁଧହାରକୁ ଅପରିବର୍ତ୍ତିତ ରଖିଛି। ଏହା ପୂର୍ବରୁ ଲଗାତର ୫ ଥର ସୁଧହାର ହ୍ରାସ ହୋଇଥିଲେ ମଧ୍ୟ ଚଳିତ ଥର ଏଥିରେ ବିରତି ଲାଗିଛି।

## ପଟିଆରେ ପିଟର ଇଂଲଣ୍ଡର ନୂଆ ଷ୍ଟୋର



**ଭୁବନେଶ୍ୱର, ୭-୧୨**

ଆଦିତ୍ୟ ବିର୍ଲା ଗ୍ରୁପ କମ୍ପାନୀର ପ୍ରମୁଖ ପୁରୁଷ ଫ୍ୟାଶନ ବ୍ରାଣ୍ଡ ପିଟର ଇଂଲଣ୍ଡ ପକ୍ଷରୁ ସ୍ଥାନୀୟ ପଟିଆଛକ ନିକଟରେ ନୂଆ ଷ୍ଟୋର ଶୁଭାରମ୍ଭ ହୋଇଛି। ଏହା ଦ୍ୱାରା ଭୁବନେଶ୍ୱରରେ ପିଟର ଇଂଲଣ୍ଡ ଷ୍ଟୋର ସଂଖ୍ୟା ୬ରେ ପହଞ୍ଚିଥିବା ବେଳେ ଓଡ଼ିଶାରେ ୩୦ ଛୁଇଁଛି। ପିଟର ଇଂଲଣ୍ଡର ଓଡ଼ିଶା ବିତରକ ଏସ୍.ଏମ୍.ଟ୍ରେଡିଂ ସ୍ୱତ୍ୱାଧିକାରୀ ଦୀପକ କୁମାର ଅଗ୍ରୱାଲ ନୂଆ ଷ୍ଟୋରକୁ ଉଦ୍‌ଘାଟନ କରିଥିଲେ। ୧୫୦୦ ବର୍ଗଫୁଟ ପରିମିତ ସ୍ଥାନରେ ଷ୍ଟୋରଟି ଅବସ୍ଥିତ। ଏହା ୫ମ ମେନ୍‌ସ ଓବେସନ ଷ୍ଟୋର ହୋଇଥିବା ବେଳେ ଏହାକୁ ସ୍ୱତନ୍ତ୍ର ଲୁକ୍ ଦିଆଯାଇଥିବା ଅଗ୍ରୱାଲ କହିଛନ୍ତି। ଗ୍ରାହକମାନେ ଏଠାରେ ସୁଟସ୍, ବ୍ଲେଜର, ଜିନସ୍, ସାର୍ଟ, ଫୁଟୱେର ଏବଂ ଡିଓ ଭଳି ପ୍ରଡକ୍ଟ ଲାଭ କରିପାରିବେ। ଏଠାରେ ଗ୍ରାହକ ସ୍ୱତନ୍ତ୍ର କ୍ରୟ ଅଭିଜ୍ଞତା ଲାଭ କରିବାକୁ ସକ୍ଷମ ହେବେ। ୨୦୨୦ ସୁଦ୍ଧା କମ୍ପାନୀ ନୟାଗଡ, ରାୟଗଡା, ଖୋର୍ଦ୍ଧା, ବାରିପଦା, ଅନୁଗୋଳ ଏବଂ ଭୁବନେଶ୍ୱର ଭଳି ସ୍ଥାନଗୁଡିକରେ ୬ଟି ନୂଆ ଷ୍ଟୋର ଖୋଲିବାକୁ ଯୋଜନା ରଖିଛି।




## ସିଭି ରମଣ ଛାତ୍ରୀଛାତ୍ରଙ୍କ ସଫଳତା

**ଭୁବନେଶ୍ୱର,୭-୧୨**

ମଧ୍ୟପ୍ରଦେଶ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ଭୋପାଳ ସ୍ମାର୍ଟ ସିଟି ହାକାଥନରେ ସିଭି ରମଣ ଇଞ୍ଜିନିୟରିଂ କଲେଜର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଡ୍ରୋନ ଟେକ୍ନୋଲୋଜି ଆପ୍ଲିକେଶନରେ ଏହି କଲେଜର ଛାତ୍ରୀଛାତ୍ର ୨ୟ ରନର୍ସ ଅପ୍ ହୋଇ ପାରିଛନ୍ତି। କମ୍ପ୍ୟୁଟର ବିଭାଗର ଜଶବିନ୍ଦର ସିଂ, ଶୁଭ ସିଂ, ଇଲେକଟ୍ରୋନିକ୍ସ ବିଭାଗର ଆଦିତ୍ୟ କୁମାର ସ୍ମାର୍ଟ ସିଟି ପରିଚାଳନାରେ ଡ୍ରୋନର ଉପଯୋଗିତା ଉପରେ ପ୍ରୋଜେକ୍ଟ କାର୍ଯ୍ୟ ଅତି ପ୍ରଶଂସନୀୟ ହୋଇଥିବା ସିଭି ରମଣ ପକ୍ଷରୁ କୁହାଯାଇଛି। ଏହି ଟେକ୍ନୋଲୋଜି ପାଇଁ ଭୋପାଳ ସ୍ମାର୍ଟ ସିଟିର ସିଇଓ ଦୀପକ ମିଶ୍ର, ଯୋଗେଶ ଖାକରେ, ଭୋପାଳ କଲେକ୍ଟର ତରୁଣ ପିଠୋଡ, ଡେଲଏଟି ଡିଜିଟାଲର ନିର୍ଦ୍ଦେଶକ ମୋହନ ଡୋଇଫୋଡ ଏହି ଅବସରରେ ଉପସ୍ଥିତ ରହି ସିଭି ରମଣ ଟିମ୍‌କୁ ୫୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରିଛନ୍ତି। ଏହି ସଫଳତା ଲାଗି କଲେଜର ଚେୟାରମ୍ୟାନ ସଞ୍ଜୀବ କୁମାର ରାଉତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି।

## ରିୟଲିଟି ସେକ୍ଟରକୁ ନେଇ ରାଜନଙ୍କ ଆଶଙ୍କା

**ନୂଆଦିଲ୍ଲୀ,୭-୧୨:** ଦେଶର ରିୟଲ ଇଷ୍ଟେଟ ଶିଳ୍ପକୁ ନେଇ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ଆଶଙ୍କା ପ୍ରକଟ କରିଛନ୍ତି। ଭାରତର ରିୟଲ ଇଷ୍ଟେଟ କନଷ୍ଟ୍ରକଶନ, ଭିତ୍ତିଭୂମି ଶିଳ୍ପ ଏବେ ସଙ୍କଟ ସ୍ଥିତିରେ ରହିଥିବା ସେ କହିଛନ୍ତି। ଏହି ଶିଳ୍ପକୁ ଋଣ ପ୍ରଦାନ କରିଥିବା ଅଣ ବ୍ୟାଙ୍କିଙ୍ଗ ବିତ୍ତ ପ୍ରତିଷ୍ଠାନଗୁଡିକ ସେମାନଙ୍କ ଆସେଟ କ୍ୱାଲିଟିକୁ ତର୍ଜମା କରିବାକୁ ରାଜନ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଭାରତର ଗ୍ରାମାଞ୍ଚଳରେ ସ୍ଥିତି ମଧ୍ୟ ସଙ୍ଗୀନ ରହିଛି। ଅର୍ଥନୈତିକ ମାନ୍ଦାବସ୍ଥା, ବେକାରୀ ବୃଦ୍ଧି ସମସ୍ୟା ଦେଇ ଅର୍ଥ ବ୍ୟବସ୍ଥା ରହିଥିବା ଇଣ୍ଡିଆ ଟୁଡେ ପତ୍ରିକାକୁ ଏକ ମତାମତରେ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଅନାଦାୟ ଋଣ ପରିମାଣ ବଢିବା ଯୋଗୁ ଏବେ ଅର୍ଥବ୍ୟବସ୍ଥାକୁ ଋଣ ଯୋଗାଣ କମିଛି। ଏନ୍‌ବିଏଫ୍‌ସିଗୁଡିକର ଋଣ ପ୍ରଦାନ ସ୍ଥିତିକୁ କେନ୍ଦ୍ରୀୟ ବ୍ୟାଙ୍କ ଏକ ରିଭ୍ୟୁ କରିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି।

## ମାନ୍ୟବରର ବ୍ରାଣ୍ଡ ସମ୍ପ୍ରସାରଣ ପଦକ୍ଷେପ





**କଲିକତା,୭-୧୨:** ପ୍ରମୁଖ ସେଲିବ୍ରେଶନ ୱେର ମାନ୍ୟବର ବ୍ରାଣ୍ଡର ମୂଳ କମ୍ପାନୀ ବେଦାନ୍ତ ଫ୍ୟାଶନ୍ସ ପକ୍ଷରୁ ନୂତନ ମାର୍କେଟିଂ ଷ୍ଟ୍ରାଟେଜି ହାତକୁ ନିଆଯାଇଛି। ବ୍ରାଣ୍ଡକୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବା ତଥା ବିବାହ ଏବଂ ପର୍ବପର୍ବାଣିରେ ବ୍ୟବହୃତ ପୋଷାକ ଚାହିଦା ମେଣ୍ଟାଇବା ଲାଗି ଏହା ପଦକ୍ଷେପ ନେଉଛି। କମ୍ପାନୀ ନୂଆ ବ୍ରାଣ୍ଡ କ୍ୟାମ୍ପେନରେ ବଲିଉଡ ତାରକା ଅମିତାଭ ବଚ୍ଚନ, ରଣବୀର ସିଂ, କାର୍ତ୍ତିକ ଆର୍ଯ୍ୟନଙ୍କୁ ସାମିଲ କରିଛି। ୟାର କେ ସାଦି ରଙ୍ଗ ଜମା ଦେନା କ୍ୟାମ୍ପେନ ଏବଂ ତୈୟାର ହୋକେ ଆଏ କ୍ୟାମ୍ପେନ ସହ ଏହା କାର୍ଯ୍ୟ କରୁଛି। ୧୯୯୯ରେ ମାନ୍ୟବର ଶୁଭାରମ୍ଭ ହୋଇଥିଲା। ୨୦୦୮ରେ ପ୍ରମୁଖ ସେଲିବ୍ରେଶନ ୱେର ଭାବେ ନିଜକୁ ପ୍ରତିଷ୍ଠିତ କରାଇବାକୁ ଏହା ସକ୍ଷମ ହୋଇଛି। ବିଗତ ଦିନ ଗୁଡିକରେ ମାନ୍ୟବର ଅଭୂତପୂର୍ବ ଅଭିବୃଦ୍ଧି ହାସଲ କରିଛି। ବ୍ରାଣ୍ଡକୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା ମାନ୍ୟବରର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ରବି ମୋଦି କହିଛନ୍ତି।

**TENDER CALL NOTICE** No. D-221

**Office of the D.G & I.G. of Police, Odisha, Cuttack**

1. Sealed tenders are invited from the Original Equipment Manufacturers (OEM) or their Authorized Agent for Purchase of different WT equipment and related articles i.e. **Data Communication Equipment comprise of Radio Modem, 80 feet Tower mast with Installation, 120 feet Tower mast with installation, Radio IP for VHF / HF,** GP **Antenna L/B, GP Antenna H/B, Spl. Connector, Spl. Adopter, Co-axial Cable RG8A/U, 12 V Bty. Charger 15 amp, Crocodile Clip, Micro Phone Cord, Hydrometer, 40 feet Tubular Mast, Power Tr., Dot-matrix Printer Head, Dot-matrix Logic card and other spare part for VHF sets** in Odisha Police (Signals Establishment) for the financial year, 2019-20.
2. Name of items along with detail technical Specifications, probable requirements against each item may be seen from the Govt. of Odisha website i.e. www.odisha.gov.in. The quantity may vary during indent of the items depending upon budgetary allocation.
3. Date of Issue of Tender documents from **09.12.2019 at 10.00 AM to 28.12.2019 up to 5.00 PM.**
4. Last date for receipt of sealed Tender and Sample on **30.12.2019 up to 5.00 PM**.
5. Date for opening of sealed Tenders / Technical Bids on **31.12.2019 at 11.30 AM** at the Office of the **I.G. of Police, Communication, Odisha, Cuttack**.

A.I.G. of Police (Provisioning),
Odisha, Cuttack.
(Tender Calling Authority)

**12018/11/0029/1920**

**OFFICE OF THE ADDL. DISTRICT URBAN PUBLIC HEALTH OFFICER, NUHM, BEMC, BERHAMPUR**
City Programme Management Unit (CPMU), 1st Floor, Nagabali Block,
Brahmapur Municipal Corporation, Brahmapur, Pin: 760002, Odisha, Email: cpmunhm.bam2@gmail.com

**TENDER CALL NOTICE FOR "SUPPLY OF VARIOUS ITEMS FOR NEW UPHC & CHS, NUHM, BEMC"**

Advt. No. 6/NUHM/BeMC/2019. Date: 05/12/2019

Sealed Tenders in prescribed format are invited from the Manufacturers/ Authorized Distributors /Dealers for supply of Various items on annual rate contract basis for New UPHC and CHS, BeMC, NUHM, Berhampur Municipal Corporation (BeMC).

The Bidders should submit in two parts i.e. **Technical Bid (Cover-A)** and **Financial Bid (Cover-B)**. The bidders should submit their **technical** and **financial** bid **separately** in **two separate envelopes** and the same should be put into **another cover envelope** super scribed as *"Tender for*

I. *Part-A- IEC/BCC, Wall Painting & Office Stationary,*
II. *Part- B - Hospital Equipment, Instruments,Lab Consumable & reagent,*
III. *Part-C :- Furnitures ,Sound Systems& Electrical items*
IV. *Part-D :- Computer peripherals, for UPHC &CHS ,NUHM, Berhampur Municipal Corporation (BeMC)".*

If any bidder interested to submit more than one parts then bidder must submit separate EMD & Paper cost as applicable for each Part with separate envelope. The list of all the items with detail specification, eligibility criteria and Tender Terms and Conditions may be downloaded from District website www.ganjam.nic.in .

The sealed tenders should reach at O/o ADUPHO, NUHM, BeMC on any working day by Dt: 17.12.2019 till 5.00 P.M along with all required documents by Speed Post/ Regd. Post/Courier only. The tender will be opened on Dt: 18.12.19 at 11.30 A.M in the office of the undersigned in presence of the Bidders / authorized representative of the bidders. Tenders received incomplete or after the scheduled date & time shall be rejected. The undersigned reserves the right to accept or reject any or all the bids without assigning any reason thereof.

Sd/-
Addl. District Urban Public Health Officer,
NUHM, BeMC, Berhampur

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

ସଂଖ୍ୟା ନଂ ୧୫୫୦୪/କ.ଉ.କ./ତା ୦୬.୧୨.୧୯

**ସୂଚନା**

ଏତଦ୍ୱାରା କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ମଧ୍ୟରେ ବେଆଇନ ଓ ଅନୁମୋଦିତ ନକ୍ସା ଉଲ୍ଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଗେଜେଟ ସଂଖ୍ୟା – 13955/HUD/Dt.06.08.2019 ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଅଛି । ଏହି ଯୋଜନାର ଆବେଦନର ଶେଷ ତାରିଖ ୦୫.୦୨.୨୦୨୦ ଅଟେ।

ପୂର୍ବରୁ ଯେଉଁ ବାସଗୃହ ହିତାଧିକାରୀ ମାନେ ବ୍ୟବସାୟିକ ପ୍ରତିଷ୍ଠାନ, କଳ ଓ କାରଖାନା, ଉଚ୍ଚ ଅଟ୍ଟାଳିକା, ଚଳଚିତ୍ର ପ୍ରତିଷ୍ଠାନ, ଭୋଜନାଳୟ ରହିବା ବ୍ୟବସ୍ଥା ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ହିତାଧିକାରୀମାନେ ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ନିର୍ମାଣ କରିଛନ୍ତି ସେମାନେ ଏହି ସୁଯୋଗର ଉପଯୋଗ କରିପାରିବେ । ଏହି ଯୋଜନା କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ହିତାଧିକାରୀ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ । ଯେଉଁ ହିତାଧିକାରୀ ବା ଅନ୍ୟାନ୍ୟ ପ୍ରତିଷ୍ଠାନ ନିୟମ ଉଲ୍ଲଂଘନ କରିଥିବେ ଏବଂ ଏହି ଯୋଜନାର ଅନ୍ତର୍ଭୁକ୍ତ ହୋଇନଥିବେ ତାହେଲେ ସେହି ହିତାଧିକାରୀଙ୍କ ନାମରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏହି ଯୋଜନାରେ ଆବେଦନ କରିଥିବା ହିତାଧିକାରୀ ଓ ଅନ୍ୟାନ୍ୟ ହିତାଧିକାରୀ ଓ ପ୍ରତିଷ୍ଠାନମାନେ ସବିଶେଷ ତଥ୍ୟ, ଠିକଣା,ଫୋନ ନମ୍ବର, ଆବେଦନ କରିବାର ଫର୍ମ ଗୁଡିକୁ ଠିକ୍ ଭାବେ ପୂରଣ କରିନଥିବା ଓ ଅନ୍ୟାନ୍ୟ ଯୋଜନା ସମ୍ବନ୍ଧୀୟ ନଥି ଦେଇନଥିବା ହେତୁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟ କରିବାରେ ବିଳମ୍ବ ହେଉଅଛି ଓ କର୍ତ୍ତୃପକ୍ଷ ପ୍ରେରଣ କରିଥିବା ପତ୍ର ହିତାଧିକାରୀଙ୍କ ପାଖରୁ ଫେରି ଆସୁଅଛି । ତେଣୁ ଉକ୍ତ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଜାଣିବା ପାଇଁ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟର ଯୋଜନା ସଭ୍ୟଙ୍କୁ ସାକ୍ଷାତ (ସୋମବାର, ମଙ୍ଗଳବାର ଓ ବୁଧବାର) କରି ଉକ୍ତ ଯୋଜନା ବିଷୟରେ ଅବଗତ ହେବାକୁ ଅନୁରୋଧ।

ଉକ୍ତ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡିକ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ୱେବସାଇଟ୍ – www.cdacuttack.nic.in ରେ ଉପଲବ୍ଧ ଅଟେ।

ସ୍ୱା /–
ସଚିବ

**ଓଡ଼ିଶା ସରକାର**
**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ**

**ବିଜ୍ଞପ୍ତି**

No.V-63 :- ଆସନ୍ତା ତା୦୯।୧୨।୨୦୧୯ରିଖ ପୂର୍ବାହ୍ନ ଘ୧୧.୦୦ଟା ସମୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ସମସ୍ତ ବିଦ୍ୟାଳୟରେ ଶିକ୍ଷକ ଓ ଅଭିଭାବକଙ୍କ ମିଳିତ ବୈଠକ ଅନୁଷ୍ଠିତ ହେବ। ଏଣୁ ସମସ୍ତ ଅଭିଭାବକମାନଙ୍କୁ ବିଭାଗ ତରଫରୁ ଅନୁରୋଧ କରାଯାଉଛି କି ଆପଣମାନେ ଉକ୍ତ ବୈଠକରେ ବହୁ ସଂଖ୍ୟାରେ ଯୋଗଦାନ କରି ସଭାଟିକୁ ସାଫଲ୍ୟ ମଣ୍ଡିତ କରିବେ।

ଆପଣମାନେ ବିଦ୍ୟାଳୟରେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ପ୍ରଣୟନ କରାଯାଇଥିବା ନିରାପତ୍ତା, ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧରେ ଶିକ୍ଷକମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିବେ। ଏତଦ୍‌ବ୍ୟତୀତ ଛାତ୍ରଛାତ୍ରୀମାନଙ୍କ ବିକାଶ ନିମନ୍ତେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଉଥିବା ବିବିଧ ଯୋଜନାର ସଫଳ ରୂପାୟନ ସମ୍ବନ୍ଧରେ ଆଲୋଚନାରେ ଭାଗ ନେଇ ବିଭାଗ ଅଧିନସ୍ଥ ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀଙ୍କୁ ଆଗକୁ ଯିବାରେ ସହାୟକ ହେବେ।

ସ୍ୱା./-
ପ୍ରମୁଖ ଶାସନ ସଚିବ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

26001/11/0024/1920

**UTKAL UNIVERSITY OF CULTURE**
Sardar Patel Hall Complex, Unit – II, Bhubaneswar-751 009
E-mail: mailboxuuc@gmail.com
www.uuc.ac.in, Phone - (0674)-2535486
No. 2007 /UUC, dt. 29.11.2019

CAD - 627

**ADMISSION NOTIFICATION-2020**

Utkal Universtiy of Culture invites applications for admission to the following courses

**i) Six Months Certificate Course in Jain Religion and Philosophy (Jan-June, 2020)**
**ii) Six Months Certificate Course in Tamil Language(Jan-June, 2020)**

**Eligibility** :
**For Jain Religion** : Any Graduate or equivalent from recognised University.
**For Tamil Language** : HSC or equivalent degree from any recognised Board/Institution.

**Admission Schedule**

| | |
|---|---|
| **Commencement of sale of application Form and admission** | **02.12.2019** |
| **Last date of sale of application form and admission** | **22. 12.2019** |
| **Procedure of Selection** | First come first serve basis subject to fulfilment of eligibility criteria |
| **No. of seats** | 32 in each course |
| **Cost of application form** | Rs. 100.00 |
| **Admission Fee** | for Jain Religion - Rs. 500.00<br>for Tamil Language - Nil |

Application form can be procured from the above office address or can be downloaded from the University website www.uuc.ac.in (Form Downloads). **All fees are to be deposited online.** For further querries, contact - **9861617853**

Sd/-
**Chairman, P.G.Council**

03005/11/0009/1920



ଭାରତରେ ଫର୍ମୁଲା ୱାନ ସ୍ପୋର୍ଟ୍ସ ପ୍ରତି ପ୍ରାୟୋଜକ ଏବଂ ଲୋକମାନଙ୍କର ଆଗ୍ରହ ରହିଥିଲେ ମଧ୍ୟ ଏହାର ପୁନଃ ଆୟୋଜନ କରାଯାଉ ନାହିଁ ।

–ଭିଟାଣ୍ଟୋନିଓ ଲୁଇଜି, ଇଟାଲୀର ପୂର୍ବତନ ଫର୍ମୁଲା ୱାନ୍ ରେସର



ଭାରତ ବିପକ୍ଷ ଟି୨୦ରେ ଆମ ବ୍ୟାଟ୍ସମ୍ୟାନମାନେ ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ତୁଲାଇଥିଲେ, କିନ୍ତୁ ବୋଲରମାନେ ଶୃଙ୍ଖଳିତ ବୋଲିଂ କରି ନ ଥିଲେ ।

–କିରନ ପୋଲାର୍ଡ, ୱେଷ୍ଟଇଣ୍ଡିଜ ଅଧିନାୟକ

## ସଂକ୍ଷେପରେ

### ଇଂଲଣ୍ଡ ଦଳକୁ ଆଣ୍ଡରସନଙ୍କ ପ୍ରତ୍ୟାବର୍ତ୍ତନ

**ଲଣ୍ଡନ, ୭।୧୨:** ଚଳିତ ମାସ ଅନ୍ତିମ ସପ୍ତାହରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ ଲାଗି ଶନିବାର ଭ୍ରମଣକାରୀ ଇଂଲଣ୍ଡ ଦଳ ଘୋଷଣା କରାଯାଇଛି। ଜୋ ରୁଟ୍ଙ୍କ ନେତୃତ୍ୱରେ ଘୋଷିତ ୧୭ ଜଣିଆ ଦଳକୁ ଜେମ୍ସ ଆଣ୍ଡରସନ, ଜନି ବେୟାରଷ୍ଟୋ ଓ ମାର୍କ ଉଡ୍ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୩୭ ବର୍ଷୀୟ ଆଣ୍ଡରସନ ଗତ ଅଗଷ୍ଟରେ ଆଶେସ ସିରିଜ ସମୟରେ ମାଂସପେଶୀଜନିତ ଆଘାତ ପାଇବା ପରେ ଆଉ କୌଣସି ମ୍ୟାଚ୍ ଖେଳି ନ ଥିଲେ। ସେହିଭଳି ଉଇକେଟ୍କିପର ବେୟାରଷ୍ଟୋ ନ୍ୟୁଜିଲାଣ୍ଡ ନିକଟରୁ ୧-୦ରେ ସିରିଜ ହାରିବା ପରେ ଦଳରୁ ବାଦ୍ ପଡ଼ିଥିଲେ। ମାର୍କ ଉଡ୍ ମଧ୍ୟ ବିଶ୍ୱକପ୍ ପରେ ଗୋଇଠିଜନିତ ସମସ୍ୟା ଲାଗି ଦଳରୁ ଦୂରେଇ ରହିଥିଲେ। ଇଂଲଣ୍ଡ ଦଳ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ସେଠାରେ ୪ଟି ଟେଷ୍ଟ ଏବଂ ୩ଟି ଲେଖାଏ ଏକଦିବସୀୟ ଓ ଟି୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଡିସେମ୍ବର ୨୬ରେ ପ୍ରଥମ ଟେଷ୍ଟ ମ୍ୟାଚ୍ ସହ ଇଂଲଣ୍ଡ ଏହାର ଗସ୍ତ ଆରମ୍ଭ କରିବ।

### ସେମି ପରାଜୟ ନେଇ ଦୁଆତିଙ୍କ ଚ୍ୟାଲେଞ୍ଜ୍

**କାନପୁର,୭।୧୨(ପି.ଟି.):** ଇଣ୍ଡିଆ ଓପନ ରୌପ୍ୟ ପଦକ ବିଜୟିନୀ ତଥା ଡିଫେଣ୍ଡିଂ ଚାମ୍ପିୟନ ତଥା ମହିଳା ବକ୍ସର ବନଲାଲ ଦୁଆତି ନିଜର ପରାଜୟ ନେଇ ଅସନ୍ତୋଷ ଥିବା କହିଛନ୍ତି। ଚଳିତ ଜାତୀୟ ବକ୍ସିଂ ଚାମ୍ପିୟନଶିପ୍ରେ ସେ ୫୧ କେ.ଜି. ବର୍ଗ ସେମିଫାଇନାଲରେ ହରିୟାଣାର ରିତୁଙ୍କଠାରୁ ୨-୩ ବ୍ୟବଧାନରେ ପରାସ୍ତ ହୋଇ ଫାଇନାଲ ଖେଳିବାରୁ ବଞ୍ଚିତ ହୋଇଥିଲେ। ମ୍ୟାଚ୍ର ଫଳାଫଳ ନେଇ ସେ ଅସନ୍ତୋଷ ଥିବାରୁ ଏହି ପରାଜୟ ନେଇ ସେ ଅପିଲ କରିଛନ୍ତି। ୫ଥର ଜାତୀୟ ଚାମ୍ପିୟନଶିପ୍ ପଦକ ହାସଲ କରିଥିବା ମିଜୋରାମର ଏହି ମହିଳା ବକ୍ସର ଏହି ପରାଜୟକୁ ଠକାମି ବୋଲି କହିଛନ୍ତି। ମୁଁ ଠକାମିର ଶିକାର ହୋଇଛି। ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍ଆଇ) ରବିବାର ସକାଳ ୭ଟାରେ ତାଙ୍କ ଅପିଲ ସଂକ୍ରାନ୍ତରେ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି।

### ଗୋଠପୁର-ଘାଟିକିଆ ଫାଇନାଲ ଆଜି

**ଭୁବନେଶ୍ୱର, ୭।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଗଣ୍ଡରପୁର ଖେଳ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ଗଣ୍ଡରପୁର କପ୍ ଫୁଟ୍ବଲ ପ୍ରତିଯୋଗିତାର ଗ୍ରାମାଞ୍ଚଳ ଖେଳର ଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଶନିବାର ଖେଳାଯାଇଥିବା ୨ଟି ଯାକ ସେମିଫାଇନାଲ ମୁକାବିଲାରେ ଯଥାକ୍ରମେ ଗୋଠପୁରର ମା ମଙ୍ଗଳା କପ୍ ଓ ଘାଟିକିଆର ବଜରଙ୍ଗବାଲି କ୍ଲବ ଫାଇନାଲରେ ପ୍ରବେଶ କରିଛନ୍ତି।

# ନ୍ୟୁଜିଲାଣ୍ଡକୁ ହରାଇଲା ଭାରତ

### ତ୍ରିରାଷ୍ଟ୍ରୀୟ ଜୁନିୟର ମହିଳା ହକି

**କାନବେରା, ୭।୧୨(ପି.ଟି.)**

ଶର୍ମିଳା ଦେବୀଙ୍କ ଡବଲ ଗୋଲ ବଳରେ ଭାରତୀୟ ମହିଳା ହକି ଜୁନିୟର ଦଳ ଏଠାରେ ଶନିବାର ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍କୁ ୪-୧ ଗୋଲରେ ଜିତି ନେଇଛି। ଚଳିତ ତ୍ରିରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଏହା ଭାରତୀୟ ଦଳର ଦ୍ୱିତୀୟ ବିଜୟ। ପ୍ରଥମେ ଗୋଲ ବରଣ କରିବା ପରେ ମଧ୍ୟ ଭାରତୀୟ ଦଳ ମ୍ୟାଚ୍କୁ ଫେରିବା ସହ ଜିତି ନେଇଛି। ନ୍ୟୁଜିଲାଣ୍ଡ ପକ୍ଷରୁ ଓଲିଭିଆ ଶାନନ ଏକମାତ୍ର ଗୋଲ ସ୍କୋର କରିଥିଲେ। ଜବାବରେ ଶର୍ମିଳା ଦେବୀ ଦୁଇଟି, ବିଉଟି ଡୁଙ୍ଗଡୁଙ୍ଗ୍ ଓ ଲାଲରିଣ୍ଡିକି ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ମ୍ୟାଚ୍ର ୪ର୍ଥ ମିନିଟ୍ରେ ନ୍ୟୁଜିଲାଣ୍ଡକୁ ମିଳିଥିଲା ପେନାଲ୍ଟି କର୍ନର। ଏହାକୁ ଓଲିଭିଆ ଶାନନ ଗୋଲରେ ପରିଣତ କରି ଦଳକୁ ୧-୦ର ଅଗ୍ରଣୀ ଆଣି ଦେଇଥିଲେ। ଶର୍ମିଳା(୧୨ ତମ)ଙ୍କ ଗୋଲ ଯୋଗୁ ଭାରତ ପ୍ରଥମ କ୍ୱାର୍ଟରରେ ହିଁ ସ୍କୋର ଲାଇନକୁ ସମାନ ସ୍ତରକୁ ଆଣିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଦଳକୁ ମିଳିଥିବା ବହୁ ସୁଯୋଗ ବେକାର ଯାଇଥିଲା। ହେଲେ ୨୭ତମ ମିନିଟ୍ରେ ପେନାଲ୍ଟି କର୍ନର ହାତେଇଥିଲା। ଏଥିରୁ ବିଉଟି ଡୁଙ୍ଗଡୁଙ୍ଗ୍ ଗୋଲ ସ୍କୋର କରି ଭାରତୀୟ ଦଳକୁ ୨-୧ ଗୋଲରେ ଆଗୁଆ କରାଇଥିଲା। ପ୍ରଥମାର୍ଦ୍ଧ ଶେଷ ହେବା ପୂର୍ବରୁ ନ୍ୟୁଜିଲାଣ୍ଡ ଦଳ ମ୍ୟାଚ୍କୁ ବରାବର କରିବା ପାଇଁ ସୁଯୋଗ ପାଇଥିଲା। କିନ୍ତୁ ଭାରତୀୟ ଗୋଲକିପର ବିଚ୍ଛୁ ଦେବୀ ଜବରଦସ୍ତ ସେଭ କରିଥିଲେ। ତୃତୀୟ କ୍ୱାର୍ଟରର ୪୦ତମ ମିନିଟ୍ରେ ମଧ୍ୟ ବିଚ୍ଛୁ ଡାଇଭ ମାରି ସେଭ କରିଥିଲେ। ଏହାର ୩ ମିନିଟ୍ ପରେ ଭାରତୀୟ ଦଳକୁ ୩ୟ ସଫଳତା ଆଣି ଦେଇଥିଲେ ଶର୍ମିଳା। ଏହା ତାଙ୍କ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ। ୪୮ତମ ମିନିଟ୍ରେ ମିଳିଥିବା ପେନାଲ୍ଟି କର୍ନରକୁ ଲାଲରିଣ୍ଡିକି ଗୋଲରେ ପରିଣତ କରି ଦଳର ବିଜୟ ସୁନିଶ୍ଚିତ କରିଥିଲେ। ନ୍ୟୁଜିଲାଣ୍ଡ ଦଳର ଖେଳାଳି ଭରପୂର ପ୍ରୟାସ କରିଥିଲେ ମଧ୍ୟ ସଫଳତା ପାଇ ନ ଥିଲେ। ରବିବାର ହେବାକୁ ଥିବା ପରବର୍ତ୍ତୀ ମ୍ୟାଚ୍ ଭାରତୀୟ ଦଳ ଆୟୋଜକ ଅଷ୍ଟ୍ରେଲିଆକୁ ଭେଟିବ।



ଗୋଲ୍ସ୍କୋର ପରେ ଭାରତୀୟ ଖେଳାଳି ଖୁସି ମନାଉଛନ୍ତି।

## ସର୍ବଭାରତୀୟ ନୟାଗଡ଼ କପ୍ ଫୁଟ୍ବଲ

# କେରଳ-ଟାଟା ଫାଇନାଲ ଆଜି

**ନୟାଗଡ଼ ଅଫିସ,୭।୧୨**

୭୮ ୟୁଥ୍ କ୍ଲବ ସିନ୍ଦୂରିଆ ଓ ଜିଲା ଆଥ୍ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ନୟାଗଡ଼ ଫୁଟ୍ବଲ କପ୍ ଟୁର୍ନାମେଣ୍ଟର ଫାଇନାଲ ଲାଇନ୍ଅପ୍ ଚୂଡ଼ାନ୍ତ ହୋଇଯାଇଛି। ରବିବାର ଟାଟା ଫୁଟବଲ ଏକାଡ଼େମୀ (ଜାମସେଦପୁର) ଓ କେରଳ ଇଲେକ୍ଟ୍ରିସିଟି ବୋର୍ଡ଼ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଶନିବାର ଖେଳାଯାଇଥିବା ୨ୟ ସେମିଫାଇନାଲ ମ୍ୟାଚ୍ରେ କେରଳ ଇଲେକ୍ଟ୍ରିସିଟି ବୋର୍ଡ଼ ୩-୦ ଗୋଲରେ ସାଇ ହଷ୍ଟେଲ କଟକକୁ ପରାସ୍ତ କରି ଫାଇନାଲ୍କୁ ପ୍ରବେଶ କରିଛି।




FRANCHISEE REQUIRED

A Leading Corporate Educational Organization looking for its expansion in Orissa entire state which is having PAN India network of 500 centres and 17 countries Collaboration would like to offer DISTRICT FRANCHISEES in all major districts of Orissa.

Interested Candidates may Contact:

MR. SANTHOSH SINGH, DIRECTOR

Ph.: 8179350439, 9963364794

# ସିନିୟର ରୋଇଂରେ ଓଡ଼ିଶାକୁ ୮ ପଦକ

**କଟକ ଅଫିସ,୭।୧୨**

ଡିସେମ୍ବର ୨ରୁ ୭ ତାରିଖ ପର୍ଯ୍ୟନ୍ତ ହାଇଦ୍ରାବାଦରେ ଚାଲିଥିବା ୩୮ତମ ସିନିୟର ଜାତୀୟ ରୋଇଂ ଚାମ୍ପିୟନଶିପ୍ରେ ଓଡ଼ିଶା ମୋଟ୍ ୮ଟି ପଦକ ଜିତିଛି। ଏଥିରେ ୩ଟି ସ୍ୱର୍ଣ୍ଣ ଓ ୫ଟି ରୌପ୍ୟ ପଦକ ରହିଛି। ୫୦୦ ମିଟର ଓ ୨୦୦୦ ମିଟର ବିଭାଗରେ ପ୍ରତିଯୋଗିତା ହୋଇଥିଲା। କୋଚ୍ ପି.ଟି. ପୌଲୁସଙ୍କ ନେତୃତ୍ୱରେ ଓଡ଼ିଶା ପକ୍ଷରୁ ୧୧ ମହିଳା, ୮ଜଣ ପୁରୁଷ ଏଥିରେ ଭାଗ ନେଇଥିଲେ।

୫୦୦ ମିଟର ବିଭାଗର ସିଙ୍ଗଲ୍ସ ସ୍କଲରେ ସଂଯୁକ୍ତା ଡୁଙ୍ଗଡୁଙ୍ଗ, କକ୍ସଲେସ ପେୟାରରେ ପ୍ରମିଳା ପ୍ରଭା ମିଞ୍ଜ, ମଞ୍ଜୁଳା ଖେସ୍, ମିକ୍ସଡ ପେୟାରରେ ସଂଯୁକ୍ତା ଡୁଙ୍ଗଡୁଙ୍ଗ ଓ କରନବୀର ସିଂ ସ୍ୱର୍ଣ୍ଣ ପଦକ ଜିତିଥିଲେ। ୫୦୦ ମିଟର ବିଭାଗର ମିକ୍ସଡ ପେୟାରରେ ସୋନାଲିକା ଦାସ ଓ କୁଶପ୍ରିତ କୌରଙ୍କ ଯୋଡ଼ି ରୌପ୍ୟ ପଦକ ହାସଲ କରିଥିଲେ। ୨୦୦୦ ମିଟର ସିଙ୍ଗଲ୍ ସ୍କଲରେ ସଂଯୁକ୍ତା ରୌପ୍ୟ ଜିତିଥିବା ବେଳେ, ସୋନାଲିକା-କୁଶପ୍ରିତ ଡବଲ୍ ସ୍କଲରେ, ପ୍ରମିଳା-ମଞ୍ଜୁଳା କକ୍ସଲେସ୍ ପେୟାରରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଏହି ବିଭାଗର କକ୍ସଲେସ-୪ରେ ମନୀଷା କିସପୋଟା, ସବିତା ସୋରେଙ୍ଗ, କମଳା ଲାକ୍ରା ଓ ହାରୁର ସିନ୍ଧୁ ମଧ୍ୟ ରୌପ୍ୟ ପଦକ ଜିତିଛନ୍ତି। ଓଡ଼ିଶା ଆସୋସିଏଶନ ଫର୍ ରୋଇଂ ଆଣ୍ଡ ସ୍କଲିଂର ସଭାପତି ବିନୋଦ ଦାସ, ସମ୍ପାଦକ ଅମର ଜ୍ୟୋତି ସିଂ ଦେଓ ପଦକ ବିଜୟୀ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଭାରତର ପ୍ରାଧାନ୍ୟ ଅବ୍ୟାହତ

### ସାଉଥ୍ ଏସିଆନ ଗେମ୍ସ

**କାଠମାଣ୍ଡୁ, ୭।୧୨ (ପି.ଟି.):** ଚଳିତ ସାଉଥ୍ ଏସିଆନ ଗେମ୍ସର ୬ଷ୍ଠ ଦିବସରେ ଭାରତ ସନ୍ତରଣ ଏବଂ କୁସ୍ତି ପ୍ରତିଯୋଗିତାରେ ପ୍ରଭାବୀ ପ୍ରଦର୍ଶନ କରିଥିବାବେଳେ ୪୯ଟି ପଦକ ଲାଭ କରିଛି। ତନ୍ମଧ୍ୟରେ ୨୯ଟି ସ୍ୱର୍ଣ୍ଣ ପଦକ ରହିଛି। ଭାରତର ମୋଟ ପଦକ ସଂଖ୍ୟା ୨୧୪(୧୧୦ ସ୍ୱର୍ଣ୍ଣ, ୬୯ ରୌପ୍ୟ, ୩୫ ବ୍ରୋଞ୍ଜ)ରେ ପହଞ୍ଚିଛି। ପଦକ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଥିବା ନେପାଳର ପଦକ ସଂଖ୍ୟା ୧୪୨ (୪୩ ସ୍ୱର୍ଣ୍ଣ, ୩୪ ରୌପ୍ୟ, ୬୫ ବ୍ରୋଞ୍ଜ) ରହିଛି। ଶ୍ରୀଲଙ୍କା ୧୭୦ ପଦକ (୩୦ ସ୍ୱର୍ଣ୍ଣ, ୫୭ ରୌପ୍ୟ, ୮୩ ବ୍ରୋଞ୍ଜ) ସହ ତୃତୀୟ ସ୍ଥାନରେ ରହିଛି। ଶନିବାର ଭାରତର ସନ୍ତରଣକାରୀମାନେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ୭ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ୧ ବ୍ରୋଞ୍ଜ ଜିତିଛନ୍ତି। ଶ୍ରୀହରି ନଟରାଜ (୧୦୦ ମିଟର ବ୍ୟାକ୍ଷ୍ଟ୍ରୋକ୍) ରିଚା ମିଶ୍ର (୮୦୦ ମିଟର ଫ୍ରିଷ୍ଟାଇଲ), ସିଲ୍ଭା ଏସ୍ (୪୦୦ ମିଟର ବ୍ୟକ୍ତିଗତ ମିଡ୍ଲେ), ମାନ୍ନା ପଟେଲ (୧୦୦ ମିଟର ବ୍ୟାକ୍ଷ୍ଟ୍ରୋକ୍), ଚାହାତ ଆରୋରା (୫୦ ମିଟର ବ୍ୟାକ୍ଷ୍ଟ୍ରୋକ୍), ଲିଖିଥ ଏସପି (୫୦ ମିଟର ବ୍ୟାକ୍ଷ୍ଟ୍ରୋକ୍) ଏବଂ ରୁଜୁତା ଭଟ୍ଟ (୫୦ ମିଟର ଫ୍ରିଷ୍ଟାଇଲ) ପ୍ରମୁଖ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏ.ଭି. ଜୟାଭିନା (୫୦ ମିଟର ବ୍ୟାକ୍ ଷ୍ଟ୍ରୋକ୍) ଏବଂ ରିଧିମା ବିରେନ୍ଦ୍ର କୁମାର (୧୦୦ ମିଟର ବ୍ୟାକ୍ଷ୍ଟ୍ରୋକ୍) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ଫଳରେ ସନ୍ତରଣରେ ଭାରତର ମୋଟ ପଦକ ସଂଖ୍ୟା ୩୦ରେ ପହଞ୍ଚିଛି। ପ୍ରଥମ ଦୁଇ ଦିନରେ ଭାରତୀୟ ସନ୍ତରଣକାରୀମାନେ ୨୧ ପଦକ ଜିତି ସାରିଥିଲେ।

ଅନ୍ୟପକ୍ଷରେ କୁସ୍ତି ପ୍ରତିଯୋଗିତାର ପ୍ରଥମ ଦିବସରେ ଭାରତୀୟ କୁସ୍ତିଯୋଦ୍ଧାମାନେ ୪ ସ୍ୱର୍ଣ୍ଣ ଜିତିଛନ୍ତି। ସେମାନେ ହେଲେ ସତ୍ୟବ୍ରତ କାଡିଆନ (ପୁରୁଷ ୯୭କେଜି ଫ୍ରିଷ୍ଟାଇଲ), ସୁମିତ ମଲିକ (ପୁରୁଷ ୧୨୫ କେଜି ଫ୍ରିଷ୍ଟାଇଲ), ଗୁରସରଣପ୍ରୀତ୍ କୌର (ମହିଳା ୭୬ କେଜି) ଏବଂ ସରିତା ମୋର୍)। ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜେତା କାଡିଆନ ପାକିସ୍ତାନର ତାବିୟାର ଖାଁଙ୍କୁ ହରାଇ ଦେଇଥିବାବେଳେ ଜାତୀୟ ଚାମ୍ପିୟନ ଗୁର୍ଶାନ୍ପ୍ରୀତ ୭ ବର୍ଷ ପରେ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ଜିତିଛନ୍ତି।



ସତ୍ୟବ୍ରତ କାଡିଆନ

| | | | |
|---|---|---|---|
| ଭାରତୀୟ ଜୀବନ ବୀମା ନିଗମ | | | |

ଭାରତୀୟ ଜୀବନ ବୀମା ନିଗମ

भारतीय जीवन बीमा निगम LIFE INSURANCE CORPORATION OF INDIA LIC

ପୂର୍ବ ମଧ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ,
'ଜୀବନ ଦୀପ', ଏକ୍ଜିବିଶନ୍ ରୋଡ୍, ପାଟନା-୮୦୦୦୦୧।
ଫୋନ୍ ନଂ.: ୦୬୧୨-୨୫୦୧୧୧୮/୨୫୦୩୦୧୪/୨୫୦୧୧୦୩
ଏକ ଆଇଏସ୍ଓ ୯୦୦୧:୨୦୧୫ ପ୍ରମାଣିତ ବିଭାଗ

"ପ୍ରତିଯୋଗିତାମୂଳକ ଟେଣ୍ଡର"

ଭାରତୀୟ ଜୀବନ ବୀମା ନିଗମ ନିମ୍ନପ୍ରଦତ୍ତ ବିବରଣୀ ଅନୁଯାୟୀ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ବିଡର୍ମାନଙ୍କଠାରୁ **ୱେବ୍ସାଇଟ୍:** http://www.tenderwizard.com/LIC ମାଧ୍ୟମରେ ଇ-ବିଡ୍ ଆମନ୍ତ୍ରଣ କରୁଛି:

| ବିଡ୍ ନଂ. | ଏଲ୍ଆଇସିଆଇ/ଇସିଜେଡ୍ଓ/୨୦୧୯-୨୦/୪୧ | ଏଲ୍ଆଇସିଆଇ/ଇସିଜେଡ୍ଓ/୨୦୧୯-୨୦/୪୨ | ଏଲ୍ଆଇସିଆଇ/ଇସିଜେଡ୍ଓ/୨୦୧୯-୨୦/୪୩ |
|---|---|---|---|
| କାର୍ଯ୍ୟର ବର୍ଣ୍ଣନା | ପୋଖରୀପୁଟ, ଭୁବନେଶ୍ୱର, ଓଡ଼ିଶାଠାରେ ପ୍ରସ୍ତାବିତ ଡିଭିଜନାଲ ଅଫିସ୍ ବିଲ୍ଡିଂ ନିର୍ମାଣ। **ଅଟକଳ ମୂଲ୍ୟ:** ଟ.୧୨୫୮.୪୧ ଲକ୍ଷ (ଆନୁମାନିକ) | ପ୍ଲଟ୍ ନଂ.୮୬୫, ଫ୍ରେଜର୍ ରୋଡ୍, ପାଟନା, ବିହାରଠାରେ ପାଇଲିଂ କାର୍ଯ୍ୟ ଓ ପୁରୁଣା ଫାଉଣ୍ଡେସନ ହଟାଇବା। **ଅଟକଳ ମୂଲ୍ୟ:** ଟ.୮୦.୮୯ ଲକ୍ଷ (ଆନୁମାନିକ) | ସମ୍ବଲପୁର, ଓଡ଼ିଶାଠାରେ ଡିଭିଜନାଲ ଅଫିସ୍ର ଆଧୁନିକୀକରଣ କାର୍ଯ୍ୟ (କାର୍ଯ୍ୟରତ ଅଫିସ୍)। **ଅଟକଳ ମୂଲ୍ୟ:** ଟ. ୪୩୪.୪୧ ଲକ୍ଷ (ଆନୁମାନିକ) |
| ବିକ୍ରୟ ଅବଧି | ତା୦୮।୧୨।୨୦୧୯ରୁ ୦୩।୦୧।୨୦୨୦ରିଖ | | ତା୧୧।୧୨।୨୦୧୯ରୁ ୦୩।୦୧।୨୦୨୦ରିଖ |
| ବିଡ୍ ଦାଖଲ ସମାପ୍ତି ତାରିଖ ଓ ସମୟ | ତା୦୩।୦୧।୨୦୨୦ରିଖ ୧୫.୦୦ ଘଟିକା | | ତା୦୩।୦୧।୨୦୨୦ରିଖ ୧୫.୦୦ ଘଟିକା |
| ଯୋଗାଯୋଗ ବ୍ୟକ୍ତିଙ୍କ ଇ-ମେଲ୍: | ecz_engg@licindia.com | | |

**ଦ୍ରଷ୍ଟବ୍ୟ:** ଉପରୋକ୍ତ ଟେଣ୍ଡରଗୁଡ଼ିକ ସଂକ୍ରାନ୍ତରେ କୌଣସି ଯୋଗପତ୍ର/ଶୁଦ୍ଧିପତ୍ର/ବିକ୍ରୟ ତାରିଖ ବୃଦ୍ଧି କେବଳ **ୱେବ୍ସାଇଟ୍:** http://www.tenderwizard.com/LIC ଓ **ୱେବ୍ସାଇଟ୍:** www.licindia.in/tendersରେ ଜାରି କରାଯିବ ଏବଂ ପ୍ରେସ୍ରେ କୌଣସି ପୃଥକ୍ ଅଧିସୂଚନା ଜାରି କରାଯିବ ନାହିଁ । ତେଣୁ ନିଜକୁ ସର୍ବଦା ସୂଚିତ ରଖିବା ପାଇଁ କଥିତ ୱେବ୍ସାଇଟ୍ଗୁଡ଼ିକୁ ନିୟମିତ ଭାବେ ପରିଦର୍ଶନ କରିବା ଲାଗି ବିଡର୍ମାନଙ୍କୁ ଅନୁରୋଧ କରାଯାଉଛି।

**ତାରିଖ:** ୦୮।୧୨।୨୦୧୯ — **ମୁଖ୍ୟ ଯନ୍ତ୍ରୀ**

# ୮ ରନ୍ରେ ଅଲ୍ଆଉଟ

## ମାଳଦୀପର ୯ ଖେଳାଳି ଖାତା ଖୋଲିପାରିଲେନି

### ସାଉଥ୍ ଏସିଆନ୍ ଗେମ୍ସ

**ପୋଖରା (ନେପାଳ), ୭।୧୨ (ପିଟି):** ମାଳଦୀପ ମହିଳା କ୍ରିକେଟ ଦଳ ମାତ୍ର ୯ ରନରେ ଅଲଆଉଟ ହୋଇ ଏକ ବିରଳ ତଥା ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛି। ଏଠାରେ ଚାଲିଥିବା ୧୩ତମ ସାଉଥ୍ ଏସିଆନ ଗେମ୍ସରେ ତୃତୀୟ ସ୍ଥାନ ପ୍ଲେ- ଅଫ୍ରେ ଘରୋଇ ନେପାଳ ବିପକ୍ଷ ଟି୨୦ ମ୍ୟାଚ୍ରେ ମାଳଦ୍ୱୀପ ଏହି ଦୟନୀୟ ପ୍ରଦର୍ଶନ କରିଛି। ଏହା ମହିଳା ଟି୨୦ ଅନ୍ତର୍ଜାତୀୟ ଇତିହାସରେ ଦ୍ୱିତୀୟ ସର୍ବନିମ୍ନ ସ୍କୋର ସାବ୍ୟସ୍ତ ହୋଇଛି। ଏହା ପୂର୍ବରୁ ଗତ ଜୁନ୍ରେ ରୱାଣ୍ଡା ବିପକ୍ଷରେ ମାଲି ମାତ୍ର ୬ ରନରେ ଆଉଟ ହୋଇ ରେକର୍ଡ ସର୍ବନିମ୍ନ ସ୍କୋର କରିଥିଲା। ଟସ୍ ଜିତି ମାଳଦୀପ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ମୋ ୮ରୁ ୭ ରନ୍ ଅତିରିକ୍ତ ରହିଥିଲା। ଏହି ଅତିରିକ୍ତ ରନ୍ଗୁଡିକ ୱାଇଡ ବଲରୁ ହିଁ ଆସିଥିଲା।

ଓପନର ଅଇମା ଅଇଶାଥ ଏକମାତ୍ର ରନ ସଂଗ୍ରହ କରିଥିଲେ। ବାକି ୯ଜଣ ଶୂନରେ ଆଉଟ ହୋଇଥିଲେ। ଦଳ ୧୧.୩ ଓଭରରେ ଅଲଆଉଟ ହୋଇଥିଲା। ତେବେ ଅଧିନାୟିକା ଜୁନା ମାରିୟାମ ୧୬ଟି ବଲ ଖେଳି ଅଧିକ ସମୟ କ୍ରିଜ୍ରେ ରହିଥିଲେ। ସେ ବିନା ସ୍କୋରରେ ନେପାଳର କରୁନା ଭଣ୍ଡାରୀଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ନେପାଳ ତରଫରୁ ଅଞ୍ଜଳୀ ଚାନ୍ଦ ୧ ବୟ କରି ସର୍ବାଧିକ ୪ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ନେପାଳ ଓପନର କାଜଲ ଶ୍ରେଷ୍ଠ ଓ ରୋମା ଥାପ୍ପା ୭ଟି ବଲ୍ ଖେଳି ଦଳକୁ ବିଜୟୀ କରାଇଥିଲେ।

# ପରାଜୟରୁ ବର୍ତ୍ତିଲା ଇଷ୍ଟବେଙ୍ଗଲ

**ଲୁଧିଆନା, ୭।୧୨ (ପି.ଟି.):** ପଞ୍ଜାବ ଏଫ୍ସି ବିପକ୍ଷ ଆଇ-ଲିଗ୍ ମ୍ୟାଚରେ ଇଷ୍ଟ ବେଙ୍ଗଲ ପରାଜୟରୁ ଅଳ୍ପକେ ବର୍ତ୍ତିଯାଇଛି। ସ୍ଥାନୀୟ ଗୁରୁ ନାନକ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏହି ମ୍ୟାଚରେ ଡାନିଲୋ ଅଗଷ୍ଟୋ ୧୩ତମ ମିନିଟ୍ରେ ଏକ ଗୋଲ ସ୍କୋର କରି ପଞ୍ଜାବ ଏଫ୍ସିକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଦଳ ଏହି ମ୍ୟାଚରେ ବିଜୟ ହାସଲ କରି ୩ ପଏଣ୍ଟ ଅର୍ଜନ କରିବ ବୋଲି ଜଣାପଡୁଥିଲା। ମାତ୍ର ମ୍ୟାଚ ଶେଷହେବାକୁ ଆଉ ଅଳ୍ପ ସମୟ ବାକିଥିବା ବେଳେ ଅର୍ଥାତ ୮୪ତମ ମିନିଟ୍ରେ ଇଷ୍ଟବେଙ୍ଗଲର ଜୁଆନ ମେରା ଏକ ଗୋଲ ସ୍କୋର କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ପଞ୍ଜାବ ଏଫ୍ସି ସିଜନର ଓପ୍ନିଂ ମ୍ୟାଚରେ ଚର୍ଚ୍ଚିଲ ବ୍ରଦର୍ସଠାରୁ ୦-୩ ଗୋଲରେ ହାରିଯାଇଥିଲା। ଫଳରେ କୋଚ୍ ୟାନ୍ ଲ' ଶନିବାର ମ୍ୟାଚ ପାଇଁ ଦଳରେ କେତୋଟି ପରିବର୍ତ୍ତନ କରିଥିଲେ। ଭାସ୍କର ରୟଙ୍କ ସ୍ଥାନରେ କିରନ କୁମାର ଲିମ୍ବୁଙ୍କୁ ଗୋଲକିପର ଭାବେ ଦଳରେ ସାମିଲ କରାଯାଇଥିଲା। ବ୍ୟାକ୍ ଲାଇନ୍ରେ ସସ୍ପେଣ୍ଡ ହୋଇଥିବା ଅନୱାର ଅଲିଙ୍କ ସ୍ଥାନରେ ସାମୁଏଲ ଶାଦାପଙ୍କୁ ନିଆଯାଇଥିଲା। ପଞ୍ଜାବ ଏଫ୍ସି ଅଧିନାୟକ ସଞ୍ଜୁ ପ୍ରଧାନ ତାଙ୍କ ସ୍ଥାନ ବଜାୟ ରଖିଥିଲେ। ବାଲି ଗଗନଦୀପ ଏବଂ ଆସେର ଦିପାଣ୍ଡା ଡିକାଙ୍କ ସହ ସେ ସମ୍ମୁଖ ଭାଗ ସମ୍ଭାଳିଥିଲେ। ଅନ୍ୟପକ୍ଷରେ ରିୟଲ କଶ୍ମୀର ଏଫ୍ସି ବିପକ୍ଷରେ ୧-୧ ଗୋଲରେ ଡ୍ର ରଖିଥିବା ଇଷ୍ଟବେଙ୍ଗଲ ଦଳରେ କମଲଜିତ୍ଙ୍କ ସ୍ଥାନରେ ସମଦ ଅଲି ମଲିକଙ୍କୁ ଡିଫେନ୍ସରେ ଖେଳାଯାଇଥିଲା।









ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା

"ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା"
କୃଷିଭିତ୍ତିକ ଉଦ୍ୟୋଗ ସ୍ଥାପନ ନିମନ୍ତେ ଆବେଦନ ଓ ରିହାତି ପାଇବାର ଏକ ସରଳ, ସ୍ୱଚ୍ଛ, ସମୟାନୁମୋଦିତ ସମ୍ପୂର୍ଣ୍ଣ ଅନ୍ଲାଇନ ପ୍ରକ୍ରିୟା

ଆଭିମୁଖ୍ୟ :

* ଏକ ନୂତନ ୱେବ୍ ପୋର୍ଟାଲ : www.apicol.nic.in ଓ ମୋବାଇଲ୍ ଆପ୍ MKUYର ପ୍ରଚଳନ
* କୃଷି ଓ ଆନୁସଙ୍ଗିକ ସମସ୍ତ ବିଭାଗର ବ୍ଲକସ୍ତରୀୟ ଅଧିକାରୀମାନେ ପ୍ରତ୍ୟକ୍ଷ ଭାବରେ ଏହି ପ୍ରକ୍ରିୟାରେ ସାମିଲ୍ ।
* ଏଥି ନିମନ୍ତେ ଆବଶ୍ୟକୀୟ ପରାମର୍ଶ ଯୋଗାଇ ଦେବା ପାଇଁ ଜିଲ୍ଲା ସ୍ତରରେ ଆପିକଲ୍ ଦ୍ୱାରା ନୋଡାଲ୍ ଅଫିସର୍ ନିଯୁକ୍ତ ।
* ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରକଳ୍ପ ଅନୁମୋଦନ ଓ ପ୍ରକଳ୍ପ ସଂଶ୍ଲିଷ୍ଟ ସମସ୍ତଙ୍କୁ SMS ମାଧ୍ୟମରେ ସୂଚିତ କରିବା ବ୍ୟବସ୍ଥା ।
* ବ୍ରୟଲର କୁକୁଡ଼ା ପାଳନ, ଗୋ-ପାଳନ ଓ କୃଷିସେବା କେନ୍ଦ୍ରର ପୁନଃପ୍ରଚଳନ ।
* କୃଷି ଭିତ୍ତିକ ଉଦ୍ୟୋଗ ସ୍ଥାପନ ନିମନ୍ତେ ଓଡ଼ିଶାର ସ୍ଥାୟୀବାସିନ୍ଦା ସମସ୍ତ ବର୍ଗର ପୁରୁଷ ଓ PACS/FPO/FPC/SHG/NGO/ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ମାନଙ୍କ ପାଇଁ ଶତକଡ଼ା ୪୦ ଭାଗ ଓ ତଫସିଲଭୁକ୍ତ ଜାତି, ଜନଜାତି, ସବୁବର୍ଗର ମହିଳା ଏବଂ କୃଷି ଓ ଆନୁସଙ୍ଗିକ ବିଷୟରେ ସ୍ନାତକ ମାନଙ୍କ ପାଇଁ ଶତକଡ଼ା ୫୦ ଭାଗ ତଥା ସର୍ବୋଚ୍ଚ ୫୦ ଲକ୍ଷ ଟଙ୍କାର ସ୍ଥାୟୀ ପୁଞ୍ଜି ରିହାତି ବ୍ୟବସ୍ଥା ।

କୃଷି ଉଦ୍ୟୋଗ ପ୍ରତିଷ୍ଠା ସହିତ କୃଷକଙ୍କ ଆୟ ବୃଦ୍ଧି ଦିଗରେ ରାଜ୍ୟ ସରକାରଙ୍କର ଏକ ବଳିଷ୍ଠ ପଦକ୍ଷେପ ।

ଆପିକଲ
(ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜି ଲଗାଣ ନିଗମ ଲିଃ)
ବରମୁଣ୍ଡା, ଭୁବନେଶ୍ୱର - ୭୫୧୦୦୩
ଦୂରଭାଷ : ୦୬୭୪-୨୩୫୪୧୨୫

କୃଷି ଓ କୃଷକ ସଶକ୍ତିକରଣ ବିଭାଗ
ଓଡ଼ିଶା ସରକାର, ଭୁବନେଶ୍ୱର-୭୫୧୦୦୧
ଦୂରଭାଷ : ୦୬୭୪-୨୩୯୧୩୨୫

www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଡିସେମ୍ବର ୮/୨୦୧୯ Sambalpur, Sunday, December 8 / 2019


**ସଂକ୍ଷେପରେ**

## ଦୁର୍ଘଟଣାରେ କୃଷି ଶ୍ରମିକ ମୃତ

**ଆରଡ଼ି, ୭।୧୨ (ଡି.ଏନ.ଏ.):** ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅନ୍ତର୍ଗତ ଓଲଗ ନିକଟ ଭଦ୍ରକ-ଆରଡ଼ି ରାସ୍ତାରେ ଶୁକ୍ରବାର ସନ୍ଧ୍ୟାରେ ଦୁଇ ଅଟୋ ଧକ୍କାରେ ଜଣେ କୃଷି ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନ ଅସିଆ ଗ୍ରାମର ଶୁକୁରା ହୋ। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିବା ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ସୂଚନା ଦେଇଛନ୍ତି। ଏ ନେଇ ଧୂଷୁରୀ ଥାନାରେ ଏକ ମାମଲା(ନଂ.୨୪୩/୧୯) ରୁଜୁ କରାଯାଇଛି। ସୂଚନା ଅନୁଯାୟୀ, ଏକ ଦ୍ରୁତଗାମୀ ଅଟୋ ଭଦ୍ରକ ଆଡୁ ୩ ଜଣ ପୁରୁଷ ଓ ୩ ମହିଳା କୃଷି ଶ୍ରମିକଙ୍କୁ ନେଇ ଆସୁଥିବା ଅନ୍ୟ ଏକ ଅଟୋକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଅଟୋରେ ଥିବା କୃଷି ଶ୍ରମିକମାନଙ୍କ ମଧରୁ ୨ ଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ରାତି ପ୍ରାୟ ସାଢ଼େ ୮ଟା ବେଳେ ଡାକ୍ତରଖାନାରେ ଶୁକୁରାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଗୁରୁତର ମୟୂରଭଞ୍ଜ ଜିଲା କରଡ଼ାପାଳ ଗ୍ରାମର ବଳରାମ ହୋ ଚିକିତ୍ସାଧୀନ ଅଛନ୍ତି।

■ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ଅନିୟମିତତାରେ ଚାଲିବା ଘଟଣା

# ଜିଲାପାଳଙ୍କ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଶୂନ

**ଦେବଗଡ଼, ୭।୧୨(ଡି.ଏନ୍.ଏ.)**

ସରକାର ଯେଉଁ ଲକ୍ଷ୍ୟ ଉଦ୍ଦେଶ୍ୟ ନେଇ ସମଗ୍ର ଶିକ୍ଷା ଅଭିଯାନ ଆରମ୍ଭ କରିଛନ୍ତି, ତାହା ବର୍ତ୍ତମାନ ବାଟବଣା ସଦୃଶ ହୋଇଛି। ଦେବଗଡ ଜିଲାରେ ଅନିୟମିତତାରେ ଚାଲିଥିବା ସର୍ବଶିକ୍ଷା ଅଭିଯାନରୁ ଏହା ପ୍ରମାଣିତ ହୋଇଛି। ଜିଲାର ପୁରୁଣାଗଡସ୍ଥିତ ସମଗ୍ର ଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି)ଙ୍କ କାର୍ଯ୍ୟାଳୟରେ କର୍ମଚାରୀମାନେ ଇଛା ଅନୁସାରେ କାର୍ଯ୍ୟ କରୁଥିବାରୁ ଯୋଜନା କିଭଳି ଚାଲିଥିବ ଜଣାପଡୁଛି। ଏଠାରେ ମନଇଛାରେ ଅଫିସ ଚାଲିଛି। କେତେଜଣ କର୍ମଚାରୀଙ୍କୁ ଛାଡିଦେଲେ ଅନ୍ୟମାନେ ସରକାରଙ୍କ ସମୟ ସାରଣୀ ମାନୁନାହାନ୍ତି। ନିର୍ଦ୍ଧାରିତ ସମୟରେ ଅଫିସ ଆସୁନାହାନ୍ତି। କିଏ କେତେବେଳେ ଆସୁଛନ୍ତି, କିଏ କେତେବେଳେ ଯାଉଛନ୍ତି ତାର କିଛି ଠିକଣା ନାହିଁ। ଏହି କାର୍ଯ୍ୟାଳୟରେ କର୍ମଚାରୀ ନିୟମିତ ନ ଆସିବା, ପୋଷାକ କିଣାରେ ପିସି କାରବାର ହେବା ଆଦି ବିଭିନ୍ନ ପ୍ରକାର ଅନିୟମିତତା ହୋଇଚାଲିଛି। ଏ ସମ୍ପର୍କରେ ଧରିତ୍ରୀରେ ଅକ୍ଟୋବର ୧୯ରେ ଅନୁସନ୍ଧାନ ମୂଳକ ଖବର ପ୍ରକାଶ ପାଇଥିଲା। ଜିଲାପାଳ ସୁଧାଂଶୁ ମୋହନ ସାମଲ ସେହି ଅକ୍ଟୋବର ୧୯ରେ ସମଗ୍ର



ଦେବଗଡ଼ରେ ଥିବା ସମଗ୍ର ଶିକ୍ଷା କାର୍ଯ୍ୟାଳୟ।

ଶିକ୍ଷା କାର୍ଯ୍ୟାଳୟକୁ ଯାଇ ତଦନ୍ତ କରି ଫେରିଥିଲେ। ଜିଲାପାଳ ଡ଼ିଆଇପିଆର୍‌ଓଙ୍କ ଜରିଆରେ ରିପୋର୍ଟ ମଧ୍ୟ ମାଗିଥିଲେ। ତେବେ ତଦନ୍ତ ଓ ରିପୋର୍ଟ ମାଗିବା ମଧ୍ୟରେ ସୀମିତ ରହିଛି କାର୍ଯ୍ୟାନୁଷ୍ଠାନ। ଜିଲାପାଳଙ୍କ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଶୂନ ହୋଇଥିବାରୁ କାର୍ଯ୍ୟାଳୟର ଅବସ୍ଥା ଯଥା ପୂର୍ବଂ ତଥା ପରଂ। ଏଠାରେ ଚାଲିଥିବା ଅନିୟମିତତାକୁ ଚପାଇ ଦେବାକୁ ଉଦ୍ୟମ ହେଉଥିବାରୁ ଏହା ଉପରେ ଶିକ୍ଷା ସଚିବ, ୫-ଟି ସଚିବ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବାର ଜରୁରୀ ଆବଶ୍ୟକତା ରହିଛି। ଜିଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜକ (ଡ଼ିପିସି) ଦାୟିତ୍ୱରେ ଥିବା ପ୍ରଦୋଷ ନାୟକ କହିଲେ, ରିପୋର୍ଟ ମଗାଯାଇଥିଲା ପଦକ୍ଷେପ ନିଆଯିବ। କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ନୋଟିସ ମଧ୍ୟ କରାଯାଇଛି।

ଖବର ନେବାରେ ଜଣାଯାଏ ଯେ, ଉକ୍ତ କାର୍ଯ୍ୟାଳୟରେ ୧୭ଜଣ କର୍ମଚାରୀଙ୍କ ମଧ୍ୟରୁ ୩ ଜଣ ଫିଲ୍ଡ କର୍ମଚାରୀ। ଡ଼ିପିସି ପଦବୀ ଖାଲି ପଡ଼ିଛି। ଜିଲା ଶିକ୍ଷା ଅଧିକାରୀ (ଡ଼ିଇଓ) ପ୍ରଦୋଷ ନାୟକ ଡିପିସି କାର୍ଯ୍ୟାଳୟର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ସେ ଦୁଇଟା କାର୍ଯ୍ୟାଳୟ ଦାୟିତ୍ୱରେ ଥିବାରୁ ଠିକ ଭାବେ ସମୟ ଦେଇପାରୁ ନାହାନ୍ତି। ତେଣୁ ଡିପିସି କାର୍ଯ୍ୟାଳୟ ଅଧିକାରୀ ଶୂନ୍ୟ ଭାବେ ଚାଲିଛି। ତେଣୁ ଅନ୍ୟ କର୍ମଚାରୀମାନେ କାହାକୁ ଭୟ ନ ଥିବାରୁ ଇଛା ମୁତାବକ ଆସୁଛନ୍ତି। ଏଠାରେ ବାୟମେଟ୍ରିକ୍ସ (କମ୍ପ୍ୟୁଟର ଉପସ୍ଥାନ)ଥାଇ ମଧ ତାହାକୁ ଖରାପ କରିଦିଆଯାଇଥିବା ଅଭିଯୋଗ ହେଉଛି। କେଉଁ କର୍ମଚାରୀ ଆସୁଛନ୍ତି ଦିନ ୧୧ଟାରେ ତ ଆଉ କିଏ ଆସୁଛନ୍ତି ୧୨ଟାରେ। କେହି କେହି ୩ ରୁ ୪ ଦିନରେ ଥରେ କାର୍ଯ୍ୟାଳୟ ଆସି ଉପସ୍ଥାନ ଖାତାରେ ସବୁଦିନର ଦସ୍ତଖତ କରୁଥିବା ଜଣାପଡୁଛି। ଏହି କାର୍ଯ୍ୟାଳୟର କେତେକ କର୍ମଚାରୀ ଠିକ୍ ସମୟରେ କାର୍ଯ୍ୟାଳୟ ଆସୁ ନ ଥିବା ଓ ଛାତ୍ରୀଛାତ୍ରଙ୍କୁ ଯୋଗାଣ ହେଉଥିବା ପୋଷାକ ବ୍ୟବସାୟରେ ଲିପ୍ତ ରହି ମାଲାମାଲ ହେଉଥିବା ଅଭିଯୋଗ ହୋଇଛି। ଡିପିସି କାର୍ଯ୍ୟାଳୟରେ କର୍ମଚାରୀ ହୋଇଥିବାରୁ ବିଭିନ୍ନ ସ୍କୁଲକୁ ଡ଼ରାଇ ଏଭଳି କାମ କରୁଥିବା କୁହାଯାଉଛି। ଡ଼ିପିସି କାର୍ଯ୍ୟାଳୟର କେତେ ଜଣ କର୍ମଚାରୀଙ୍କ ବାପା, ଭାଇ ସମ୍ପର୍କୀୟ ପୋଷାକ ବ୍ୟବସାୟରେ ଲିପ୍ତ ଥିବାରୁ ଏମାନେ ସହଯୋଗ କରି ବିଦ୍ୟାଳୟ ପୋଷାକରୁ ପିସି ନେଉଛନ୍ତି। ଡ଼ିପିସି କାର୍ଯ୍ୟାଳୟର ବାୟମେଟ୍ରିକ୍ସ କେମିତି ଖରାପ ହେଲା। ଯଦି ଖରାପ ହେଲା ମରାମତି କଣ ପାଇଁ ହେଉ ନାହିଁ। ଏ ସମ୍ପର୍କରେ ପଚାରିବାରୁ କୌଣସି କର୍ମଚାରୀ ମୁହଁ ଖୋଲୁନାହାନ୍ତି। ଆଜି ପର୍ଯ୍ୟନ୍ତ ଜିଲାର ୧୦୦ରୁ ଅଧିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ ହୋଇନାହିଁ। ସମ୍ପୃକ୍ତ ବିଦ୍ୟାଳୟ ଆକାଉଣ୍ଟକୁ ପୋଷାକ ବାବଦରେ ଅର୍ଥ ପଠାଯାଇ ସାରିଥିଲେ ମଧ୍ୟ କାହିଁକି ପୋଷାକ ବଣ୍ଟନ ହୋଇନାହିଁ ତାହା ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯାଇନାହିଁ। ପିସି ଭାଗବଣ୍ଟାରେ ଅସୁବିଧା ହେତୁ ପୋଷାକ ବଣ୍ଟନ ହୋଇନାହିଁ ବୋଲି କୁହାଯାଉଛି। ତେଣୁ ଶିକ୍ଷା ସଚିବ, ୫-ଟି ସଚିବ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

■ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ

■ ଏବେ ବି ଇଚ୍ଛା ଅନୁସାରେ ଅଫିସ ଆସୁଛନ୍ତି କର୍ମଚାରୀ

■ ରିପୋର୍ଟ ମଗାଯାଇଥିଲା, କାର୍ଯ୍ୟାନୁଷ୍ଠାନ ହେବ: ଡିପିସି

■ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଅନିୟମିତତା ଉପରେ ଶିକ୍ଷା ସଚିବ ଦୃଷ୍ଟି ଦିଅନ୍ତୁ

## ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

**ଭଦ୍ରକ ଅଫିସ, ୭।୧୨**

୪ ବର୍ଷର ପ୍ରେମ ପରେ ପ୍ରତାରଣା ଅଭିଯୋଗ କରି ପ୍ରେମିକଙ୍କ ଘର ଆଗରେ ଧାରଣା ଦେଲେ ପ୍ରେମିକା। ତାଙ୍କୁ ବୋହୂ ଭାବେ ଗ୍ରହଣ କରିବା ପାଇଁ ସେ ଅଡ଼ି ବସିଥିଲେ। ପ୍ରେମିକ ଓ ତାଙ୍କ ପରିବାର ଲୋକ ବିଭିନ୍ନ କଟୁ ମନ୍ତବ୍ୟ ଦେଇଥିଲେ। ଏ ନେଇ ଯୁବତୀଙ୍କ ଅଭିଯୋଗ କ୍ରମେ ଗ୍ରାମାଞ୍ଚଳ ଥାନା ପୋଲିସ ଏକ ମାମଲା(ନଂ.୬୫୧/୧୯) ରୁଜୁ କରି ରାହାଞ୍ଜଅସୁରା ଗ୍ରାମର ପ୍ରମୋଦ ଲେଙ୍କାଙ୍କୁ ଶନିବାର ଗିରଫ କରିଛି। ରବିବାର ଡାକ୍ତରୀମାଇନା ପରେ ପ୍ରମୋଦଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ପ୍ରଭାଂଶୁ ମିଶ୍ର ସୂଚନା ଦେଇଛନ୍ତି।

ଧୂଷୁରୀ ଥାନା ହାତିଆପଡ଼ା ଅଞ୍ଚଳର ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି ଯେ, ୪ ବର୍ଷ ଧରି ପ୍ରମୋଦଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ରହିଆସିଥିଲା। ବିବାହ ପ୍ରଲୋଭନ ଦେଖାଇ ପ୍ରମୋଦ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଗତ ୫ ତାରିଖରେ ସେ କୋର୍ଟ ବିବାହ କରିବାକୁ କହି ତାଙ୍କୁ ଭଦ୍ରକ ଡାକି ଆଣିଥିଲେ। ହେଲେ ସେ ତାଙ୍କୁ ବିବାହ କରିବା ବଦଳରେ ଜଣେ ସମ୍ପର୍କୀୟଙ୍କ ଘରେ ରଖି ବଳାତ୍କାର କରିଥିଲେ। ଏହାପରେ ତାଙ୍କୁ ଭଦ୍ରକରେ ଛାଡ଼ିଦେଇ କେଉଁଆଡ଼େ ଚାଲି ଯାଇଥିଲେ। ଶନିବାର ସେ ପ୍ରମୋଦଙ୍କ ଘରେ ପହଞ୍ଚି ଧାରଣା ଦେଇ ତାଙ୍କୁ ବୋହୂ ଭାବେ ଗ୍ରହଣ କରିବାକୁ କହିବାରୁ ପରିବାର ଲୋକେ କଟୁ ମନ୍ତବ୍ୟ ଦେଇଥିଲେ।

## ବିଦ୍ୟୁତ୍ ଖୁଣ୍ଟ ଚାରିପାଖରୁ ଗରମ ବାଷ୍ପ ବାହାରୁଛି

**ଜୁନାଗଡ଼,୭।୧୨(ଡି.ଏନ୍.ଏ./ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ମାଟିଗାଁରେ ଶନିବାର ଏକ ଆଶ୍ଚର୍ଯ୍ୟ ଘଟଣା ଦେଖିବାକୁ ମିଳିଛି। ରାସ୍ତାକଡ ଏକ ଚାଷଜମିରେ ଥିବା ବିଦ୍ୟୁତ ଖୁଣ୍ଟ ଚାରିପାଖ ମାଟି ତଳୁ ଶନିବାର ସକାଳେ ଗରମ ବାଷ୍ପ ବାହାରୁଥିବା ଦେଖିବାକୁ ମିଳିଥିଲା। ସେଥିପାଇଁ ଉକ୍ତ ସ୍ଥାନରେ ଥିବା ଧାନଗଛଗୁଡିକ ପୋଡ଼ି ଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ। କାଳେ ବିଦ୍ୟୁତ୍ ସଂଯୋଗ ଯୋଗୁ ଏପରି ହେଉଥିବା ଆଶଙ୍କା କରି ଉକ୍ତ ଅଞ୍ଚଳରେ ବିଦ୍ୟୁତ୍‌କାଟ କରାଯାଇଥିଲା। ଏହାସତ୍ତ୍ୱେ ଗରମ ବାଷ୍ପ ବାହାରିବା ବନ୍ଦ ହୋଇ ନ ଥିଲା । ପରେ ଜୁନାଗଡ଼ ଦମକଳ ବିଭାଗକୁ ଖବର ଦିଆଯାଇଥିଲା। ଦମକଳ କର୍ମଚାରୀମାନେ ପହଞ୍ଚି ଗରମ ବାଷ୍ପ ବାହାରୁଥିବା ସ୍ଥାନରେ ପାଣି ପକାଇବା ପରେ ତାହା ବନ୍ଦ ହୋଇଯାଇଥିଲା। ହେଲେ ସମ୍ପୃକ୍ତ ସ୍ଥାନରେ ପାଣି ଫୁଟିବା ଆରମ୍ଭ କରିଥିଲା। ଘଟଣାସ୍ଥଳରେ ଲୋକଙ୍କ ଭିଡକୁ ଦେଖି ଜୁନାଗଡ଼ ପୋଲିସ ପକ୍ଷରୁ ୨ଜଣ ହୋମଗାର୍ଡଙ୍କୁ ନିୟୋଜିତ କରାଯାଇଛି। ସନ୍ଧ୍ୟାରେ ଗରମ ବାଷ୍ପ ବାହାରିବା କମିଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି।


ମାଟିତଳୁ ଗରମ ପାଣି ଫୁଟୁଛି ଓ ବାଷ୍ପ ବାହାରୁଛି।






## ରେଳଧାରଣା କଡ଼ରୁ ଦାଦନ ଶ୍ରମିକଙ୍କ ମୃତଦେହ ଉଦ୍ଧାର

**କଣ୍ଟାବାଞ୍ଜି, ୭।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି-ତୁରେକେଲା ରେଳ ସେକ୍ସନର ଦାବିରି ନିକଟ ରେଳଧାରଣା କଡରେ ଜଣେ ଯୁବକଙ୍କ ମୃତଦେହ ଜିଆରପି ଉଦ୍ଧାର କରିଛି। ମୃତକ ହେଲେ କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ଦାବିରି ଗାଁର ବିଶ୍ୱନାଥ ହାତୀ (୪୦)। ନିକଟରେ ସେ ତେଲଙ୍ଗାନା ରାଜ୍ୟ ପେଡାପଲ୍ଲୀକୁ କାମ କରିବା ପାଇଁ ଯାଇଥିଲେ । ସେଠାରେ କାମ ନ ମିଳିବାରୁ ରାୟପୁର ଦେଇ ଘରକୁ ଫେରି ଆସୁଥିବା ଶୁକ୍ରବାର ରାତିରେ ତାଙ୍କ ସ୍ତ୍ରୀକୁ ଫୋନ କରି କହିଥିଲେ। ହେଲେ ଶନିବାର ସକାଳେ କଣ୍ଟାବାଞ୍ଜିଠାରୁ ୪କିମି ଦୂର ଉପରୋକ୍ତ ସ୍ଥାନରେ ତାଙ୍କ ମୃତଦେହ ପଡିଥିବା ଦେଖାଯାଇଥିଲା। ଜିଆରପି ତାଙ୍କ ପକେଟରୁ ନଗଦ ୨୮୦ଟଙ୍କା ଓ ଏକ ରେଳ ଟିକେଟ (ସାଧାରଣ ବର୍ଗ)ଉଦ୍ଧାର କରିଛି। ଏଥିରେ ଗତ ୫ତାରିଖ ଦିନ ସେ ପେଡାପଲ୍ଲୀରୁ କଣ୍ଟାବାଞ୍ଜିକୁ ଫେରୁଥିବା ଉଲ୍ଲେଖ ରହିଛି। ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ଏ ନେଇ କଣ୍ଟାବାଞ୍ଜି ଜିଆରପିରେ ଏକ ଅପମୃତ୍ୟୁ ମାମଲା(ନଂ.୩୪/୧୯) ରୁଜୁ ହୋଇଛି। ତେବେ ସେ ଟ୍ରେନ ଯାତ୍ରାବେଳେ ନିଜେ ଖସି ପଡିଛନ୍ତି କିମ୍ବା ତାଙ୍କୁ କିଏ ଠେଲି ଦେଇଛି ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏ ନେଇ ଅଧିକ ତଦନ୍ତ ଚାଲୁ ରହିଥିବା ଏଏସଆଇ ଉମେଶ କୁମାର ଅହିର କହିଛନ୍ତି। ମୃତ ବିଶ୍ୱନାଥଙ୍କ ସ୍ତ୍ରୀ ଓ ତିନି ପିଲା ଅଛନ୍ତି।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ନିର୍ବୋଧମାନଙ୍କର ଯୁକ୍ତି ହେଉଛି ପକ୍ଷପାତିତା।
- ଭଲ୍‌ଟାୟାର



## ସଂକ୍ଷେପରେ



### ବରପାଲି ପୁସ୍ତକ ମେଳା ଉଦ୍‌ଘାଟିତ

ବରପାଲି, ୭।୧୨ (ଡି.ଏନ.ଏ): ସାରସ୍ୱତ ପୀଠ ବରପାଲିରେ ଗଙ୍ଗାଧର କଳା ପରିଷଦ ଆନୁକୂଲ୍ୟରେ ଆୟୋଜିତ ପୁସ୍ତକ ମେଳା ଶନିବାର ରାତି ପ୍ରାୟ ୮ଟାରେ ଉଦଘାଟିତ ହୋଇଛି । ଏହି ୫ ଦିନିଆ ପୁସ୍ତକ ମେଳାର ପ୍ରଥମ ଦିବସକୁ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । କମିଟି ସଭାପତି ଡ. ରବୀନ୍ଦ୍ର ଗଡତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅଧାପିକା ଜିତାରାଣୀ ଦାଶ ସମ୍ମାନିତ ଅତିଥି ଓ ବିଜେପୁର କଲେଜ ଅଧାପକ ଚିନ୍ମୟ କୁମାର ସାହୁ ମୁଖ୍ୟବକ୍ତା ତଥା ଆଲୋଚକ ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଗାଳ୍ପିକ ରୋହିତ କୁମାର ଦାଶଙ୍କ ରଚିତ 'ସ୍ୱପ୍ନର ସହର' ପୁସ୍ତକ ଉନ୍ମୋଚିତ ହୋଇଥିଲା। ରବିନ୍ଦ୍ର ଗଡତିଆ ସ୍ୱାଗତ ଭାଷଣ ଦେଇଥିଲେ ।

■ ବରଗଡ଼ ଜିଲାରେ ଧାନ ଉଠାଣ

# ଉପାନ୍ତ ଅଞ୍ଚଳକୁ ଅଣଦେଖା

ବରଗଡ଼ ଅଫିସ୍,୭।୧୨

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଅବ୍ୟବସ୍ଥା ଲାଗି ରହିଛି। ଜିଲାର ଜଳସେଚିତ ବରଗଡ଼ ଉପଖଣ୍ଡ ଅଧୀନ ମଣ୍ଡି ଗୁଡ଼ିକରେ ଏହି ପ୍ରକ୍ରିୟା ଆପାତତଃ ସ୍ୱାଭାବିକ ହେବାରେ ଲାଗିଛି । ହେଲେ ଜିଲାର ପଦ୍ମପୁର ଉପଖଣ୍ଡ ଅଧୀନ ଉପାନ୍ତ ଅଞ୍ଚଳରେ ଧାନ ବିକ୍ରିବଟାରେ ଅଚଳାବସ୍ଥା ଲାଗି ରହିଛି । ମଣ୍ଡିରେ ସଂଗୃହୀତ ଧାନ ଅନୁପାତରେ ତାହା ବିକ୍ରି ହେଉ ନ ଥିବା ଜଣାପଡ଼ିଛି । ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଚାଷୀ ଅସନ୍ତୋଷ ଦେଖାଦେଇଛି ।

ସୂଚନା ଅନୁଯାୟୀ, ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧୀନରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ୬୬ଟି ମଣ୍ଡି ନିର୍ଦ୍ଧାରିତ ହୋଇଛି। ସେଥିମଧ୍ୟରେ ରାଜବୋଡ଼ାସମ୍ବର ବ୍ଲକରେ ୧୩, ଝାରବନ୍ଧ ୯, ପାଇକମାଳ ୧୩, ଗାଇସିଲେଟ ୧୦, ବିଜେପୁର ୧୧, ସୋହେଲା ବ୍ଲକରେ ୧୦ଟି ମଣ୍ଡି ରହିଛି । ସେଥିମଧ୍ୟରୁ ୪ଟି ମଣ୍ଡିରେ ଧାନ କିଣାବିକା ଆରମ୍ଭ ହୋଇ



ମଣ୍ଡିରେ ବିକ୍ରି ନ ହୋଇ ପଡ଼ି ରହିଥିବା ଧାନ ।

■ ଯେଉଁଠି ଆନ୍ଦୋଳନ, ସେଇଠି ଉଠୁଛି ଧାନ
■ ଧାନ ଉଠାଣରେ ବିଳମ୍ବରୁ ଚାଷୀ ଶୋଷିତ
■ ଚାଷୀ ଅସନ୍ତୋଷରୁ ଆନ୍ଦୋଳନ ସମ୍ଭାବନା

ନ ଥିବାବେଳେ ଅନ୍ୟ ସମସ୍ତ ମଣ୍ଡିକୁ ଶନିବାର ସୁଦ୍ଧା ସମୁଦାୟ ୧୧ଏକ୍ଷ ୨୭ହଜାର ୬୯୦ ପ୍ୟାକେଟ୍ ଧାନ ଆସିଛି । ସେଥିରୁ ୭ଲକ୍ଷ ୬୬ହଜାର ୫୯୫ ପ୍ୟାକେଟ୍ ଧାନ ଉଠିଥିବାବେଳେ ଆହୁରି ୩ଲକ୍ଷ ୬୧ହଜାର ୯୫ପ୍ୟାକେଟ୍ ଧାନ ବିକ୍ରି ନ ହୋଇ ପଡ଼ି ରହିଥିବା ଆରଏମସି ସୂତ୍ରରୁ ସୂଚନା ମିଳିଛି ।

ଅନ୍ୟପଟେ ବରଗଡ଼ ଓ ଅତାବିରା ଆରଏମସି ଅଧୀନ ମଣ୍ଡିରେ ଧାନ କିଣାବିକା ପୂର୍ବାପେକ୍ଷା ସ୍ୱାଭାବିକ ହେବାରେ ଲାଗିଛି । ଆରଏମସି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବରଗଡ଼ ଆରଏମସି ଅଧୀନ ମଣ୍ଡି ଗୁଡ଼ିକୁ ୧୫ଲକ୍ଷ ୯୦ହଜାର ପ୍ୟାକେଟ୍ ଧାନ ଆସିଛି ଏବଂ ସେଥିରୁ ୧୫ଲକ୍ଷ ୫ହଜାର ପ୍ୟାକେଟ୍ ଧାନ ବିକ୍ରି ହୋଇଥିବାବେଳେ ଆହୁରି ୮୫ହଜାର ବିକ୍ରି ଅପେକ୍ଷାରେ ମଣ୍ଡିରେ ପଡ଼ିଛି । ଅନୁରୂପ ଭାବେ ଅତାବିରା ଆରଏମସି ଅଧୀନ ମଣ୍ଡି ଗୁଡ଼ିକୁ ୨୪ଲକ୍ଷ ୯ହଜାର ୮୬ ପ୍ୟାକେଟ୍ ଧାନ ଆସିଛି ଏବଂ ୨୨ଲକ୍ଷ ୮୪ହଜାର ୮୨୬ ପ୍ୟାକେଟ୍ ଧାନ ଉଠିଛି । ଏହି ଆରଏମସି ଅଧୀନ ମଣ୍ଡି ଗୁଡ଼ିକରେ ୧ଲକ୍ଷ ୨୪ହଜାର ୨୬୨ ପ୍ୟାକେଟ୍ ଧାନ ଶନିବାର ସୁଦ୍ଧା ବିକ୍ରି ଅପେକ୍ଷାରେ ରହିଛି । ଉପରୋକ୍ତ ତଥ୍ୟକୁ ଅନୁଧ୍ୟାନ କଲେ ପଦ୍ମପୁର ଉପଖଣ୍ଡ ଅପେକ୍ଷା ବରଗଡ଼ ଉପଖଣ୍ଡ ଅଧୀନ ମଣ୍ଡି ଗୁଡ଼ିକରେ ଅଧିକ ଧାନ ଉଠିଛି । ବରଗଡ଼ ଉପଖଣ୍ଡରେ ଚାଷୀ ଆନ୍ଦୋଳନ ତେଜି ଉଠୁଥିବାବେଳେ ପ୍ରଶାସନ ସମ୍ପୃକ୍ତ ଅଞ୍ଚଳର ମଣ୍ଡି ଗୁଡ଼ିକରୁ ଧାନ ଉଠାଣ ପାଇଁ ଅଧିକ ତତ୍ପର ରହୁଥିବା ସାଧାରଣରେ ଆଲୋଚନା ହେଉଛି । ଅପରପକ୍ଷେ ପଦ୍ମପୁର ଉପଖଣ୍ଡରେ ଧାନ ଉଠାଣ ଦିଗରେ ଆଶାନୁରୂପ ତତ୍ପରତା ପରିଲକ୍ଷିତ ହେଉନାହିଁ । ଏଭଳି ପ୍ରଶାସନିକ ଉଦାସୀନତା ପ୍ରତିବାଦରେ ପଦ୍ମପୁର ଅଞ୍ଚଳର ଚାଷୀମାନେ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଜବାଜ ହେଉଥିବା ଚର୍ଚ୍ଚା ଚାଲିଛି ।

# ଗୀତରେ ପିଲାଙ୍କୁ ଉତ୍ସାହିତ କଲେ ପଦ୍ମଶ୍ରୀ

ବରଗଡ଼ ଅଫିସ୍,୭।୧୨

ବରଗଡ଼ ସହର ଉପକଣ୍ଠ ସିମେଣ୍ଟନଗର ହାଇସ୍କୁଲ ପଡ଼ିଆରେ ଶନିବାର ଗଳ୍ପ କଥନ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ବରଗଡ଼ର ଏସିସି ଟ୍ରଷ୍ଟ, ପତଙ୍ଗ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖଲିଆପାଲି, ବରଡ଼ୋଲ, କଟାପାଲି, ବରଗାଁ ପଞ୍ଚାୟତର ବିଭିନ୍ନ ଗୋଷ୍ଠୀ ସମୂହ ଓ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦଯାପନୀ ସମାରୋହରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି ଭାବେ ଯୋଗଦାନ କରିବା ସହିତ ଗପ, ଗୀତ ମାଧ୍ୟମରେ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ପତଙ୍ଗର ପ୍ରୋଗ୍ରାମ ମ୍ୟାନେଜର ରୂପେଶ ବେହେରା, ହାସ୍ୟକବି ଦେବେନ୍ଦ୍ର ସାହୁ, ଚୈତନ୍ୟ ପାଇକ, ଏସିସିର ଜାମିଲ ଅଖତର ଖାନ୍, ସିମେଣ୍ଟନଗର ହାଇସ୍କୁଲର ପ୍ରଧାନଶିକ୍ଷକ ରମାକାନ୍ତ ମେହେର, ସିଆରସିସି ଦୀପ୍ତିମାନ ପାଣିଗ୍ରାହୀ, ଅଗସ୍ତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।




ପଦ୍ମଶ୍ରୀ ହଳଧର ନାଗ ପିଲାମାନଙ୍କୁ ପୁରସ୍କୃତ କରୁଛନ୍ତି ।

# ଯୁବ ନେତୃତ୍ୱ, ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ

ବରଗଡ଼ ଅଫିସ୍,୭।୧୨

ନେହେରୁ ଯୁବକେନ୍ଦ୍ର ବରଗଡ଼ ଦ୍ୱାରା ତିନିଦିନିଆ ଯୁବ ନେତୃତ୍ୱ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ ଏବଂ ଉଦଯାପନୀ ସମାରୋହରେ ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ଜିଲା ଯୁବ ସଂଯୋଜକ ମାରିୟାନସ ବୁଲୁଙ୍ଗ, ଜୟ ପ୍ରକାଶ ଶତପଥୀ, ଅଲିଭା କ୍ରୀଡ଼ା ଓ ସାଂସ୍କୃତିକ ସଂଘର ସଭାପତି ରାଜେନ୍ଦ୍ର ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ପ୍ରଶିକ୍ଷକ ଜୟ ପ୍ରକାଶ ଶତପଥୀ, ଏସବିଆରସେଟିର ଜାନା ଗୋପାଳ ଦାଦା, ଝସକେତନ ମେହେର, ପଞ୍ଚାୟତିରାଜ ବିଭାଗର ଜୀବର୍ଦ୍ଧନ ଖେତି, ବିକାଶ କଲେଜର ଅଧ୍ୟାପକ ରାକେଶ ସାହୁ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବରଗଡ଼ ଜିଲାର ୬ଟି ବ୍ଲକର ବିଭିନ୍ନ ଯୁବକ ସଂଘ, ମହିଳା ସମିତିରୁ ୩୦ଜଣ ଯୁବକ ଏବଂ ୧୦ଜଣ ଯୁବତୀ ପ୍ରଶିକ୍ଷଣ ନେଇଥିଲେ। ତ୍ରିଲୋଚନ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ଯୁବ ନେତୃତ୍ୱ, ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମରେ ଅତିଥି, ପ୍ରଶିକ୍ଷକଙ୍କ ଗହଣରେ ପ୍ରଶିକ୍ଷାର୍ଥୀବୃନ୍ଦ ।

### ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ପାଇକମାଳ, ୭।୧୨ (ଡି.ଏନ.ଏ)

ପାଇକମାଳ ବ୍ଲକ ମାଣ୍ଡିଆଡ଼ିପା ଗ୍ରାମରେ ଆଜାଦ କ୍ଲବ ଆନୁକୂଲ୍ୟରେ ୨୧ତମ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂହ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ବ୍ଲକ ଅଧ୍ୟକ୍ଷ ଅଲତାଫ ମହମ୍ମଦ, ସରପଞ୍ଚ ବାବୁଲାଲ ଧରୁଆ, ବିଜୟ କୁମାର ସ୍ୱାଇଁ, କଂସ ମହାରାଜ ଗୋପବନ୍ଧୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ମ୍ୟାଚ ମାଣ୍ଡିଆଡ଼ିପା ଓ ନକଟାସ ମଧ୍ୟରେ ହୋଇ ନକଟାସ ୦–୧ ଗୋଲରେ ବିଜୟୀ ହୋଇଥିଲା। ଅନ୍ୟ ଏକ ମ୍ୟାଚ ବଲାଙ୍ଗୀର ଓ ପଦ୍ମପୁର ମଧ୍ୟରେ ଅନୁଷ୍ଠିତ ହୋଇ ପଦ୍ମପୁର ୦–୫ ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ କୁଚିଣ୍ଡା ଓ ଅଇଁଠାପାଲି ମଧ୍ୟରେ ହୋଇ ଅଇଁଠାପାଲି ଦଳ ୦–୧ ଗୋଲରେ ବିଜୟୀ ହୋଇଥିଲା । ଶେଷ ମ୍ୟାଚ ସମ୍ବଲପୁର ଓ ବରପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ ସମ୍ବଲପୁର ବିଜୟୀ ହୋଇଥିଲା। ରବିବାର ସେମିଫାଇନାଲ ଓ ଫାଇନାଲ ମ୍ୟାଚ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

ଅଙ୍ଗନୱାଡ଼ି କର୍ମୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

# ସିଡିପିଓ ଅଫିସ ଘେରାଉ

ଭଟଲି, ୭।୧୨ (ଡି.ଏନ.ଏ.)

ବରଗଡ଼ ଜିଲା ଭଟଲି ସିଡିପିଓ ଅଫିସର ଜନୈକ ସୁପରଭାଇଜରଙ୍କ ଦୁର୍ବ୍ୟବହାର ଯୋଗୁ ଶନିବାର ଅଙ୍ଗନୱାଡ଼ି କର୍ମୀମାନେ ଆଇସିଡିଏସ ଅଫିସରେ ତାଲା ପକାଇ ଦେଇଥିଲେ। ଅପରାହ୍ନ ପ୍ରାୟ ୫ଟାରେ ଭଟଲି ତହସିଲଦାର ରାମକୃଷ୍ଣ ମିଶ୍ର ଅଙ୍ଗନୱାଡ଼ି କର୍ମୀଙ୍କୁ ବୁଝାସୁଝା କରିଥିଲେ। ଏହି ମର୍ମରେ ବରଗଡ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇ କର୍ମୀମାନେ ଆନ୍ଦୋଳନରୁ ଓହରିଥିଲେ ।

ଅଙ୍ଗନୱାଡ଼ି କର୍ମୀଙ୍କ ଅଭିଯୋଗ ଅନୁଯାୟୀ, ସିଡିପିଓ ନିୟତି ଯୋଷୀ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଏଭଳି ପୂର୍ବରୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ଅପମାନିତ କରୁଥିଲେ। ତେବେ ଏଭଳି ଗାଳି ଅସହ୍ୟ ହେବାରୁ ଘଟଣା ଆନ୍ଦୋଳନ ରୂପ ନେଇଥିଲା। ଗର୍ଭବତୀ, ପ୍ରସୂତି ମହିଳା ତଥା ୭ ମାସରୁ ୩ ବର୍ଷର ଶିଶୁମାନଙ୍କୁ ଦିଆଯାଇଥିବା ଅଣ୍ଡାର ପ୍ରାପ୍ୟ ମିଳୁ ନ ଥିବା କର୍ମୀମାନେ ବାରମ୍ବାର ଅଭିଯୋଗ କରି ଆସୁଥିଲେ। ଏ ନେଇ ସିଡିପିଓ ଯୋଷୀଙ୍କୁ ଯୋଗାଯୋଗ କରାଯିବାରୁ ସେ ଅଭିଯୋଗକୁ ଖଣ୍ଡନ କରିବା ସହ ଗତ ନଭେମ୍ବର ମାସର ପ୍ରାପ୍ୟ କେବଳ ବାକି ରହିଛି ଏବଂ ଆଗାମୀ ୯ ତାରିଖରେ ଉକ୍ତ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଏଭଳି ଦୁର୍ବ୍ୟବହାରକୁ ବରଦାସ୍ତ କରାଯାଇପାରିବ ନାହିଁ। ଶୀଘ୍ର ଦାବିଗୁଡିକ ବିଚାର ପୂର୍ବକ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କର୍ମୀମାନେ କହିଥିଲେ। ଭଟଲି ଲକ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନର ସଭାନେତ୍ରୀ ରେବତୀ ସାହି, ସମ୍ପାଦିକା ପ୍ରମିତା ଭୋଇଙ୍କ ସମେତ ଶତାଧିକ ଅଙ୍ଗନୱାଡ଼ି କର୍ମୀ ଯୋଗ ଦେଇଥିଲେ ।



ଅଙ୍ଗନୱାଡ଼ି କର୍ମୀମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଷଷ୍ଠ ବୋଡ଼ାସମ୍ବର ପୁସ୍ତକ ମେଳା ଉଦ୍‌ଯାପିତ

# ବୌଦ୍ଧିକତାର ମୂଲ୍ୟାୟନ ପାଇଁ ପୁସ୍ତକମେଳା ଏକ ମାପକାଠି

ପଦ୍ମପୁର, ୭।୧୨ (ଡି.ଏନ.ଏ)

ଗତ ନଭେମ୍ବର ୩୦ରୁ ସ୍ଥାନୀୟ ରିକ୍ରେଶନ ସେଣ୍ଟରଠାରେ ଚାଲିଥିବା ଷଷ୍ଠ ବୋଡାସମ୍ବର ପୁସ୍ତକ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ଶିକ୍ଷକ ଏକାଦଶ ତରଫରୁ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କିଶୋର ପାତ୍ର ତଥା ସହଯୋଗୀମାନେ ପରିଚାଳନା କରିଥିଲେ । ଏହାପରେ ଦ୍ୱାଦଶ ପ୍ରଧାନଙ୍କ ସଂଯୋଜନାରେ ପ୍ରୀତିଶ ଦାଶ, ଅଞ୍ଜଳି ପରିଡା ଓ ତାଙ୍କ ଦଳ ନୃତ୍ୟ ପରିବେଷଣ କରିଥିବା ବେଳେ ସୁଶ୍ରୀ ଶ୍ରାବଣୀ ଦାଶ ସଙ୍ଗୀତ ପରିବେଷଣ କରିଥିଲେ । ନାଟ୍ୟକାର ଅଶୋକ କୁମାର ବହିଦାରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଆୟୋଜକ ଗୁରୁ ପ୍ରକାଶନୀର ସଭାପତି ମହେନ୍ଦ୍ର କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ଡ. ମାନଭଞ୍ଜନ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ ଓ ଡ. ଜୟକେତନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଗାନ୍ଧୀ ପାଠାଗାରର ସଭାପତି ଅରୁଣ କୁମାର ମହାନ୍ତି ମୁଖ୍ୟଅତିଥି, ବ୍ୟଙ୍ଗକବି ମନୋରଞ୍ଜନ ସାହୁ ସମ୍ମାନିତ ଅତିଥି ଏବଂ ଅଧ୍ୟାପିକା ବୁନି ସାହୁ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ବୌଦ୍ଧିକତାର ମୂଲ୍ୟାୟନ ପାଇଁ ପୁସ୍ତକ ମେଳା ଏକ ମାପକାଠି ବୋଲି ଉଦଯାପନୀ ସଭାର ଅତିଥିମାନେ ମତବ୍ୟକ୍ତ କରିଥିଲେ । ପରେ କୁଞ୍ଜବିହାରୀ ପ୍ରଧାନଙ୍କୁ ପାର୍ବତୀ ଗିରି ସେବା ସମ୍ମାନ, ତେଜରାଜ ସାହୁଙ୍କୁ ସଂଗ୍ରାମୀ ମାୟାଧର ପୁରୋହିତ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାସହିତ ୨୦୧୮ର ଯୁକ୍ତ ୨ ପରୀକ୍ଷାରେ ମାତୃ ଭାଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ବୋଡାସମ୍ବର ଅଞ୍ଚଳର ଜ୍ୟୋତିର୍ମୟୀ ଡନସନା, ସବିତା ବାରିକ ଓ ପ୍ରେମାନନ୍ଦ ସାହୁଙ୍କୁ ବିଷ୍ଣୁପ୍ରିୟା ପଣ୍ଡା ସ୍ମୃତି ପୁରସ୍କାର ଓ ଯୁକ୍ତ ୩ ପରୀକ୍ଷାରେ ଓଡିଆ ସମ୍ମାନରେ ସର୍ବୋଚ୍ଚ ନମ୍ବର ରଖିଥିବା ମିଲି ମେହେର ଓ ଜାହ୍ନବୀ ବୁଡେକଙ୍କୁ ଚତୁର୍ଭୁଜ ପଣ୍ଡା ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ଡ. ଗଙ୍ଗାଧର ଗୁରୁଙ୍କ ସ୍ମୃତିରେ ଅଧ୍ୟାପିକା ରୀତାଞ୍ଜଳି ଗୁରୁଙ୍କ ତରଫରୁ ନବ ପ୍ରଭାତ ଆଶ୍ରମ ନୂଆପାଲିର ବେଦପାଠୀ ଗୌରବ ପାଳ ଓ ମଧୁସୂଦନ ସାହୁଙ୍କୁ ଗୁରୁ ପୁରସ୍କାର ଦିଆଯାଇଥିଲା । ଶେଷରେ ଦୁର୍ଗାଶୀଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

■ ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ

# ରାଉରକେଲା, ବରଗଡ଼, ସୁନ୍ଦରଗଡ଼ ବିଜୟୀ

ସୋହେଲା,୭।୧୨(ଡି.ଏନ.ଏ)

ଓଡିଶା ଫୁଟବଲ ଆସୋସିଏଶନ ଦ୍ୱାରା ଆୟୋଜିତ ୬୦ତମ ଆନ୍ତଃ ଜିଲା ସାହାଣୀ କପ ଫୁଟବଲ ପ୍ରତିଯୋଗିତାରେ ଶନିବାର ରାଉରକେଲା ଓ ବଲାଙ୍ଗୀର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଦଳ ବଲାଙ୍ଗୀରକୁ ୨–୦ ଗୋଲରେ ହରାଇ ବିଜୟୀ ହୋଇଛି। ଆଜିର ମ୍ୟାଚରେ ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ଭାବେ ସମାପ୍ତ ହେବା ପରେ ଦ୍ୱିତୀୟାର୍ଦ୍ଧ ଖେଳର ୭୨ତମ ମିନିଟରେ ରାଉରକେଲା ଦଳର ଅରବିନ୍ଦ ଲାକ୍ରା ଦଳ ପାଇଁ ପ୍ରଥମ ଗୋଲ ଦେଇଥିଲେ । ଏହାର ୧୫ମିନିଟ ପରେ ଏଡୱିନ ତିର୍କେ ଦଳ ପକ୍ଷରୁ ଆଉ ଏକ ଗୋଲ କରି ଦଳକୁ ୨–୦ଗୋଲରେ ବିଜୟୀ କରିଥିଲେ। ବଲାଙ୍ଗୀର ଦଳର ଖେଳାଳିମାନେ ଗୋଲ ଦେବାର ଅନେକ ସୁଯୋଗ ହାତଛଡା କରି ମ୍ୟାଚ୍‌ରୁ ବିଦାୟ ନେଇଥିଲେ। ଆଜିର ମ୍ୟାଚରେ ସୋହେଲା ତହସିଲଦାର ଅଶୋକ କୁମାର ଗଡତିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମ୍ୟାଚ୍ ରେଫରୀ ଆଶୀର୍ବାଦ କାନୁନ୍‌ଗୋ ଖେଳ ପରିଚାଳନା କରିଥିବା ବେଳେ ବିପୁଲ ବିଦ୍ୟାଧର ଓ ରମଣୀ ମାଝୀ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଶୁଭମ ପାତ୍ର ଏବଂ ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାଏକ ରହିଥିଲେ ।

**ବରପାଲି, (ଡି.ଏନ.ଏ):** ବରପାଲି ବ୍ଲକ କଦଳୀପାଲି ଫୁଟବଲ ପଡିଆରେ ଚାଲିଥିବା ୬୦ତମ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଶନିବାର ପଞ୍ଚମ ଦିବସର ଖେଳ ପୁରୀ ଏକାଦଶ ଓ ବରଗଡ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବରଗଡ ଦଳ ୪–୦ ଗୋଲରେ ବିଜୟୀ ହୋଇଥିଲା। ଖେଳକୁ କିଶନ ଦାଶ, ବିଭୁତି ଭୂଷଣ ବେହେରା ଓ ଦେବାଶିଷ ବାଗ ପ୍ରମୁଖ ପରିଚାଳନା କରିଥିବା ବେଳେ ନିରଞ୍ଜନ ମହାକୁର ଓ ପ୍ରଶାନ୍ତ ବେହେରା ସହଯୋଗ କରିଥିଲେ। ସେହିପରି ରବି ମହାପାତ୍ର ପର୍ଯ୍ୟବେକ୍ଷକ ଥିଲେ। ଏହି ଅବସରରେ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଓ ଲେଣ୍ଡା ପଞ୍ଚାୟତ ସମିତି ସଭ୍ୟା ସ୍ୱର୍ଣ୍ଣମୟୀ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

**ଭେଡ଼େନ, ୭।୧୨(ଡ଼ି.ଏନ.ଏ):** ଭେଡ଼େନ ସ୍ଥିତ ରଣଜିତା ଷ୍ଟାଡ଼ିୟମରେ ଚାଲିଥିବା ସାହାଣୀ କପ ଫୁଟବଲ ପ୍ରତିଯୋଗିତାର ଶନିବାର ମ୍ୟାଚ୍‌ରେ ସୁନ୍ଦରଗଡ଼ ଦଳ ବିଜୟୀ ହୋଇ ଭେଡ଼େନ ଜୋନ ଫାଇନାଲକୁ ପ୍ରବେଶ କରିଛି । ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ମଧ୍ୟରେ ହୋଇଥିବା ଏହି ମ୍ୟାଚରେ ସୁନ୍ଦରଗଡ଼ ଦଳ ୨–୧ ଗୋଲ ବ୍ୟବଧାନରେ ବିଜୟୀ ହୋଇ ଏହି ସଫଳତା ହାସଲ କରିଛି। ରେଫରୀ ଶ୍ରୀକାନ୍ତ ବହିଦାର, ଦିଲୀପ କୁମାର ମିଶ୍ର, ସଫିକୁଲ ଖାଁ ଖେଳ ପରିଚାଳନା କରିଥିବା ବେଳେ ଦେବରାଜ ନାହାକ ଚତୁର୍ଥ ରେଫରି ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟଅତିଥି, କଂଗ୍ରେସ ନେତା ପ୍ରଦୀପ ଦେବତା, ଜିଲା କ୍ରିଡ଼ା ସଂସଦ ଉପସଭାପତି ଯୁଗଳ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସନ୍ତୋଷ କୁମାର ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ । ଆସନ୍ତା ୯ ତାରିଖରେ ସୁନ୍ଦରଗଡ଼ ଦଳ ଦେବଗଡ଼ ଦଳକୁ ଜୋନ ଫାଇନାଲରେ ଭେଟିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।



ଶନିବାର ମ୍ୟାଚର ଅତିଥି ଏବଂ ଖେଳାଳିମାନେ।



ଉଭୟ ଦଳର ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୮ ଡିସେମ୍ବର, ୨୦୧୯



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ

### ଭୀମଭୋଇ ସ୍କୁଲରେ ଭିନ୍ନକ୍ଷମ ଦିବସ ପାଳନ

**ଘଣ୍ଟାପଡା, ୭।୧୨ (ଡି.ଏନ.ଏ):** କନ୍ଧମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତ କୋଡିବାହାଲର ଭୀମଭୋଇ ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ଶୁକ୍ରବାର ପ୍ରଥମ ଶ୍ରେଣୀ ବିଚାର ବିଭାଗ ଆନୁକୂଲ୍ୟରେ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। କନ୍ଧମାଳ ବ୍ଲକ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଗୌରଜ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ପ୍ରତିଷ୍ଠାତା ଦିବ୍ୟାଙ୍ଗ ମନବୋଧ ନନ୍ଦଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ସରକାରୀ ଓକିଲ ସୁରେଶ ରଣା, ଆଇନଜୀବୀ ଶେଷଦେବ ବଗର୍ତ୍ତି, ବରିଷ୍ଠ ନାଗରିକ ବିପିନ ବିହାରୀ ଭୋଇ, ପ୍ରତିଷ୍ଠାତା ମନବୋଧ ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପରିଚାଳନା କମିଟି ସଭାପତି ନୀଳାଞ୍ଚଳ ଭୋଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଙ୍ଗୀତ ପରିବେଷଣ କରିଥିଲେ ।

ଜିଲାର ୨ ବିଧାୟକ ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ

# ପିଡି, ଏପିଡି ପଦବୀ ଖାଲି

**ସୋନପୁର,୭।୧୨(ନି.ପ୍ର.)**

### ୩ ତହସିଲଦାର, ୨ବିଡିଓ ପଦବୀ ପୂରଣ ହେଉନି

ସୁବର୍ଣ୍ଣପୁର ଜିଲାରେ ଦୀର୍ଘ ମାସ ଧରି ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରଶାସନିକ ଅଧିକାରୀ ପଦ ପୂରଣ ହେଉନି। ଇନ୍‌ଚାର୍ଜରେ ସବୁ କିଛି ଚାଲିଛି। ଖାଲି ପଡିଥିବା ପଦବୀଗୁଡିକୁ ପୂରଣ କରିବା ପାଇଁ ରାଜ୍ୟ ସରକାର ଦୃଷ୍ଟି ଦେଉନାହାନ୍ତି। ଫଳରେ ତୃଣମୂଳସ୍ତରରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି। ସ୍ଥାୟୀ ଅଧିକାରୀଙ୍କ ଅନୁପସ୍ଥିତିରେ ବ୍ଲକ ଓ ତହସିଲରୁ ଲୋକେ ସେବା ପାଉ ନାହାନ୍ତି। ଚାଷୀଙ୍କ ସମସ୍ୟାଗୁଡିକ ସମାଧାନ ହୋଇ ପାରୁନି। ପଞ୍ଚାୟତସ୍ତରରେ ବିକାଶମୂଳକ କାର୍ଯ୍ୟ ବ୍ୟାହତ ହୋଇଯାଇଛି। ଗ୍ରାମାଞ୍ଚଳର ବିକାଶ କ୍ଷେତ୍ରରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆରଡିଏ)ର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ଡିଆରଡିଏ ଦ୍ୱାରା ଏମଜିଏନଆରଇଜିଏସ, ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା, ବିଜୁ ପକ୍କା ଘର, ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା, ଦୀନଦୟାଲ ଉପାଧାୟ ଗ୍ରମୀଣ କୌଶଳ ଯୋଜନା, ଓଡିଶା ଜୀବିକା ମିଶନ ଭଳି ଯୋଜନା କାର୍ଯ୍ୟକାରୀ ହେଉଛି। ମାତ୍ର ସୁବର୍ଣ୍ଣପୁର ଡିଆରଡିଏରେ ଗତ ୭ ମାସ ଧରି ପ୍ରକଳ୍ପ ନିର୍ଦ୍ଦେଶକ, ଦେଢବର୍ଷ ଧରି ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନ) ଓ ଦୀର୍ଘ ୧୦ ମାସ ହେବ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ବୈଷୟିକ) ପଦବୀ ଖାଲି ପଡିଛି। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ପିଡି ଡିଆରଡିଏ ଭାବେ ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡିକ ଖାଲି ପଡିବା ସତ୍ତ୍ୱେ ପଣ୍ଡାଙ୍କ ଉଦ୍ୟମରେ ଏହି ଜିଲା ଚଳିତ ବର୍ଷ ଏମଜିଏନଆରଇଜିଏସ ଓ ଗ୍ରାମୀଣ ଆବାସ ଯୋଜନା କାର୍ଯ୍ୟକାରିତାରେ ସଫଳତା ପାଇଛି। ଅନ୍ୟପକ୍ଷେ ବୀରମହାରାଜପୁର ଓ ଉଲୁଣ୍ଡାରେ ବିଡିଓ ଏବଂ ତହସିଲଦାର ପଦବୀ ଖାଲି ପଡିଛି। ବୀରମହାରାଜପୁର ଉପଜିଲାପାଳ ପଦବୀ ଖାଲି ପଡିଥିବା ବେଳେ ଅଶୋକ କୁମାର ଭୋଇଙ୍କୁ ନୂତନ ନିଯୁକ୍ତି ମିଳିଛି। କିନ୍ତୁ ସେ କାର୍ଯ୍ୟରେ ଯୋଗଦେଇ ନାହାନ୍ତି। ସେହିପରି ବିନିକା ଓ ରାମପୁରରେ ଦୀର୍ଘଦିନ ଧରି ତହସିଲଦାର ପଦବୀ ଖାଲି ପଡିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ପଞ୍ଚମ ପାଳିରେ ସୁବର୍ଣ୍ଣପୁର ଜିଲାର ୨ଜଣ ବିଧାୟକଙ୍କୁ କ୍ୟାବିନେଟ୍ ବିଭାଗର ମନ୍ତ୍ରୀ ପଦ ଦେଇ ଜିଲାବାସୀଙ୍କୁ ଖୁସି କରିଥିଲେ। ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଗୁରୁତ୍ୱପୂର୍ଣ୍ଣ ଅର୍ଥ ଓ ଅବକାରୀ ବିଭାଗର ମନ୍ତ୍ରୀ ଏବଂ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ପରିବହନ, ଯୋଜନା ଓ ସମନ୍ୱୟ ବିଭାଗର ମନ୍ତ୍ରୀ ହେବା ପରେ ଖୁସି ଦ୍ୱିଗୁଣିତ ହୋଇଥିଲା। ଏହା ଜିଲା ପାଇଁ ସୁବର୍ଣ୍ଣ ସମୟ। ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ଲୋକେ ଆଶା କରିଥିଲେ। କିନ୍ତୁ ଖାଲି ପଡିଥିବା ଓଡିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀ ପଦବୀଗୁଡିକ ପୂରଣ ହେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

## ଦିବ୍ୟାଙ୍ଗଙ୍କୁ ମିଳୁନି ବିଜୁ ପକ୍କାଘର

**ତଳଗାଁ,୭।୧୨(ଡି.ଏନ.ଏ)**

ହରଭଙ୍ଗା ବ୍ଲକ ରାଧାନଗର ଗ୍ରାମରେ ରୁହନ୍ତି ଝରିଆ ମେହେରଙ୍କ ପରିବାର। ସେମାନେ ଅତ୍ୟନ୍ତ ଗରିବ । ଫଳରେ ଝରିଆ ଓ ତାଙ୍କ ସ୍ତ୍ରୀ ଜନ୍ମବେଳୁ ଦିବ୍ୟାଙ୍ଗ ଝିଅ ସୀମାର ଯତ୍ନ ନେଇପାରୁନାହାନ୍ତି । ଦିବ୍ୟାଙ୍ଗ ସୀମାକୁ ଏବେ ୧୯ବର୍ଷ। ଜନ୍ମବେଳୁ ହାତ ଗୋଡ ଅଚଳ ହେବା ସହିତ ସେ ଶତ ପ୍ରତିଶତ ଦିବ୍ୟାଙ୍ଗ ଭାବେ ସରକାରୀ ପ୍ରମାଣପତ୍ର ପାଇଛନ୍ତି । କିନ୍ତୁ ଦିବ୍ୟାଙ୍ଗ ଝିଅ ପାଇଁ ଆବଶ୍ୟକ ପାଇଖାନା ଓ ବିଜୁ ପକ୍କାଘର ପାଇବା ପାଇଁ ଝରିଆ ବ୍ଲକ, ପଞ୍ଚାୟତ ଓ ଶେଷରେ ଜିଲାପାଳଙ୍କ ନିକଟକୁ ଯାଇ ଗୁହାରି କରିଥିଲେ ମଧ୍ୟ ଏଯାଏ ତାଙ୍କୁ କୌଣସି ସହାୟତା ମିଳିପାରିନାହିଁ। ଆର୍ଥିକ ଦୁର୍ବଳତା ଯୋଗୁ ଘର ଛପର କରିବାକୁ ମଧ୍ୟ ସମ୍ବଳ ନାହିଁ। ଏ ସମ୍ପର୍କରେ ରାଧାନଗର ପଞ୍ଚାୟତ



ଘର ଆଗରେ ଦିବ୍ୟାଙ୍ଗ ସୀମା।

ନିର୍ବାହୀ ଅଧିକାରୀ ପ୍ରଣିତ ଗୋପାଳଙ୍କୁ ପଚାରିବାରେ ସମ୍ପୃକ୍ତ ପରିବାରର ନାମ ତାଲିକାରେ ନାହିଁ । ଯଦି ଉପରୁ ନିର୍ଦ୍ଦେଶ ଆସିବ ତାଙ୍କର କାଗଜପତ୍ର କରି ବିଜୁ ପକ୍କାଘର ତାଲିକାରେ ସାମିଲ କରାଯିବ ବୋଲି ପ୍ରକାଶ କରିଥିଲେ ।

## ସପ୍ତମ ସଶସ୍ତ୍ରବାହିନୀ ପତାକା ଦିବସ

**ବୌଦ୍ଧ,୭।୧୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ସରସରା ଗ୍ରାମରେ ଭୂତପୂର୍ବ ସୈନିକମାନଙ୍କ କାର୍ଯ୍ୟାଳୟ ପରିସରରେ ସପ୍ତମ ପତାକା ଦିବସ ଶନିବାର ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ସୁବେଦାର ଲଳିତ କୁମାର ସାହୁ ପତାକା ଉତ୍ତୋଳନ କରିଥିଲେ। ଅନୁଷ୍ଠାନର ସଭାପତି ବିଷ୍ଣୁଚରଣ ମହାକୁଡଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ହୋଇଥିଲା। ସମ୍ପାଦକ ରିତ କୁମାର ଅମାତ୍ ବିବରଣୀ ପାଠ କରିଥିଲେ। ଭାରତ ସ୍ୱାଭିମାନ ଟ୍ରଷ୍ଟର ଜିଲା ପ୍ରଭାରୀ ଦେବାଶିଷ ପୁରୋହିତ ଉତ୍ସବରେ ଯୋଗଦେଇ ଯବାନମାନେ ଅବସର ନେବା ପରେ ସମାଜର ସୁରକ୍ଷାରେ ନିଜକୁ ନିୟୋଜିତ କଲେ ଦେଶର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଗୁରୁ ତୁଷାରକାନ୍ତ ପଟ୍ଟନାୟକ, ନରେନ୍ଦ୍ର ମହାକୁଡ, ଅଶୋକ କୁମାର ପୁରୋହିତ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୂତପୂର୍ବ ସୈନିକ ସଂଘର ରମାକାନ୍ତ ଚାନ୍ଦ, ସୁବେଦାର ସରୋଜ, ପ୍ରମୋଦ ମହାକୁଡ, ରାଜୀବ ପଣ୍ଡା, ପ୍ରବୀଣ କୁମାର ମଲ୍ଲିକ, ଗିରୀଶ ପ୍ରଧାନ, ସୁରେଶ ଭୋକ୍ତା, ଦିଲୀପ ପ୍ରଧାନ, ବିରାଙ୍ଗନା ବିଶ୍ୱରୂପା ପଟ୍ଟନାୟକ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୂତପୂର୍ବ ସୈନିକ ସଂଘ ପରିବାରର ସମସ୍ତ ସଦସ୍ୟଙ୍କ ମଧ୍ୟରେ ବନ୍ଧୁମିଳନ ହୋଇଥିଲା।



ଭୂତପୂର୍ବ ସୈନିକ ମାନେ ପତାକା ଉତ୍ତୋଳନ କରୁଛନ୍ତି ।



ଶିବିରରେ ଯୋଗଦେଇଥିବା ଅଧିକାରୀ ।

## କପା ଫସଲର ଗୁଣାତ୍ମକମାନ ପରିଚାଳନା ଶିବିର

**ଅମରପାଲି, ୭।୧୨ (ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ଅଡାଲ ଗ୍ରାମର ଶ୍ରୀରାମଲୀଳା ମଣ୍ଡପରେ କପା ଫସଲର ଗୁଣାତ୍ମକମାନ ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ଓଭରସିଅର ସୁଜାତା ପାତ୍ର ଯୋଗଦେଇ ମୃତ୍ତିକା, ଜଳ, ସମନ୍ୱିତ ରୋଗପୋକ, ଉନ୍ନତ କୃଷି ଯନ୍ତ୍ରପାତି ପରିଚାଳନା ସମ୍ପର୍କରେ ଉପସ୍ଥିତ କପାଚାଷୀଙ୍କୁ ବୁଝାଇଥିଲେ। ଆତ୍ମାର ଉପନିର୍ଦ୍ଦେଶକ ତୁଷାର ରଞ୍ଜନ ମିଶ୍ର ଅମଳ ସମୟ ଓ ଅମଳ ପୂର୍ବରୁ କପାର ଯତ୍ନ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧରେ ସୋମନାଥ ମହାପାତ୍ର ଯୋଗଦେଇ କପା ଫସଲର ଗୁଣାତ୍ମକମାନ ଓ ବିକ୍ରି ପରିବହନ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ବୈଷୟିକ ପରିଚାଳକ ମୀନକେତନ ମହାକୁର ପରିଚାଳନା କରିଥିଲେ। ପ୍ରକାଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅରିଗାଁ ଆଞ୍ଚଳିକ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ, କଂସ ବରଣ

**ବିନିକା, ୭।୧୨(ଡି.ଏନ୍.ଏ.)**

ବିନିକା ବ୍ଲକ ବାଙ୍କିଗିର୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅରିଗାଁ ଧନୁଯାତ୍ରା ଆସନ୍ତା ୨୨ତାରିଖରୁ ଆରମ୍ଭ ହେବ । ଏଥିପାଇଁ ଶନିବାର ଶୁଭସ୍ତମ୍ଭ ସ୍ଥାପନ ହୋଇଛି। ଏଥିସହ କଂସ ଚରିତ୍ରରେ ଅଭିନୟ ପାଇଁ ଅଭିନେତା ଗୋପାଳ ଦାଶଙ୍କୁ ବରଣ କରାଯାଇଛି । ଧନୁଯାତ୍ରା କମିଟି ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଉପସ୍ଥିତିରେ ଏହି ଦୁଇ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଏଥିପାଇଁ ଏକ ଯଜ୍ଞକାର୍ଯ୍ୟ ମଧ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୌନ୍ତିଆ ସୁଘୋଷ କୁମାର ମିଶ୍ର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।



କମିଟି ପକ୍ଷରୁ କଂସ ଭୂମିକାରେ ଅଭିନୟ ପାଇଁ ଗୋପାଳ ଦାଶଙ୍କୁ ବରଣ କରାଯାଉଛି।

## ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ

**ଉଲୁଣ୍ଡା, ୭।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦର ମହକୁମାଠାରେ ଆମ୍ବେଦକର ଯୁବକ ସଂଘ ତରଫରୁ ବାବା ସାହେବ ଆମ୍ବେଡକରଙ୍କ ମହା ପରିନିର୍ବାଣ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ସହର ପରିକ୍ରମା କରଥିଲା। ଶୋଭାଯାତ୍ରା ଡାକ୍ତରଖାନା ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଥିବା ଆମ୍ବେଡକରଙ୍କ ପ୍ରତିମୂର୍ତ୍ତୀ ପାଖରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅୟୋଜକ ସଂଘ ସଭାପତି ସୁଦାମ ଜଗଦଲାଙ୍କ ଅଧକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଶିକ୍ଷାବିତ୍ ହରିଚରଣ ପାଲ, ଗଣ୍ଡା ସମାଜ ବିକାଶ ପରିଷ ସଭାପତି ବୈଷ୍ଣବ ଚରଣ ତରାଇ, ସାମାଜିକ କର୍ମୀ କୀର୍ତ୍ତନ ସୁନା, ହରିପାଲ, ଗୋବିନ୍ଦ ଦାଶ ତରାଇ ପ୍ରମୁଖ ଯୋଗଦେଇ ଦେଶ ଗଠନରେ ବାବା ସାହେବଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ନାରାୟଣ ହରିପାଲ ସଭା ପରିଚାଳନା କରିଥିବା ବେଳେ ସୁରେନ୍ଦ୍ର ସାଗର ଧନ୍ୟବାଦ ଅର୍ପଣ କରିଥିଲେ।



ବାବା ସାହେବଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଆମ୍ବେଦକର ଯୁବକ ସଂଘ ପକ୍ଷରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି।

## ମତ୍ସ୍ୟ, ପ୍ରାଣୀସମ୍ପଦ କମିଶନରଙ୍କ ଭେଡ଼େନ ଗସ୍ତ

**ଭେଡ଼େନ, ୭।୧୨(ଡ଼ି.ଏନ.ଏ)**

ରାଜ୍ୟ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିଭାଗ ତଥା ଓମଫେଡ କମିଶନର ଆର. ରଘୁ ପ୍ରସାଦ ଶନିବାର ବରଗଡ଼ ଜିଲା ଭେଡ଼େନ ବ୍ଲକ ଅଞ୍ଚଳ ଗସ୍ତ କରିଛନ୍ତି । ପ୍ରଥମେ ସେ ମାନପୁର ଗ୍ରାମପଞ୍ଚାୟତର ବଇପୁର ଗଲିମା ସ୍ଥିତ କୁକୁଡ଼ା ଫାର୍ମ, ମତ୍ସ୍ୟ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିଥିଲେ। ପରେ ଭେଡ଼େନ ଡାକ୍ତରଖାନା ପରିଦର୍ଶନ କରି ସ୍ତ୍ରୀ ଓ ପ୍ରସୂତି କକ୍ଷ, ଆଉଟଡ଼ୋର, ପୁଷ୍ଟି ସାଧନ କେନ୍ଦ୍ର, ଔଷଧ ବିତରଣ କକ୍ଷ ଆଦି ପରିଦର୍ଶନ କରିବା ସହ ରୋଗୀମାନଙ୍କୁ ଡ଼ାକ୍ତରମାନେ ବାହାର ଔଷଧ ଲେଖୁଛନ୍ତି କି ବୋଲି ପଚାରି ବୁଝିଥିଲେ। ଏପରିକି ଡାକ୍ତର ମାନଙ୍କୁ ବାହାର ଔଷଧ ନ ଲେଖିବାକୁ ତାଗିଦ କରିଥିଲେ । ଏହାସହ ହସ୍‌ପିଟାଲ ପରିସରରେ ବିପଦଶଙ୍କୁଳ ଅବସ୍ଥାରେ ଥିବା କୋଠା ପରିଦର୍ଶନ କରି ସେହି କୋଠାକୁ ସାଧାରଣ କାର୍ଯ୍ୟରେ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ। ପରେ ଭେଡ଼େନ ବ୍ଲକ ଅଫିସ ସଭାଗୃହରେ ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ ଓ ସମିତସଭ୍ୟଙ୍କ ସହ କମିଶନର ଆଲୋଚନା କରିଥିଲେ । ଏହି ସମୟରେ ଜନପ୍ରତିନିଧିମାନେ ଚାଷୀ ସମସ୍ୟା, ଓମଫେଡ଼ର ଅବ୍ୟବସ୍ଥା ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗସ୍ତ ସମୟରେ ବରଗଡ଼ ଡ଼ିଆରଡ଼ିଏ ଏପିଡ଼ି ଦୌଲତ ଚନ୍ଦ୍ରାକର, ଏଭିଡ଼ିଓ ଡ଼. ଦିଲୀପ ପଣ୍ଡା, ଭେଡ଼େନ ବିଡ଼ିଓ ମୁରଲିଧର ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ସୁଶାନ୍ତ କର, ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ଉପାଧକ୍ଷା ସୁପ୍ରଭା ପ୍ରଧାନଙ୍କ ସମେତ ଜିଲା ତଥା ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

ସାପ୍ତାହିକ ବଜାରରେ ଧାନ ମଣ୍ଡି

## ଯାତାୟାତ ବାଧାପ୍ରାପ୍ତ, ଫସିଲା ଆମ୍ବୁଲାନ୍ସ

**ପାଇକମାଳ, ୭।୧୨ (ଡି.ଏନ.ଏ)**

ପାଇକମାଳ ସାପ୍ତାହିକ ବଜାରରେ ଧାନ ମଣ୍ଡି ଖୋଲିଛି । ଶନିବାର ସାପ୍ତାହିକ ବଜାର ଥିବାରୁ ରାସ୍ତାରେ ବ୍ୟବସାୟୀମାନେ ନିଜ ସାମଗ୍ରୀ ବିକ୍ରି କରିଥାନ୍ତି । ବର୍ତ୍ତମାନ ଉକ୍ତ ରାସ୍ତାରେ ବିଜୁ ଏକ୍ସପ୍ରେସ ୱେ ରାସ୍ତା କାମ ଚାଲିଛି। ରାସ୍ତା ଓସାରିଆ ଥିଲେ ମଧ ଗୋଟିଏ ପାର୍ଶ୍ୱରେ ମେଟାଲ ପଡିରହିବାରୁ ରାସ୍ତା ଉପରେ ସାପ୍ତାହିକ ବଜାର ବସିଥିଲା। ରାସ୍ତାରେ ବଜାର ବସିବା ଯୋଗୁ ଶନିବାର ପୂର୍ବାହ୍ନରେ ଏକ ଘଣ୍ଟା ରାସ୍ତା ବନ୍ଦ ହୋଇଯାଇଥିଲା। ଏହି ସମୟରେ ଆସୁଥିବା ଏକ ଆମ୍ବୁଲାନ୍ସ ମଧ ଫସି ଯାଇଥିଲା । ଏ ନେଇ ପାଇକମାଳ ଥାନାକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଫାଙ୍କା କରିବା ପରେ ଆମ୍ବୁଲାନ୍ସ ଯାଇଥିଲା ।

## ରାମପୁର ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଘାଟିତ

**ଡୁଙ୍ଗୁରିପାଲି, ୭।୧୨(ଡି.ଏନ.ଏ.)**

ଡୁଙ୍ଗୁରିପାଲି ବ୍ଲକ ରାମପୁର ଷଷ୍ଠବର୍ଷ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଧନୁଯାତ୍ରା କମିଟି ସଭାପତି ରମେଶ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଜିଲାପାଳ ମେନିଷା ବାନାର୍ଜୀ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ରାମପୁର ତହସିଲଦାର ଶ୍ୱେତପଦ୍ମା ଯୋଶୀ, ରାମପୁର ମହିଳା କଲେଜ ଅଧ୍ୟକ୍ଷା ସୁଶ୍ରୀ କଳ୍ପନା ଦାଶ ଉପସ୍ଥିତ ଥିଲେ । ରାମପୁର ସରପଞ୍ଚ ସରୋଜ ମେହେର, ସମିତି ସଭ୍ୟ ମନୋଜ ପୁରୋହିତ ମଞ୍ଚାସୀନ ଥିଲେ। ପ୍ରଥମ ଦିବସରେ କଂସ ଦରବାରରେ ଅଭିନେତା ଅଜୟ ଓ ଅଭିନେତ୍ରୀ ଜ୍ୟୋତି ଅତିଥିଭାବେ ଯୋଗଦେଇଥିଲେ। ସେହିପରି ଗୋପପୁର ପାଇଁ ସକାଳେ ଏକ କଳସ ଯାତ୍ରା ବାହାରିଥିଲା । ସ୍ଥାନୀୟ ଗୋତି ବନ୍ଧରୁ ପୂର୍ଣ୍ଣ ଜଳ କଳସ ଆଣି ରାମଜୀ ମନ୍ଦିର ପ୍ରାଙ୍ଗଣ ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ଏହା ପରେ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନାଟ୍ୟାଭିନୟରେ ଦେବକୀ ବସୁଦେବଙ୍କ ବିବାହ, ଶୂନ୍ୟବାଣୀ, ଉଗ୍ରେସନ ଗାଦିଚ୍ୟୁତ, କଂସଙ୍କ ସିଂହାସନ ଆରୋହଣ ଓ ଦେବକୀ ବସୁଦେବଙ୍କୁ କାରାଗାରରେ ବନ୍ଦୀ କରିବା ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ଶନିବାର ଧନୁଯାତ୍ରାର ଦ୍ୱିତୀୟ ରଜନୀରେ କଂସ ଦରବାରରେ ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡୁଙ୍ଗୁରିପାଲି ବିଡିଓ ସହଦେବ ସମାଧିଆ, ଶ୍ରୀରାମ କଲେଜ ଅଧ୍ୟକ୍ଷ ରାମେଶ୍ୱର ନାଏକ, ବ୍ଲକ ଅଧକ୍ଷ ମକରଧ୍ୱଜ ସାହୁ, ଆର୍‌ଏମ୍‌ସି ସମ୍ପାଦକ ଉଦିତ କୁମାର ବାବୁ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ। ମହାରାଜ କଂସଙ୍କ ଦିଗ ବିଜୟ, ଷଡପୁତ୍ର ବିନାଶ, କୃଷ୍ଣ ଜନ୍ମ, କଂସଙ୍କ କାରାଗୃହ ପ୍ରବେଶ, ଅଷ୍ଟମ ଗର୍ଭ ସନ୍ତାନକୁ ଶିଳାରେ ପ୍ରହାର, ବିଜୁଳି କନ୍ୟାର ଶୂନ୍ୟବାଣୀ ଆଦି ଦୃଶ୍ୟ ପରିବେଶିତ ହୋଇଥିଲା । କଂସ ଭୂମିକାରେ ଗୋପାଳ ପଣ୍ଡାଙ୍କ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ମାନଭଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।



ଅତିଥିମାନେ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ପଞ୍ଚାୟତ ପ୍ରତିନିଧିଙ୍କ ଦିନିକିଆ କର୍ମଶାଳା

## ସଚେତନ ହେଲେ ଶିଶୁ ସୁରକ୍ଷା ସୁନିଶ୍ଚିତ

**ବୌଦ୍ଧ, ୭।୧୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଟାଉନହଲଠାରେ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ନେଇ ଶିଶୁ ସୁରକ୍ଷା, ବାଲ୍ୟବିବାହ ଆଇନ୍ ୨୦୦୬ ଓ ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟିର ଭୂମିକା ଉପରେ ଏକ ଦିନିକିଆ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଯୋଗଦେଇ ଉଦଘାଟନ କରିଥିଲେ । ଶିଶୁ ସୁରକ୍ଷା ପାଇଁ କର୍ତ୍ତବ୍ୟରତ ସମସ୍ତ କର୍ମଚାରୀ ତଥା ପଞ୍ଚାୟତ ପ୍ରତିନିଧିମାନେ ସଚେତନ ହେଲେ ଶିଶୁ ସୁରକ୍ଷା ସୁନିଶ୍ଚିତ ହେବ ବୋଲି ମତପ୍ରକାଶ ପାଇଥିଲା । ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ ଯୋଗଦେଇ ବାଲ୍ୟବିବାହର ସମାଜିକ ଦିଗ ସମ୍ପର୍କରେ ଅଲୋଚନା କରିଥିଲେ। ଶିଶୁମାନଙ୍କ ସୁରକ୍ଷାରେ ପଞ୍ଚାୟତ ପ୍ରତିନିଧିଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୂର ସେଠୀ ଯୋଗଦେଇ ପଞ୍ଚାୟତରାଜ ପ୍ରତିନିଧି ମାନେ ଶିଶୁମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶିଶୁ ସୁରକ୍ଷା କମିଟ ବୈଠକକୁ ପ୍ରତି ମାସରେ ସୁନିଶ୍ଚିତ କରିବା ସହ ଏକ ଡାଟାବେସ୍ ପ୍ରସ୍ତୁତ କରିବା ପାଇଁ କହିଥିଲେ । ଶିଶୁ କାଲିର ଭବିଷ୍ୟତ ବୋଲି ହରଭଙ୍ଗା ଅଧକ୍ଷ ବିଶ୍ୱଜିତ ମିଶ୍ର ମତବ୍ୟକ୍ତ କରିଥିଲେ । ୱାଇସିଡିଏ ନିର୍ଦ୍ଦେଶକ ରାଜେନ୍ଦ୍ର ମେହେର ଶିଶୁ ଅଧିକାର ଆଇନ୍, କିଶୋର ନ୍ୟାୟ ଆଇନ ଓ ସମ୍ବନ୍ଧିତ ଶିଶୁ ସୁରକ୍ଷା ଯୋଜନା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସାଧନ କର୍ମୀ ଘାସିରାମ ପଣ୍ଡା ବାଲ୍ୟବିବାହ ନିରାକରଣ ଆଇନ୍ ଉପରେ ଆଲେଶଚନା କରିଥିଲେ। ଜିଲା ଶିଶୁସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁଶାନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ସହଦେବ ନାୟକ, ବସନ୍ତ ଦିଶିରି, ସମରସେନ ସିଂ, ଧନଞ୍ଜୟ ଖମାରୀ, ଚିତ୍ରସେନ ସାହୁ ଓ ସତ୍ୟ ନାଏକ ସହଯୋଗ କରିଥିଲେ ।



କର୍ମଶାଳାରେ ମଞ୍ଚାସୀନ ଅତିଥି ।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର ଟି. ୱାଶିଂଟନ

## ସଂକ୍ଷେପରେ

### କପା ଫସଲର ଗୁଣାତ୍ମକମାନ ପରିଚାଳନା ଶିବିର

**ଅମରପାଲି, ୭।୧୨ (ଡି.ଏନ.ଏ.):** ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ଅତାଲ ଗ୍ରାମର ଶ୍ରୀରାମଲୀଳା ମଣ୍ଡପରେ କପା ଫସଲର ଗୁଣାତ୍ମକମାନ ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ଓଭରସିଅର ସୁଜାତା ପାତ୍ର ଯୋଗଦେଇ ମୃତ୍ତିକା, ଜଳ, ସମନ୍ୱିତ ରୋଗପୋକ, ଉନ୍ନତ କୃଷି ଯନ୍ତ୍ରପାତି ପରିଚାଳନା ସମ୍ପର୍କରେ ଉପସ୍ଥିତ କପାଚାଷୀଙ୍କୁ ବୁଝାଇଥିଲେ। ଆତ୍ମାର ଉପନିର୍ଦ୍ଦେଶକ ତୁଷାର ରଞ୍ଜନ ମିଶ୍ର ଅମଳ ସମୟ ଓ ଅମଳ ପୂର୍ବରୁ କପାର ଯତ୍ନ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋମନାଥ ମହାପାତ୍ର ଯୋଗଦେଇ କପା ଫସଲର ଗୁଣାତ୍ମକମାନ ଓ ବିକ୍ରି ପରିବହନ ସମ୍ପର୍କରେ ବୁଝାଇଥିଲେ।

### ଅରିଗାଁ ଆଞ୍ଚଳିକ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ, କଂସ ବରଣ

**ବିନିକା, ୭।୧୨(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅରିଗାଁ ଧନୁଯାତ୍ରା ଆସନ୍ତା ୨୨ତାରିଖରୁ ଆରମ୍ଭ ହେବ। ଏଥିପାଇଁ ଶନିବାର ଶୁଭସ୍ତମ୍ଭ ସ୍ଥାପନ ହୋଇଛି। ଏଥିସହ କଂସ ଚରିତ୍ରରେ ଅଭିନୟ ପାଇଁ ଅଭିନେତା ଗୋପାଳ ଦାଶଙ୍କୁ ବରଣ କରାଯାଇଛି। ଧନୁଯାତ୍ରା କମିଟି ସଭାପତି ବିଶ୍ୱମ୍ବର ମିଶ୍ରଙ୍କ ଉପସ୍ଥିତିରେ ଏହି ଦୁଇ କାର୍ଯ୍ୟ ସମ୍ପାଦିତ ହୋଇଥିଲା।

ରାଜସ୍ୱ ସଚିବ, ଏନ୍ଏଚ୍ଏମ୍ ନିର୍ଦ୍ଦେଶିକାଙ୍କ ବଲାଙ୍ଗୀର ଗସ୍ତ

# ହସ୍ପିଟାଲ, ମେଡିକାଲ କଲେଜ ବୁଲିଲେ

- ବଲାଙ୍ଗୀର ମେଡିକାଲ କଲେଜକୁ ଆଦର୍ଶ ମେଡିକାଲ କଲେଜ କରାଯିବ
- ରୋଗୀଙ୍କ ଅବସ୍ଥା ବୁଝିଲେ
- ନିରାମୟ ଔଷଧ, ଖାଦ୍ୟ ଯୋଗାଣ, ସଫେଇ ତଦାରଖ କଲେ

**ବଲାଙ୍ଗୀର ଅଫିସ, ୭।୧୨**

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜକୁ ଏକ ଆଦର୍ଶ ମେଡିକାଲ କଲେଜରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଶିକ୍ଷାଦାନ, ଗବେଷଣା ଓ ଚିକିତ୍ସା ସେବା ସବୁଥିରେ ଏହି ମେଡିକାଲ କଲେଜକୁ ଅଗ୍ରଣୀ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରଧାନ ସଚିବ ନିକୁଞ୍ଜ ବିହାରୀ ଧଳ ବଲାଙ୍ଗୀର ଗସ୍ତରେ ଆସି କହିଛନ୍ତି । ତାଙ୍କ ସହ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଓ ଡିଏମ୍ଇଟି ଡା. ସିବିକେ ମହାନ୍ତି ଶନିବାର ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସପିଟାଲ ଓ କଲେଜ ପରିଦର୍ଶନ କରିଥିଲେ। ଜିଲାପାଳ ଅରିନ୍ଦମ ଡାକୁଆ, ମେଡିକାଲ କଲେଜ ଡିନ୍ ପ୍ରଫେସର ଡା ଲଳିତ କୁମାର ମେହେର, ସୁପରିଣ୍ଟେଣ୍ଡେଣ୍ଟ ଡା ମହେନ୍ଦ୍ର ନାୟକ, ଏଡିଏମ୍ଓ ଡା ଜ୍ଞାନବ୍ରତ ମହାନ୍ତି, ଏନ୍ଏଚ୍ଏମ୍ ଡିପିଏମ୍ ମୃତ୍ୟୁଞ୍ଜୟ ମୁଣ୍ଡ ଉପସ୍ଥିତ ଥିଲେ । ପ୍ରଥମେ ହସ୍ପିଟାଲର ମାତୃ ଓ ଶିଶୁ ୱାର୍ଡକୁ ଯାଇ ବୁଲି ଦେଖିଥିଲେ । ରୋଗୀଙ୍କୁ ପଚରାଉଚରା କରିଥିଲେ ।



ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ପ୍ରଧାନ ସଚିବ ଧଳ, ଏନ୍ଏଚ୍ଏମ୍ ନିର୍ଦ୍ଦେଶିକା ପଣ୍ଡିତ, ଡିଏମ୍ଇଟି ଡା ମହାନ୍ତି ହସପିଟାଲରେ ରୋଗୀଙ୍କୁ ପଚାରି ବୁଝୁଛନ୍ତି।

ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ରୋଗୀଙ୍କୁ ମିଳୁଛି କି ନାହିଁ । ହସ୍ପିଟାଲରେ ଚିକିତ୍ସା ସେବା କିଭଳି ରହିଛି । ରୋଗୀ ଓ ରୋଗୀ ପରିଜନ ଡାକ୍ତର, ନର୍ସଙ୍କ ସେବାରେ ସନ୍ତୁଷ୍ଟ ଅଛନ୍ତି କି ନାହିଁ ପଚାରି ବୁଝିଥିଲେ। ଏପରିକି ୱାର୍ଡରେ ଭର୍ତ୍ତି ରୋଗୀଙ୍କୁ କିଭଳି ଖାଦ୍ୟ ଯୋଗାଣ ହେଉଛି, ନିରାମୟ ଯୋଜନାରୁ ମାଗଣା ଔଷଧ ମିଳୁଛି କି ନାହିଁ, ନିଦାନରେ ରୋଗ ପରୀକ୍ଷା ନିରୀକ୍ଷା କରାଯାଉଛି କି ନାହିଁ ପଚାରି ବୁଝିଥିଲେ। ହସପିଟାଲରେ ସଫେଇ କାମ କେମିତି ଚାଲିଛି ବୁଲି ଦେଖିଥିଲେ। ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ମହିଳାମାନଙ୍କୁ ବିଭିନ୍ନ ପ୍ରଶ୍ନ କରି ତାଙ୍କଠାରୁ ମତ ସଂଗ୍ରହ କରିଥିଲେ। ଆଉ କ'ଣ କଲେ ହସପିଟାଲକୁ ଉନ୍ନତ କରାଯାଇପାରିବ ଏହା ବୁଝିଥିଲେ। ଚିକିତ୍ସା ସେବାରେ ଧୀରେ ଧୀରେ ଉନ୍ନତି ପରିଲକ୍ଷିତ ହେଉଥିବା କିଛି ପ୍ରସୂତୀ ମହିଳା ସୂଚନା ଦେଇଥିଲେ । ଏହାପରେ ସେଠାରୁ ଡାଇଲିସିସ୍ ୱାର୍ଡକୁ ଯାଇ ସେଠାକାର ସ୍ଥିତି ଯାଞ୍ଚ କରିଥିଲେ। ରୋଗୀମାନେ କିଭଳି ଅଧିକରୁ ଅଧିକ ସୁବିଧା ପାଇବେ ସେନେଇ ସେଠାରେ ପରାମର୍ଶ ଦେଇଥିଲେ । ସେଠାରୁ ସର୍ଜରୀ ୱାର୍ଡ ପରିଦର୍ଶନରେ ଯାଇଥିଲେ। ହସ୍ପିଟାଲ କୋଠାର ବିଭିନ୍ନ ସ୍ଥାନରେ ସିମେଣ୍ଟ ଭାଙ୍ଗି ଯାଇଥିବା ଦେଖି ଏହାକୁ ଶୀଘ୍ର ମରାମତି କରିବା ପାଇଁ ଉପସ୍ଥିତ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ଦାସଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏନେଇ କେତେ ଅର୍ଥ ଆବଶ୍ୟକ ସେନେଇ ଜଣାଇବାକୁ କହିଥିଲେ । ଏହାପରେ ହସପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଫିସରେ ମେଡିକାଲ କଲେଜ ଡିନ୍, ସୁପରିଣ୍ଟେଣ୍ଡେଣ୍ଟ, ପ୍ରଫେସର, ଡାକ୍ତର, ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ସେଠାରୁ ଗନ୍ଧରେଲସ୍ଥିତ ମେଡିକାଲ କଲେଜ ପରିଦର୍ଶନରେ ଯାଇ ସେଠାକାର ସ୍ଥିତି ଯାଞ୍ଚ କରିଥିଲେ। ଏହି ପରିଦର୍ଶନ ସମୟରେ ଯୁଥ୍ ଆକ୍ସନ କମିଟିର ବିନୋଦ କାଲସାଏ, ଗୋବିନ୍ଦ ଶତପଥି ପ୍ରଧାନ ସଚିବ ଧଳଙ୍କୁ ହସପିଟାଲର ପାଣି ସମସ୍ୟା, ଡଷ୍ଟବିନ୍, ପାଥୋଲାବ୍ର ରିପୋର୍ଟ ଶୀଘ୍ର ପ୍ରଦାନ କରାଯିବା ନେଇ ଦାବିପତ୍ର ଦେଇ ଦୃଷ୍ଟି ଆକର୍ଷଣ କରିଥିଲେ।



ତେଲେନପାଲି ଧାନମଣ୍ଡି ବୁଲି ଦେଖୁଛନ୍ତି ବିଧାୟକ ସରୋଜ ମେହେର ।

## ଧାନମଣ୍ଡି ବୁଲି ଦେଖିଲେ ବିଧାୟକ

**ଖପ୍ରାଖୋଲ, ୭।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ଧଣ୍ଡାମୁଣ୍ଡା, ମହରାପଦର, ତେଲେନପାଲି, ଖପ୍ରାଖୋଲ ଧାନ ମଣ୍ଡିକୁ ଶୁକ୍ରବାର ପାଟଣାଗଡ ବିଧାୟକ ସରୋଜ ମେହେର ବୁଲି ଦେଖିଥିଲେ। ଏହି ଅବସରରେ ଧାନ ବିକ୍ରି ସମସ୍ୟା, କଟନୀ ଛଟନି, ଧାନ ବିକ୍ରି ପାଉଣା ଆଦି ସମ୍ପର୍କରେ ସେ ଚାଷୀଙ୍କୁ ପଚାରି ବୁଝିଥିଲେ। ଗସ୍ତକାଳରେ ତାଙ୍କ ସହ ଶୁକ୍ରୁ ସୁନାନି, ପିକୁ ପାଣିଗ୍ରାହୀ, ହିମାଞ୍ଚଳ ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଗାଆଁକୁ ଚାଲ କାର୍ଯ୍ୟକ୍ରମ

## ପିପିଲପଦରରେ କୋଶଲି ଭାଷା ସଚେତନତା ସଭା

**ଟିଟିଲାଗଡ, ୭।୧୨ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ପିପଲପଦର ଗ୍ରାମରେ କୋଶଲି ଭାଷା ସୁରକ୍ଷା ସମିତି ଟିଟିଲାଗଡ ତାହାର ଗାଆଁକୁ ଚାଲ କାର୍ଯ୍ୟକ୍ରମ ଆରମ୍ଭ କରିଛି। କୋଶଲି କବି ଦ୍ରୁବ ହରପାଲଙ୍କ ଆୟୋଜନକ୍ରମେ ଏକ ଗ୍ରାମୀଣ ସଭା ବସି ଭାଷା ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନ ସଭାପତି ଭିକାରୀଚରଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଶିଷ୍ଟ ଅତିଥିଭାବେ କୋଶଲି ସାଂସ୍କୃତିକ ମହାଜୋଟର ସମ୍ପାଦକ ଟିକେଲାଲ ବେହେରା, ଆଲୋଚକ ଅଧ୍ୟାପକ ଦିଲୀପ କୁମାର ପଶାୟତ, ଭାଷା ଗବେଷକ ଚତୁର୍ଭୁଜ ସାଆନ୍ତ, କବି ପୁଲସ୍ତି ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଏକ ଘଡିସନ୍ଧି ମୁହୂର୍ତ୍ତରେ ଓଡିଆ ଭାଷା ସ୍ୱତନ୍ତ୍ରତା ଲାଭ କରିବା ବେଳେ ଅଧୁନା ଦୁଇକୋଟି କୋଶଲି ଭଷାଭାଷୀ ଜନସାଧାରଣଙ୍କ ମାତୃଭାଷାକୁ ଅଣଦେଖା କରି ଦିଆଯାଇଛି। ଏଣୁ ଏ ଅଞ୍ଚଳର ଶିକ୍ଷା, ସାହିତ୍ୟ, ସଂସ୍କୃତି ଓ ଇତିହାସ କାଳକ୍ରମେ ଖଣ୍ଡିତ ହୋଇ ପଡିଛି ବୋଲି ଆଲୋଚକଗଣ ଉଦ୍‌ବେଗ ପ୍ରକାଶ କରିଥିଲେ। କୋଶଲି ଏକ ସ୍ୱତନ୍ତ୍ର ଏବଂ ଐତିହାସିକ ଭାଷା। ଏହା ବିଭିନ୍ନ ପୋଥିପତ୍ରରେ ପ୍ରମାଣସିଦ୍ଧ ହୋଇ ରହିଛି। ଜୈନ, ବୌଦ୍ଧ ତଥା ପାଣିନୀଙ୍କ ବ୍ୟାକରଣ ଗ୍ରନ୍ଥରେ କୋଶଲି ଭାଷାର ଉଲ୍ଲେଖ ରହିଛି। ତେବେ ଚଞ୍ଚକତା କରି ଏ ଭାଷାକୁ ଲୋପ କରିଦେବାର ଚକ୍ରାନ୍ତକୁ ବରଦାସ୍ତ କରାଯିବ ନାହିଁ ବୋଲି ଗ୍ରାମର ଶିକ୍ଷିତ ଓ ବୁଦ୍ଧିଜୀବୀଗଣ ସ୍ୱର ଉତ୍ତୋଳନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠାନ ସମ୍ପାଦକ ନୀଳମଣି ସାହୁଙ୍କ ପରିଚାଳନାରେ କୋଶଲି ଭାଷାର ପାରମ୍ପରିକ କବି ଚୈତନ୍ୟ ଭୋଇ, ରାଜ ନାଗ, ନରସିଂହ ସାହୁ, ବିନାୟକ ପ୍ରଧାନୀ, ସରୋଜ ପ୍ରଧାନୀ, ଭଗବାନ ନାଗ ପ୍ରମୁଖ କବିତା ପାଠ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଅନୁଷ୍ଠାନ ସହସମ୍ପାଦକ ନରସିଂହ ସାହୁ, ଦିପାନ୍ତି ହରପାଲ, ଜୟ ହରପାଲ, ଯଶନ ନାଗ, ଭାଗ୍ୟବନ୍ତ ଭରାସାଗର, ସଞ୍ଜୟ କୁମାର, ନରସିଂହ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ ।



ବାର୍ଷିକ କ୍ରୀଡାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

## କ୍ରୀଡ଼ା ପ୍ରତିଯୋଗିତାରେ ୨୯୦ ପ୍ରତିଯୋଗୀ

**ଦେଓଗାଁ, ୭।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାଞ୍ଜଳି ସାହୁଙ୍କ ତତ୍ତ୍ୱାବଧାନ ତଥା କ୍ରୀଡା ଶିକ୍ଷକ ଅର୍ଜୁନ ନାଗଙ୍କ ପରିଚାଳନାରେ ସ୍ଥାନୀୟ ନେହେରୁ ଖେଳପଡିଆରେ ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ସଟପୁଟ ଥ୍ରୋ, ଡିସକସ ଥ୍ରୋ ଆଦି ୨୬ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ୨୯୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସିଆରସିସି ସଞ୍ଜୀବ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଭାଗ୍ୟବତୀ ଦାଶ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ସ୍ଥାନୀୟ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଗୁରୁ, ମୁଖ୍ୟବକ୍ତା ସିଆରସିସି ମାର୍କଣ୍ଡ ପଧାନ, ନିମନ୍ତ୍ରୀତ ଅତିଥିଭାବେ ସ୍କୁଲ ପରିଚାଳନା କମିଟି ସଭାପତି ସୀତା ମନହିରା, ଡ.ସରୋଜ କୁମାର ସାହୁ, ଅନନ୍ତ ସାହୁ, ବେଣୁଧର ଦଲାଇ, ହେମାଙ୍ଗିନୀ ସାହୁ, ପୂର୍ବତନ ପରିଚାଳନା କମିଟି ସଭାପତି ଅନୀଲ କୁମାର ପୋଢ଼, କିଶୋର ନନ୍ଦ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ରୀତା ମହାନ୍ତି ଧନ୍ୟବାଦ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ଅବସରପ୍ରାପ୍ତ ଶିକ୍ଷକ ସୁଦାମଚରଣ ଭୋଇ, ବେଣୁ ଦଲାଇ ଓ ଈଶ୍ୱରଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ମା' ଲକ୍ଷ୍ମୀଙ୍କ ହାତ ଧରିଲେ ନାରାୟଣ

**ଖପ୍ରାଖୋଲ, ୭।୧୨(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ ଦେଦର୍ହ ଗାଁର ୨୬ତମ ମହାଲକ୍ଷ୍ମୀ ପୂଜା ମହୋତ୍ସବ ଶୁକ୍ରବାର ଆୟୋଜିତ ହୋଇ ଯାଇଛି। ଏହି ଅବସରରେ ଲକ୍ଷ୍ମୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ପୂଜା ମହୋତ୍ସବରେ କଳସ ଯାତ୍ରା, ହୋମଯଜ୍ଞ ସହ ପୁରାଣ ପଠନ ଆରମ୍ଭ ହୋଇଥିଲା। ତେବେ ବର ପିତା ଭାବେ ଖପ୍ରାଖୋଲର ସନ୍ତୋଷ ଗଡତିଆ ଦାୟିତ୍ୱ ନିର୍ବାହ କରିଥିଲେ। କନ୍ୟା ପିତା ଭଗବାନ ପଧାନ ବରଯାତ୍ରୀଙ୍କୁ ସ୍ୱାଗତ କରିବା ପରେ ଲକ୍ଷ୍ମୀ ନାରାୟଣଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଶରତ ଦାଶ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ପ୍ରତିଦିନ ଖୋଲା ରଙ୍ଗମଞ୍ଚରେ ମୁରାସୁର ଦରବାର ଚାଲିଥିଲା। ଯାତ୍ରା, ମୀନା ବଜାର, ବିଭିନ୍ନ ପ୍ରଜ୍ଞାପନ ମେଢ ଆଦି ପ୍ରଦର୍ଶିତ ହେଉଛି। ଚଳିତବର୍ଷ ପୂଜା କମିଟି ସଭାପତି ରୂପେ ଭଗବାନ ପଧାନ, ସମ୍ପାଦକ ରୂପେ ଗଙ୍ଗାଧର ପଧାନ, ଫକିର ପଧାନ, ସୁରେଶ ବେହେରା, ଦେବରାଜ ପଧାନ, ସଞ୍ଜୀବ ବେହେରା, ନୀଳମାଧବ ପଧାନ, ରାଜୀବ ବେହେରା ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ଗ୍ରାମବାସୀ ସହଯୋଗ କରିଛନ୍ତି।



ଦେଦର୍ହ ଗାଁର ୨୬ତମ ମହାଲକ୍ଷ୍ମୀ ପୂଜା ମହୋତ୍ସବ ଅବସରରେ ଅନୁଷ୍ଠିତ ଲକ୍ଷ୍ମୀ ନାରାୟଣଙ୍କ ବିବାହରେ ସାମିଲ ଶ୍ରଦ୍ଧାଳୁ।

ଭାଲିଆମୁଣ୍ଡା ଜଗନ୍ନାଥ ମନ୍ଦିର

## ନବକଳେବର ପାଇଁ ଦାରୁକଟା

**ଲୋଇସିଂହା, ୭।୧୨(ଡି.ଏନ.ଏ.)**

ନବକଳେବର ସକାଶେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ଗ୍ରାମବାସୀ ଓ ପଡୋଶୀ ସୁବର୍ଣ୍ଣପୁର ଜିଲା କୁମୁଣ୍ଡେ ଗ୍ରାମବାସୀଙ୍କ ସହଯୋଗରେ ଦାରୁ ଦିଅ ପାଇଁ ଗଛ କଟା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଭାଲିଆମୁଣ୍ଡା ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ୩ ବିଗ୍ରହ ବହୁବର୍ଷ ହେଲା ପୂଜା ପାଇ ଆସୁଛନ୍ତି। ମନ୍ଦିର ପ୍ରତିଷ୍ଠା ସମୟରୁ ଘଟ ପରିବର୍ତ୍ତନ କରାଯାଇ ନାହିଁ । କେତେକ ଅସୁବିଧା ଯୋଗୁ ଗତ ୨୦୧୫ ମସିହାରେ ନବକଳେବର ହୋଇପାରି ନ ଥିଲା । ମାହପ୍ରଭୁଙ୍କ ବିଗ୍ରହ ବହୁ ପୁରୁଣା ହୋଇଥିବାରୁ କେତେକ ସ୍ଥାନ ଖଣ୍ଡିଆ ରହିଛି । ଏଥିପାଇଁ ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ତରଫରୁ ନବକଳେବର ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ମାସକ ପୂର୍ବରୁ ମହାରଣା ଆସି ଗାଁଠାରୁ ୪ କିମି ଦୂର ପଡୋଶୀ ସୁବର୍ଣ୍ଣପୁର ଜିଲା କୁମୁଣ୍ଡେ ଗାଁ ନଦୀ ତଟରେ ଥିବା ସୁରେନ୍ଦ୍ର ତ୍ରିପାଠୀଙ୍କ ଜମିରେ ଥିବା ଦାରୁ ଚିହ୍ନଟ ହୋଇଥିଲା । ୧୫ ନଭେମ୍ବରରେ ଦାରୁ ସଂଗ୍ରହ ପାଇଁ ତାରିଖ ସ୍ଥିର ହୋଇଥିଲା। ହେଲେ ଅସୁବିଧା ଯୋଗୁ ସେହି ତାରିଖରେ ଦାରୁ କଟା ହୋଇପାରି ନ ଥିଲା । ଶୁକ୍ରବାର ସକାଳେ ଶୁଭ ବେଳାରେ ଭଲିଆମୁଣ୍ଡା ଓ ପଞ୍ଚାୟତର ଜନସାଧାରଣ ସଂକୀର୍ତ୍ତନ ଦଳ ସହ କୁମୁଣ୍ଡେ ଅଭିମୁଖେ ଯାତ୍ରା କରିଥିଲେ। ନିରୂପିତ ଗଛମୂଳେ ପୂଜକ ନିତ୍ୟା ମିଶ୍ର ପୂଜାର୍ଚ୍ଚନା କଲା ପରେ ମହାରଣା ସୁନା କୁରାଢିରେ ପ୍ରଥମେ କାଟିଥିଲେ। ଉତ୍ସବରେ ଗଉନ୍ତିଆ ପ୍ରଭୁଦତ୍ତ ମିଶ୍ର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ବଳରାମ ମିଶ୍ର, ନିତ୍ୟାନନ୍ଦ ମିଶ୍ର, ରୁଦ୍ରଧର ତ୍ରିପାଠୀ, ଶ୍ୟାମସୁନ୍ଦର ନାଏକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଦାରୁ ସଂଗ୍ରହ ପରେ ସନ୍ଧ୍ୟାରେ ଏକ ଶୋଭାଯାତ୍ରା ବସ୍ତି ପରିକ୍ରମା କରିଥିଲା ।



ଶ୍ରୀଜୀଉଙ୍କ ପାଇଁ ଦାରୁ ସଂଗ୍ରହ ପୂର୍ବରୁ ନିରୂପିତ ବୃକ୍ଷ ସମ୍ମୁଖରେ ପୂଜାର୍ଚ୍ଚନା କରାଯାଉଛି।

ବଲାଙ୍ଗୀର ଘରୋଇ ବସ୍ ମାଲିକ ସଂଘର ଜରୁରୀ ବୈଠକ

## ଭଇଁଷାପାଲି ଟୋଲ୍‌ଗେଟ୍‌ରେ ଫି' ଆଦାୟକୁ ବିରୋଧ

**ବଲାଙ୍ଗୀର ଅଫିସ, ୭।୧୨**

ବଲାଙ୍ଗୀର ସହରରେ ଏକ ନୂଆ ବସଷ୍ଟାଣ୍ଡ ତିଆରି ଚାଲିଛି। ତେବେ ଏହି ନୂଆ ବସଷ୍ଟାଣ୍ଡ ତିଆରି ସମ୍ପର୍କରେ ଘରୋଇ ବସ୍ ମାଲିକ ସଂଘକୁ ଏଯାବତ୍ ଅନ୍ଧାରରେ ରଖାଯାଇଛି । ନିର୍ମାଣାଧୀନ ବସଷ୍ଟାଣ୍ଡରେ କିଭଳି ସୁବିଧା ସୁଯୋଗ ରହିବ ସେ ନେଇ ବସ୍ ମାଲିକ ସଂଘ ପାଖରେ କୌଣସି ଖବର ନାହିଁ। ଏଣୁ ବସ୍ ମାଲିକ ସଂଘ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି। ବସଷ୍ଟାଣ୍ଡ ସହ ସମ୍ପୃକ୍ତ ଲୋକଙ୍କ ଜୀବନ ଜୀବିକା ଓ ବସ୍ ଯନ୍ତ୍ରାଂଶ ସହ ସମ୍ପୃକ୍ତ ଲୋକଙ୍କ ଥଇଥାନ ପାଇଁ ସଂଘ ଚିନ୍ତା ପ୍ରକଟ କରିଛି। ଏ ସମ୍ପର୍କରେ ପ୍ରଶାସନ ସହ ଆଲୋଚନା କରିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନୂଆ ବସଷ୍ଟାଣ୍ଡରେ ଯାତ୍ରୀଙ୍କ ସୁରକ୍ଷା, ସୁବିଧା ସୁଯୋଗକୁ ନେଇ ଅତିଶୀଘ୍ର ପ୍ରଶାସନ ପାଖରେ ଦାବି ଉପସ୍ଥାପନ କରିବା ପାଇଁ ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସଂଘ ସଭାପତି ହେମନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏ ନେଇ ଆଲୋଚନା ହୋଇଛି। ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ଭଇଁଷାପାଲିଠାରେ ତିଆରି କରାଯାଇଥିବା ଟୋଲଗେଟ୍ ଓ ଟୋଲ ଫିକୁ ବିରୋଧ କରିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ବରଗଡ-ସମ୍ବଲପୁର ରାସ୍ତାରେ ଥିବା ଟୋଲ୍‌ଗେଟ୍‌ରେ ବରଗଡ ଓ ସମ୍ବଲପୁର ଜିଲାର ବସ୍ ସହ ସମସ୍ତ ଯାନବାହନର ଟୋଲ୍ ଫି ଛାଡ୍ କରାଯାଇଛି। ଏଣୁ ବଲାଙ୍ଗୀର ଭଳି ଏକ ପଛୁଆ ଜିଲାରେ ଏହା ଆଦାୟ କରାଗଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏ ନେଇ ଖୁବଶୀଘ୍ର ବଲାଙ୍ଗୀର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ପାଇଁ ସଂଘ ସମ୍ପାଦକ ପ୍ରଶାନ୍ତ ଶତପଥୀ ଜଣାଇଛନ୍ତି। ଏହି ବୈଠକରେ ଉପସଭାପତି ସୌମେନ୍ଦ୍ର ପରିଛା, କୋଷାଧ୍ୟକ୍ଷ ଶିବଶଙ୍କର ପଟେଲ, ସହସମ୍ପାଦକ ଲିପୁନ ଆଚାର୍ଯ୍ୟଙ୍କ ସମେତ ବରିଷ୍ଠ ସଦସ୍ୟ ଦୁର୍ଗାଚରଣ ବେହେରା, ଓମ୍ ପ୍ରକାଶ ଚାନ୍ଦ, ସୁମନ୍ତ ଭୋଇ, ଆଶୁତୋଷ ମିଶ୍ର, ଅକ୍ଷୟ କଣ୍ଟା, ସୁନୀଲ ମିଶ୍ର, ହିମାଂଶୁ ନାୟକ, ମନୋଜ ଗୁରୁ, ମୁନା ଶତପଥୀ, ଭବାନୀ ପଟେଲ, କୁଞ୍ଜ ଭୋଇ, ଜୟନ୍ତ ସିଂଦେଓ, ସୁମନ୍ତ ପଟେଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବଲାଙ୍ଗୀର ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

### ନୂଆ ବସ୍‌ଷ୍ଟାଣ୍ଡ ତିଆରିରେ ଅଣଦେଖା ଅଭିଯୋଗ



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### କନ୍ୟାଶ୍ରମରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ପର୍ଲା, ୭।୧୨ (ଡି.ଏନ୍.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଜୟନ୍ତପୁର ପଞ୍ଚାୟତରେ ଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କନ୍ୟାଶ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ବାର୍ଷିକ କ୍ରିଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା' ଭଣ୍ଡାରଘରଣୀ ମନ୍ଦିରରୁ ଛାତ୍ରୀମାନଙ୍କ ଦ୍ୱାରା ଏକ ମସାଲ ଶୋଭାଯାତ୍ରା ବାହାରି ପଡ଼ିଆରେ ପହଞ୍ଚିଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅସୀମା ଦୋରା ଉତ୍ସବର ଉଦ୍‌ଘାଟନ କରିଥିଲେ। ଛାତ୍ରୀମାନଙ୍କୁ ସିନିୟର, ଜୁନିୟର ଏବଂ ସବ୍‌ଜୁନିୟର ଗ୍ରୁପରେ ଭାଗ କରାଯାଇ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀତାରେ ଦଶମ ଶ୍ରେଣୀ ଛାତ୍ରୀ କୁନ୍ତି ଦଳପତି ଏବଂ ସପ୍ତମ ଶ୍ରୀଣୀ ଛାତ୍ରୀ କବିତା ମାଝି ଚାମ୍ପିୟନ ହୋଇଥିଲେ। ବିଦ୍ୟାଳୟର ଶିକ୍ଷକ ସଞ୍ଜୟ ଭୋଇ, ହିମାଂଶୁ ମାଝି, କିଶୋର ସାହୁ, ସୁଧାଂଶୁ ବାଗ, ଦୀପକ ପଣ୍ଡା, ବିଜୟ ବାଗ, ମିରା କୁମାରୀ ସାହୁ, ସୌଭାଗ୍ୟ ଚାନ୍ଦ, ପାର୍ବତୀ ନାଗେଶ ପ୍ରମୁଖ ସହଯୋଗ କରିଥିଲେ।

### ଆତ୍ମରକ୍ଷା ତାଲିମ ଶିବିର

**ରିଷିଡ଼ା, ୭।୧୨ (ଡି.ଏନ୍.ଏ.):** କଳାହାଣ୍ଡି ଜିଲା ରିଷିଡ଼ା ନିକଟସ୍ଥ ତେରେସିଂହା କୌଶିକ ବାବା ଡିଗ୍ରୀ କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଅମ୍ରିତା ସାହୁ ଯୋଗଦେଇଥିଲେ। ପରିଚାଳନା କମିଟି ଅଧକ୍ଷ ବୈକୁଣ୍ଠ ରଣା, ଗଜପତି ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମାଷ୍ଟର ଟ୍ରେନର ଚନ୍ଦ୍ରକାନ୍ତି କୁମାର ଯୋଗଦେଇ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

### ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

**କୋକସରା,୭।୧୨(ଡି.ଏନ୍.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଡେଙ୍ଗାଗୁଡା ତେନ୍ତୁଲିପଡ଼ାରେ ଶନିବାର ଏକ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ମାଧବ ସୁନାନୀ (୭୦)। ମିଳିଥିବା ସୂଚନା ମୁତାବକ, ମାଧବ ଶନିବାର ମଧ୍ୟାହ୍ନରେ ନିଜ ଚାଷ ଜମିକୁ ଯାଇଥିଲେ। ସେତିକିବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଚିତ୍କାର ଶୁଣି ଘଟଣାସ୍ଥଳରେ ପହଞ୍ଚି ଭାଲୁକ ଘଉଡାଇ ତାଙ୍କୁ ଉଦ୍ଧାର କରିଥିଲେ। ହେଲେ ମାଧବଙ୍କ ଡାହାଣ ହାତ ଭାଙ୍ଗି ଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଛି। ଏନେଇ ପରିବାର ଲୋକେ ତାଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିବା ଜଣାପଡିଛି। ବାରମ୍ବାର ଅଞ୍ଚଳରେ ବନ୍ୟଜନ୍ତୁ ଲୋକଙ୍କୁ ଆକ୍ରମଣ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଥିପ୍ରତି ବନ ବିଭାଗ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଆମପାଣି ଫରେଷ୍ଟର ନରେନ୍ଦ୍ର ବିଶିଙ୍କୁ ପଚାରିବାରୁ ବୃଦ୍ଧଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯିବ। ଏପରି କି ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ।

ଟ୍ରାନ୍ସଫର୍ମର ବସ୍‌ବାର ୨ ବଛର ବିତ୍‌ଲା

# ବିଦ୍ୟୁତ୍ ସେବାରୁ ବଁଚିତ୍ ୩୦ ପରିବାର

**କର୍ଲାମୁଣ୍ଡା,୭।୧୨ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଁଚେତ୍ ଧଅଁରାଖମନ ଗାଁର ଲୋକ୍ ସଂଖ୍ୟା ପାଖାପାଖି ୪ଶହ। ଗାଁଟା ବଲାଙ୍ଗୀର ଜିଲା ସୀମାନାରେ ରହିଛେ। ସେନ୍‌ତା ବ୍ଲକ ସଦରନୁ ଗାଁଟା ୨୦ କି.ମି. ଦୂରିଆଥି ରହିଛେ। ଗାଁରେ ଆଦିବାସୀ ଆର ଓବିସି ସମାଜର ୮୧ଟା ପରିବାର ରହୁଛନ୍। ବଡ଼ଭାଗି ଲୁକ୍‌କର ଜୀବ୍‌କା କହେଲେ ଚାଷ୍‌ବାସ ଆର କୁଲିମଜୁରି। ଏହେଦ୍‌କା ଗାଁର ଗୁଟେ ବଡ୍ ସମସିଆ ହେଉଛେ ବିଦ୍ୟୁତ୍ ସେବା। ଇଆଡ୍ରେ ସରକାରଙ୍କର ତରଫୁ ୨ ବଛର ତଲେ ଗାଁବାସୀକୁ ବିଦ୍ୟୁତ୍ ସଂଯୋଗ ଦେବାର ଲାଗି ସୌଭାଗ୍ୟ ଯୋଜନାରେ ଗାଁରେ ୬୩ କେଭି ଟ୍ରାନ୍ସଫର୍ମର ବସିଛେ। ଗାଁରେ ଖୁଁଟା ଗଡ଼ା ହେଇ ତାର ଟନା କାମ୍ ବି ସରିଛେ। ହେଲେ ଆଏଜ୍‌ତକ ବିଦ୍ୟୁତ୍ ସଂଯୋଗ ନାଇଁ ହେବାର ଲାଗି ଗାଁର ୩୦ଟା ପରିବାର ଅଁଧାରେ ଜୀବନ୍ ବିତଉଥିବାର ଅଭିଯୋଗ କରିଛନ୍। ଇଆଡ୍ରେ ୨୦୦୫-୦୬ ସାଲୁ ଗାଁର ୪୫ଟା ବିପିଏଲ୍ ପରିବାରକେ ୧୦କେଭି ଟ୍ରାନ୍ସଫର୍ମରୁ ବିଦ୍ୟୁତ୍ ସେବା ଯୁଗେଇ ଦିଆଯାଉଛେ। ହେଲେ ଗାଁର ଉନିଆଁ ପରିବାରମାନେ ବିଦ୍ୟୁତ୍ ସେବା ପାଏବାରୁ ବଁଚିତ୍ ହେଇଥିବାର ଗାଁବାସୀ ଅଭିଯୋଗ କରିଛନ୍। ଇ ବାବ୍‌ଦେ ଗାଁବାସୀ ଜିଲାପାଳ, ବିଭାଗୀୟ ଅଧିକାରୀଙ୍କୁ ଜନେଇ ନିରାଶ ହେଇଥିବାର କହିଛନ୍। ଇ ବାବ୍‌ଦେ ମତାମତ ଲାଗି ନର୍ଲା ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କର ମୋବାଇଲ୍ ନଂ୯୪୩୭୨ ୮୧୪୪୯ରେ ଯୋଗାଯୋଗ କରାଯାଇଥିଲେ ବି ଯୋଗାଯୋଗ ସମ୍ଭବ ନାଇଁ ହେଇପାରି।



୨ ବର୍ଷ ତଳେ ବସାଯାଇଥିବାର ଟ୍ରାନ୍ସଫର୍ମର।

**ଇମାନେ ଯାହା କହିଛନ୍...**



"କଳାହାଣ୍ଡି ଜିଲାପାଳ ଆର ବିଦ୍ୟୁତ୍ ବିଭାଗ ଏସ୍‌ଡିଓଙ୍କୁ ଘଟନା ବାବ୍‌ଦେ ବାରବାର ଜନେଇ ନିରାଶ ହେଇଛୁଁ। ଗାଁର ୩୦ ପରିବାର ସୌଭାଗ୍ୟ ଜ୍ୟୋତି ଯୋଜନାରୁ ବଁଚିତ୍ ହେଇ ରହିଛନ୍।
**-ଅନିରୁଦ୍ଧ ପୁଟେଲ, ମା' ଲକ୍ଷ୍ମୀ ଗ୍ରାମ ବିକାଶ କମିଟି, ସଭାପତି**



"ଟ୍ରାନ୍ସଫର୍ମର ଲାଗ୍‌ବାର ୨ ବଛର ବିତିଯାଇଥିଲେ ବି ବିଦ୍ୟୁତ୍ ସେବା ସାତ୍‌ସପନ ହେଇ ରହିଛେ। ଯେନ୍‌ଥିରଲାଗି ଗାଁବାସୀ ନାନା ସମସିଆର ସମ୍‌ନା କରୁଛନ୍।
**-ଜିତେନ୍ଦ୍ର ଭୋଇ, ଗାଁବାସୀ**



"ବିଦ୍ୟୁତ୍ ସଂଯୋଗ ନାଇଁ ହେବାର ଲାଗି ନାନା ଅସ୍‌ବିଧା ହେଉଛେ। ବେଲବୁଡ଼ତେ ବୁଡ଼ତେ ରାଏତ୍ ହେଇଯାଉଛେ। ଯେତେ ଜଲଦି ହେବା ଗାଁବାସୀକୁ ବିଦ୍ୟୁତ୍ ସେବା ଯୁଗେଇ ଦିଆଯାଉ।
**-ପୁଷ୍ପା ଭୋଇ, ଗ୍ରାମବାସୀ**



କଳାହାଣ୍ଡି କ୍ଷେତ୍ରୀୟ ପାଇକ ସମାଜର ଅଧିବେଶନରେ ମଞ୍ଚାସୀନ ଅତିଥିବୃନ୍ଦ।

# କଳାହାଣ୍ଡି କ୍ଷେତ୍ରୀୟ ପାଇକ ସମାଜର ଅଧିବେଶନ

**ଭବାନୀପାଟଣା, ୭।୧୨ (ଡି.ଏନ୍.ଏ.)**

ସ୍ଥାନୀୟ ଅମଲା ଭବନଠାରେ କ୍ଷେତ୍ରୀୟ ପାଇକ ସମାଜର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ରୀୟ ପାଇକ ସମାଜ ପୂର୍ବ ମଣ୍ଡଳ କୁଳପତି ପ୍ରଦୀପ କୁମାର ଘଡ଼େଇ, ମୁଖ୍ୟ ସମ୍ପାଦକ ବାସୁଦେବ ପ୍ରଧାନୀଙ୍କ ନେତୃତ୍ୱରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା ଉପମଣ୍ଡଳ ସନ୍ତୋଷ ନାଏକ, ଭବାନୀପାଟଣା ଉପମଣ୍ଡଳ ହେମନ୍ତ କୁମାର ରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏଥିରେ କୋଷାଧ୍ୟକ୍ଷ ଚନ୍ଦ୍ରଧ୍ୱଜ ପେସନିଆ, ପୂର୍ବତନ କୁଳପତି ଗୌରଚନ୍ଦ୍ର ଘଡ଼େଇ, ପୂର୍ବତନ ମଣ୍ଡଳ ସମ୍ପାଦକ ଶ୍ରୀବତ୍ସ ନାଏକ, ଉପକୁଳପତି ଭୈରବ ନାଏକ, ସାଙ୍ଗଠନିକ ସମ୍ପାଦକ ଧନଞ୍ଜୟ ବିଶି, କିଶୋର ଚନ୍ଦ୍ର ଦୁବେ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜର ଉନ୍ନତି ନେଇ ବିଭିନ୍ନ ସଂସ୍କାର ମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିବା ନେଇ ଆବଶ୍ୟକୀୟ ପଦକ୍ଷେପ ନେବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ବୈଠକରେ ୧୫ଟି ଉପମଣ୍ଡଳ କୁଳସୋଦର ଓ ମଣ୍ଡଳ ସଦସ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ସମାଜର ସଙ୍ଗଠନ ଉପରେ ଆଲୋଚନା କରି ସମାଜର ରେଜିଷ୍ଟ୍ରେଶନ ନିମନ୍ତେ କଳାହାଣ୍ଡି ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ୭ ଦିନ ପରେ ଗାଁରେ ପହଞ୍ଚିଲା ମୃତଦେହ

**ଭବାନୀପାଟଣା,୭।୧୨ (ଡି.ଏନ୍.ଏ.):**

କାମଧନ୍ଦା ନ ପାଇ ଦାଦନ ଖଟିବାକୁ ଯାଇ ତାମିଲନାଡୁରେ ମୃତ୍ୟୁ ଘଟିଥିବା କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ବେନଗାଁ ପଞ୍ଚାୟତ ଘୋଡାପୋଖରୀ ଗାଁର କୁମୁଟି ଜାଲ(୪୦)ଙ୍କ ମୃତଦେହ ଶୁକ୍ରବାର ଗାଁରେ ପହଞ୍ଚିଛି। ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗାଁ ମଶାଣିରେ ତାଙ୍କ ଅନ୍ତିମ ସତ୍କାର କରାଯାଇଥିଲା। ସୂଚନାଯୋଗ୍ୟ. ୩ ମାସ ତଳେ କୁମୁଟି ଗାଁର କେତେଜଣ ଯୁବକଙ୍କ ସହିତ କେରଳ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ପରେ ସେ ତାମିଲନାଡୁ ରାଜ୍ୟର ଇରୋଡ଼ ଜିଲା କିଆପାରମତି ଅଞ୍ଚଳକୁ ଚାଲିଆସି ଏକ ଇଟାଭାଟିରେ କାମ କରୁଥିଲେ। ଗତ ଗୁରୁବାର ସନ୍ଧ୍ୟାରେ ସେ ବଜାରକୁ ଯାଇଥିବା ବେଳେ ଏକ କାର୍ (ନଂ.ଟିଏନ୍ ୩୮ ସିଟି ୦୯୫୧) ଧକ୍କା ଦେଇଥିଲା। ଫଳରେ କୁମୁଟିଙ୍କ ମୃତ୍ୟୁ ଘଟିଥିଲା। ହେଲେ ପରିବାର ଲୋକେ ଲାଞ୍ଜିଗଡ଼ ବିଡିଓ ଜିତେନ୍ଦ୍ର ମିଶ୍ରଙ୍କୁ ସାକ୍ଷାତ କରି ମୃତଦେହ ଗାଁକୁ ଆଣିବା ନେଇ ଜଣାଇଥିଲେ। ଏନେଇ ବିଡିଓ ମିଶ୍ର ଜିଲା ଶ୍ରମ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ପରେ ପରିବାର ଲୋକ ଶ୍ରମ ଅଧିକାରୀ ଓ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ପ୍ରଶାସନର ସହାୟତାରେ ପରିବାର ଲୋକେ ମୃତଦେହ ଗାଁକୁ ଆଣିଥିବା ଜଣାପଡିଛି।

# ବାଲୁକା ଶିଳ୍ପୀ ଓମ୍‌ପ୍ରକାଶଙ୍କ କଳାକୃତି ପ୍ରଦର୍ଶନ

**ରିଷିଡ଼ା, ୭।୧୨ (ଡି.ଏନ୍.ଏ.)**

କର୍ଲାମୁଣ୍ଡା ବ୍ଲକ ଡଙ୍ଗରମୁଣ୍ଡାର ବାଲୁକା ଶିଳ୍ପୀ ଓମ୍ ପ୍ରକାଶ ସାହୁ କୋଣାର୍କ ବେଳାଭୂମିରେ ଚାଲିଥିବା ଅନ୍ତର୍ଜାତୀୟ ବେଳାଭୁମି ମହୋତ୍ସବରେ ନିଜ କଳାକୃତି ପ୍ରଦର୍ଶନ କରି ବେଶ ପ୍ରଶଂସିତ ହୋଇଛନ୍ତି । ତାଙ୍କର ବାଲୁକା କଳାରେ ଜଙ୍ଗଲ ନଷ୍ଟ ଓ ବୋଇତ ବନ୍ଦାଣର ଚିତ୍ର ସ୍ଥାନ ପାଇଛି।






ବାଲୁକା ଶିଳ୍ପୀ ଓମ୍‌ପ୍ରକାଶଙ୍କ ବାଲୁକା କଳା।

ବିପଦ୍ ଅବସ୍‌ତାରେ ସ୍କୁଲ କୁଠା

# ଭଡ଼ାରେ ଆବାସ ଘରେ ଚାଲିଛେ ପାଠ୍‌ପଢ଼ା

**ଭବାନୀପାଟଣା, ୭।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଁଚେତ୍ ସାପଚଞ୍ଚଡ଼ା ପ୍ରାଥମିକ ସ୍କୁଲ କୁଠା ବିପଦ୍ ଅବସ୍‌ତାରେ ରହିଛେ। ଏନ୍‌ତାଥି ପାଖାପାଖି ୨ ବଛର ହେଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତିଆରି ଗୁଟେ ଘରେ ପାଠ୍‌ପଢ଼ା ଚାଲିଛେ। ଇ ଘର ବାବ୍‌ଦେ ମାସିକ ୫ଶହ ଟଁକା ଭଡ଼ା ବି ଦିଆଯାଉଥିବାର ଜନାଯାଇଛେ।

ଗାଁବାସୀକର ସୂଚନା ହିସାବେ ୨୦୦୯ ସାଲେ ସେ ସମିଆର ପ୍ରଧାନଶିକ୍ଷକଙ୍କର ଦେଖ୍‌ରେଖରେ ଇ ସ୍କୁଲ କୁଠା ତିଆର ହେଇଥିଲା। ହେଲେ ଘରଟା ତିଆର ହେଲାଦିନୁ ଛାତରୁ ପାଏନ୍ ଝରୁଥିଲା। ମଝିରେ ମଝିରେ ଛାତରୁ ସିମେଟ ପଲସ୍‌ତର ଅତଡ଼ା ପଡୁଥିଲା। ଏନ୍‌ତାଥି ଅଭିଭାବକମାନେ ଘଟନା ବାବ୍‌ଦେ ବିଇଓଙ୍କୁ ଜନେଇଥିଲେ। ୨୦୧୮ ଜୁଲାଇରେ ଶିକ୍ଷା ଅଧିକାରୀ ସଞ୍ଜୀବ ନାଏକଙ୍କର ନିରଦେଶରେ ଛାତ୍ରୀଛାତ୍ରଙ୍କର ପାଠ୍‌ପଢ଼ା ଲାଗି ସାପଚଞ୍ଚଡ଼ାର ଚକ୍ର ମାଝିଙ୍କର ଇନ୍ଦିରା ଆବାସକେ ୫ଶହ ଟଁକାରେ ଭଡ଼ାରେ ନିଆଯାଇଥିଲା। ହେଲେ ନିଜର ରହିବାର ବସବାର ଅସ୍‌ବିଧା ହେଲାରୁ ଚକ୍ର ଘର ଭଡ଼ା ଦେବାକେ ମନା କରିଦେଲେ। ଗାଁବାସୀ ବଇଠକ୍ କରି ଗାଁର ବଇଁଶୀ ମାଝିଙ୍କର ପ୍ରଧାନମନ୍ତ୍ରୀ ଆବାସ ଘରକେ ସ୍କୁଲ ଲାଗି ଭଡ଼ାରେ ନେଇଥିଲେ। ଦିନ୍‌ବେଲା ବଇଁଶୀଙ୍କର ଘରେ ସ୍କୁଲ ଚାଲୁଥିଲାବେଳେ ରାତିରେ ସେ ରହୁଥିଲେ। ହେଲେ ଦିନାକେତେ ଉତାରୁ ସେ ବି ଭଡ଼ା ଦେବାକେ ମନା କରିଦେଲେ। ଏହେଦେ ଗାଁର ବୀରର୍ଶୀ ମାଝିଙ୍କର ବିଜୁ ପକ୍କା ଘରକେ ୫ଶହ ଟଁକାରେ ଭଡ଼ା ନେଇ ସ୍କୁଲର ପାଠ୍‌ପଢ଼ା ଚାଲିଛେ। ସ୍କୁଲ ସମସିଆ ବାବ୍‌ଦେ ଗାଁବାସୀ ବିଭାଗୀୟ ଅଧିକାରୀଙ୍କୁ ଯେତେ କହେଲେ ବି କିଛି ଲାଭ ନାଇଁ ହେବାର ବଲି ଅଭିଯୋଗ କରିଛନ୍। ଇ ବାବ୍‌ଦେ ବିଇଓଙ୍କୁ ପଚରାଲାରୁ ତିନ୍‌ଟା ସ୍କୁଲର ଅସ୍‌ବିଧା ବାବ୍‌ଦେ ସରକାରଙ୍କୁ ରିପୋର୍ଟ ଦିଆଯାଇଛେ ବଲି ସେ କହିଥିଲେ।



ବିପଦ୍ ଅବସ୍‌ତାରେ ଥିବାର ସ୍କୁଲ କୁଠା।




ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

# ଆତ୍ମସୁରକ୍ଷା ତାଲିମ ଶିବିର

**ଭବାନୀପାଟଣା, ୭।୧୨ (ଡି.ଏନ୍.ଏ.)**

ଭବାନୀପାଟଣା ପ୍ରଗତି ଡିଗ୍ରୀ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଯାଇଛି। କଲେଜର ସମ୍ପାଦକ ଇଂ. ଅଜୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଇନ୍ସପେକ୍ଟର ରୁନୁ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଆତ୍ମସୁରକ୍ଷା ତାଲିମ ଶିବିରର ଉପାଦେୟତା ସମ୍ପର୍କରେ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କଲେଜ ଅଧ୍ୟକ୍ଷ ଜଗନ୍ନାଥ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅରୁନ୍ଧତି ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଇଥିଲା

# ସୁଆସ୍‌ତିଅ ସେବାରୁ ବଁଚିତ୍ ୩ ଗରଭ୍‌ବତୀ ମହିଲା

**ପର୍ଲା, ୭।୧୨ (ଡି.ଏନ.ଏ.)**

ସରକାର ଗରଭ୍‌ବତୀ, ପ୍ରସୂତି ଆର ଛୁଆକର ଲାଗି ଅନେକ ଆଏଁଖ୍ ଦୁର୍‌ଶିଆ ପଦକ୍ଷେପ ନେଉଛନ୍। ଇଥିରଲାଗି ଗାଁଗାଁରେ ସରକାର ଅଙ୍ଗନୱାଡି କେନ୍ଦ୍ର ଖୁଲିଛନ୍। ସେନ୍‌ତା ଗାଁରେ ଆଶା କରମୀ ଆର ପଁଚେତ୍ ସ୍ତରରେ ସୁଆସ୍‌ତିଅ କରମୀ କାମ୍ କରୁଛନ୍। ହେଲେ ଅନେକ ଜାଗାରେ ସରକାରୀ ଅଧିକାରୀ କରମ୍‌ଚାରୀଙ୍କର ଖାମ୍‌ଖିଆଲି ମନଭାବ ଲାଗି ଗରଭ୍‌ବତୀ, ପ୍ରସୂତି ମହିଳାମାନେ ସୁଆସ୍‌ତିଅ ସେବା ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ଧର୍ମଗଡ଼ ବ୍ଲକ ଛଞ୍ଚାଣବାହାଲି ପଁଚେତ୍ ପଲସପାଣି ଗାଁରେ।

ସୂଚନା ଅନ୍‌ସାରେ ପଲସପାଣି ଗାଁର ୩ ଝନ୍ ମହିଳା ସରିତା ଦୂରିଆ(୨୬), ଧରିତ୍ରୀ କୋଟା(୨୦), ବାସନ୍ତି ନାଏକ(୨୫) ଗରଭ୍‌ବତୀ ଥିଲାବେଲେ ସୁଆସ୍‌ତିଅ ସେବାରୁ ବଁଚିତ୍ ହେଇ ରହିଛନ୍। ଗାଁରେ କେହି ମହିଳା ଗରଭ୍‌ଧାରନ କଲେ ପାସର ଅଙ୍ଗନୱାଡି କେନ୍ଦ୍ରରେ ତାକର ନାଁ ଲେଖାଯିବାର ବେବସ୍‌ତା ରହିଛେ। ହେଲେ ଦୁଖର କଥା ସରିତା ଦୂରିଆ ଗରଭ୍‌ଧାରନ କରବାର ଆଏଜ୍‌କେ ୫ ମାସ ବିତିଯାଇଥିଲେ ବି ସବୁ ପରକାର ସୁବିଧାରୁ ବଁଚିତ୍ ହେଇ ରହିଛନ୍। ସେନ୍‌ତା ଗାଁର ଧରିତ୍ରୀ କୋଟା (୩ ମାସ) ଆର ବାସନ୍ତୀ ନାଏକ (୫ ମାସ) ଗରଭ୍‌ଧାରନ୍ କରବାର ବିତିଯାଇଥବଲେ ବି ସୁଆସ୍‌ତିଅ ସେବାରୁ ବଁଚିତ୍ ହେଇଥିବାର ଅଭିଯୋଗ କରିଛନ୍। ଥାନୀଅ ଅଙ୍ଗନୱାଡି କରମୀ ଆର ଏଏନ୍‌ଏମଙ୍କର ଖାମ୍‌ଖିଆଲି ମନଭାବ ଲାଗି ଇ ଗରଭ୍‌ବତୀ ମହିଳାମାନେ ସୁଆସ୍‌ତିଅ ସେବା ପାଏବାରୁ ବଁଚିତ୍ ହେଇଛନ୍ ବଲି ଗାଁର ଟଙ୍କଧର ଖମାରି, ଖଲେନ୍ଦ୍ର ପୋଟା, ସୁସାନ୍ତ ଦୂରିଆ, ଦିଲୀପ ଦୁରିଆ ପରମୁଖ ଅଭିଯୋଗ କରବାର ସଂଗେ ତାକର ବିରୋଧିନେ କଡ଼ା ପଦକ୍ଷେପ ନେବାକେ ଦାବି କରିଛନ୍। ଇ ବାବ୍‌ଦେ ପର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିଛା ଅଧିକାରୀ ସଞ୍ଜୀବ କୁମାର ନାଏକଙ୍କୁ ପଚରାଲରୁ ଘଟନାର ତଦଁତ୍ କରି ଯେତେ ଜଲଦି ହେବା ସେବା ଯୁଗେଇ ଦିଆଯିବା ବଲି ସେ କହିଥିଲେ। ଅଙ୍ଗନୱାଡି କରମୀଙ୍କୁ ପଚରାଲରୁ ଗରଭ୍‌ଧାରନ ବାବ୍‌ଦେ ଆମ୍‌କୁ ସୂଚନା ଦେଲେ ସିନା ଆମେ ଜାନ୍‌ମୁ ଆର ତାର ବେବସ୍‌ତା କରମୁ ବଲି ସେ କହିଥିଲେ। ସେନ୍‌ତା ଏଏନ୍‌ଏମଙ୍କୁ ପଚରାଲାରୁ ୫ମାସ ଅଦଲବଦଲରେ ବାରିକପଡ଼ା ଆର ପଲସପାଣିରେ ଟୀକାକରନ ହେଉଛେ। ସେଥିରଲାଗି ଠିକ୍ ସମିଆରେ ଟୀକାକରନ ନାଇଁ ହେଇପାରବାର ବଲି ସେ କହିଥିଲେ।



ସୁଆସ୍‌ତିଅ ସେବାରୁ ବଁଚିତ୍ ଦୁଇ ଗରଭ୍‌ବତୀ ମହିଳା।

# ଗଜବାହାଲ ମହୋତ୍ସବ: ଶୁଭସ୍ତମ୍ଭ ସ୍ଥାପନ

**ରିଷିଡ଼ା, ୭।୧୨ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ଗୋବର୍ଦ୍ଧନ ପୀଠରେ ତୃତୀୟ ବାର୍ଷିକ ଗଜବାହ୨ାଲ ମହୋତ୍ସବ ଲାଗି ଶନିବାର ଶୁଭସ୍ତମ୍ଭ ସ୍ଥାପନ ଏବଂ ଭୂମିପୂଜନ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ସହୋତ୍ସବ ଚାଲିବ। ଶୁଭସ୍ତମ୍ଭ ସ୍ଥାପନ ଅବସରରେ ଆୟୋଜକ କମିଟି ସଭାପତି ପ୍ରଫୁଲ୍ଲ ସାହୁ, ସମ୍ପାଦକ ସାଧୁରାମ ସାହୁ, ସୁବାସ ଚନ୍ଦ୍ର ପାଢ଼ୀ, ସୁବାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ବିୟୋଗରେ ଶୋକସଭା

**ଭବାନୀପାଟଣା,୭।୧୨ (ଡି.ଏନ୍.ଏ.)**

ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବିଧାନ କୁମାର ଚାନ୍ଦଙ୍କ ୬ ତାରିଖରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ୬ତାରିଖ ଅପରାହ୍ନ ପ୍ରାୟ ୪ଟା ବେଳେ ସେ ନିଜ କାରରେ ଭୁବନେଶ୍ୱରସ୍ଥିତ ଖଣ୍ଡଗିରି ଅଞ୍ଚଳକୁ ଯାଉଥିବାବେଳେ ହଠାତ୍ ସେ ଅସୁସ୍ଥ ହୋଇପଡିଥିଲେ। ତୁରନ୍ତ ତାଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ କଳାହାଣ୍ଡି ଜିଲା ଜଜ୍‌ଙ୍କ ସହ ସମସ୍ତ ବିଚାରପତି ଏବଂ କଳାହାଣ୍ଡି ଓକିଲ ସଂଘ ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଛି। ଶନିବାର ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶୋକସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା।



ସବୁ ସମସ୍ୟାର ମୂଳ କାରଣ ହେଉଛି ଆମେ ଧର୍ମ ଓ ଧାର୍ମିକ ବିଶ୍ୱାସଠାରୁ ଦୂରେଇ ଯାଉଛୁ।
- ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ



## ସଂକ୍ଷେପରେ

### ୭ ଦିନ ପରେ ଗାଁରେ ପହଞ୍ଚିଲା ମୃତଦେହ

**ଭବାନୀପାଟଣା,୭।୧୨ (ଡି.ଏନ୍.ଏ.):** କାମଧନ୍ଦା ନ ପାଇ ଦାଦନ ଖଟିବାକୁ ଯାଇ ତାମିଲନାଡୁରେ ମୃତ୍ୟୁ ଘଟିଥିବା କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ଥାନା ବେନଗାଁ ପଞ୍ଚାୟତ ଘୋଡାପୋଖରୀ ଗାଁର କୁମୁଟି ଜାଲ(୪୦)ଙ୍କ ମୃତଦେହ ଶୁକ୍ରବାର ଗାଁରେ ପହଞ୍ଚିଛି। ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗାଁ ମଶାଣିରେ ତାଙ୍କ ଅନ୍ତିମ ସତ୍କାର କରାଯାଇଥିଲା। ସୂଚନାଯୋଗ୍ୟ. ୩ ମାସ ତଳେ କୁମୁଟି ଗାଁର କେତେଜଣ ଯୁବକଙ୍କ ସହିତ କେରଳ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ପରେ ସେ ତାମିଲନାଡୁ ରାଜ୍ୟର ଇରୋଡ଼ ଜିଲା କିଆପାରମତି ଅଞ୍ଚଳକୁ ଚାଲିଆସି ଏକ ଇଟାଭାଟିରେ କାମ କରୁଥିଲେ। ଗତ ଗୁରୁବାର ସନ୍ଧ୍ୟାରେ ସେ ବଜାରକୁ ଯାଇଥିବା ବେଳେ ଏକ କାର୍ (ନଂ.ଟିଏନ୍ ୩୮ ସିଟି ୦୯୫୧) ଧକ୍କା ଦେଇଥିଲା। ଫଳରେ କୁମୁଟିଙ୍କ ମୃତ୍ୟୁ ଘଟିଥିଲା। ହେଲେ ପରିବାର ଲୋକେ ଲାଞ୍ଜିଗଡ଼ ବିଡିଓ ଜିତେନ୍ଦ୍ର ମିଶ୍ରଙ୍କୁ ସାକ୍ଷାତ କରି ମୃତଦେହ ଗାଁକୁ ଆଣିବା ନେଇ ଜଣାଇଥିଲେ। ଏନେଇ ବିଡିଓ ମିଶ୍ର ଜିଲା ଶ୍ରମ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ପରେ ପରିବାର ଲୋକ ଶ୍ରମ ଅଧିକାରୀ ଓ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ପ୍ରଶାସନର ସହାୟତାରେ ପରିବାର ଲୋକେ ମୃତଦେହ ଗାଁକୁ ଆଣିଥିବା ଜଣାପଡିଛି।

### ଜେଏନ୍‌ୟୁ ଛାତ୍ରଙ୍କ ଉପରେ ପୋଲିସ ଆକ୍ରମଣର ପ୍ରତିବାଦ

**ଭବାନୀପାଟଣା,୭।୧୨(ଡି.ଏନ୍.ଏ.):** ଆମ୍ବେଡ଼କରଙ୍କ ତିରୋଧାନ ଦିବସ ଅବସରରେ କଳାହାଣ୍ଡି ଏସ୍‌ସି, ଏସ୍‌ଟି, ଓବିସି ଓ ସଂଖ୍ୟାଲଘୁ ସଂଗ୍ରାମ ସମିତି, ବାମସେଫ୍, ଏମ୍‌ବସ୍ ଡେମୋକ୍ରାଟିକ ଏବଂ ଆମ୍ବେଡ଼କରାଇଟ୍ ପାର୍ଟି ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏହି ଅବସରରେ ଜବାହରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ବିରୋଧରେ ହୋଇଥିବା ପୋଲିସର ଦମନଲୀଳା ପ୍ରତିବାଦରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷା ଅଧିକାର ଆଇନକୁ କଡାକଡି ଭାବେ ପାଳନ କରିବା ସହ ସରକାର ସମସ୍ତ ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ସତ୍ୟବାଦୀ ନାଏକଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଶୋଭାଯାତ୍ରାରେ ଆସି ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ଅନୁମୋଦିତ ପ୍ରକଳ୍ପ ପରିବର୍ତ୍ତନକୁ ନେଇ ବଢୁଛି ଅସନ୍ତୋଷ

**ଲୋଇସିଂହା,୭।୧୨(ଡି.ଏନ.ଏ.)**

ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ଅନୁମୋଦନ ଲାଭ କରିଥିବା କେତେକ ପ୍ରକଳ୍ପକୁ ଅନ୍ୟତ୍ର ପରିବର୍ତ୍ତନ କରାଯାଇଛି। ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କଠାରୁ ବିଧାୟକଙ୍କ ସୁପାରିଶପତ୍ର ମଞ୍ଜୁର ହୋଇ ବ୍ଲକକୁ ଆସିବା ପରେ ଏହା ଜଣାପଡିଛି । ଲୋଇସିଂହା କଲେଜ ରାସ୍ତାକୁ ଅନ୍ୟତ୍ର ସ୍ଥାନାନ୍ତର ଘଟଣାକୁ ଲୋଇସିଂହାବାସୀ ସହଜେ ଗ୍ରହଣ କରି ପାରିନାହାନ୍ତି। ବିଧାୟକଙ୍କ ଏଭଳି ପଦକ୍ଷେପ ବିରୋଧରେ ଆସନ୍ତା ସୋମବାର କଲେଜ ଛାତ୍ରସଂସଦ ପକ୍ଷରୁ ବିକ୍ଷୋଭ କରାଯିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି । ସୂଚନାମତେ, ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଲୋଇସିଂହା ବ୍ଲକ ଉପରବାହାଲ ପଞ୍ଚାୟତ ଅଧୀନ ପିପିଲିପାଲି ଗାଁର ପୋଖରୀ ପୁନରୁଦ୍ଧାର ପାଇଁ ୪ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ସେହିପରି ବୁଢୀପଦର ପଞ୍ଚାୟତ ଅଧୀନ ଘୁଷରାମୁଣ୍ଡା ଗାଁରେ ୪ ଲକ୍ଷ ବ୍ୟୟବରାଦରେ ଏକ କଲ୍ୟାଣ ମଣ୍ଡପ, ଲୋଇସିଂହା ସଦର ମହକୁମାର କଲେଜ ରାସ୍ତା ଉନ୍ନତୀକରଣପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ହେଲେ ଉକ୍ତ ୩ ପ୍ରକଳ୍ପ ଯଥା ପିପିଲିପାଲି ପୋଖରୀ ଉଦ୍ଧାର ଅନୁଦାନ କାମ ବୁର୍ଢା ମାଉସୀ ମା' କଲ୍ୟାଣ ମଣ୍ଡପ, ଘୁଷରାମୁଣ୍ଡା କଲ୍ୟାଣ ମଣ୍ଡପ ଅନୁଦାନ ହୀରାପୁର କଲ୍ୟାଣ ମଣ୍ଡପ ଓ ଏନଏଚ ୨୬ରୁ ଲୋଇସିଂହା ଲୋଇସିଂହା କଲେଜ



ପ୍ରକଳ୍ପ ପରିବର୍ତ୍ତନ ସମ୍ପର୍କିତ ଚିଠିର ନକଲ।

ରାସ୍ତା ଅନୁଦାନ ଭାଲିଆମୁଣ୍ଡା କଂକ୍ରିଟ ରାସ୍ତା ସକାଶେ ପରିବର୍ତ୍ତନ ପାଇଁ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଗତ ୨୮ ଅଗଷ୍ଟରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କୁ ଚିଠି କରିଥିଲେ। ଏହି ସୁପାରିଶ ପତ୍ର ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କଠାରୁ ଗତ ୬ ନଭେମ୍ବରରୁ ଅନୁମୋଦନ ଲାଭ କରିସାରିଛି । ନୂତନ ପ୍ରକଳ୍ପ ନ ଆଣି ପୁରଣା ପ୍ରକଳ୍ପକୁ ସ୍ଥାନାନ୍ତର ଘଟଣାକୁ ସାଧାରଣରେ ଆଲୋଡନ ସୃଷ୍ଟି କରିଛି । ଏହାଜାଣି ଭାଜପା ଯୁବମୋର୍ଚ୍ଚା ସଦସ୍ୟ ବୁଲୁ ବାଦି, ସୁଦୀପ ସା ଓ ଉତ୍ତମ କବାଟ ଓ କଂଗ୍ରେସ ଜୋନ ସଭାପତି ସରୋଜ ବିଶ୍ୱାଳ ପ୍ରମୁଖ ବିଡିଓ ରାମଚନ୍ଦ୍ର ଖାଡିଆଙ୍କୁ ସାକ୍ଷାତ କରି ଘଟଣା ସଂକ୍ରାନ୍ତରେ ପଚାରି ବୁଝିଥିଲେ। ବିଡିଓ ଖାଡିଆ କହିଛନ୍ତି ଯେ, ଘଟଣା ସମ୍ପର୍କରେ ଅବଗତ ନଥିଲି, ଏବେ ଚିଠି ଆସିଲା ପରେ ଜାଣିବାକୁ ପାଇଥିବା କହିଥିଲେ। କଲେଜ ଅଧ୍ୟକ୍ଷ ତ୍ରିବିକ୍ରମଦାଶ ମଧ୍ୟ ଏହି ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ବିଧାୟକଙ୍କ ସହ ଆଲୋଚନା ପାଇଁ ଉଦ୍ୟମ କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇ ପାରିନାହିଁ। ଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ଲିଖିତ ଭାବେ ଜଣାଇବି ବୋଲି ସେ କହିଥିଲେ । ଛାତ୍ର ସଂସଦ ସଭାପତି ଅଜିତ ବେହେରା କହିଛନ୍ତି ଯେ, ଏହି ରାସ୍ତା ଉନ୍ନତୀକରଣ ପାଇଁ ଆନ୍ଦୋଳନ କରାଯାଇଥିଲା । ପ୍ରକଳ୍ପ ସ୍ଥାନାନ୍ତରକୁ ବରଦାସ୍ତ କରାଯିବ ନାହିଁ, ଛାତ୍ର ଆନ୍ଦୋଳନ ତେଜିବ ବୋଲି କହିଥିଲେ। ବିଧାୟକ ମୁକେଶ ମହାଲିଙ୍ଗଙ୍କୁ ତାଙ୍କ ମୋବାଇଲ ନଂ ୯୪୩୭୧୬୨୧୨୯ରେ ଯୋଗଯୋଗ କରାଯାଇଥିଲା। ହେଲେ ସୁଇଚ ଅଫ ବତାଉଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।

### ଆମ୍ବେଡକରଙ୍କ ମହାପରିନିର୍ବାଣ ଦିବସ ପାଳିତ

**ଉଲୁଣ୍ଡା, ୭।୧୨(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ସଦର ମହକୁମାଠାରେ ଆମ୍ବେଦକର ଯୁବକ ସଂଘ ତରଫରୁ ବାବା ସାହେବ ଆମ୍ବେଦକରଙ୍କ ମହା ପରିନିର୍ବାଣ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶୋଭାଯାତ୍ରା ଡାକ୍ତରଖାନା ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀ ପାଖରେ ପହଞ୍ଚି ପୁଷ୍ପମାଲ୍ୟ ଦେଇଥିଲେ।ଆୟୋଜକ ସଂଘ ସଭାପତି ସୁଦାମ ଜଗଦଲାଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଶିକ୍ଷାବିତ୍ ହରିଚରଣ ପାଲ, ଗଣ୍ଡା ସମାଜ ବିକାଶ ପରିଷଦ ସଭାପତି ବୈଷ୍ଣବ ଚରଣ ତରାଇ, ସାମାଜିକ କର୍ମୀ କୀର୍ତ୍ତନ ସୁନା, ହରିପାଲ, ଗୋବିନ୍ଦ ଦାଶ ତରାଇ ପ୍ରମୁଖ ଯୋଗଦେଇଥିଲେ।

ଡାକ୍ତର ଡେପୁଟେଶନକୁ ବିରୋଧ

# ଉପଜିଲାପାଳଙ୍କୁ ଘେରିଲେ ଲୋକେ

**ଗୁଡଭେଲା, ୭।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଜନିତ ସମସ୍ୟା ଲାଗି ରହିଛି। ଦୁଇଜଣ ଏମବିବିଏସ୍ ଡାକ୍ତରଙ୍କ ମଧ୍ୟରୁ ଜଣକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଟିଟିଲାଗଡକୁ ଡେପୁଟେସନରେ ପଠାଇବା ଖବର ପ୍ରଚାର ପରେ ଶନିବାର ସନ୍ଧ୍ୟା ୫ରୁ ୬ଟା ପର୍ଯ୍ୟନ୍ତ ଲୋକେ ବଲାଙ୍ଗୀର ଉପଜିଲାପାଳ ସଞ୍ଜୟ ମିଶ୍ରଙ୍କୁ ଘେରାଉ କରିଥିଲେ । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ କର୍ମଚାରୀଙ୍କ ସହ ବୈଠକ କରିବା ପାଇଁ ଉପଜିଲାପାଳ ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅପରାହ୍ନରେ ଆସିଥିଲେ। ଖବର ପାଇ ନିତ୍ୟା ଭୋଇ, ରମାକାନ୍ତ ମହାପାତ୍ର, ବୈଶାଖୁ ପୋଢ, ମୋହନ ମାଝୀ, ପରମେଶ୍ୱର ସାହୁ, ଶ୍ରଧର ମାଝୀ, ଅଚ୍ୟୁତ କୁମର, ପୁଷ୍ପାଞ୍ଜଳି କୁମ୍ଭାର, ମୁରଲୀ ଭୋଇ, ରୁଦ୍ର ବାଗ ପ୍ରମୁଖ ଶତାଧିକ ଲୋକ ଉପଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ । କିନ୍ତୁ ଆଲୋଚନା ବିଫଳ ହେବାରୁ ଲୋକେ ଉପଜିଲାପାଳଙ୍କୁ ପ୍ରାୟ ଏକ ଘଣ୍ଟା ଧରି ଘେରାଉ କରିଥିଲେ। ଆବଶ୍ୟକ ଡାକ୍ତର ନ ଆସିବା ପର୍ଯ୍ୟନ୍ତ ଏଠାରୁ କାହାକୁ ରିଲିଭ କରି ଡେପୁଟେସନରେ ପଠାଯିବ ନାହିଁ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁମିତ କୁମାର ମେହେର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ଶାନ୍ତ ପଡିଥିଲେ । ଉପଜିଲାପାଳଙ୍କୁ ପ୍ରଦତ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, ଗୁଡଭେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନଥିବାରୁ ଆୟୁଷ ଡାକ୍ତର ମଧ୍ୟ କାମ ଚଳାଉଛନ୍ତି। ଏପରି ପରିପେକ୍ଷୀରେ ଦୁଇ ଜଣ ଏମବିବିଏସ ଡାକ୍ତରଙ୍କ ମଧ୍ୟରୁ ଜଣକୁ ଜିଲା ସ୍ୱାସ୍ଥ୍ୟ ବିଭାଗର ପତ୍ର ସଂଖ୍ୟା ୫୫୩୮/ତା ୬।୧୨।୧୯ରିଖରେ ଡେପୁଟେସନରେ ଟିଟିଲାଗଡ ପଠାଇ ଦେଇଛନ୍ତି । ଯଦି ଆଗାମୀ ଦିନରେ ଆବଶ୍ୟକ ଡାକ୍ତର ନ ଯୋଗାଇ ଏପରି ଡେପୁଟେସନରେ ଏଠାରୁ ଡାକ୍ତର ନିଆଯିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ଯୋଜନା କରେ ଆନ୍ଦୋଳନ ଆହୁରି ବ୍ୟାପକ କରାଯିବ। ଏ ନେଇ ଉପଜିଲାପାଳ ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ମୁଁ ଏକ କେସ୍‌ର ତଦନ୍ତ ପାଇଁ ଏଠାକୁ ଆସିଥିଲି। ଅଞ୍ଚଳବାସୀ ଆଜି ଜଣାଥିବା ସମସ୍ୟା ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବି ବୋଲି କହିଥିଲେ ।



ଲୋକେ ଡାକ୍ତର ଡେପୁଟେଶନକୁ ବିରୋଧ କରି ଉପଜିଲାପାଳଙ୍କୁ ଘେରାଉ କରିଛନ୍ତି ।

ଜାନୁୟାରୀ ୧ ଯାଏ କଣ୍ଟ

# ପଞ୍ଚାୟତ ନିଶାମୁକ୍ତ ନ ହେଲେ ତାଲାବନ୍ଦ ଆନ୍ଦୋଳନ

**ଦେଓଗାଁ, ୭।୧୨(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌରଗୋଠ ପଞ୍ଚାୟତ ଆସନ୍ତା ଜାନୁୟାରୀ ୧ ସୁଦ୍ଧା ନିଶାମୁକ୍ତ ପଞ୍ଚାୟତ ଘୋଷଣା କରିବାକୁ ଦାବି ହୋଇଛି। ଏହା ନ ହେଲେ ପଞ୍ଚାୟତରେ ତାଲାବନ୍ଦ ଆନ୍ଦୋଳନ କରାଯିବ ବୋଲି ମହିଳା ଶ୍ରମଜୀବୀ ମଞ୍ଚ ଓଡିଶା ଓ ନିଶା ନିବାରଣ କମିଟି ତରଫରୁ ଚେତାବନୀ ଦିଆଯାଇଛି। ଏ ନେଇ ଶନିବାର ସ୍ଥାନୀୟ ସରପଞ୍ଚ ପ୍ରତୀମା ନନ୍ଦଙ୍କୁ ଲିଖିତ ଭାବେ ସଂଗଠନର କର୍ମକର୍ତ୍ତାମାନେ ଦାବି ଜଣାଇଛନ୍ତି । ୬ମାସ ତଳେ ପଞ୍ଚାୟତ ମୁଖ୍ୟାଳୟରେ ଶୋଭାଯାତ୍ରା କରି ଗୌରଗୋଠ ଓ ଆମଦହନରେ ମଦକୁଟିଆଗୁଡିକୁ ବନ୍ଦ କରାଯାଇଥିଲା । ହେଲେ ରତାଖଣ୍ଡି ଓ ଟିବିରିପଡାରେ ଅଦ୍ୟାବଧି କୁଟିଆମାନେ ଖୁଲମଖୁଲା ମଦ ବ୍ୟବସାୟ ଚଳାଇଛନ୍ତି। ଏଣୁ ଜାନୁୟାରୀ ୧ ତାରିଖ ମଧ୍ୟରେ ପଞ୍ଚାୟତର ସମସ୍ତ ମଦକୁଟିଆକୁ ବନ୍ଦ କରି ନିଶାମୁକ୍ତ ପଞ୍ଚାୟତ ଭାବେ ଘୋଷଣା ନକଲେ ପଞ୍ଚାୟତରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଂଗଠନ ତରଫରୁ କୁହାଯାଇଛି। ଏ ନେଇ ମହିଳା ଶ୍ରମଜୀବୀ ମଞ୍ଚ ଓଡିଶା ଓ ନିଶା ନିବାରଣ କମିଟି ସଭାନେତ୍ରୀ ଶାନ୍ତି ଭୋଇଙ୍କ ନେତୃତ୍ୱରେ ଶତାଧିକ ମହିଳାପୁରୁଷ ସରପଞ୍ଚ ନନ୍ଦଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



ଗୌରଗୋଠ ପଞ୍ଚାୟତକୁ ନିଶାମୁକ୍ତ କରିବା ପାଇଁ ସରପଞ୍ଚଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ରାମପୁର ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଘାଟିତ

**ଡୁଙ୍ଗୁରିପାଲି, ୭।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁର ଷଷ୍ଠବର୍ଷ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଧନୁଯାତ୍ରା କମିଟି ସଭାପତି ରମେଶ ପୂଜାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଜିଲାପାଳ ମେନିଷା ବାନାର୍ଜୀ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ରାମପୁର ତହସିଲଦାର ଶ୍ୱେତପଦ୍ମା ଯୋଶୀ, ରାମପୁର ମହିଳା କଲେଜ ଅଧ୍ୟକ୍ଷା ସୁଶ୍ରୀ କଳ୍ପନା ଦାଶ ଉପସ୍ଥିତ ଥିଲେ । ରାମପୁର ସରପଞ୍ଚ ସରୋଜ ମେହେର, ସମିତି ସଭ୍ୟ ମନୋଜ ପୁରୋହିତ ମଞ୍ଚାସୀନ ଥିଲେ। ପ୍ରଥମ ଦିବସରେ କଂସ ଦରବାରରେ ଅଭିନେତା ଅଜୟ ଓ ଅଭିନେତ୍ରୀ ଜ୍ୟୋତି ଅତିଥିଭାବେ ଯୋଗଦେଇଥିଲେ । ସେହିପରି ଗୋପପୁର ପାଇଁ ସକାଳେ ଏକ କଳସ ଯାତ୍ରା ବାହାରିଥିଲା । ସ୍ଥାନୀୟ ଗୋଡି ବନ୍ଧରୁ ପୂର୍ଣ୍ଣ ଜଳ କଳସ ଆଣି ରାମଜୀ ମନ୍ଦିର ପ୍ରାଙ୍ଗଣ ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ଏହା ପରେ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନାଟ୍ୟାଭିନୟରେ ଦେବକୀ ବସୁଦେବଙ୍କ ବିବାହ, ଶୁନ୍ୟବାଣୀ, ଉଗ୍ରେସନ ଗାଦିଚ୍ୟୁତ, କଂସଙ୍କ ସିଂହାସନ ଆରୋହଣ ଓ ଦେବକୀ ବସୁଦେବଙ୍କୁ କାରାଗାରରେ ବନ୍ଦୀ କରିବା ଆଦି ଦୃଶ୍ୟ ଅଭିନୀତ ହୋଇଥିଲା । ଶନିବାର ଧନୁଯାତ୍ରାର ଦ୍ୱିତୀୟ ରଜନୀରେ କଂସ ଦରବାରରେ ଏସ୍‌ପି ଦେବୀପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡୁଙ୍ଗୁରିପାଲି ବିଡିଓ ସହଦେବ ସମାଧିଆ, ଶ୍ରୀରାମ କଲେଜ ଅଧ୍ୟକ୍ଷ ରାମେଶ୍ୱର ନାଏକ ଓ ଆରଏମସି ସମ୍ପାଦକ ଉଦିତ କୁମାର ବାବୁ ସମ୍ମାନୀତ ଅତିଥି ଭାବରେ ଯୋଗଦେଇଥିଲେ। ମହାରାଜ କଂସଙ୍କ ଦିଗ ବିଜୟ, ଷଡପୁତ୍ର ବିନାଶ, କୃଷ୍ଣ ଜନ୍ମ, କଂସଙ୍କ କାରାଗୃହ ପ୍ରବେଶ, ଅଷ୍ଟମ ଗର୍ଭ ସନ୍ତାନକୁ ଶିଳାରେ ପ୍ରହାର, ବିଜୁଳି କନ୍ୟାର ଶୁନ୍ୟବାଣୀ ଆଦି ଦୃଶ୍ୟ ପରିବେଶିତ ହୋଇଥିଲା । କଂସ ଭୂମିକାରେ ଗୋପାଳ ପଣ୍ଡାଙ୍କ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।

# ୬ ଶିଶୁ ସମେତ ୧୫ ଦାଦନ ଶ୍ରମିକ ଉଦ୍ଧାର

**ନୂଆପଡ଼ା ଅଫିସ, ୭।୧୨**

- ସର୍ଦ୍ଦାରଙ୍କୁ ଧରାଇଲେ ଶ୍ରମିକଙ୍କ ସମ୍ପର୍କୀୟ
- ସୀମାନ୍ତରେ ପୋଲିସ ନିଷ୍କ୍ରିୟ

ନୂଆପଡା-ବଲାଙ୍ଗୀର ଜିଲା ହେଉ କି ଖରିଆରରୋଡ-ଛତିଶଗଡ ରାଜ୍ୟ ସୀମାନ୍ତ ଇଲାକାରେ ପୋଲିସ ଏବଂ ଶ୍ରମ ବିଭାଗ ସତେକି ନିଷ୍କ୍ରିୟ ହୋଇପଡିଥିବାବେଳେ ଶ୍ରମିକ ଚାଲାଣ ବେଧଡକ ଚାଲିଛି। ଯୋଜନାବଦ୍ଧଭାବେ ଶ୍ରମିକ ସର୍ଦ୍ଦାର ଏବଂ ପ୍ରଶାସନିକ ବିଭାଗର ସଲାସୁତୁରାରେ ଦିନ ଦ୍ୱିପ୍ରହରେ ଶ୍ରମିକ ଚାଲାଣ ହେଉଛି ହେଲେ କେହି ଧରାପଡିବାର ସୁଯୋଗ ନାହିଁ। ଏଭଳି ପରିସ୍ଥିତିରେ ସ୍ଥାନୀୟ ଏକ ଦାଦନ ପରିବାରର ସମ୍ପର୍କୀୟଙ୍କ ସଚେତନତା ଶ୍ରମିକ ସର୍ଦ୍ଦାରଙ୍କୁ ପୋଲିସ ହାବୁଡରେ ଧରାଇଦେଇଛି। ସ୍ଥାନୀୟ ସାହିପଲା ଗାଁର ଜଣେ ବୃଦ୍ଧା ମହିଳାଙ୍କ ସୂଚନାନୁଯାୟୀ ନୂଆପଡା ଥାନା ପୋଲିସ ୬ଶିଶୁ ସମେତ ୧୫ଜଣ ଦାଦନଙ୍କୁ ଉଦ୍ଧାର କରିଥିବାବେଳେ ସମ୍ପୃକ୍ତ ଶ୍ରମିକ ସର୍ଦ୍ଦାରଙ୍କୁ ଗିରଫ କରାଯାଇଛି । ନୂଆପଡା ଥାନା ଅଧିକାରୀ ଆଦିତ୍ୟ କୁମାର ମହାକୁଡଙ୍କ ସୂଚନାନୁଯାୟୀ ପଡୋଶୀ ବଲାଙ୍ଗୀର ଜିଲା ଲାଠୋର ଥାନା ଅନ୍ତର୍ଗତ ନରହରୀ ସୁନା(୨୮) ନାମକ ଜନୈକ ଶ୍ରମିକ ସର୍ଦ୍ଦାର ସେଠିକାର ବେନ୍ଦେର ଗାଁରୁ କିଛି ଶ୍ରମିକଙ୍କୁ ପାସେଞ୍ଜର ଟ୍ରେନ ଯୋଗେ ରାୟପୁର ଅଭିମୁଖେ ନେଉଥିଲେ । ପୁଣି ଏଠାରେ ସାହିପଲା ଗାଁରୁ କିଛି ଶ୍ରମିକ ଟ୍ରେନରେ ଯିବାକୁ ଉଦ୍ୟମ କରୁଥିଲେ। ଠିକ ଏହି ସମୟରେ ଶ୍ରମିକମାନଙ୍କର ଜଣେ ସମ୍ପର୍କୀୟା ଥାନାକୁ ଆସି ଖବର ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ରେଳଷ୍ଟେସନରେ ପହଞ୍ଚି ଶ୍ରମିକମାନଙ୍କୁ ସର୍ଦ୍ଦାରଙ୍କ ହାବୁଡରୁ ଉଦ୍ଧାର କରିଥିଲା। ଶ୍ରମିକ ସର୍ଦ୍ଦାର ମଧ୍ୟ ଖସିପାରି ନ ଥିଲେ। ପୋଲିସ ସନ୍ଧ୍ୟାରେ ସମସ୍ତଙ୍କୁ ଥାନାକୁ ଆଣିଥିଲା। ଶ୍ରମିକମାନଙ୍କ ମଧ୍ୟରେ ବେନ୍ଦେର ଗାଁର ସଂକୀର୍ତ୍ତନ ବିଭାର(୪୫), ତାଙ୍କ ସ୍ତ୍ରୀ ମଞ୍ଜୁଲତା ଜଗତ(୪୦), ତାଙ୍କର ୩ଜଣ ନାବାଳିକା ଝିଅ ଏବଂ ସାହିପଲା ଗାଁର ଚୈତନ ତାଣ୍ଡି(୩୫), ଗୁଣମତୀ ତାଣ୍ଡି(୩୨), ଅଭିରାମ ତାଣ୍ଡି(୩୮), ସଜନୀ ତାଣ୍ଡି(୩୧), ହେମନ୍ତ କୁମ୍ଭାର(୪୦), ଅଞ୍ଜନା କୁମ୍ଭାର(୩୮), ରିଙ୍କି କୁମ୍ଭାର(୧୮)ଙ୍କ ସମେତ ୩ଜଣ ଶିଶୁ ସାମିଲ ରହିଛନ୍ତି। ସର୍ଦ୍ଦାରଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିବାବେଳେ ଉଦ୍ଧାର କରାଯାଇଥିବାବେଳେ ରାତିରେ ଶ୍ରମିକମାନଙ୍କୁ ସେମାନଙ୍କ ଘରେ ନେଇ ଛାଡିଦେଇଛି। ଶ୍ରମିକ ସର୍ଦ୍ଦାରଙ୍କ ବିରୁଦ୍ଧରେ ଦଫା ୩୭୦(ନଂ.୧୩୬/୧୯)ରେ ମାମଲା ରୁଜୁ କରିଛି। ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।



ଉଦ୍ଧାର କରାଯାଇଥିବା ଶ୍ରମିକ ପରିବାର ଲୋକ ଥାନାର ମହିଳା ଓ ଶିଶୁ ଡେସ୍କରେ ଆଶ୍ରୟ ନେଇଛନ୍ତି।

### ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

**କୋକସରା,୭।୧୨(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଡେଙ୍ଗାଗୁଡା ତେନ୍ତୁଲିପଡ଼ାରେ ଶନିବାର ଏକ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ମାଧବ ସୁନାନୀ (୭୦)। ମିଳିଥିବା ସୂଚନା ମୁତାବକ, ମାଧବ ଶନିବାର ମଧ୍ୟାହ୍ନରେ ନିଜ ଚାଷ ଜମିକୁ ଯାଇଥିଲେ। ସେତିକିବେଳେ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ସେ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଚିତ୍କାର ଶୁଣି ଘଟଣାସ୍ଥଳରେ ପହଞ୍ଚି ଭାଲୁକୁ ଘଉଡାଇ ତାଙ୍କୁ ଉଦ୍ଧାର କରିଥିଲେ। ହେଲେ ମାଧବଙ୍କ ଡାହାଣ ହାତ ଭାଙ୍ଗି ଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଗୁରୁତର ଆଘାତ ଲାଗିଛି। ଏନେଇ ପରିବାର ଲୋକେ ତାଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହୋଇଥିବା ଜଣାପଡିଛି। ବାରମ୍ବାର ଅଞ୍ଚଳରେ ବନ୍ୟଜନ୍ତୁ ଲୋକଙ୍କୁ ଆକ୍ରମଣ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଥିପ୍ରତି ବନ ବିଭାଗ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ଆମପାଣି ଫରେଷ୍ଟର ନରେନ୍ଦ୍ର ବିଶିଙ୍କୁ ପଚାରିବାରୁ ବୃଦ୍ଧଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯିବ। ଏପରି କି ଆବଶ୍ୟକ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ।

### ଆତ୍ମରକ୍ଷା ତାଲିମ ଶିବିର

**ରିଷିଡ଼ା, ୭।୧୨ (ଡି.ଏନ୍.ଏ.):** କଳାହାଣ୍ଡି ଜିଲା ରିଷିଡ଼ା ନିକଟସ୍ଥ ତେରେସିଂହା କୌଶିକ ବାବା ଡିଗ୍ରୀ କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ ଯୋଗଦେଇଥିଲେ।

## ଫଟୋରେ ଖବର






ବୀମା ଲୋକପାଳ ସୁରେଶ ଚନ୍ଦ୍ର ପଣ୍ଡା ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ପରିଦର୍ଶନ କରି ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଆଲୋଚନା କରିଛନ୍ତି (ବାମ)। ଭାରତରତ୍ନ ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳନ ଅବସରରେ ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଗଣ୍ଡାବଜା ପକ୍ଷରୁ ଆୟୋଜିତ ସଭାରେ ଉପସ୍ଥିତ ଅତିଥି। (ଫଟୋ-ସୁନୀଲ)



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଚକ୍ଷୁ ପରୀକ୍ଷା ଶିବିର

**ବୋଡେନ, ୭।୧୨(ଡି.ଏନ୍.ଏ.):** ନୂଆପଡ଼ା ଜିଲା ବୋଡେନ ବ୍ଲକ କଲୋନି ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସିଡିଏମ୍ଓ ବଜରଙ୍ଗବଳି ଜଗତଙ୍କ ତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୨୨୧ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ବ୍ଲକ ବିଆର୍‌ଟି କେଶବ ମେହେର, ଅଜୟ ପ୍ରଧାନ ଶିବିର ପରିଚାଳନା କରିଥିଲେ। ଏଥିରେ ସିଆର୍‌ସିସି ଏବଂ ଶିକ୍ଷକମାନେ ଉପସ୍ଥିତ ଥିଲେ। ସେହିପରି ନୋଡାଲ ୟୁପିସ୍କୁଲରେ ୫ଟି କ୍ଲଷ୍ଟରକୁ ନେଇ ସୁନେତ୍ର ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଚକ୍ଷୁ ବିଶେଷଜ୍ଞ ଡ.ଲିଲିଶ୍ରୀ ଭୁକ୍ତା, ଚକ୍ଷୁସହାୟକ ସୋମନାଥ ଖମାରୀ, ଡ.ସୀମାଞ୍ଚଳ ଶତପଥୀ, ଅଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଜେଏନ୍‌ୟୁ ଛାତ୍ରଙ୍କ ଉପରେ ପୋଲିସ ଆକ୍ରମଣର ପ୍ରତିବାଦ

**ଭବାନୀପାଟଣା,୭।୧୨(ଡି.ଏନ୍.ଏ.):** ଆମ୍ବେଡ଼କରଙ୍କ ତିରୋଧାନ ଦିବସ ଅବସରରେ କଳାହାଣ୍ଡି ଏସ୍‌ସି, ଏସ୍‌ଟି, ଓବିସି ଓ ସଂଖ୍ୟାଲଘୁ ସଂଗ୍ରାମ ସମିତି, ବାମସେଫ୍, ଏମ୍‌ବସ୍ ଡେମୋକ୍ରାଟିକ ଏବଂ ଆମ୍ବେଡ଼କରାଇଟ୍ ପାର୍ଟି ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏହି ଅବସରରେ ଜବାହରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ବିରୋଧରେ ହୋଇଥିବା ପୋଲିସର ଦମନଲୀଳା ପ୍ରତିବାଦରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷା ଅଧିକାର ଆଇନକୁ କଡାକଡି ଭାବେ ପାଳନ କରିବା ସହ ସରକାର ସମସ୍ତ ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ସତ୍ୟବାଦୀ ନାଏକଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଶୋଭାଯାତ୍ରାରେ ଆସି ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

### ପବ୍ଲିକ୍ ସ୍କୁଲରେ ବିଜ୍ଞାନ ମେଳା

**ସିନାପାଲି,୭।୧୨(ଡି.ଏନ୍.ଏ.):** ନୂଆପଡ଼ା ଜିଲା ସିନାପାଲି ବାହାଲପଡ଼ାସ୍ଥିତ ରାଜଶ୍ରୀ ପବ୍ଲିକ୍ ସ୍କୁଲରେ ବିଜ୍ଞାନ ମେଳା ତଥା କଳା ପ୍ରଦର୍ଶନୀ ମହାସାମାରୋହରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳକ ରାଜେଶ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିନାପାଲି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଲଳିତ କୁମାର ସୁନାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସ୍ନିଗଧା ଘୋଷ, ସମ୍ମାନିତ ଅତିଥି ଭାବେ ବୁଢାରଜା ମହାବିଦ୍ୟାଳୟ କରଙ୍ଗାମାଲର ଅଧକ୍ଷ ତରୁଣ କୁମାର ସାହୁ ଉପସ୍ଥିତ ଥିଲେ। ଅଧାପକ ସଞ୍ଜୟ କୁମାର ପଟେଲ, ବିଜ୍ଞାନ ଶିକ୍ଷକ କ୍ଷେତ୍ରବାସୀ ବାଗ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ସ୍କୁଲର ଅଧକ୍ଷ ହିମାଂଶୁ ଶେଖର ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୧୫୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

# ୬ଶିଶୁ ସମେତ ୧୫ଦାଦନ ଶ୍ରମିକ ଉଦ୍ଧାର

**ନୂଆପଡ଼ା ଅଫିସ, ୭।୧୨**



ଉଦ୍ଧାର କରାଯାଇଥିବା ଶ୍ରମିକ ପରିବାର ଲୋକ ଥାନାର ମହିଳା ଓ ଶିଶୁ ଡେସ୍କରେ ଆଶ୍ରୟ ନେଇଛନ୍ତି।

- ସର୍ଦ୍ଦାରଙ୍କୁ ଧରାଇଲେ ଶ୍ରମିକଙ୍କ ସମ୍ପର୍କୀୟ
- ସୀମାନ୍ତରେ ପୋଲିସ ନିଷ୍କ୍ରିୟ

ନୂଆପଡା-ବଲାଙ୍ଗୀର ଜିଲା ହେଉ କି ଖରିଆରରୋଡ-ଛତିଶଗଡ ରାଜ୍ୟ ସୀମାନ୍ତ ଇଲାକାରେ ପୋଲିସ ଏବଂ ଶ୍ରମ ବିଭାଗ ସତେକି ନିଷ୍କ୍ରିୟ ହୋଇପଡିଥିବାବେଳେ ଶ୍ରମିକ ଚାଲାଣ ବେଧଡକ ଚାଲିଛି। ଯୋଜନାବଦ୍ଧଭାବେ ଶ୍ରମିକ ସର୍ଦ୍ଦାର ଏବଂ ପ୍ରଶାସନିକ ବିଭାଗର ସଲାସୁତୁରାରେ ଦିନ ଦ୍ୱିପ୍ରହରେ ଶ୍ରମିକ ଚାଲାଣ ହେଉଛି ହେଲେ କେହି ଧରାପଡିବାର ସୁଯୋଗ ନାହିଁ। ଏଭଳି ପରିସ୍ଥିତିରେ ସ୍ଥାନୀୟ ଏକ ଦାଦନ ପରିବାରର ସମ୍ପର୍କୀୟଙ୍କ ସଚେତନତା ଶ୍ରମିକ ସର୍ଦ୍ଦାରଙ୍କୁ ପୋଲିସ ହାବୁଡରେ ଧରାଇଦେଇଛି। ସ୍ଥାନୀୟ ସାହିପଲା ଗାଁର ଜଣେ ବୃଦ୍ଧା ମହିଳାଙ୍କ ସୂଚନାନୁଯାୟୀ ନୂଆପଡା ଥାନା ପୋଲିସ ୬ଶିଶୁ ସମେତ ୧୫ଜଣ ଦାଦନଙ୍କୁ ଉଦ୍ଧାର କରିଥିବାବେଳେ ସମ୍ପୃକ୍ତ ଶ୍ରମିକ ସର୍ଦ୍ଦାରଙ୍କୁ ଗିରଫ କରାଯାଇଛି । ନୂଆପଡା ଥାନା ଅଧିକାରୀ ଆଦିତ୍ୟ କୁମାର ମହାକୁଡଙ୍କ ସୂଚନାନୁଯାୟୀ ପଡୋଶୀ ବଲାଙ୍ଗୀର ଜିଲା ଲାଠୋର ଥାନା ଅନ୍ତର୍ଗତ ନରହରୀ ସୁନା(୨୮) ନାମକ ଜନୈକ ଶ୍ରମିକ ସର୍ଦ୍ଦାର ସେଠିକାର ବେନ୍ଦେର ଗାଁରୁ କିଛି ଶ୍ରମିକଙ୍କୁ ପାସେଞ୍ଜର ଟ୍ରେନ ଯୋଗେ ରାୟପୁର ଅଭିମୁଖେ ନେଉଥିଲେ । ପୁଣି ଏଠାରେ ସାହିପଲା ଗାଁରୁ କିଛି ଶ୍ରମିକ ଟ୍ରେନରେ ଯିବାକୁ ଉଦ୍ୟମ କରୁଥିଲେ। ଠିକ ଏହି ସମୟରେ ଶ୍ରମିକମାନଙ୍କର ଜଣେ ସମ୍ପର୍କୀୟା ଥାନାକୁ ଆସି ଖବର ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ରେଲଷ୍ଟେସନରେ ପହଞ୍ଚି ଶ୍ରମିକମାନଙ୍କୁ ସର୍ଦ୍ଦାରଙ୍କ ହାବୁଡରୁ ଉଦ୍ଧାର କରିଥିଲା। ଶ୍ରମିକ ସର୍ଦ୍ଦାର ମଧ୍ୟ ଖସିପାରି ନ ଥିଲେ। ପୋଲିସ ସନ୍ଧ୍ୟାରେ ସମସ୍ତଙ୍କୁ ଥାନାକୁ ଆଣିଥିଲା। ଶ୍ରମିକମାନଙ୍କ ମଧ୍ୟରେ ବେନ୍ଦେର ଗାଁର ସଂର୍କୀତନ ବିଭାର(୪୫), ତାଙ୍କ ସ୍ତ୍ରୀ ମଞ୍ଜୁଲତା ଜଗତ(୪୦), ତାଙ୍କର ୩ଜଣ ନାବାଳିକା ଝିଅ ଏବଂ ସାହିପଲା ଗାଁର ଚୈତନ ତାଣ୍ଡି(୩୫), ଗୁଣମତୀ ତାଣ୍ଡି(୩୨), ଅଭିରାମ ତାଣ୍ଡି(୩୮), ସଜନୀ ତାଣ୍ଡି(୩୧), ହେମନ୍ତ କୁମ୍ଭାର(୪୦), ଅଞ୍ଜନା କୁମ୍ଭାର(୩୮), ରିଙ୍କି କୁମ୍ଭାର(୧୮)ଙ୍କ ସମେତ ୩ଜଣ ଶିଶୁ ସାମିଲ ରହିଛନ୍ତି। ସର୍ଦ୍ଦାରଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିବାବେଳେ ଉଦ୍ଧାର କରାଯାଇଥିବାବେଳେ ରାତିରେ ଶ୍ରମିକମାନଙ୍କୁ ସେମାନଙ୍କ ଘରେ ନେଇ ଛାଡିଦେଇଛି। ଶ୍ରମିକ ସର୍ଦ୍ଦାରଙ୍କ ବିରୁଦ୍ଧରେ ଦଫା ୩୭୦(ନଂ.୧୩୬/୧୯)ରେ ମାମଲା ରୁଜୁ କରିଛି। ରବିବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

# ଗୁରୁକୁଳ ଆଶ୍ରମରେ କମ୍ବଳ ବିତରଣ ସମାରୋହ

**ଖରିଆର ରୋଡ଼, ୭।୧୨(ଡି.ଏନ୍.ଏ.)**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଆମସେନା ଗୁରୁକୁଳ ଆଶ୍ରମ ପକ୍ଷରୁ କମ୍ବଳ ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ସଂସ୍ଥାପକ ସ୍ୱାମୀ ଧର୍ମାନନ୍ଦ ସରସ୍ୱତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଉପଜିଲାପାଳ ତାରିଣୀସେନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସଲିହା, ଆମସେନା, ଗୋତମା, ଜାଙ୍ଗୁଲା, ପରକୋଡ଼ ଆଦି ଅଞ୍ଚଳରୁ ଆସିଥିବା ୨ଶହ ଲୋକଙ୍କୁ ଅତିଥିଙ୍କ ଦ୍ୱାରା କମ୍ବଳ ବିତରଣ କରାଯାଇଥିଲା। ଆଶ୍ରମ ଉପଆଚାର୍ଯ୍ୟ ଡା. ବ୍ରତାନନ୍ଦ ସରସ୍ୱତୀ, ଆଚାର୍ଯ୍ୟ ମନୁଦେବ ଆଦି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଅତିଥିମାନେ କମ୍ବଳ ବଣ୍ଟନ କରୁଛନ୍ତି।

# ବୋଡେନ ମଣ୍ଡିରେ ମିଲର୍ସଙ୍କ ରାଜ

## କଟନିଛଟନିକୁ ଚାଷୀଙ୍କ ବିରୋଧ

**ବୋଡେନ, ୭।୧୨ (ଡି.ଏନ୍.ଏ.)**

ନୂଆପଡା ଜିଲା ବୋଡେନ ବ୍ଲକ କୃଷି ସମବାୟ ସମିତି ସହାୟତାରେ ସାପ୍ତାହିକ ବଜାରରେ ଧାନ ମଣ୍ଡି ଖୋଲା ହୋଇଛି। ହେଲେ ମଣ୍ଡିରେ ମିଲର୍ସଙ୍କ ରାଜ ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏପରି କି ମଣ୍ଡିରେ ମନମୁଖି ଭାବେ କଟନିଛଟନି କରାଯାଉଥିବା ଚାଷୀମାନେ କହିଛନ୍ତି। ଏନେଇ କଟନିଛଟନିକୁ ଚାଷୀମାନେ ବିରୋଧ କରିଛନ୍ତି। ଅନ୍ୟପକ୍ଷେ ମଣ୍ଡିରୁ ଦୈନିକ ୬୦୦ କୁଇଣ୍ଟାଲ ଧାନ କିଣିବା ନେଇ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ଜଣାପଡିଛି। ହେଲେ ଆବଶ୍ୟକ ପରିମାଣର ଧାନ କିଣାଯାଉ ନ ଥିବା ବେଳେ ମଣ୍ଡିରେ ଧାନ ବସ୍ତା ପଡିରହୁଛି। ଫଳରେ ଚାଷୀ ଶୀତ କାକରରେ ଧାନକୁ ଜଗି ବସିଛି। ଏନେଇ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୈନିକ ୬୦୦ କୁଇଣ୍ଟାଲ ଧାନ କିଣା ବଦଳରେ ୧ହଜାର କୁଇଣ୍ଟାଲ ଧାନ କିଣିବା ନେଇ ଚାଷୀମାନେ ଦାବି କରିଛନ୍ତି। ମଣ୍ଡିରେ ମିଲର୍ସଙ୍କ ମନମୁଖି କାର୍ଯ୍ୟ ଚାଲିଥିବା ବେଳେ ନିଯୁକ୍ତ ହୋଇଥିବା ମିଲର୍ସଙ୍କୁ ବାଦ ଦେଇ ଅନ୍ୟ ମିଲର୍ସଙ୍କୁ ଧାନ କିଣାରେ ନିୟୋଜନ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହୋଇଛି। ଏନେଇ ବୋଡେନ ଯୋଗାଣ ଅଧିକାରୀ ମୋହିତ ଭୋଇଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ଆମ୍ବେଡ୍‌କରଙ୍କ ତିରୋଧାନ ଦିବସ

**ଭବାନୀପାଟଣା,୭।୧୨(ଡି.ଏନ୍.ଏ.)**

ଭବାନୀପାଟଣାସ୍ଥିତ ଦଳିତ ସଭାସ୍ଥଳରେ ବାବା ସାହେବ ଆମ୍ବେଡ଼କରଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଆମ୍ବେଡ୍‌କରଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ହୃଷୀକେଶ ଗାନ୍ଧୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ଯଶୋବନ୍ତ ନାଏକ, ସମ୍ମାନିତ ଅତିଥି ଭାବେ ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ସଭାପତି ପ୍ରଦୀପ ଦାସ, ଜନକଲ୍ୟାଣ ସଂଘ ସଭାପତି ଜୀବନ ଜ୍ୟୋତି ବାଗ ପ୍ରମୁଖ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ନାୟକ, ଜୁଆନ ବାଗ, ଅଭୟ ନାଏକ, ନାଦରାଜ ନାଏକ, ବେଣୁଧର ବାଗ, ହେମନ୍ତ ନାଗ, ମାଧବ ସୁନା, କିଶନ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରୀଡ଼ା ପ୍ରତିଯୋଗିତାରେ ୨୯୦ ପ୍ରତିଯୋଗୀ

**ଦେଓଗାଁ, ୭।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାଞ୍ଜଳି ସାହୁଙ୍କ ତତ୍ତ୍ୱାବଧାନ ତଥା କ୍ରୀଡା ଶିକ୍ଷକ ଅର୍ଜୁନ ନାଗଙ୍କ ପରିଚାଳନାରେ ସ୍ଥାନୀୟ ନେହେରୁ ଖେଳପଡିଆରେ ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ସଟପୁଟ ଥ୍ରୋ, ଡିସକସ ଥ୍ରୋ ଆଦି ୨୬ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ୨୯୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସିଆରସିସି ସଞ୍ଜୀବ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଭାଗ୍ୟବତୀ ଦାଶ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ସ୍ଥାନୀୟ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଗୁରୁ, ମୁଖ୍ୟବକ୍ତା ସିଆରସିସି ମାର୍କଣ୍ଡ ପଧାନ, ନିମନ୍ତ୍ରୀତ ଅତିଥିଭାବେ ସ୍କୁଲ ପରିଚାଳନା କମିଟି ସଭାପତି ସୀତା ମନହିରା, ଡ.ସରୋଜ କୁମାର ସାହୁ, ଅନନ୍ତ ସାହୁ, ବେଣୁଧର ଦଲାଇ, ହେମାଙ୍ଗିନୀ ସାହୁ, ପୂର୍ବତନ ପରିଚାଳନା କମିଟି ସଭାପତି ଅନୀଲ କୁମାର ପୋଢ଼, କିଶୋର ନନ୍ଦ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ମ୍ୟୁଜିକାଲ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ରୀତା ମହାନ୍ତି ଧନ୍ୟବାଦ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ଅବସରପ୍ରାପ୍ତ ଶିକ୍ଷକ ସୁଦାମଚରଣ ଭୋଇ, ବେଣୁ ଦଲାଇ ଓ ଈଶ୍ୱରଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ ।




ବ୍ଲକସ୍ତରୀୟ ସୁନେତ୍ର ଚିକିତ୍ସା ଶିବିରରେ ଛାତ୍ରମାନଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

# ମା' ଲକ୍ଷ୍ମୀଙ୍କ ହାତ ଧରିଲେ ନାରାୟଣ

**ଖପ୍ରାଖୋଲ, ୭।୧୨(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ ଦେଦର୍ହ ଗାଁର ୨୬ତମ ମହାଲକ୍ଷ୍ମୀ ପୂଜା ମହୋତ୍ସବ ଶୁକ୍ରବାର ଆୟୋଜିତ ହୋଇ ଯାଇଛି। ଏହି ଅବସରରେ ଲକ୍ଷ୍ମୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ପୂଜା ମହୋତ୍ସବରେ କଳସ ଯାତ୍ରା, ହୋମଯଜ୍ଞ ସହ ପୁରାଣ ପଠନ ଆରମ୍ଭ ହୋଇଥିଲା। ତେବେ ବର ପିତା ଭାବେ ଖପ୍ରାଖୋଲର ସନ୍ତୋଷ ଗଡତିଆ ଦାୟିତ୍ୱ ନିର୍ବାହ କରିଥିଲେ। କନ୍ୟା ପିତା ଭଗବାନ ପଧାନ ବରଯାତ୍ରୀଙ୍କୁ ସ୍ୱାଗତ କରିବା ପରେ ଲକ୍ଷ୍ମୀ ନାରାୟଣଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଶରତ ଦାଶ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ପ୍ରତିଦିନ ଖୋଲା ରଙ୍ଗମଞ୍ଚରେ ମୁରାସୁର ଦରବାର ଚାଲିଥିଲା। ଯାତ୍ରା, ମୀନା ବଜାର, ବିଭିନ୍ନ ପ୍ରଜ୍ଞାପନ ମେଢ ଆଦି ପ୍ରଦର୍ଶିତ ହେଉଛି। ଚଳିତବର୍ଷ ପୂଜା କମିଟି ସଭାପତି ରୂପେ ଭଗବାନ ପଧାନ, ସମ୍ପାଦକ ରୂପେ ଗଙ୍ଗାଧର ପଧାନ, ଫକିର ପଧାନ, ସୁରେଶ ବେହେରା, ଦେବରାଜ ପଧାନ, ସଞ୍ଜୀବ ବେହେରା, ନୀଳମାଧବ ପଧାନ, ରାଜୀବ ବେହେରା ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ଗ୍ରାମବାସୀ ସହଯୋଗ କରିଛନ୍ତି।

### ଅଧ୍ୟାପକଙ୍କ ପରଲୋକ

**ସିନାପାଲି,୭।୧୨(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ସିନାପାଲି ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ପ୍ରାଧାପକ ଡ.ଲକ୍ଷ୍ମୀକାନ୍ତ ଚୌଧୁରୀଙ୍କ ଶୁକ୍ରବାର ସନ୍ଧ୍ୟାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ସେ ସିନାପାଲି ମହାବିଦ୍ୟାଳୟରେ ୩ମାସ ତଳେ ଅଧାପକ ଭାବେ ଯୋଗ ଦେଇଥିଲେ। ସେ ପୂର୍ବରୁ କଳାହାଣ୍ଡି ଜିଲା ମଦନପୁର-ରାମପୁର ଓ ରାୟଗଡ଼ା ମହାବିଦ୍ୟାଳୟରେ ଅଧାପକ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କ ବିୟୋଗରେ ସିନାପାଲି ମହାବିଦ୍ୟାଳୟର ଅଧାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ରଙ୍କ ମଧରେ ଶୋକର ଛାୟା ଖେଳି ଯାଇଛି। ଏହି ଅବସରରେ ମହାବିଦ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

# କେନ୍ଦୁମୁଣ୍ଡାରେ ବ୍ଲକସ୍ତରୀୟ ସୁନେତ୍ର ଚିକିତ୍ସା ଶିବିର

**ସିନାପାଲି,୭।୧୨ (ଡି.ଏନ୍.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ବ୍ଲକସ୍ତରୀୟ ଛାତ୍ରୀଛାତ୍ରଙ୍କ ସୁନେତ୍ର ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ କେନ୍ଦୁମୁଣ୍ଡା, କୁଲିଆଡୁଙ୍ଗରୀ, ଭଟାପାଣି, ଘାଟମାଲ, କଇଁଟପଦର ଆଦି କ୍ଲଷ୍ଟରର ପ୍ରାୟ ୬୦ଟି ବିଦ୍ୟାଳୟରୁ ଆସିଥିବା ୧୦୩ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ ୬୫ଜଣ ଛାତ୍ରୀଛାତ୍ରଙ୍କୁ ଚଷମା ପ୍ରଦାନ କରାଯାଇଥିଲା। ହେଲେ ଅନ୍ୟ ୫ଜଣ ଛାତ୍ରୀଛାତ୍ରଙ୍କୁ ଅଧିକ ଚିକିତ୍ସା ନେଇ ନୂଆପଡ଼ା ସ୍ଥାନାନ୍ତର କରାଯାଇଛି । ଚକ୍ଷୁ ଚିକିତ୍ସକ ଡା.ମଳୟ ମହାନ୍ତି ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ବିଆର୍‌ସି ମହେଶ୍ୱର ପ୍ରଧାନ ଶିବିର ପରିଚାଳନା କରିଥିଲେ । ଶିବିରର ଉଦ୍‌ଘାଟନୀ ଅବସରରେ ସ୍ଥାନୀୟ ସିଆର୍‌ସିସି ଦିବ୍ୟଞ୍ଜନ ପାଢୀ, ମହେଶ୍ୱର ଗୁଆଲ, ପ୍ରଧାନ ଶିକ୍ଷକ ଡିଙ୍ଗର ନାଏକ, ଶିକ୍ଷକ ଉଜ୍ଜ୍ୱଳ ସିଂ ଶୋରୀ, ବୈଷ୍ଣବ ମେହେର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିତେନ୍ଦ୍ର ମେହେର, ନରେଶ ସୁନାନୀ, ଖଗେଶ୍ୱର ସାଙ୍କ ସମେତ ଶିକ୍ଷକ ଦୁର୍ଜନ ସା, ଶିକ୍ଷୟିତ୍ରୀ ଡଳନୀ ସୁନାନୀ, ସ୍କୁଲ ଚେୟାରମ୍ୟାନ୍ ଟିକେଲାଲ ଗହୀର, ଗୋରା ହଂସ ପ୍ରମୁଖ ସହଯୋଗ କରିଥିଲେ।

ଭାଲିଆମୁଣ୍ଡା ଜଗନ୍ନାଥ ମନ୍ଦିର

# ନବକଳେବର ପାଇଁ ଦାରୁକଟା

**ଲୋଇସିଂହା, ୭।୧୨(ଡି.ଏନ.ଏ.)**



ଶ୍ରୀଜୀଉଙ୍କ ପାଇଁ ଦାରୁ ସଂଗ୍ରହ ପୂର୍ବରୁ ନିରୂପିତ ବୃକ୍ଷ ସମ୍ମୁଖରେ ପୂଜାର୍ଚ୍ଚନା କରାଯାଉଛି।

ନବକଳେବର ସକାଶେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ଗ୍ରାମବାସୀ ଓ ପଡୋଶୀ ସୁବର୍ଣ୍ଣପୁର ଜିଲା କୁମୁଣ୍ଡେ ଗ୍ରାମବାସୀଙ୍କ ସହଯୋଗରେ ଦାରୁ ଦିଅ ପାଇଁ ଗଛ କଟା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଭାଲିଆମୁଣ୍ଡା ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ୩ ବିଗ୍ରହ ବହୁବର୍ଷ ହେଲା ପୂଜା ପାଇ ଆସୁଛନ୍ତି। ମନ୍ଦିର ପ୍ରତିଷ୍ଠା ସମୟରୁ ଘଟ ପରିବର୍ତ୍ତନ କରାଯାଇ ନାହିଁ । କେତେକ ଅସୁବିଧା ଯୋଗୁ ଗତ ୨୦୧୫ ମସିହାରେ ନବକଳେବର ହୋଇପାରି ନ ଥିଲା । ମାହପ୍ରଭୁଙ୍କ ବିଗ୍ରହ ବହୁ ପୁରୁଣା ହୋଇଥିବାରୁ କେତେକ ସ୍ଥାନ ଖଣ୍ଡିଆ ରହିଛି । ଏଥିପାଇଁ ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ତରଫରୁ ନବକଳେବର ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ମାସକ ପୂର୍ବରୁ ମହାରଣା ଆସି ଗାଁଠାରୁ ୪ କିମି ଦୂର ପଡୋଶୀ ସୁବର୍ଣ୍ଣପୁର ଜିଲା କୁମୁଣ୍ଡେ ଗାଁ ନଦୀ ତଟରେ ଥିବା ସୁରେନ୍ଦ୍ର ତ୍ରିପାଠୀଙ୍କ ଜମିରେ ଥିବା ଦାରୁ ଚିହ୍ନଟ ହୋଇଥିଲା । ୧୫ ନଭେମ୍ବରରେ ଦାରୁ ସଂଗ୍ରହ ପାଇଁ ତାରିଖ ସ୍ଥିର ହୋଇଥିଲା। ହେଲେ ଅସୁବିଧା ଯୋଗୁ ସେହି ତାରିଖରେ ଦାରୁ କଟା ହୋଇପାରି ନ ଥିଲା । ଶୁକ୍ରବାର ସକାଳେ ଶୁଭ ବେଳାରେ ଭଲିଆମୁଣ୍ଡା ଓ ପଞ୍ଚାୟତର ଜନସାଧାରଣ ସଂକୀର୍ତ୍ତନ ଦଳ ସହ କୁମୁଣ୍ଡେ ଅଭିମୁଖେ ଯାତ୍ରା କରିଥିଲେ। ନିରୂପିତ ଗଛମୂଳେ ପୂଜକ ନିତ୍ୟା ମିଶ୍ର ପୂଜାର୍ଚ୍ଚନା କଲା ପରେ ମହାରଣା ସୁନା କୁରାଢିରେ ପ୍ରଥମେ କାଟିଥିଲେ। ଉତ୍ସବରେ ଗଉନ୍ତିଆ ପ୍ରଭୁଦତ୍ତ ମିଶ୍ର ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ବଳରାମ ମିଶ୍ର, ନିତ୍ୟାନନ୍ଦ ମିଶ୍ର, ରୁଦ୍ରଧର ତ୍ରିପାଠୀ, ଶ୍ୟାମସୁନ୍ଦର ନାଏକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଦାରୁ ସଂଗ୍ରହ ପରେ ସନ୍ଧ୍ୟାରେ ଏକ ଶୋଭାଯାତ୍ରା ବସ୍ତି ପରିକ୍ରମା କରିଥିଲା ।

# ବାଲ୍ୟବିବାହ ମୁକ୍ତ ଜିଲା ଗଠନ କରାଯିବ

**ନୂଆପଡା ଅଫିସ, ୭।୧୨**

**ବାଲ୍ୟବିବାହ ଉପରେ କର୍ମଶାଳା**



ଅଧିକାରୀମାନେ ଶପଥ ପାଠ କରୁଛନ୍ତି।

ନୂଆପଡା ଏକ ଉପାନ୍ତ ଜିଲା। ଏଠାରେ ଶିକ୍ଷାର ମାନ ଅତି ନିମ୍ନରେ ଥିବାବେଳେ ସାମାଜିକ ରୀତିନିତି ବିଭିନ୍ନ କାରଣରୁ ଅନ୍ଧକାରରେ ରହିଛି। ଏଠାରେ ବାଲ୍ୟବିବାହ ସଂଖ୍ୟା ଅନ୍ୟାନ୍ୟ ଜିଲା ଅପେକ୍ଷା ବେଶୀ ରହୁଥିବାରୁ ଏହାକୁ ରୋକିବାର ଆବଶ୍ୟକତା ରହିଛି । ବାଲ୍ୟବିବାହ ନିଷେଧ ପାଇଁ ପରାମର୍ଶ ଏବଂ ରିପୋର୍ଟ ଉପରେ ଏକ ଦକ୍ଷତା ବୃଦ୍ଧିର ଦରକାର ରହିଛି । ଏସବୁ ଉପରେ ଗୁରୁତ୍ୱ ଦେଇ ଜିଲାକୁ ବାଲ୍ୟବିବାହ ମୁକ୍ତ ଜିଲାଭାବେ ଗଢିତୋଳିବାବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ ମୃର୍ତ୍ତିକା ସଂରକ୍ଷଣ ବିଭାଗ ସଭାଗୃହରେ ଆୟୋଜିତ କର୍ମଶାଳାରେ ଅଧିକାରୀମାନେ ଏହି ମତ ପ୍ରକାଶ ରଖିଥିଲେ। ଜିଲା ପ୍ରଶାସନର ମହିଳା ଓ ଶିଶୁ ବିକାଶ ବିଭାଗ, ଜିଲା ଶିଶୁ ସୁରକ୍ଷା ୟୁନିଟ୍, ସେଭ ଦି ଚିଲଡ୍ରେନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳାରେ ବକ୍ତାମାନେ ଏହି ମତ ରଖିଥିଲେ । ଜିଲା ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ରମେଶ କୁମାର ଭୋଇ ସଭାପତିତ୍ୱ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ରଥ, ଶିଶୁ କଲ୍ୟାଣ ସମିତି ସଦସ୍ୟ କୁମୁଦ ରଞ୍ଜନ ହୋତା, ନେହେରୁ ଯୁବ କେନ୍ଦ୍ର ଯୁବ ସଂଯୋଜକ ଆଶୀଷ କୁମାର ଠାକୁର, ସେଭ ଦି ଚିଲଡ୍ରେନର ଜିଲା ଅଧିକାରୀ ବିଦ୍ୟାଧର ମେହେର, ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ନିବେଦିତା ସାମଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସେଭଦି ଚିଲଡ୍ରେନର ଜିଲା ଅଧିକାରୀ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେ ଅନ୍ୟନ୍ୟା ଯୋଜନାର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ବିଷୟରେ ଉପସ୍ଥାପନ କରିଥିଲେ । ଆଧା ଓଡିଶାର ସଞ୍ଜିବ ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ନୂଆପଡା ସିଡିପିଓ ବାଲ୍ୟ ବିବାହ ନିଷେଧ ଅଧିକାରୀମାନଙ୍କର ଭୂମିକା ଉପରେ ମତ ରଖିଥିଲେ । କୁମୁଦ ହୋତା ବାଲ୍ୟବିବାଷ ନିଷେଧ ଆଇନ ବିଷୟରେ ବୁଝାଇଥିବାବେଳେ ବଳଦେବ ରଥ ବାଲ୍ୟବିବାହ ଜନିତ ରିପୋର୍ଟିଂ ଓ ପରାମର୍ଶ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ୫ଟି ଯାକ ବ୍ଲକରୁ ଆସିଥିବା ବାଲ୍ୟବିବାହ ନିଷେଧ ଅଧିକାରୀ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଅନନ୍ୟା ବାଳିକା ମହାସଂଘର ସଦସ୍ୟା, ଡିସିପିୟୁ ପ୍ରତିନିଧି, ମହିଳା ଓ ଶିଶୁ ହେଲ୍ପ ଡେସ୍କର ପ୍ରତିନିଧି, ଆଶା ଓଡିଶାର ସମସ୍ତ କର୍ମୀ ଭାଗ ନେଇଥିବାବେଳେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଜିଲାକୁ ବାଲ୍ୟବିବାହ ମୁକ୍ତ ଜିଲା ଭାବରେ ଗଠନ କରିବାକୁ ସମସ୍ତ କର୍ମକର୍ତ୍ତା ଶପଥପାଠ କରିଥିଲେ ।



କୌଣସି ଲୋକ ଦୀର୍ଘକାଳ ଧରି କ୍ଷମତାର ଅପବ୍ୟବହାର କରିପାରେ ନାହିଁ କି ପାରିବ ନାହିଁ।

- ସେନେକା



## ସଂକ୍ଷେପରେ

### ସଂସ୍କୃତି ହେଉଛି ରାଷ୍ଟ୍ରର ଆତ୍ମା ସଦୃଶ

ରାଉରକେଲା ଅଫିସ,୭। ୧୨: ବେଦବ୍ୟାସଠାରେ ଥିବା ଗୁରୁକୂଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶନିବାର ପୂର୍ବାହ୍ନ ୧୧ଟାରେ ଅଧକ୍ଷ ଡ.ଉମାକାନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଉଦଘାଟକ ଭାବେ ସ୍ୱାମୀ ଅଗ୍ନିବାବା ଯୋଗଦେଇ ଭାରତୀୟ ସଂସ୍କୃତି ହେଉଛି ରାଷ୍ଟ୍ରର ଆତ୍ମା ସଦୃଶ। ନିଜ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ବଜାୟ ରଖିବାରେ ଛାତ୍ରୀଛାତ୍ରଙ୍କ ଗୁରୁଦାୟିତ୍ୱ ବୋଲି କହିଥିଲେ। ସ୍ୱାମୀ ପ୍ରଣବାନନ୍ଦ ସରସ୍ୱତୀ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ରାଷ୍ଟ୍ର ନିର୍ମାଣ କାର୍ଯ୍ୟରେ ସହଯୋଗ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ତଥା ବିଶିଷ୍ଟ ସାହିତ୍ୟିକ ଡ.ସୁବାସ ଲେଙ୍କା ନିଜ ବକ୍ତବ୍ୟରେ ବେଦବ୍ୟାସ ହେଉଛି ଗୁରୁ ପରମ୍ପରାର ଆଦ୍ୟ ପୀଠ ବୋଲି କହିଥିଲେ। ସମ୍ମାନୀତ ଅତିଥି ରମେଶ ଜେନା ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ଶ୍ରୀନିବାସ ପାଠୀ, ଡାକ୍ତର ପରମେଶ୍ୱର ଶତପଥୀ, କାଳୀକିଙ୍କର ପଣ୍ଡା, ଅଧାପକ ଚନ୍ଦ୍ରଧ୍ୱଜ ମାଝି, ଅଧାପିକା ଜ୍ୟୋତ୍ସ୍ନା ଦାସ ଓ ପ୍ରତିରେଖା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବରପାଲି ପୁସ୍ତକ ମେଳା ଉଦ୍‌ଘାଟିତ

ବରପାଲି, ୭।୧୨ (ଡି.ଏନ.ଏ): ସାରସ୍ୱତ ପୀଠ ବରପାଲିରେ ଗଙ୍ଗାଧର କଳା ପରିଷଦ ଆନୁକୂଲ୍ୟରେ ଆୟୋଜିତ ପୁସ୍ତକ ମେଳା ଶନିବାର ରାତି ପ୍ରାୟ ୮ଟାରେ ଉଦଘାଟିତ ହୋଇଛି । ଏହି ୫ ଦିନିଆ ପୁସ୍ତକ ମେଳାର ପ୍ରଥମ ଦିବସକୁ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରଞ୍ଜନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । କମିଟି ସଭାପତି ଡ. ରବୀନ୍ଦ୍ର ଗଡତିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅଧାପିକା ଜିତାରାଣୀ ଦାଶ ସମ୍ମାନିତ ଅତିଥି ଓ ବିଜେପୁର କଲେଜ ଅଧାପକ ଚିନ୍ମୟ କୁମାର ସାହୁ ମୁଖ୍ୟବକ୍ତା ତଥା ଆଲୋଚକ ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଗାଳ୍ପିକ ରୋହିତ କୁମାର ଦାଶଙ୍କ ରଚିତ 'ସ୍ୱପ୍ନର ସହର' ପୁସ୍ତକ ଉନ୍ମୋଚିତ ହୋଇଥିଲା। ରବିନ୍ଦ୍ର ଗଡତିଆ ସ୍ୱାଗତ ଭାଷଣ ଦେଇଥିଲେ ।

■ ସ୍ୱରେଜ ସମସ୍ୟା ନେଇ ଭାଜପା ପ୍ରତିନିଧିଙ୍କ ଆଲୋଚନା

# ଜାନୁୟାରୀ ଶେଷ ସୁଦ୍ଧା ଖୋଳା ଯାଇଥିବା ରାସ୍ତା ମରାମତି ହେବ

**ରାଉରକେଲା ଅଫିସ,୭।୧୨**

ସ୍ୱେରେଜ ସମସ୍ୟା ନେଇ ଶନିବାର ଭାଜପା ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ବିଭାଗୀୟ ନିର୍ଦ୍ଦେଶକ ଆର.ଏନ୍.ମଲ୍ଲିକଙ୍କ ସମେତ ଏଲଏଣ୍ଡଟି ପ୍ରକଳ୍ପ ନିର୍ଦ୍ଦେଶକ ରାଜା ଭେଲଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ପ୍ରତିନିଧି ମଣ୍ଡଳୀଙ୍କ ପକ୍ଷରୁ କୁହାଯାଇଛି ସହରରେ ଦୀର୍ଘଦିନ ହେବ ଚାଲିଥିବା ପାଇପ ବିଛା କାମ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ଏନେଇ ମୁଖ୍ୟ ରାସ୍ତା ସହ ସମସ୍ତ ଗଳି କନ୍ଦି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଅନେକ ସ୍ଥାନରେ ବଡ ବଡ ଗାତ ସୃଷ୍ଟି ହେବା ସହ ଧୂଳି ଧୂଆଁରେ ଲୋକେ ନାନା କଷ୍ଟ ଭୋଗ କରୁଛନ୍ତି। ସହରର ବାସନ୍ତୀ କଲୋନୀ, ଛେଣ୍ଡ, ଉଦିତନଗର, ଡେଲି ମାର୍କେଟ, ସିଭିଲ ଟାଉନସିପ, ବାଲୁଘାଟ ଓ ପାନପୋଷ ଆଦି ଅଞ୍ଚଳରେ ଯେଉଁ ଭଳି ଖାଲଢିପ ଅବସ୍ଥା ସୃଷ୍ଟି ହୋଇଛି ତାହା ଆଖିରେ ନ ଦେଖିଲେ ବିଶ୍ୱାସ କରି ହେବ ନାହିଁ। ବିପଦପୂର୍ଣ୍ଣ ରାସ୍ତା ଯୋଗୁ ପ୍ରତ୍ୟେକ ଦିନ କେଉଁଠି ନା କେଉଁଠି ଦୁର୍ଘଟଣା ଘଟିବା ପ୍ରାୟ ସୁନିଶ୍ଚିତ ହୋଇ ଗଲାଣି। ରାସ୍ତା ଖୋଳା ଯିବାର ଦୁଇ ଦିନ ମଧ୍ୟରେ ଏହାକୁ ସମତୁଲ କରାଯିବା କଥା, ତେବେ ଏହା ମାସ ମାସ ଧରି ପଡି ରହୁଛି। ରାସ୍ତା ଦବି ଖାଲ ସୃଷ୍ଟି ହେଉଛି। ଏଥିରେ ପଥଚାରୀଙ୍କ ସହ ବୁଲା ଗାଈ ମଇଁଷି ପଡି ଖଣ୍ଡିଆ ଖାବରା ହେଉଛନ୍ତି। ଖୋଳା ଯାଇଥିବା ରାସ୍ତା ଉପରେ କଂକ୍ରିଟ କରାଯାଇ ନ ଥିବାରୁ ଏଥିରୁ ଧୂଳି ଉଡି ପଥଚାରୀଙ୍କୁ ଅତିଷ୍ଠ କରୁଛି। ସମସ୍ତ ନୀତିନିୟମକୁ ଭୁଲି କର୍ତ୍ତୃପକ୍ଷ ପାଣି ସିଞ୍ଚନ କରୁ ନାହାଁନ୍ତି। ଗତ କିଛି ଦିନ ହେବ ସହରରେ ବାୟୁ ପ୍ରଦୂଷଣ ନେଇ ସାଧାରଣରେ ଚିନ୍ତା ପ୍ରକାଶ ପାଇଲାଣି ବୋଲି ପ୍ରତିନିଧି ମଣ୍ଡଳୀ ଅଭିଯୋଗ କରିଥିଲେ। ଏଭଳି ଅବସ୍ଥାକୁ ବିଭାଗୀୟ ଅଧିକାରୀ ଅନୁଧ୍ୟାନ କରୁ ନାହାଁନ୍ତି। ଯେଉଁ କାରଣରୁ ବେପରୁଆ ଭାବେ ପାଇପ ବିଛା କାମ ଶେଷ ହେବାର ନାଁ ନେଉନି। ଏଣୁ ଏହି ପ୍ରକଳ୍ପର ସଫଳତା ନେଇ ସଂଶୟ ସୃଷ୍ଟି ହୋଇଛି। ଉପରୋକ୍ତ ସମସ୍ୟା ପ୍ରତି ବିଭାଗୀୟ ଅଧିକାରୀଙ୍କ ସହ ସବିଶେଷ ଆଲୋଚନା ପରେ ଦ୍ୱରିତ ବେଗରେ କାମ ଶେଷ କରିବାକୁ ଦାବି କରାଯାଇଥିଲା। ଯେଉଁଠି ପାଇପ ବିଛା ନେଇ ରାସ୍ତା ଖୋଳା ଯାଉଛି ସେଠି ପ୍ରଥମେ ମରାମତି ତଥା କଂକ୍ରିଟ କରାଯାଉ। ପରେ ଅନ୍ୟଠି କାମ ଆରମ୍ଭ କରିବାକୁ ପ୍ରତିନିଧି ମଣ୍ଡଳୀ ଦାବି କରିଥିଲେ। ସମସ୍ୟାକୁ ଗୁରୁତର ଭାବେ ଗ୍ରହଣ କରିଥିବା ନିର୍ଦ୍ଦେଶକ ମଲ୍ଲିକ ପ୍ରତିନିଧି ଦଳଙ୍କ ସହ ଏକମତ ହୋଇଥିଲେ। ସୋମବାରଠାରୁ ନିୟମିତ ପାଣି ସିଞ୍ଚନ କରିବାକୁ ସେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଜାନୁୟାରୀ ଦ୍ୱିତୀୟ ସପ୍ତାହ ମଧ୍ୟରେ ସବୁ କ୍ଷତିଗ୍ରସ୍ତ ରାସ୍ତାକୁ କଂକ୍ରିଟ କରାଯିବ ବୋଲି ସେ କହିଥିଲେ। ଏହି ପ୍ରତିନିଧି ଦଳରେ ମୁଖପାତ୍ର ଭଗବାନ ରାଉତ, ଯୁବ ସଭାପତି ଅଙ୍କୁଶ ବର୍ମା, ସୁଶାନ୍ତ ବିଶ୍ୱାଳ, ନିହାର ରାୟ, ସଂଜୀବ ମାଇତି, ସୂର୍ଯ୍ୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ଏଡ୍‌ସ ସପ୍ତାହ ଉଦ୍‌ଯାପିତ




ବିଶ୍ୱ ଏଡ୍‌ସ ସପ୍ତାହ ଉଦ୍‌ଯାପନୀ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

**ରାଉରକେଲା ଅଫିସ,୭।୧୨**

ଓଡ଼ିଶା ହୋମିଓପାଥିକ ଚିକିତ୍ସକ ସଂଘ ଓ ପ୍ରଗତି ଉତ୍କଳ ସଂଘ ମିଳିତ ଆନୁକୂଲ୍ୟରେ ସପ୍ତାହ ବ୍ୟାପୀ ବିଶ୍ୱ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ପ୍ରଗତି ଉତ୍କଳ ସଂଘ ସେକ୍ଟର ୭ ପରିସରରେ ଆୟୋଜିତ ସମାରୋହରେ ସଂଘର ଅନ୍ୟତମ ଉପସଭାପତି ରଶ୍ମିରଞ୍ଜନ ବୋଇତାଇ ଅଧକ୍ଷତା କରିଥିଲେ। ଏହି ଅବସରରେ ସେ ଏଡ୍‌ସ ରୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିରେ ଡାକ୍ତର ଜ୍ଞାନରଞ୍ଜନ ଗିରି, ବ୍ରହ୍ମାନନ୍ଦ ନାୟକ, ବିପ୍ରଚରଣ ରାଉତ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ ଏଡ୍‌ସ ରୋଗ ଓ ଏହାର ଚିକିତ୍ସା ପଦ୍ଧତି ତଥା ସତର୍କତା ନେଇ ଆଲୋକପାତ କରିଥିଲେ। ଯୁବ ସମାଜକୁ ସଚେତନତା ଅଭିଯାନରେ ସାମିଲ କରି ସମାଜକୁ ସକାରାତ୍ମକ ବାର୍ତ୍ତା ପ୍ରଦାନ କରିବାକୁ ହେବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ଏହି ମାରାତ୍ମକ ରୋଗର ନିରାକରଣ ନେଇ ପ୍ରତ୍ୟେକ ନିଜ ନିଜ ସ୍ତରରେ ଅଭିଯାନ ଚଳାଇବାକୁ ଆହ୍ୱାନ ଦିଆଯାଇଥିଲା। ଡାକ୍ତର ବସନ୍ତ ଦାସ, ଡ.ଶିବରାମ କ୍ରିଷ୍ଣନ ଡ. ସପନ ମାଇତି ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ସଂଘ ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ପାଇକମାଲ, ୭।୧୨ (ଡି.ଏନ.ଏ)**

ପାଇକମାଲ ବ୍ଲକ ମାଣ୍ଡିଆଡ଼ିପା ଗ୍ରାମରେ ଆଜାଦ କ୍ଲବ ଆନୁକୂଲ୍ୟରେ ୨୧ତମ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂହ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ବ୍ଲକ ଅଧକ୍ଷ ଅଲତାଫ ମହମ୍ମଦ, ସରପଞ୍ଚ ବାବୁଲାଲ ଧରୁଆ, ବିଜୟ କୁମାର ସ୍ୱାଇଁ, କଂସ ମହାରାଜ ଗୋପବନ୍ଧୁ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ମ୍ୟାଚ ମାଣ୍ଡିଆଡ଼ିପା ଓ ନକଟାସ ମଧ୍ୟରେ ହୋଇ ନକଟାସ ୦-୧ ଗୋଲରେ ବିଜୟୀ ହୋଇଥିଲା। ଅନ୍ୟ ଏକ ମ୍ୟାଚ ବଲାଙ୍ଗୀର ଓ ପଦ୍ମପୁର ମଧ୍ୟରେ ଅନୁଷ୍ଠିତ ହୋଇ ପଦ୍ମପୁର ୦-୫ ଗୋଲରେ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ କୁଚିଣ୍ଡା ଓ ଅଇଁଠାପାଲି ମଧ୍ୟରେ ହୋଇ ଅଇଁଠାପାଲି ଦଳ ୦-୧ ଗୋଲରେ ବିଜୟୀ ହୋଇଥିଲା । ଶେଷ ମ୍ୟାଚ ସମ୍ବଲପୁର ଓ ବରପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ ସମ୍ବଲପୁର ବିଜୟୀ ହୋଇଥିଲା। ରବିବାର ସେମିଫାଇନାଲ ଓ ଫାଇନାଲ ମ୍ୟାଚ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।

■ ବେଦାନ୍ତ କମ୍ପାନୀ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ

## ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କଲେ କଳାକାର



ବେଦାନ୍ତ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ସଚେତନତା ସଭାରେ ଅତିଥିମାନେ।

**ସମ୍ବଲପୁର,୭।୧୨(ବ୍ୟୁରୋ)**

ଝାରସୁଗୁଡାସ୍ଥିତ ବେଦାନ୍ତ କମ୍ପାନୀ ପକ୍ଷରୁ ବିଶ୍ୱ ଏଡସ୍ ଦିବସ ଅବସରରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ୮ହଜାର ଲୋକଙ୍କୁ ସଚେତନ କରାଯାଇଛି। ଲାଲ ରିବନ୍, ସୂଚନାପତ୍ର ବଣ୍ଟନ କରାଯାଇଥିଲା। ଝାରସୁଗୁଡା ଏଲ.ଏନ. କଲେଜ, ଇଞ୍ଜିନିୟରିଂ କଲେଜ, ବ୍ଲାକ୍ ଡାଇମଣ୍ଡ କଲେଜ, ରିଜର୍ଭ ପୋଲିସ ଲାଇନ, ସରକାରୀ ବାଳିକା ହାଇସ୍କୁଲ ସମେତ ନିକଟସ୍ଥ ୨୪ଟି ଗ୍ରାମର ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ବିଶେଷଜ୍ଞ ଶିବପ୍ରସାଦ ଓଝା, ପ୍ରଶାନ୍ତ ପାତ୍ର ଯୋଗଦେଇ ଏଡସ୍ ବିଷୟରେ ବୁଝାଇଥିଲେ । ବେଲପାହାଡ ମିରର ଥିଏଟର୍ କଳାକାରମାନେ ଭୁରୁକାମୁଣ୍ଡା, ସରବାହାଲ ଓ ପ୍ଲାଣ୍ଟ ପରିସରରେ ଅଭିନୟ ମାଧ୍ୟମରେ ଟ୍ରକ୍ ଡ୍ରାଇଭର ଓ ଜନସାଧାରଣଙ୍କୁ ସୂଚନା ସଚେତନ କରିଥିଲେ ।



ସ୍ୱଚ୍ଛତା ପକ୍ୱାଡା: କର୍ଣ୍ଣେଲ ସୁଖବୀର ସିଂଙ୍କ ନେତୃତ୍ୱରେ ବାହାରିଥିବା ଶୋଭାଯାତ୍ରା।

## ୯ମ ବାଟାଲିୟନ ପକ୍ଷରୁ ସ୍ୱଚ୍ଛତା ପକ୍ୱାଡା

**ରାଉରକେଲା ଅଫିସ,୭। ୧୨**

୯ମ ଓଡ଼ିଶା ବାଟାଲିୟନ ଦ୍ୱାରା ପ୍ଲଗିଂ ଦିବସ ଶନିବାର ପାଳିତ ହୋଇ ଯାଇଛି। କର୍ଣ୍ଣେଲ ସୁଖବୀର ସିଂଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ସେକ୍ଟର-୫ଠାରୁ ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଏହି ଅବସରରେ ପଲିଥିନ ଭଳି ଦୂଷିତ ବର୍ଜ୍ୟ ସାମଗ୍ରୀ ବ୍ୟବହାର ନେଇ ସଚେତନତା ସୃଷ୍ଟି କରାଯାଇ ଥିଲା। ଏକ ଆବର୍ଜନା ମୁକ୍ତ ସହର ଗଠନ ନେଇ ଏନସିସି କ୍ୟାଡେଟମାନେ ବିଭିନ୍ନ ସ୍ଲୋଗାନ ଦେବା ସହ ରାସ୍ତା ପାର୍ଶ୍ୱ ଆବର୍ଜନା ସଫା କରିଥିଲେ। ଏଥିରେ ବିଭିନ୍ନ ମହାବିଦ୍ୟାଳୟ ଷ୍ଟାଫ ସାମିଲ ହୋଇଥିଲେ। ପ୍ରାୟ ୯ଶହ ୫୦ ଛାତ୍ରୀଛାତ୍ର ଏହି ପକ୍ୱାଡା ଅଭିଯାନରେ ସାମିଲ ହୋଇଥିଲେ। ଏଥିରେ କର୍ଣ୍ଣେଲ ଭି.ଭେଙ୍କଟେଶ, କ୍ୟାପଟେନ ସତ୍ୟନାରାୟଣ ରାଉତଙ୍କ ସମେତ ବିଭିନ୍ନ ସ୍ଥାନରୁ ଆସିଥିବା ଏନସିସି ଅଧିକାରୀ ଯୋଗ ଦେଇଥିଲେ। ସକାଳ ୯ଟାରୁ ଆରମ୍ଭ କରାଯାଇ ଥିବା ଏହି ଅଭିଯାନ ଅପରାହ୍ନ ସାଢେ଼୧୨ଟା ପର୍ଯ୍ୟନ୍ତ ଜାରି ରହିଥିଲା।

■ ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ

# ରାଉରକେଲା, ବରଗଡ଼, ସୁନ୍ଦରଗଡ଼ ବିଜୟୀ

**ସୋହେଲା,୭।୧୨(ଡି.ଏନ.ଏ)**

ଓଡିଶା ଫୁଟବଲ ଆସୋସିଏଶନ ଦ୍ୱାରା ଆୟୋଜିତ ୬୦ତମ ଆନ୍ତଃ ଜିଲା ସାହାଣୀ କପ ଫୁଟବଲ ପ୍ରତିଯୋଗିତାରେ ଶନିବାର ରାଉରକେଲା ଓ ବଲାଙ୍ଗୀର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଦଳ ବଲାଙ୍ଗୀରକୁ ୨-୦ ଗୋଲରେ ହରାଇ ବିଜୟୀ ହୋଇଛି। ଆଜିର ମ୍ୟାଚରେ ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ଭାବେ ସମାପ୍ତ ହେବା ପରେ ଦ୍ୱିତୀୟାର୍ଦ୍ଧ ଖେଳର ୭୨ତମ ମିନିଟରେ ରାଉରକେଲା ଦଳର ଅରବିନ୍ଦ ଲାକ୍ରା ଦଳ ପାଇଁ ପ୍ରଥମ ଗୋଲ ଦେଇଥିଲେ । ଏହାର ୧୫ମିନିଟ ପରେ ଏଡୱିନ ତିର୍କେ ଦଳ ପକ୍ଷରୁ ଆଉ ଏକ ଗୋଲ କରି ଦଳକୁ ୨-୦ଗୋଲରେ ବିଜୟୀ କରିଥିଲେ। ବଲାଙ୍ଗୀର ଦଳର ଖେଳାଳିମାନେ ଗୋଲ ଦେବାର ଅନେକ ସୁଯୋଗ ହାତଛଡା କରି ମ୍ୟାଚ୍‌ରୁ ବିଦାୟ ନେଇଥିଲେ। ଆଜିର ମ୍ୟାଚରେ ସୋହେଲା ତହସିଲଦାର ଅଶୋକ କୁମାର ଗଡତିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମ୍ୟାଚ୍ ରେଫରୀ ଆଶୀର୍ବାଦ କାନୁନ୍‌ଗୋ ଖେଳ ପରିଚାଳନା କରିଥିବା ବେଳେ ବିପୁଲ ବିଦ୍ୟାଧର ଓ ରମଣୀ ମାଝୀ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଶୁଭମ ପାତ୍ର ଏବଂ ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାଏକ ରହିଥିଲେ ।

**ବରପାଲି, (ଡି.ଏନ.ଏ):** ବରପାଲି ବ୍ଲକ କଦଳୀପାଲି ଫୁଟବଲ ପଡିଆରେ ଚାଲିଥିବା ୬୦ତମ ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଶନିବାର ପଞ୍ଚମ ଦିବସର ଖେଳ ପୁରୀ ଏକାଦଶ ଓ ବରଗଡ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବରଗଡ ଦଳ ୪-୦ ଗୋଲରେ ବିଜୟୀ ହୋଇଥିଲା। ଖେଳକୁ କିଶନ ଦାଶ, ବିଭୁତି ଭୂଷଣ ବେହେରା ଓ ଦେବାଶିଷ ବାଗ ପ୍ରମୁଖ ପରିଚାଳନା କରିଥିବା ବେଳେ ନିରଞ୍ଜନ ମହାକୁର ଓ ପ୍ରଶାନ୍ତ ବେହେରା ସହଯୋଗ କରିଥିଲେ। ସେହିପରି ରବି ମହାପାତ୍ର ପର୍ଯ୍ୟବେକ୍ଷକ ଥିଲେ। ଏହି ଅବସରରେ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଓ ଲେଣ୍ଡା ପଞ୍ଚାୟତ ସମିତି ସଭ୍ୟା ସ୍ୱର୍ଣ୍ଣମୟୀ ଭୋଇ



ଉଭୟ ଦଳର ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

**ଭେଡ଼େନ, ୭।୧୨(ଡ଼ି.ଏନ.ଏ):** ଭେଡ଼େନ ସ୍ଥିତ ରଣଜିତା ଷ୍ଟାଡ଼ିୟମରେ ଚାଲିଥିବା ସାହାଣୀ କପ ଫୁଟବଲ ପ୍ରତିଯୋଗିତାର ଶନିବାର ମ୍ୟାଚ୍‌ରେ ସୁନ୍ଦରଗଡ଼ ଦଳ ବିଜୟୀ ହୋଇ ଭେଡ଼େନ ଜୋନ ଫାଇନାଲକୁ ପ୍ରବେଶ କରିଛି । ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ମଧ୍ୟରେ ହୋଇଥିବା ଏହି ମ୍ୟାଚରେ ସୁନ୍ଦରଗଡ଼ ଦଳ ୨-୧ ଗୋଲ ବ୍ୟବଧାନରେ ବିଜୟୀ ହୋଇ ଏହି ସଫଳତା ହାସଲ କରିଛି। ରେଫରୀ ଶ୍ରୀକାନ୍ତ ବହିଦାର, ଦିଲୀପ କୁମାର ମିଶ୍ର, ସଫିକୁଲ ଖାଁ ଖେଳ ପରିଚାଳନା କରିଥିବା ବେଳେ ଦେବରାଜ ନାହାକ ଚତୁର୍ଥ ରେଫରି ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ମୁଖ୍ୟଅତିଥି, କଂଗ୍ରେସ ନେତା ପ୍ରଦୀପ ଦେବତା, ଜିଲା କ୍ରିଡ଼ା ସଂସଦ ଉପସଭାପତି ଯୁଗଳ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସନ୍ତୋଷ କୁମାର ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ । ଆସନ୍ତା ୯ ତାରିଖରେ ସୁନ୍ଦରଗଡ଼ ଦଳ ଦେବଗଡ଼ ଦଳକୁ ଜୋନ ଫାଇନାଲରେ ଭେଟିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

## ଗୀତରେ ପିଲାଙ୍କୁ ଉତ୍ସାହିତ କଲେ ପଦ୍ମଶ୍ରୀ

**ବରଗଡ଼ ଅଫିସ୍,୭।୧୨**



ପଦ୍ମଶ୍ରୀ ହଳଧର ନାଗ ପିଲାମାନଙ୍କୁ ପୁରସ୍କୃତ କରୁଛନ୍ତି ।

ବରଗଡ଼ ସହର ଉପକଣ୍ଠ ସିମେଣ୍ଟନଗର ହାଇସ୍କୁଲ ପଡ଼ିଆରେ ଶନିବାର ଗଳ୍ପ କଥନ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ବରଗଡ଼ର ଏସିସି ଟ୍ରଷ୍ଟ, ପତଙ୍ଗ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖଲିଆପାଲି, ବରଡ଼ୋଲ, କଟାପାଲି, ବରଗାଁ ପଞ୍ଚାୟତର ବିଭିନ୍ନ ଗୋଷ୍ଠୀ ସମୂହ ଓ ସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦଯାପନୀ ସମାରୋହରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି ଭାବେ ଯୋଗଦାନ କରିବା ସହିତ ଗପ, ଗୀତ ମାଧ୍ୟମରେ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ପତଙ୍ଗର ପ୍ରୋଗ୍ରାମ ମ୍ୟାନେଜର ରୂପେଶ ବେହେରା, ହାସ୍ୟକବି ଦେବେନ୍ଦ୍ର ସାହୁ, ଚୈତନ୍ୟ ପାଇକ, ଏସିସିର ଜାମିଲ ଅଖତର ଖାନ୍, ସିମେଣ୍ଟନଗର ହାଇସ୍କୁଲର ପ୍ରଧାନଶିକ୍ଷକ ରମାକାନ୍ତ ମେହେର, ସିଆରସିସି ଦୀପ୍ତିମାନ ପାଣିଗ୍ରାହୀ, ଅଗସ୍ତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲାସ୍ତରୀୟ ଆଥଲେଟିକ ମିଟ୍ ଉଦ୍‌ଯାପିତ

**ବ୍ରଜରାଜନଗର,୭।୧୨(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲାସ୍ତରୀୟ ଆଥଲେଟିକ ମିଟ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ୨ଦିନିଆ ଆଥଲେଟିକ ମିଟ୍‌ରେ ଜିଲାର ୩୫ଟି ବିଦ୍ୟାଳୟ ଏବଂ କ୍ଲବରୁ ୪ଶହ ଝିଅ, ପୁଅ ୧୧୪ଟି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ । ଅଣ୍ଡର ଗାର୍ଲ ୧୮ ଓ ଅଣ୍ଡର ୧୬ରେ ଲିପସା ଧୁରୁଆ, ସୁରଭି ପଟ୍ଟନାୟକ, ମମତା ନେଟି ଏବଂ ୨୦ ବର୍ଗରେ ଖୁସି ରାଏ, ସାଇନି ଅମ୍ବିକା ଓ ପୁରୁଷ ବର୍ଗରେ ହରିଶ କୁମାର ବଗର, ସଂଗ୍ରାମ କେଶରୀ ନାଏକ ଓ ଅଭିନାଶ ସାହୁ ଚାମ୍ପିୟନ ହୋଇଥିଲେ। ଅତିଥିମାନେ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ମେଡାଲ ଦେଇ ସମ୍ମାନିତ କରିଥିଲେ। ପ୍ରତିଭାବାନ କ୍ରୀଡାବିତ୍‌ମାନେ କିପରି ରାଜ୍ୟସ୍ତରରେ ଅଂଶ ଗ୍ରହଣ କରି ସଫଳତା ପାଇବେ ସେ ଦିଗରେ ଜିଲା ସଂଗଠନ ଆଗ୍ରହର ସହିତ କାମ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ । ଜିଲା ଆଥଲେଟିକ ସମ୍ପାଦକ କମ୍ପାଉଣ୍ଡର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ତାପସ ରାଏ ଚୌଧୁରୀ, ବିଜୟ ବେହେରା, ବ୍ରିଜେଶ ଶର୍ମା, କୈଳାସ ନାଏକ, ଝାରସୁଗୁଡ଼ା ଜିଲା ବିଜେଡି ଉପସଭାପତି ବିଶ୍ୱନାଥ ନାଏକ ପ୍ରମୁଖ ମଞ୍ଚାସୀନ ରହି ପୁରସ୍କାର ବିତରଣ କରିଥିଲେ । ଜିଲା ଉପସଭାପତି ଜୀବନ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ।



ଅତିଥିଙ୍କ ସହ କୃତୀ କ୍ରୀଡ଼ାବିତ୍‌ମାନେ।



ନିର୍ବୋଧମାନଙ୍କର ଯୁକ୍ତି ହେଉଛି ପକ୍ଷପାତିତା।
- ଭଲଟାୟାର



## ସଂକ୍ଷେପରେ

### ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ
## ଜେଲହାଜତକୁ ଗଲେ ସହକାରୀ ଯନ୍ତ୍ରୀ

ସୁନ୍ଦରଗଡ଼, ୭।୧୨ (ଡି.ଏନ୍.ଏ)– ଆୟବହିର୍ଭୂତ ସମ୍ପତ୍ତି ଠାବ ହେବା ପରେ ଭିଜିଲାନ୍ସ ବିଭାଗ ରେଢାଖୋଲ ଆର.ଡି ସହକାରୀ ଯନ୍ତ୍ରୀ ଶ୍ୟାମସାଗର ସାଏଙ୍କୁ ଶନିବାର ସନ୍ଧ୍ୟାରେ ସୁନ୍ଦରଗଡ ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି। ଶୁକ୍ରବାର ସହକାରୀ ଯନ୍ତ୍ରୀ ସାଏଙ୍କ ରେଢାଖୋଲସ୍ଥିତ ସରକାରୀ ବାସଭବନ ସମେତ ସୁନ୍ଦରଗଡ ମହେଶଡିହି ବାସଭବନ ଓ ବାଲିଶଙ୍କରା ବ୍ଲକ ବନଡେଗା କୁବାପଡ଼ାରେ ତାଙ୍କ ପୈତୃକ ବାସଭବନରେ ଏକକାଳୀନ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ସୁନ୍ଦରଗଡରେ ଏହି ଚଢାଉ ଶନିବାର ଭୋର ପର୍ଯ୍ୟନ୍ତ ଚାଲିଥିଲା । ଚଢାଉ ପରେ ଏହି ଯନ୍ତ୍ରୀଙ୍କ ସମୁଦାୟ ୧କୋଟି ୭୭ଲକ୍ଷ ଟଙ୍କା ମୂଲ୍ୟର ସମ୍ପତ୍ତି ମଧ୍ୟରୁ ୯୩ଲକ୍ଷ ୪୧ହଜାର ୨୭ଶହ ଟଙ୍କା ଆୟବର୍ହିଭୂତ ସମ୍ପତ୍ତି ଥିବାର ଆକଳନ କରାଯାଇଛି। ସ୍ୱତନ୍ତ୍ର ଭିଜିଲାନ୍ସ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯିବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ୧୯୯୩ ମସିହାରୁ କୋରାପୁଟରେ ଚାକିରି ଆରମ୍ଭ କରି ୨୦୧୦ ପର୍ଯ୍ୟନ୍ତ ରହିଥିଲେ । ଏହାପରେ ସେ ୨୦୧୦ରୁ ରେଢାଖୋଲ ଆରଡି ବିଭାଗକୁ ବଦଳି ହେବା ପରେ ୨୦୧୫ରେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ।

### ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତରଫରୁ ପ୍ରଶିକ୍ଷଣ କର୍ମଶାଳା, ସମୀକ୍ଷା ବୈଠକ
# ନିର୍ଦ୍ଧାରିତ ସମୟ ମଧ୍ୟରେ ଲକ୍ଷ୍ୟ ଧାର୍ଯ୍ୟ ପାଇଁ ଗୁରୁତ୍ୱାରୋପ

**ସୁନ୍ଦରଗଡ଼, ୭।୧୨ (ଡି.ଏନ୍.ଏ)**

ସ୍ଥାନୀୟ ଶଙ୍କରାସ୍ଥିତ କଲ୍ୟାଣମଣ୍ଡପ ଠାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଶନିବାର ବିଭିନ୍ନ ସରକାରୀ ଯୋଜନାଗୁଡିକର ସଫଳ କାର୍ଯ୍ୟକାରିତା ନେଇ ଏକ ପ୍ରଶିକ୍ଷଣ କର୍ମଶାଳା, ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଏହି ବୈଠକରେ ଅଧ୍ୟକ୍ଷତା କରି ମୋ ସରକାର ଅଧୀନରେ ଆସୁଥିବା ବିଭିନ୍ନ ଯୋଜନାଗୁଡିକୁ ତୁରନ୍ତ ହିତାଧିକାରୀଙ୍କ ନିକଟକୁ ପହଞ୍ଚାଇବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଏଥି ସହିତ ଗ୍ରାମୀଣ ଆବାସ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଚର୍ତୁଦଶ ଅର୍ଥ କମିଶନ, ଚତୁର୍ଥ ରାଜ୍ୟ ଅର୍ଥ କମିଶନ ଓ ଅନ୍ୟାନ୍ୟ ଯୋଜନା ଗୁଡିକରେ ଅନୁମୋଦିତ ହୋଇ ପଡିରହିଥିବା ପ୍ରକଳ୍ପଗୁଡିକୁ ତୁରନ୍ତ ଆରମ୍ଭ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ ପଞ୍ଚାୟତଗୁଡିକରେ ବର୍ଷବର୍ଷ ଧରି ବିଭିନ୍ନ ଯୋଜନାରେ ପଡି ରହିଥିବା ପାଣ୍ଠିଗୁଡିକୁ ମଧ୍ୟ ତୁରନ୍ତ ଖର୍ଚ୍ଚ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏପରିକି ଲୋକମାନଙ୍କ ସହିତ ଉପଯୁକ୍ତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲାରେ ବିଭିନ୍ନ ଯୋଜନାରେ ନିର୍ମାଣ ହୋଇଥିବା ବଜାର ଗୃହ /ଦୋକାନଘର ଗୁଡିକୁ ଉପଯୁକ୍ତ ହିତାଧିକରୀମାନଙ୍କୁ ଆବଣ୍ଟନ କରି ତାର ସଦୁପୋଯୋଗ କରିବାକୁ କହିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ ଯୋଜନାରେ ସୁନ୍ଦରଗଡ ଜିଲାରେ ୨୦୧୯ –୨୦ ବର୍ଷ ପାଇଁ ୧୧୦୦୦ଖୋଲା କୂପ ଖନନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ୪୫,୦୫୮ ଗୋଟି ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ସେଥି ମଧ୍ୟରୁ ୯୮୯୩ ଗୋଟି ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ସୂଚନା ଦେଇଥିଲେ। ଏଥିସହିତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୧କୋଟି ୪୨ଲକ୍ଷ ୩୨ ହଜାର ୮୩୪ ଶ୍ରମ ଦିବସ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ନେଇ ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଭାଗୀୟ ସମସ୍ତ ଅଧିକାରୀ ହିତାଧିକାରୀମାନଙ୍କ ସହିତ ଯୋଗାଯୋଗ ରଖି ଧାର୍ଯ୍ୟ ସମୟ ମଧ୍ୟରେ ଘରଗୁଡିକ ସମ୍ପୂର୍ଣ୍ଣ କରିବା ସହ ଏମ୍‌ଜିଏନ୍‌ଆର୍‌ଇଜିଲସ୍ ଯୋଜନାରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଶ୍ରମ ଦିବସଗୁଡିକୁ ଲକ୍ଷ୍ୟ ହାସଲ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି କର୍ମଶାଳା ଓ ବୈଠକରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ପଞ୍ଚାୟତ ଅଧିକାରୀ ଯୋଗଦେଇ ବିଭିନ୍ନ ଯୋଜନାଗୁଡିକର ପ୍ରକଳ୍ପ ସମୀକ୍ଷା କରିଥିଲେ। ସୁନ୍ଦରଗଡ ଉପଖଣ୍ଡର ସମସ୍ତ ବ୍ଲକ ବିଡିଓ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅତିରିକ୍ତ ପ୍ରୋଗ୍ରାମଅଫିସର ମାନେ ଉପସ୍ଥିତ ଥିଲେ।





ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ସରକାରୀ ଯୋଜନାଗୁଡିକର ସଫଳ କାର୍ଯ୍ୟକାରିତା ନେଇ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ।

## ଲହୁଣୀପଡ଼ାରେ ବିଶ୍ୱ ମୃତ୍ତିକା ଦିବସ ପାଳିତ

**ଲହୁଣୀପଡା, ୭।୧୨ (ଡି.ଏନ.ଏ)**

ଲହୁଣୀପଡା କୃଷି ସୂଚନା ଓ ପରାମଶ କେନ୍ଦ୍ର ପକ୍ଷରୁ ଲହୁଣୀପଡା ବ୍ଲକ କଟୁପଡା ଗ୍ରାମରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୃଷି ସୂଚନା ପରାମର୍ଶ ଅଧକ୍ଷ ଦେବାନନ୍ଦ ମାହାନ୍ତ, ମୁଖ୍ୟବକ୍ତା ଭାବେ ଖୁଣ୍ଟଗାଁ ଉପ କୃଷି ଅଧିକାରୀ କୃପାସିନ୍ଧୁ ଭୋଇ ଯୋଗଦେଇଥିଲେ। ଉପକୃଷି ଅଧିକାରୀ ଗୟାଧର ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୁଶିଲ କୁମାର ସାହୁ ଅତିଥି ପରିଚୟ ଓ ବିଶ୍ୱ ମୃତ୍ତିକା ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଚାଷୀମାନେ ଚିରାଚରିତ ଅନୁସାରେ ଚାଷ କରିବା ଅପେକ୍ଷା, ବୈଜ୍ଞାନିକ ପ୍ରଣାଳୀରେ ଉନ୍ନତ ଚାଷ କରିବା ଆବଶ୍ୟକ। ଚାଷୀ ଧାନ, ବିରି, ପରିବା ପ୍ରଭୃତି ଚାଷ କରିବା ପୂର୍ବରୁ ନିଜ ଜମିର ମାଟିକୁ ପରୀକ୍ଷା କରିଦେବା ଦରକାର। ଜମି ମାଟିକୁ ପରୀକ୍ଷା କରିବା ଦ୍ୱାରା କେଉଁ ଜମିରେ କେଉଁ ସାର କେତେ ପରିମାଣରେ ଆବଶ୍ୟକ ପଡିବ ଏ ସମ୍ପର୍କରେ ଚାଷୀମାନେ କୃଷି ସୂଚନା ପରାମର୍ଶ କେନ୍ଦ୍ର କିମ୍ବା କୃଷି ଓଭରସିୟରମାନଙ୍କ ପାଖରୁ ପରାମର୍ଶ ନେଇ ପାରିବେ। ବୁଧୁରାମ ଗୌଡ ଧନ୍ୟବାଦ ପ୍ରଦାନ କରିଥିଲେ। ବହୁ ସଂଖ୍ୟାରେ ମହିଳା, ପୁରୁଷ ଚାଷୀ ଉପସ୍ଥିତ ଥିଲେ।

## ଲାୟନ୍ସ କ୍ଲବ ପକ୍ଷରୁ ସ୍କୁଲ୍ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ରାଉରକେଲା ଲାୟନ୍ସ କ୍ଲବ ପକ୍ଷରୁ କୁମଝରିଆ ହାଇସ୍କୁଲ୍‌ରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର।

**କୁଆଁରମୁଣ୍ଡା, ୭।୧୨(ଡି.ଏନ୍.ଏ.)**

ରାଉରକେଲା ଲାୟନ୍ସ କ୍ଲବ ପକ୍ଷରୁ ଶନିବାର କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କୁମଝରିଆ ହାଇସ୍କୁଲ୍‌ରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଛି। ସକାଳ ୯ଟାରୁ ଏହି ଶିବିର ଅନୁଷ୍ଠିତ ହୋଇ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ବିଶେଷକରି ଛାତ୍ରୀଛାତ୍ରମାନଙ୍କର ଚର୍ମ ଇତ୍ୟାଦି ପରୀକ୍ଷା କରାଯାଇଛି ବୋଲି ସ୍କୁଲ୍‌ର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲ ସୂଚନା ଦେଇଛନ୍ତି। ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଡା.ଏସ୍ ମିଶ୍ର, ଡା.ଜ୍ୟୋତି ପ୍ରମୁଖ ଉପସ୍ଥିତ ରହି ପ୍ରାୟ ୮ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ମଧ୍ୟ ବଣ୍ଟନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଲାୟନ୍ସ ରାଜକିଶୋର ମିଶ୍ରଙ୍କ ସହ ସ୍କୁଲ୍‌ର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲ ଓ ଅନ୍ୟ ଶିକ୍ଷୟିତ୍ରୀ/ଶିକ୍ଷକମାନେ ସୁଚାରୁରୂପେ ସଞ୍ଚାଳନ କରିଛନ୍ତି।

## କପା ଫସଲର ଗୁଣାତ୍ମକମାନ ପରିଚାଳନା ଶିବିର

**ଅମରପାଲି, ୭।୧୨ (ଡି.ଏନ.ଏ.)**

ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତର ଅଡାଲ ଗ୍ରାମର ଶ୍ରୀରାମଲୀଳା ମଣ୍ଡପରେ କପା ଫସଲର ଗୁଣାତ୍ମକମାନ ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ଓଭରସିଅର ସୁଜାତା ପାତ୍ର ଯୋଗଦେଇ ମୃତ୍ତିକା, ଜଳ, ସମନ୍ୱିତ ରୋଗପୋକ, ଉନ୍ନତ କୃଷି ଯନ୍ତ୍ରପାତି ପରିଚାଳନା ସମ୍ପର୍କରେ ଉପସ୍ଥିତ କପାଚାଷୀଙ୍କୁ ବୁଝାଇଥିଲେ। ଆତ୍ମାର ଉପନିର୍ଦ୍ଦେଶକ ତୁଷାର ରଞ୍ଜନ ମିଶ୍ର ଅମଳ ସମୟ ଓ ଅମଳ ପୂର୍ବରୁ କପାର ଯତ୍ନ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧରେ ସୋମନାଥ ମହାପାତ୍ର ଯୋଗଦେଇ କପା ଫସଲର ଗୁଣାତ୍ମକମାନ ଓ ବିକ୍ରି ପରିବହନ ସମ୍ପର୍କରେ ବୁଝାଇଥିଲେ।

## ଧାଙ୍ଗେରଗୁଡି ଗ୍ରାମରେ ବିହନ ବଣ୍ଟନ

**ଲେଫ୍ରିପଡା, ୭।୧୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଗୁଣ୍ଡିଆଡିହି ପଞ୍ଚାୟତର ଧାଙ୍ଗେରଗୁଡି ଏବଂ ଭୂର୍ଷିଦାଣ୍ଡ ଗ୍ରାମରେ ସୁନ୍ଦରଗଡ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଏବଂ କ୍ଷଦ୍ର ଜଳ ବିଭାଜିକା ପ୍ରକଳ୍ପ ପକ୍ଷରୁ ବିହନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉପାନ୍ତ ଅଞ୍ଚଳମାନଙ୍କରେ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମ ସବୁ କାର୍ଯ୍ୟକାରୀ କରିବା ପାଇଁ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଲେଫ୍ରିପଡା ବ୍ଲକ୍ ଉପାଧ୍ୟକ୍ଷ ଅମୀର କୁମାର ନାଏକ, ଡିଡିଏମ୍ ନାବାର୍ଡର ଶକ୍ତି ପ୍ରସନ୍ନ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ୧୫୦ଏକର ଜମିରେ ୮୪ଜଣ ଚାଷୀଙ୍କୁ ଚାଷ କରିବା ପାଇଁ ମଟର ବିହନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଚକ୍ରଧର ପୃଷେଠ୍, ଅଭିଷେକ ତନ୍ତୀ, ବେଦବ୍ୟାସ ଧୃଆ, ସସ୍ମିତା ଜୟପୁରିଆ, ଗଙ୍ଗାଧର କିଷାନ୍, ସୁବ୍ରତ ପଟେଲ, ବିଜୟ ମାଝୀ, ନିରୋଜ ମାଝୀ, ଲୋକନାଥ ମାଝୀ, ଶିବ କୁମାର ପାଣ୍ଡେ ପ୍ରମୁଖ ଯୋଗଦାନ କରିଥିଲେ।



ଚାଷୀଙ୍କୁ ବିହନ ବଣ୍ଟନ କରାଯାଉଛି।

## ଜିଲା ବିଜେଡି କର୍ମୀ ସମ୍ମିଳନୀ

**ସୁନ୍ଦରଗଡ, ୭।୧୨ (ଡି.ଏନ୍.ଏ)**

ବିଜୁ ଜନତା ଦଳ (ବିଜେଡି) ସୁନ୍ଦରଗଡ ସାଙ୍ଗଠନିକ ଜିଲାରେ ଏକ କର୍ମୀ ସମ୍ମିଳନୀ ସ୍ଥାନୀୟ ପୌରପରିଷଦ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ମଙ୍ଗଳା କିଶାନ ଏହି ଉପଲକ୍ଷେ ଆୟୋଜିତ ସଭାରେ ଅଧ୍ୟକ୍ଷତା କରି କର୍ମୀମାନେ ଏକ ଜୁଟ ହୋଇ ଆଗାମୀ ଦିନରେ ଦଳର ସଙ୍ଗଠନକୁ ମଜବୁତ କରି ଜିଲାରେ ଆଗାମୀ ପୌରନିର୍ବାଚନରେ ବିଜେଡି ପ୍ରାର୍ଥୀ ମାନଙ୍କୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ । ପ୍ରାରମ୍ଭରେ ବରିଷ୍ଠ ବିଜେଡି ନେତା ଜନ୍ମେଜୟ ମହାପାତ୍ର ରାଉରକେଲା ଓ ସୁନ୍ଦରଗଡ ସ୍ୱତନ୍ତ୍ର ୨ଟି ସାଙ୍ଗଠନିକ ଜିଲା ଗଠନ କରିଥିବାରୁ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ। ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ଅମାତ ସଙ୍ଗଠନ ମଜବୁତ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡିକର ସୁଫଳ କିଭଳି ଲୋକଙ୍କ ନିକଟରେ ପହଞ୍ଚିବ ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଜିଲା ସାଧାରଣ ସମ୍ପାଦକ ବିନୟ କୁମାର ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଜେଡି ନେତା ଜିତୁ ଦାସ, ସୁମନ୍ତ କୁମାର ପଣ୍ଡା, ଜିଲା ବିଜୁ କୃଷକ ଜନତା ଦଳ ସଭାପତି ଗୋପାଳ ପ୍ରଧାନ, ସମ୍ପାଦକ ସୁନୀଲ ମହାପାତ୍ର, ଲଲାଟ ପରିଡା, ହେମଗିର ବ୍ଲକ ସଭାପତି ସୁକାନ୍ତ ପତି, କୁତ୍ରା ବ୍ଲକ ଉପାଧ୍ୟକ୍ଷ କମଳା କୁଜୁର, ଜଗଦୀପ ପ୍ରତାପ ଦେଓ, ରବି ପଟେଲ, ସୁନ୍ଦରଗଡର ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ରାଜଗାଙ୍ଗପୁର ପୂର୍ବତନ ନଗରପାଳ ସୁଶ୍ରିତା ପାଇକରାୟ, ଉପନଗରପାଳ ଇପତେକା ଅହମ୍ମଦ, ଜିଲା ସଂଖ୍ୟାଲଘୁ ସେଲ ଅଧ୍ୟକ୍ଷ ଏମ୍ ଡି ଶାହାବୁଦ୍ଦିନ, ସରୋଜ ପଟ୍ଟନାୟକ ,ଜୟ ନାରାୟଣ ତ୍ରିପାଠୀ, ଗୋପ ମହାନ୍ତି, ନିର୍ମଳ ବୋଷ, ଅନୀଲ ମହାପାତ୍ର, ପଙ୍କଜ ଶ୍ରେଷ୍ଠ, ସଦର ବ୍ଲକ ପୂର୍ବତନ ଅଧ୍ୟକ୍ଷା ଯଶୋବନ୍ତୀ ସା ,ସଦର ବ୍ଲକ ଉପାଧକ୍ଷ ଅଶ୍ୱିନୀ ନାଏକ, ରାଜଗାଙ୍ଗପୁର ବ୍ଲକ ସଭାପତି ରାମଚନ୍ଦ୍ର କୁଜୁର, କୁତ୍ରା ବ୍ଲକ ସଭାପତି ପ୍ରସନ୍ନ ବାଗ୍, ଲାଠିକଟା ବ୍ଲକ ସଭାପତି ଛୋଟାବାବୁ, ହେମଗିର ବ୍ଲକର ହୁକୁମ ସା, ଶାହାବାଜ୍ ହୁସେନ, ହେମନ୍ତ ପାଢୀ, ଅସୀତ ରାୟ, ଆଶୀଷ ପଶାୟତ, ରୋଶନ ସାହୁ, ତ୍ରିଲୋଚନ କାକ ପ୍ରମୁଖ ନେତୃବୃନ୍ଦ ବକ୍ତବ୍ୟ ରଖିଥିଲେ। ଏହି ସମ୍ମିଳନୀରେ ସୁନ୍ଦରଗଡ଼, ତଳସରା ଓ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର କର୍ମୀମାନେ ଯୋଗ ଦେଇଥିଲେ ।

## ଦାବି ପୂରଣ ନ ହେଲେ ବ୍ଲକ କାର୍ଯ୍ୟାଳୟ ବନ୍ଦ ନିଷ୍ପତ୍ତି

**କୁତ୍ରା, ୭।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କୁତ୍ରା ଗ୍ରାମର ଗ୍ରାମବାସୀ ୧୧ଦଫା ଦାବି ପୂରଣ ନେଇ କୁତ୍ରା ଗ୍ରାମ ପଞ୍ଚାୟତ ସମ୍ମୁଖରେ ଧାରଣାରେ ବସିଥିଲେ। ଆସନ୍ତା ୧୫ ତାରିଖ ମଧରେ ଦାବି ପୂରଣ ନ ହେଲେ ଗ୍ରାମବାସୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ। କୁତ୍ରା ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିବା ଜଣାପଡିଛି । ପ୍ରକାଶଥାଉ ଯେ, ସମ୍ବଲପୁରରୁ ରାଉରକେଲା ପର୍ଯ୍ୟନ୍ତ ଚାରି ଥାକିଆ ରାସ୍ତା ନିର୍ମାଣ ହେବାପରେ କୁତ୍ରା ବସଷ୍ଟାଣ୍ଡର ଉଭୟ ପାର୍ଶ୍ୱକୁ କିଛି ଦୋକାନି ଜବରଦଖଲ କରି ଦୋକାନ ଗୃହ ନିର୍ମାଣ କରି ନିଜେ ଦୋକାନ କରିବା ସାଙ୍ଗକୁ ଗୃହ ଗୁଡିକ ଭଡା ଆକାରରେ ଅନ୍ୟକୁ ପ୍ରଦାନ କରିଛନ୍ତି । କୁତ୍ରା ବସଷ୍ଟାଣ୍ଡ ଫ୍ଲାଏଓଭର ନିର୍ମାଣ, ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ କରି ନିର୍ମାଣ କରିଥିବା ଦୋକାନ ଗୃହ ଗୁଡିକୁ ଉଚ୍ଛେଦକରି ଫୁଟପାଥ ନିର୍ମାଣ, ବସଷ୍ଟାଣ୍ଡରେ ଶୌଚାଳୟ ନିର୍ମାଣ, ବିଭିନ୍ନ ଗ୍ରାମ୍ୟ ରାସ୍ତା ନିର୍ମାଣ, ନବନିର୍ମିତ ଦୋକାନ ଗୃହ ଗୁଡିକ ନୂତନ ହିତାଧିକାରୀଙ୍କୁ ପ୍ରଦାନ ଭଳି ୧୧ ଦଫା ଦାବି ପୂରଣ ପାଇଁ ଆନ୍ଦୋଳନ ଚାଲିଛି। ଅଗଷ୍ଟ ୨ ତାରିଖ ଏକ ରାଲି କରି କୁତ୍ରା ଗ୍ରାମ ପଞ୍ଚାୟତ ଅଫିସକୁ ଆସିଥିଲେ। ସେଠାରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦେବାକୁ ଥିବା ଦାବିପତ୍ର ଗ୍ରହଣ କରିବା ପାଇଁ ସରପଞ୍ଚ ଉପସ୍ଥିତ ନଥିବାରୁ ଗ୍ରାମବାସୀମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଥିଲେ। ୩ ତାରିଖ ବିଡିଓ, ସରପଞ୍ଚ, ଥାନା ଅଧିକାରୀ, ଆରଡି ଇଞ୍ଜିନିୟର, ତହସିଲଦାରଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଆସି ଖୁବଶୀଘ୍ର ଦାବି ପୁରଣ ଦିଗରେ କାର୍ଯ୍ୟ ଆରମ୍ଭ କରାଯିବାର ପ୍ରତିଶ୍ରୁତି ପରେ ଗ୍ରାମବାସୀ ଧାରଣାରୁ ଉଠିଯାଇଥିଲେ । ହେଲେ ତାଙ୍କ ଦାବି ପୂରଣ ନହେବାରୁ ବହୁବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଦାବିପୂରଣ ପାଇଁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗ୍ରାମବାସୀ ପୁଣି ୨୨ ନଭେମ୍ବର, ୨୦୧୯ରେ କୁତ୍ରା ଗ୍ରାମ ପଞ୍ଚାୟତ ଆଗରେ ଧାରଣାରେ ବସିଛନ୍ତି। ଯଦି ଆଗାମୀ ୧୫ ତାରିଖ ମଧରେ ଦାବି ପୂରଣ ନେଇ ପଦକ୍ଷେପ ନିଆନଯାଏ ତାହେଲେ ୧୫ ତାରିଖରୁ ବ୍ଲକ ସମ୍ମୁଖରେ ଧାରଣା ଦେବା ପାଇଁ ଗ୍ରାମବାସୀ ଶୁକ୍ରବାର ଏକ ଦାବିପତ୍ର କୁତ୍ରା ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ଗ୍ରାମବାସୀଙ୍କ ଠାରୁ ଜାଣିବାକୁ ମିଳିଛି ।

## ମା' ଲକ୍ଷ୍ମୀଙ୍କ ହାତ ଧରିଲେ ନାରାୟଣ

**ଖପ୍ରାଖୋଲ, ୭।୧୨(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ ଦେବର୍ହ ଗାଁର ୨୬ତମ ମହାଲକ୍ଷ୍ମୀ ପୂଜା ମହୋତ୍ସବ ଶୁକ୍ରବାର ଆୟୋଜିତ ହୋଇ ଯାଇଛି। ଏହି ଅବସରରେ ଲକ୍ଷ୍ମୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ପୂଜା ମହୋତ୍ସବରେ କଳସ ଯାତ୍ରା, ହୋମଯଜ୍ଞ ସହ ପୁରାଣ ପଠନ ଆରମ୍ଭ ହୋଇଥିଲା। ତେବେ ବର ପିତା ଭାବେ ଖପ୍ରାଖୋଲର ସନ୍ତୋଷ ଗଡତିଆ ଦାୟିତ୍ୱ ନିର୍ବାହ କରିଥିଲେ। କନ୍ୟା ପିତା ଭଗବାନ ପଧାନ ବରଯାତ୍ରୀଙ୍କୁ ସ୍ୱାଗତ କରିବା ପରେ ଲକ୍ଷ୍ମୀ ନାରାୟଣଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଶରତ ଦାଶ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ପ୍ରତିଦିନ ଖୋଲା ରଙ୍ଗମଞ୍ଚରେ ମୁରାସୁର ଦରବାର ଚାଲିଥିଲା।

# ଚାଲିଛି ବେନିୟମ କୁକୁଡା ଲଢ଼େଇ: ପୋଲିସ ପ୍ରଶାସନ ନିଷ୍କ୍ରିୟ

**ଲହୁଣୀପଡା, ୭।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଧୁଡି ନିକଟରେ ବେନିୟମ ଭାବେ ଚାଲିଛି କୁକୁଡା ଲଢ଼େଇ। ଜୁଆ ଖେଳ କୁକୁଡା ଲଢ଼େଇ ସମ୍ପୂର୍ଣ୍ଣ ଭାବେ ବେନିୟମ ହୋଇଥିବା ବେଳେ ଲହୁଣୀପଡା ଅଞ୍ଚଳରେ ଏବଂ ଏହାର ଆଖପାଖ ଅଞ୍ଚଳରେ ଚାଲିଛି କୁକୁଡା ଲଢ଼େଇ ସହିତ ଜୁଆଖେଳ । ଲହୁଣୀପଡା ଥାନା ଅନ୍ତର୍ଗତ ଖୁଣ୍ଟଗାଁଠାରେ ଶନିବାର ସାପ୍ତାହିକ ହାଟ ବସିଥାଏ । କିନ୍ତୁ ଏହି ଦିନ ଆଉ ଏକ କୃତିମ ହାଟ ଦେଖିବାକୁ ମିଳିଛି ଧୁଡି ଗ୍ରାମ ନିକଟରେ। ସେଠାରେ ବହୁଳ ପରିମାଣରେ ହାଣ୍ଡିଆ ଦୋକାନ, ଦେଶୀ ମହୁଲି ସାଙ୍ଗକୁ କୁକୁଡା ଲଢ଼େଇ ଓ ଜୁଆ ଖେଳ ହୋଇଥାଏ। ସେଠାରେ ଶନିବାର ପ୍ରବଳ ମାତ୍ରାରେ ଭିଡ ଦେଖିବାକୁ ମିଳିଥିଲା। ଏହି କୁକୁଡା ଲଢ଼େଇ ପାଇଁ ବହୁ ଦୂରଦୂରାନ୍ତରୁ ଲୋକମାନେ କାର, ବୋଲେରୋ, ବାଇକ ଯୋଗେ ଆସି ଆଡ୍ଡା ଦେଖିବାକୁ ମିଳିଥିଲା । ବେନିୟମ ଭାବେ ସେଠାରେ ସମ୍ପୂର୍ଣ୍ଣ ଖୁଲମଖୁଲା କୁକୁଡା ଲଢ଼େଇ ସହିତ ଜୁଆ ଖେଳ ହୋଇଥିବା ଦେଖିବାକୁ ମିଳିଥିଲା । ଏହି କୁକୁଡା ଲଢ଼େଇ ପାଇଁ ସ୍ଥାନୀୟ ଲୋକମାନେ ବାଜି ଖେଳି ସର୍ବସାନ୍ତ ହେବା ସହିତ ପରିବାର ମଧରେ ଅଶାନ୍ତି ଲାଗି ରହୁଛି। ସେଠାରେ ବହୁ ପରିମାଣରେ ହାଣ୍ଡିଆ, ଦେଶୀ ମହୁଲି ମଦ କାରବାର ହେଉଥିବା ଯୋଗୁ ଲୋକମାନେ ମଦ୍ୟପାନ କରି ଅଶାନ୍ତି ସୃଷ୍ଟି କରୁଛନ୍ତି । ବଣାଇ ଅଞ୍ଚଳର ପରମ୍ପରା ଅନୁଯାୟୀ ରାଜବାଟିରେ ଛାଡଖାଇ ଦିନ କୁକୁଡା ଲଢ଼େଇ ଅନୁଷ୍ଠିତ ହୋଇଥାଏ । ଚଳିତବର୍ଷ ପୋଲିସ ପ୍ରଶାସନ ପକ୍ଷରୁ ପରମ୍ପରାକୁ ମଧ ଭାଙ୍ଗି ଦିଆଯାଇ ଲଢ଼େଇ ବନ୍ଦ କରି ଦିଆଯାଇଛି । କିନ୍ତୁ ଶନିବାର କେମିତି ଖୁଣ୍ଟଗାଁ ଅଞ୍ଚଳର ଧୁଡି ଗ୍ରାମ ନିକଟରେ ଖୋଲା ଖୋଲି ଭାବେ କୁକୁଡା ଲଢ଼େଇ ହୋଇଥିଲା ବୋଲି ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି କୁକୁଡା ଲଢ଼େଇ ଓ ମଦ କାରବାର ଯୋଗୁଁ ଅଞ୍ଚଳରେ ସାମୂହିକ ଭାବେ କ୍ଷତି ଘଟୁଥିବାରୁ ଏହାକୁ ବନ୍ଦ କରିବା ପାଇଁ ବୃଦ୍ଧିଜୀବୀ ମହଲରେ ବିରୋଧ କରାଯାଇଥିବା ଜାଣିବାକୁ ମିଳେ ।



ଧୁଡି ନିକଟରେ ବେନିୟମ ଭାବେ ଚାଲିଛି କୁକୁଡା ଲଢ଼େଇ ଚାଲିଛି।